# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୭/୨୦୨୨ (୧୪ ପୃଷ୍ଠା) | Sambalpur, Friday, October 7/2022 | Page 14 ₹ 7.00 | ★★

୧୮ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 289 | ମୂଲ୍ୟ ₹୭/-




## ଟି୨୦ରେ ରଖିମ୍ କର୍ଣ୍ଣୱାଲଙ୍କ ଦ୍ୱିଶତକ

ଆଟଲାଣ୍ଟା ଓପନ୍ ଟି୨୦ ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜର ରଖିମ୍ କର୍ଣ୍ଣୱାଲ୍ ୭୭ ବଲ୍‌ରେ ୨୦୫ ରନ ସଂଗ୍ରହ କରି ଏକ ରେକର୍ଡ କରିଛନ୍ତି।

୧୨

୦୮

## ବିବାଦରେ ସୈଫ୍‌ଙ୍କ 'ରାବଣ' ଲୁକ୍

'ଆଦିପୁରୁଷ'ରେ ସୈଫ ଅଲ୍ଲୀ ଖାନ୍‌ଙ୍କ 'ରାବଣ' ଗେଟ୍‌ଅପ୍‌କୁ ନେଇ ବିବାଦ ଦେଖାଦେଇଛି। ଟିଜର ରିଲିଜ୍ ପରେ ସୋସିଆଲ ମିଡିଆରେ ଫିଲ୍ମଟି ଏବେ ବୟକଟ ଟ୍ରେଣ୍ଡରେ ସାମିଲ ହୋଇଛି।




6 Layer PLASTO GOLD
ପାନୀୟ ଜଳ ପାଇଁ ସୁରକ୍ଷିତ
9130011507, 9130076921
9337225857

ORI-HOME
www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295


**ଆଜିର ସମ୍ପାଦକୀୟ**

ଅସନ୍ତୋଷର ରାଜନୀତି



ଅକ୍ଟୋବର ୧୧ରୁ ଆରମ୍ଭ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପୂର୍ବରୁ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ବ୍ରାଜିଲ ଦଳର ଅଭ୍ୟାସ।

# ସାହିତ୍ୟରେ ଏର୍ନକ୍ସଙ୍କୁ ନୋବେଲ

ଷ୍ଟକ୍‌ହୋମ୍, ୬।୧୦



ଆନି ଏର୍ନକ୍ସ

ସାହିତ୍ୟରେ ଫ୍ରାନ୍ସ ଲେଖିକା ଆନି ଏର୍ନକ୍ସ(୮୨)ଙ୍କୁ ଗୁରୁବାର ଚଳିତ ବର୍ଷର ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସାହସ ଓ ନୈତିକତାର ସହ ନିଜ ସ୍ମୃତିର ମୂଳ ଖୋଜି, ସାମାଜିକ କଟକଣାକୁ ଲେଖା ମାଧ୍ୟମରେ ସାମ୍ନାକୁ ଆଣିବା ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ନୋବେଲ ଏକାଡେମୀ ପକ୍ଷରୁ କୁହାଯାଇଛି। ୨୦୧୪ରେ ପାଟ୍ରିକ୍ ମୋଡିଆନୋ ନୋବେଲ ପାଇବା ପରଠୁ ଏହି ପୁରସ୍କାର ପାଇଁ ମନୋନୀତ ହେବାରେ ଏର୍ନକ୍ସ ହେଉଛନ୍ତି ପ୍ରଥମ ଫ୍ରାନ୍ସ ସାହିତ୍ୟିକା। ଏହା ତାଙ୍କ ପାଇଁ ଅତ୍ୟନ୍ତ ସମ୍ମାନର କଥା ଏବଂ ଏକ ବଡ଼ ଦାୟିତ୍ୱ ମଧ୍ୟ ବୋଲି ଏର୍ନକ୍ସ କହିଛନ୍ତି। ଆସନ୍ତା ଡିସେମ୍ବର ୧୦ରେ ତାଙ୍କୁ ୧୦ ନିୟୁତ ସ୍ୱିଡେନ କ୍ରୋନର ବା ପ୍ରାୟ ୯ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ବାବଦ ଅର୍ଥ ପ୍ରଦାନ କରାଯିବ।

୧୯୪୦ରେ ନୋର୍ମାଣ୍ଡିର ୟେଭେଟୋଟ୍ ସହରରେ ଏର୍ନକ୍ସଙ୍କ ଜନ୍ମ। ତାଙ୍କ ବାପାମା' ଏକ ଗ୍ରୋସରୀ ଏବଂ କାଫେ ଚଳାଉଥିଲେ। ଏର୍ନକ୍ସ ରୌଏନ୍ ୟୁନିଭର୍ସିଟି ଏବଂ ପରେ ବୋରଡେକ୍ସରେ ଶିକ୍ଷାଲାଭ କରିଥିଲେ। ସେ ଜଣେ ସ୍କୁଲ ଶିକ୍ଷୟିତ୍ରୀ ରହିବା ସହ ଆଧୁନିକ ସାହିତ୍ୟରେ ଉଚ୍ଚ ଡିଗ୍ରୀ ହାସଲ କରିଥିଲେ। ପ୍ରଥମେ ଅଟୋବାୟୋଗ୍ରାଫିକାଲ ଉପନ୍ୟାସ ଲେଖା ଆରମ୍ଭ କରିଥିଲେ ହେଁ ପରେ ସେ ସ୍ମୃତି ଉପରେ ଫିକ୍ସନ ଲେଖା ଲେଖିଥିଲେ। ନିଜେ ଏବଂ ତାଙ୍କ ଆଖପାଖ ଲୋକଙ୍କ ଜୀବନ ଉପରେ ସେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ପୁସ୍ତକ ଲେଖିଛନ୍ତି। ପିଲାଦିନରୁ ଉଚ୍ଚାଭିଳାଷୀ ଥିବା ଏର୍ନକ୍ସ ଲିଙ୍ଗ, ଭାଷା ଓ ବିଭିନ୍ନ ବର୍ଗର ଲୋକ ସମାଜରେ ସାମ୍ନା କରୁଥିବା ଅସମାନତାକୁ ନେଇ ସେ ଲେଖିଛନ୍ତି। ☞ପୃଷ୍ଠା-୪

# ପ୍ରାଚୁର୍ଯ୍ୟ ଭିତରେ ଅପପୁଷ୍ଟି

ଦୀପକ ମିଶ୍ର

କେନ୍ଦୁଝର, ୬।୧୦

- କେନ୍ଦୁଝର ଜିଲାରେ ୧୨,୬୬୯ ଶିଶୁ ଅପପୁଷ୍ଟିର ଶିକାର
- ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ ଜନ୍ମିତ ଶିଶୁଙ୍କ ତଥ୍ୟ
- ଜିଲା ରକ୍ତହୀନତା ହାର ରାଜ୍ୟଠୁ ବଳିଗଲା

ଖଣିଖାଦାନ ଭରା ଜିଲା କେନ୍ଦୁଝରରୁ ରାଜ୍ୟ ସରକାର ସିଂହଭାଗ ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ଭଳି ସର୍ବନିମ୍ନ ସୁବିଧା ଲୋକଙ୍କୁ ଯୋଗାଇବାରେ ବିଫଳ ହୋଇଛନ୍ତି। ଜିଲାରେ ରକ୍ତହୀନତା ଓ ଅପପୁଷ୍ଟି ବୃଦ୍ଧି ପାଇବା ଭଳି ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିଛି। ଗତ ସେପ୍ଟେମ୍ବରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮ ଦିନ ମଧ୍ୟରେ ୧୩ ନବଜାତ ଶିଶୁଙ୍କ ମୃତ୍ୟୁ ଏହାର ନିଚ୍ଛକ ଚିତ୍ର ପ୍ରଦାନ କରୁଛି। କମ୍ ଓଜନ ହେତୁ ରୋଗ ପ୍ରତିରୋଧକ ଶକ୍ତି କମିଯିବାରୁ ଏହି ଶିଶୁମାନେ ଅପପୁଷ୍ଟିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି। ଜିଲାରେ ଦେଶର ସର୍ବାଧିକ ଲୁହାପଥର ଗଚ୍ଛିତ ରହିଛି। ପ୍ରାଚୁର୍ଯ୍ୟରେ ଭରି ରହିଥିବା ଜିଲାରେ ଦାରିଦ୍ର୍ୟ ଭଳି ସ୍ଥିତି ଚିନ୍ତାଜନକ ହୋଇଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ଓଡ଼ିଶା ମାଇନିଂ ଏରିଆ ଡେଭ୍‌ଲପମେଣ୍ଟ କର୍ପୋରେଶନ (ଓମ୍‌ବାଡ୍‌ସି)ରୁ ଅନେକ ହଜାର ଟଙ୍କା ଋଣ ନେଇ ରାଜ୍ୟର ବିକାଶ କ୍ଷେତ୍ରରେ ବିନିଯୋଗ କରୁଛନ୍ତି। ଏହାବ୍ୟତୀତ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରେ ୫ ହଜାର କୋଟି ଟଙ୍କା ରହିଛି। କାର୍ଯ୍ୟକାରୀ ହେଉଥିବା ପୋଷଣ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା କିନ୍ତୁ ଫଳପ୍ରଦ ହେଉନାହିଁ। ଜିଲାର ଅଧିକାଂଶ ଆଦିବାସୀ ଓ ଖଣି ଅଞ୍ଚଳରେ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଓ ବହୁ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ଜିଲାର ଅନେକ ଶିଶୁଙ୍କ ଉଚ୍ଚତା କମ୍ ହେଉଥିବା ବେଳେ ଅନେକେ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଜିଲାରେ ଜନ୍ମରୁ ୫ବର୍ଷ ମଧ୍ୟରେ ଶିଶୁମାନଙ୍କର ଜନ୍ମ ପଞ୍ଜୀକରଣ ୮୭.୫ ପ୍ରତିଶତ ହୋଇଛି। ତେବେ ଅବଶିଷ୍ଟ ୧୨.୫ ପ୍ରତିଶତ ଶିଶୁଙ୍କ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ଯେଉଁମାନଙ୍କ ତଥ୍ୟ ନାହିଁ ସେମାନଙ୍କ ପାଖରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେମାନେ ଠିକ୍ ଭାବେ ପୁଷ୍ଟିକର ଖାଦ୍ୟ ଖାଉଛନ୍ତି କି ନାହିଁ, ସେମାନଙ୍କୁ ନିୟମିତ ବ୍ୟବଧାନରେ ଟିକା ଦିଆଯାଉଛି କି ନାହିଁ ଆଦି ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ସେହିଭଳି ଶିଶୁ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଗତ ୩ ବର୍ଷ ମଧ୍ୟରେ ମୃତ୍ୟୁ ପଞ୍ଜୀକରଣ ୬୧.୧ ପ୍ରତିଶତ ରହିଛି। ବାକି ୩୮.୯ ପ୍ରତିଶତ ମୃତ ଶିଶୁଙ୍କ ବିଷୟରେ ସ୍ୱାସ୍ଥ୍ୟ ବିଭାଗ ପାଖରେ ମଧ୍ୟ କୌଣସି ଖବର ନାହିଁ। ସର୍ଭେ ଅନୁସାରେ ଜନ୍ମରୁ ୫ବର୍ଷ ମଧ୍ୟରେ ମୋଟ୍ ୩୭.୧ ପ୍ରତିଶତ ଶିଶୁ କମ୍ ଓଜନ ବିଶିଷ୍ଟ ବା ଅପପୁଷ୍ଟିର ଶିକାର। ଏହା ବ୍ୟତୀତ ଜିଲାର ୧୪ଟି ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ପ୍ରକଳ୍ପ ଅଞ୍ଚଳରେ ୧,୭୩,୬୫୭ ଜଣ ଶୂନରୁ ୫ବର୍ଷ ବୟସର ଶିଶୁ ଅଛନ୍ତି। ବୟସ ଅନୁସାରେ ଅତ୍ୟନ୍ତ କମ୍ ଓଜନ ରହିଥିବା ଶିଶୁ ୧୨,୬୬୯ଜଣ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖଣି ଅଞ୍ଚଳ ବ୍ଲକ୍ ବାଂଶପାଳରେ ୨୮୩୦ ଜଣ ଶିଶୁ ରହିଛନ୍ତି। ରାଜ୍ୟର ସବୁଠାରୁ ଅଧିକ ଲୁହାପଥର ଖଣି ଥିବା ବ୍ଲକ ଯୋଡ଼ାରେ ୨୪୩୬, ଦୈତାରୀ ଲୁହାପଥର ଖଣି ରହିଥିବା ହରିଚନ୍ଦନପୁର ବ୍ଲକରେ ୧୭୩୬ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏହାବ୍ୟତୀତ ରାଜ୍ୟରେ ୬୧.୮ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହୋଇଥିବା ବେଳେ କେନ୍ଦୁଝର ଜିଲାରେ ୭୪.୭ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହୋଇଛନ୍ତି। ଜିଲାରେ ୩୨.୭ ପ୍ରତିଶତ ଶିଶୁ ମଧ୍ୟ ରକ୍ତହୀନତାର ଶିକାର ହୋଇଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ☞ପୃଷ୍ଠା-୪

# ୩୦ ଜିଲା ପାଇଁ ବିଜେଡିର ୨୫ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଜିଲା ପର୍ଯ୍ୟବେକ୍ଷକ ତାଲିକା ପ୍ରକାଶ କରିଛି। ୩୦ ଜିଲା ପାଇଁ ୨୫ ଜଣଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦଳ ଦାୟିତ୍ୱ ଦେଇଛି। ପ୍ରମିଳା ମଲ୍ଲିକ, ସୁଶାନ୍ତ ସିଂ, ଦିବ୍ୟଶଙ୍କର ମିଶ୍ର, ପ୍ରଣବ ପ୍ରକାଶ ଦାସ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ଦୁଇଟି ଲେଖାଏ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଏ ନେଇ ଗୁରୁବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ବିଜେଡି ପକ୍ଷରୁ ଜାରି ପର୍ଯ୍ୟବେକ୍ଷକ ତାଲିକା ଅନୁଯାୟୀ ଅନୁଗୋଳ ଜିଲା ପାଇଁ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବାଲେଶ୍ୱର ପାଇଁ ପ୍ରତାପ ଦେବ, ବରଗଡ଼ ସୁଧୀର ସାମଲ, ଭଦ୍ରକ ପ୍ରଣବ ବଳବନ୍ତରାୟ, ବଲାଙ୍ଗୀର ଓ ଦେବଗଡ଼ ସୁଶାନ୍ତ ସିଂ, କଟକ ଉଷା ଦେବୀ, ଢେଙ୍କାନାଳ ଓ ଖୋର୍ଦ୍ଧା ପ୍ରମିଳା ମଲ୍ଲିକ, ଗଜପତି ଓ ରାୟଗଡ଼ା ଅତନୁ ସବ୍ୟସାଚୀ ନାୟକ, ଜଗତ୍‌ସିଂହପୁର ଅରୁଣ ସାହୁ, କନ୍ଧମାଳ ବିଜୟ ନାୟକ, କେନ୍ଦ୍ରାପଡ଼ା ପ୍ରଫୁଲ୍ଲ ମଲ୍ଲିକ, କେନ୍ଦୁଝର ଓ ମୟୂରଭଞ୍ଜ ପ୍ରଣବ ପ୍ରକାଶ ଦାସ, କୋରାପୁଟ ଓ ମାଲକାନଗିରି ଦିବ୍ୟଶଙ୍କର ମିଶ୍ର, ନବରଙ୍ଗପୁର ଈଶ୍ୱର ପାଣିଗ୍ରାହୀ, ☞ପୃଷ୍ଠା-୪


RSPL EVOLUTION IS CONSTANT

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀମାନଙ୍କ ପାଇଁ ମାନ୍ୟ

ଘଡ଼ୀ ଦୀପାବଳି ଧମାକା

ଜିତନ୍ତୁ ଲକ୍ଷାଧିକ ପୁରସ୍କାର

ପ୍ରତିଦିନ 151 ଦୋକାନୀମାନେ ଜିତନ୍ତୁ ₹2100 ରୁ ₹100000 ପର୍ଯ୍ୟନ୍ତ ପୁରସ୍କାର. 3 ରୁ 22 ଅକ୍ଟୋବର ପର୍ଯ୍ୟନ୍ତ ମାନ୍ୟ

₹5000ର କ୍ରୟ ଉପରେ ପାଆନ୍ତୁ ଏକ ସ୍କ୍ରାଚ୍ କୁପନ ଏବଂ ଜିତନ୍ତୁ ₹180 ପର୍ଯ୍ୟନ୍ତ ନିଶ୍ଚିତ ପୁରସ୍କାର.
ସ୍କ୍ରାଚ୍ କୁପନରେ ବାହାରୁଥିବା କୋଡ୍‌କୁ ଦିଆଯାଇଥିବା ନମ୍ବରରେ 3 ରୁ 22 ଅକ୍ଟୋବର ପର୍ଯ୍ୟନ୍ତ SMS କରନ୍ତୁ
SMS କରନ୍ତୁ GHADID<SPACE>Unique Code to 8367283672 for registration
ସମୟ: 8AM ରୁ 8PM

ଫ୍ରୀ ପ୍ୟାକେଟ୍‌ର ସ୍କିମ୍ 2nd October, 2022 ରୁ ଲାଗୁ ।

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 4kg / 3kg / 1kg / ₹50/- (700g) / 500g / ₹10/- (110g) ର 1* ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹5/- (55g) ର 1* ବସ୍ତା | ₹5/- (55g) ର 5 pcs. ମାଗଣା |

Ghadi Powder: *1 ବସ୍ତା = 4kgx5 pkts., 3kgx10 pkts., 1kgx25 pkts., 700gx25 pkts., 500gx40 pkts., 110gx72 pkts., 55gx100 pkts.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍‌ର ମାଗଣା ପିସ୍ |
|---|---|
| 1@ ପେଟି | ₹5/- (60g) ର 3 pcs. ମାଗଣା |

Ghadi Cake: @1 ପେଟି = 60gx100 pcs., 130gx56 pcs., 145x56 pcs., 250gx40 pcs., 100gx64 pcs.

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg / 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 3kg ର 1$ ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/- (70g) ର 1$ ବସ୍ତା | ₹10/- (70g) ର 3 pcs. ମାଗଣା |

Ghadi Machine Wash: $1 ବସ୍ତା = 1kgx12 pkts., 500gx24 pkts., 72g/70gx60 pkts., 3kgx5 pkts. + Plastic Container

| ସ୍ଲାବ୍ | ଗ୍ଲୋରି ମାଗଣା ପିସ୍ |
|---|---|
| 100g / 45g ର 1# ପେଟି | 45g ର 5 pcs. ମାଗଣା |
| 200ml / 180ml / 50ml / 25ml HW ର 12 pcs. | କିଣା ଯାଇଥିବା HW SKU ର 1 pc. ମାଗଣା (200ml/180ml/50ml/25ml) |

Ghadi Soap: #1 ପେଟି = (100g x 4) x 12 pcs., (50g/45g x 4) x 15 pcs.
HW = Handwash

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।
PRASHANT SRIVASTAVA (BHUBANESWAR): 8005209428, PANCHANAN PRADHAN (SAMBALPUR): 9439649875, DHEERENDRA KUMAR (STATE HEAD): 9935279225 AJAY GUPTA (ZSH): 9334157258
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ©RSPL CARE 1800 120 2800


# ମା'କୁ ଖୋଜି ୫୦ କି.ମି.

ଢେଙ୍କାନାଳ ଅଫିସ, ୬।୧୦

## କପିଳାସ ରେସ୍କ୍ୟୁ ସେଣ୍ଟରରେ ହୃଦୟସ୍ପର୍ଶୀ ମିଳନ

- ଜଙ୍ଗଲକୁ ଗଲେ ନରହନ୍ତା ମାଈହାତୀ, ଅଣ୍ଡିରା ଛୁଆ
- ରାଜ୍ୟ ବନ୍ୟପ୍ରାଣୀ ଉଦ୍ୟାନ ଇତିହାସରେ ପ୍ରଥମ ଘଟଣା

ମା' ପାଖରେ ପହଞ୍ଚିବାକୁ ଚାରିଦିନର ସଂଘର୍ଷ। ଦୀର୍ଘ ୫୦ କିଲୋମିଟରରୁ ଊର୍ଦ୍ଧ୍ୱ ବିପଦପୂର୍ଣ୍ଣ ଯାତ୍ରା। ଅତିକ୍ରମ କରିବାକୁ ପଡ଼ିଛି ନଦନଦୀ, ଅରଣ୍ୟ, ଜନବସତି। ଶେଷରେ ମିଳନ। ମଣିଷ ମାରି ନରହନ୍ତାର ଦୁର୍ନାମ ମୁଣ୍ଡାଇଥିବା ମା' ହାତୀ ସହ ଅଣ୍ଡିରା ଛୁଆ ଯାଇଛି ଜଙ୍ଗଲକୁ। ଏଭଳି ଏକ ହୃଦୟସ୍ପର୍ଶୀ ତଥା ବିରଳ ଘଟଣାର ମୂକସାକ୍ଷୀ ପାଲଟିଛି ଢେଙ୍କାନାଳ ଜିଲା କପିଳାସ ବନ୍ୟପ୍ରାଣୀ ଉଦ୍ୟାନର ହାତୀ ରେସ୍କ୍ୟୁ ସେଣ୍ଟର। ହାତୀଭଳି ବିଶାଳକାୟ ପ୍ରାଣୀ ନିଜ ପରିବାର ପ୍ରତି କେତେ ସମ୍ବେଦନଶୀଳ, ତାହା ଏହି ଘଟଣାରୁ ପୁନର୍ବାର ପ୍ରମାଣିତ ହୋଇଛି। ରାଜ୍ୟର ବନ୍ୟପ୍ରାଣୀ ଉଦ୍ୟାନ ଇତିହାସରେ ପ୍ରଥମ ଥର ଏଭଳି ଘଟିଥିବା କୁହାଯାଉଛି।

ସେପ୍ଟେମ୍ବର ୨୯। କଟକ ଜଗତପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲେ ଗୋଠଛଡ଼ା ମା' ହାତୀ ଏବଂ ଏହାର ଅଣ୍ଡିରା ଛୁଆ। ହାତୀ ଆକ୍ରମଣର ଶିକାର ହୋଇ ଅକାଳରେ ଲିଭିଯାଇଥିଲା ୩ ଜୀବନ। କ୍ରମାଗତ ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବା ମାଈ ହାତୀକୁ ୩୦ ତାରିଖରେ ଟ୍ରାଙ୍କୁଲାଇଜ କରି ଅଣାଯାଇଥିଲା କପିଳାସ ପ୍ରାଣୀ ଉଦ୍ୟାନର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ। ସେଠାକାର 'କ୍ରାଲ୍' (ସ୍ୱତନ୍ତ୍ର କାଠ ଘର)ରେ ସ୍ୱତନ୍ତ୍ର ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ହାତୀଟିକୁ ରଖାଯାଇଥିଲା। ତେବେ ଛୁଆଠାରୁ ଅଲଗା ହେବା ପରେ ମା' ଗର୍ଜନ କରିବା ସହ ଅଧିକ ଉଗ୍ର ଆଚରଣ ପ୍ରଦର୍ଶନ କରୁଥିଲା। ଇତିମଧ୍ୟରେ ମା'କୁ ଖୋଜିଖୋଜି ଇତସ୍ତତଃ ହୋଇ ଘୂରି ବୁଲୁଥିବା ଛୁଆହାତୀ ଜଗତପୁର ଅଞ୍ଚଳରୁ ବିରୂପା ନଦୀପାର ହୋଇ ଟାଙ୍ଗୀ-ଚୌଦ୍ୱାର ଦେଇ ପହଞ୍ଚିଥିଲା କପିଳାସ ଅଭୟାରଣ୍ୟରେ। ଛୁଆହାତୀର ଗତିବିଧି ଉପରେ ନଜର ରଖିଥିବା କଟକ ଜିଲାର ବନ କର୍ମଚାରୀମାନେ ଏ ସମ୍ପର୍କରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଅନ୍ୟପଟେ ଛୁଆକୁ କପିଳାସ ଅଭୟାରଣ୍ୟର ହାତୀପଲ ପାଖ ପୂରାଇ ଦେଇ ନ ଥିଲେ। ଫଳରେ ସେ ଷୋରିଷିଆପଦା, ଜାମୁନାଳି, ଦେଓଝର, ଗୁଣ୍ଡୁରାପଶି ଡ୍ୟାମ୍ ନିକଟ ବିଲରେ ଉପଦ୍ରବ ସୃଷ୍ଟି କରିବା ☞ପୃଷ୍ଠା-୪



ମା' ଓ ଛୁଆହାତୀକୁ ଜଙ୍ଗଲରେ ଛଡ଼ାଯାଉଛି।

**ଅମ୍ବାନୀଙ୍କୁ ଧମକ: ଜଣେ ଗିରଫ**

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଉକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବିହାର ଦରଭଙ୍ଗା ଜିଲାରୁ ବୁଧବାର ମଧରାତ୍ରରେ ଗିରଫ କରାଯାଇ ମୁମ୍ବାଇ ଅଣାଯାଇଛି। ମୁମ୍ବାଇର ସାର୍ ଏଚ୍.ଏନ୍ ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲକୁ ବୁଧବାର ଦୁଇଥର ଫୋନ୍ କଲ୍ ଆସିଥିଲା। ଜଣେ ଅଜଣା ବ୍ୟକ୍ତି ହସ୍ପିଟାଲ ସହ ଅମ୍ବାନୀ ପରିବାରର ଦକ୍ଷିଣ ମୁମ୍ବାଇରେ ଥିବା ଆଣ୍ଟିଲିଆ ବାସଭବନକୁ ଉଡ଼ାଇ ଦେବା ଲାଗି ଫୋନ୍‌ରେ ଧମକ ଦେଇଥିଲେ। ମୁକେଶ ଓ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ବିପଦ ଥିବା ସେ କହିଥିଲେ।

## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କୁ 'ଭାଜପା ଚାମ୍‌ଚା' କହିଲେ କଂଗ୍ରେସ ନେତା

**କ୍ଷମା ମାଗିବାକୁ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷଙ୍କ ଦାବି**

**ନୂଆଦିଲ୍ଲୀ,୬।୧୦:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ କଂଗ୍ରେସ ନେତା ଉଦିତ୍ ରାଜ୍ ଦେଇଥିବା ଅପମାନଜନକ ଓ ମର୍ଯ୍ୟାଦା ହାନିକାରକ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଛି। ରାଷ୍ଟ୍ରପତି ଭାଜପାର ସବୁଠୁ ବଡ଼ ଚାମ୍‌ଚାଗିରି କରୁଥିବା ଉଦିତ୍ କହିଥିଲେ। ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବାରୁ ଉଦିତ୍ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। କଂଗ୍ରେସ ନେତାଙ୍କୁ କ୍ଷମା ମାଗିବାକୁ ହେବ ବୋଲି ଜାତୀୟ ମହିଳା କମିଶନ (ଏନ୍‌ଡବ୍ଲ୍ୟୁସି) ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି। ଏଥିପାଇଁ ମହିଳା କମିଶନ ଉଦିତଙ୍କୁ ନୋଟିସ୍ ପଠାଇବାକୁ ନିଷ୍ପତ୍ତି ନେଇଛି। ଉଦିତ୍‌ଙ୍କ ଚାମ୍‌ଚାଗିରି ମନ୍ତବ୍ୟ ଅଶୋଭନୀୟ, ଦୁଃଖଦାୟକ ଓ ଚିନ୍ତାଜନକ ବୋଲି ଭାଜପା ନେତା ସମ୍ବିତ୍ ପାତ୍ର କହିଛନ୍ତି। ଏହା କଂଗ୍ରେସର ଆଦିବାସୀ ବିରୋଧୀ ମାନସିକତା। ପୂର୍ବରୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ କହି କ୍ଷମା ମାଗିଥିଲେ। ସୂଚନାଯୋଗ୍ୟ, ପୂର୍ବତନ ଭାଜପା ଏମ୍‌ପି ଉଦିତ୍ ରାଜ୍ ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ।

### ଗାମ୍ବିଆରେ ୬୬ ଶିଶୁଙ୍କ ମୃତ୍ୟୁ ପରେ ୪ କଫ୍ ସିରପ୍‌ର ଯାଞ୍ଚ ଆରମ୍ଭ

**ନୂଆଦିଲ୍ଲୀ,୬।୧୦:** ଭାରତୀୟ କଫ୍ ସିରପ୍ (କାଶ ଔଷଧ) ଖାଇ ଗାମ୍ବିଆରେ ୬୬ ପିଲାଙ୍କ ଜୀବନ ଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଆଧାନମ୍ ଘେବ୍ରେୟେସସ୍ କହିବା ପରେ ସୋନିପତ୍‌ର ଏକ କମ୍ପାନୀ ପ୍ରସ୍ତୁତ ୪ ସିରପ୍‌ର ନମୁନା ଯାଞ୍ଚ ପାଇଁ କୋଲକାତାର ସେଣ୍ଟ୍ରାଲ ଡ୍ରଗ୍ସ ଲାବରେଟୋରିକୁ ପଠାଯାଇଛି। ହରିୟାଣାର ମେଡେନ୍ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ପ୍ରସ୍ତୁତ ଭେଜାଲ ତଥା ନିମ୍ନ ମାନର କଫ୍ ସିରପ୍ ଖାଇ ପଶ୍ଚିମ ଆଫ୍ରିକୀୟ ଦେଶର ୬୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବୁଧବାର ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ସତର୍କ କରାଇଥିଲେ। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଡିସିଜିଆଇ ଟିମ୍ ଏବଂ ହରିୟାଣା ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ ସିରପ୍ ନମୁନା ସଂଗ୍ରହ କରି କୋଲକାତା ପଠାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି।

### ବିଷକ୍ରିୟାରେ ୩ ମୃତ

**ତିରୁପୁର,୬।୧୦:** ଖାଦ୍ୟରେ ବିଷକ୍ରିୟା ଯୋଗୁ ୩ ନାବାଳକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୧ ଜଣ ଅସୁସ୍ଥ ହୋଇ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାମିଲନାଡୁର ତିରୁପୁର ନିକଟରେ ଏଭଳି ଘଟଣା ଘଟିଛି। ବୁଧବାର ରାତିରେ ପିଲାମାନେ ଭାତ ସହ ରସମ ଏବଂ ଲଡୁ ଖାଇବା ପରେ ଝାଡ଼ାବାନ୍ତି ହୋଇଥିଲା। ଗୁରୁବାର ସକାଳେ ସେମାନଙ୍କ ଅବସ୍ଥା ଆହୁରି ଖରାପ ହେବା ସହ କେତେଜଣ ସଂଜ୍ଞାହୀନ ହୋଇପଡ଼ିଥିଲେ। ପ୍ରଥମେ ସେମାନଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ପରେ ତିରୁପୁର ଓ ଅବିନାଶୀସ୍ଥିତ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ୮ରୁ ୧୩ ବର୍ଷ ବୟସର ୩ ଜଣ ବାଳକଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ଗୁରୁତର ଥିବା ଅନ୍ୟ ୩ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଖାଦ୍ୟ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ତିରୁପୁର ଜିଲାପାଳ ଏସ୍. ବିନୀତ କହିଛନ୍ତି।

### ଭସାଣି ବେଳେ ୧୩ ମୃତ

**ଡେରାଡୁନ୍,୬।୧୦:** ଦୁର୍ଗା ମୂର୍ତ୍ତି ଭସାଣି ବେଳେ ବୁଧବାର ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ପାଣିରେ ବୁଡ଼ି ୧୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକ ନିଖୋଜ ଅଛନ୍ତି। ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ଭସାଣି ବେଳେ ମାଲ୍ ନଦୀରେ ହଠାତ୍ ବନ୍ୟା ଆସିଯିବାରୁ ୭ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ନିଖୋଜଙ୍କ ମଧ୍ୟରୁ ପ୍ରାୟ ୬୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାଠାରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ଯମୁନା ନଦୀରେ ୨ ଯୁବକ ଓ ଜଣେ ନାବାଳକ ଭାସିଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଉଦ୍ଧାରକାରୀ ଟିମ୍ ସେମାନଙ୍କ ସନ୍ଧାନ ପାଇନାହିଁ। ସେହିପରି ରାଜସ୍ଥାନର ଆଜମେର୍ ଜିଲାରେ ବୁଧବାର ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୬ ଜଣ ବୁଡ଼ିଯାଇଥିଲେ। ସେମାନଙ୍କ ମୃତଦେହ ମିଳିଥିବାବେଳେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୯ରେ ଗଣେଶ ମୂର୍ତ୍ତି ଭସାଣି ବେଳେ ମହାରାଷ୍ଟ୍ରରେ ୨୦ ଏବଂ ହରିୟାଣାରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

# ତୈଳ ଯୁଦ୍ଧ: ଓପେକ୍ ବନାମ ନୋପେକ୍

- ରୁଷିଆ ଚାପରେ ଦୈନିକ ୨ ନିୟୁତ ବ୍ୟାରେଲ ତୈଳ ଉତ୍ପାଦନ ହ୍ରାସ ନିଷ୍ପତ୍ତି
- ମୁକାବିଲା ପାଇଁ ଆମେରିକା, ପାଶ୍ଚାତ୍ୟର କଡ଼ା ପ୍ରସ୍ତୁତି

**ଭିଏନା/ୱାଶିଂଟନ,୬।୧୦**

ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶଗୁଡ଼ିକର ସଙ୍ଗଠନ (ଓପିଇସି) ସମେତ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନେଇ ଗଠିତ ଓପେକ୍ ପ୍ଲସ୍‌ର ବୈଠକ ବୁଧବାର ଅଷ୍ଟ୍ରିଆ ରାଜଧାନୀ ଭିଏନାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଦୈନିକ ୨ ମିଲିୟନ ବ୍ୟାରେଲ (ବିପିଡି) ତୈଳ ଉତ୍ପାଦନ ହ୍ରାସ ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୦ ପରେ ବିଶ୍ୱ ବଜାରରେ ତୈଳ ଯୋଗାଣ କ୍ଷେତ୍ରରେ ଏହା ହେଉଛି ସର୍ବାଧିକ ହ୍ରାସକରଣ। ସାଉଦି ଆରବ ସମର୍ଥିତ ବ୍ଲକ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୈତିକ ଫାଟ ବଢ଼ିବାରେ ଲାଗିଥିବାବେଳେ ଏହି ପଦକ୍ଷେପ ଯୋଗୁ ବିଶ୍ୱ ବଜାରରେ ତୈଳ ଦର ଆହୁରି ମହଙ୍ଗା ହେବ। ସାରା ବିଶ୍ୱ ଉଚ୍ଚ ମୁଦ୍ରାସ୍ଫୀତି ଦେଇ ଗତି କରୁଥିବାବେଳେ ଇନ୍ଧନ ମୂଲ୍ୟ ବୃଦ୍ଧିର ପ୍ରଭାବ ପରିବହନ ବ୍ୟବସ୍ଥାକୁ ମହଙ୍ଗା କରିବ। କେବଳ ଏତିକି ନୁହେଁ, ୟୁରୋପରେ ଶୀତ ଋତୁ ଏଥର ଅତ୍ୟଧିକ ଯନ୍ତ୍ରଣାଦାୟକ ହେବ। ଏହାକୁ ଦୃଷ୍ଟିରେ ରଖି ଓପେକ୍ ପ୍ଲସ୍‌ର କର୍ତ୍ତୃତ୍ୱ ଓ ଆଧିପତ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଆମେରିକା ପ୍ରସ୍ତୁତି ଆରମ୍ଭ କରିଛି। ନୋ ଅଏଲ୍ ପ୍ରଡ୍ୟୁସିଂ ଆଣ୍ଡ ଏକ୍ସପୋର୍ଟିଂ କାର୍ଟେଲ୍ସ (ଏନ୍‌ଓପିଇସି) ବା ନୋପେକ୍ ବିଲ୍‌କୁ ଗତ ମେ' ୫ରେ ସିନେଟ୍ କମିଟି ମଞ୍ଜୁରୀ ଦେଇଥିଲା। ବର୍ତ୍ତମାନ ଆମେରିକୀୟ ଉପଭୋକ୍ତା ଓ ବ୍ୟବସାୟୀଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ନୋପେକ୍ ବିଲ୍‌କୁ କାର୍ଯ୍ୟକାରୀ କରି ସମାଧାନର ବାଟ ଫିଟାଇବାକୁ ହ୍ୱାଇଟ୍ ହାଉସ୍ ବିଚାର କରୁଛି।

ଓପେକ୍ ଏବଂ ରୁଷିଆ ସମେତ ସହଯୋଗୀ ରାଷ୍ଟ୍ର ସମୂହ(ଓପେକ୍ +) ମଧ୍ୟରେ ଦୈନିକ ୨ ବିପିଡି ତୈଳ ଉତ୍ପାଦନ ହ୍ରାସ ନେଇ ସହମତି ପ୍ରକାଶ ପାଇଛି। ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ରୁଷୀୟ ତୈଳ ଉପରେ ବାଣିଜ୍ୟିକ କଟକଣା ପୂର୍ବରୁ ନିଆଯାଇଥିବା ଏହି ପଦକ୍ଷେପ ଫଳରେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇଛି। ଗୁରୁବାର ରାତି ୭ଟା ୧୦ ମିନିଟରେ ବ୍ରେଣ୍ଟ ଅଏଲ୍ ଫ୍ୟୁଚର୍ସ ୧୫ ସେଣ୍ଟ (୦.୨%) ବୃଦ୍ଧିପାଇ ବ୍ୟାରେଲ ପିଛା ୯୩.୫୨ ଡଲାରରେ ପହଞ୍ଚିଛି। ସେହିପରି ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) କ୍ରୁଡ୍ ଫ୍ୟୁଚର୍ସ ୧୪ ସେଣ୍ଟ(୦.୨%) ବଢ଼ି ବ୍ୟାରେଲ ପିଛା ୮୭.୯୦ ଡଲାର ଛୁଇଁଛି। ବିଶ୍ୱରେ ତୈଳ ସଙ୍କଟ ଲାଗିରହିଥିବାବେଳେ ଏହି ଉତ୍ପାଦନ ହ୍ରାସ ପରେ ଯୋଗାଣ ଆହୁରି ବାଧାପ୍ରାପ୍ତ ହେବ। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ି ବଢ଼ି ଚାଲିବ ବୋଲି ବଜାର ବିଶେଷଜ୍ଞ ଆଶଙ୍କା ବ୍ୟକ୍ତ କରିଛନ୍ତି। ରିଷ୍ଟାଡ୍ ଏନର୍ଜି ସିନିୟର ଭାଇସ୍-ପ୍ରେସିଡେଣ୍ଟ ଜର୍ଜ ଲେଓନ୍‌ଙ୍କ ମତରେ ଓପେକ୍ ପ୍ଲସ୍ ପକ୍ଷରୁ ଘୋଷିତ ପଦକ୍ଷେପ ପ୍ରଭାବରେ ଆସନ୍ତା ଡିସେମ୍ବର ସୁଦ୍ଧା ବ୍ରେଣ୍ଟ ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ, ଯାହାକି ପୂର୍ବରୁ ୮୯ ଡଲାର ଥିଲା। ଦୋଶୀ କନ୍‌ସଲ୍ଟିଂ ମ୍ୟାନେଜିଂ ଡାଇରେକ୍ଟର ତିଲକ୍ ଦୋଶୀ କହିଛନ୍ତି, ଦାଉଦି, ୟୁଏଇ ଏବଂ କୁଏଟ୍ ଏହି ତୈଳ ହ୍ରାସର ସର୍ବାଧିକ ବୋଝ ବୋହିବେ। ରୁଷିଆ ଓ ଦାଉଦି ମଧ୍ୟରେ ବଢ଼ୁଥିବା ସମ୍ପର୍କର ଏହି ପରିଣାମ ହେଉଛି ବାଇଡେନ୍ ଆଡ୍‌ମିନିଷ୍ଟ୍ରେଶନ୍ ମୁହଁରେ ଓପେକ୍ ପ୍ଲସ୍‌ର ଏକ ଚାପୁଡ଼ା।

ସାଉଦି ଆରବ ଶକ୍ତିମନ୍ତ୍ରୀ ଅବ୍ଦୁଲାଜିଜ୍ ବିନ୍ ସଲମାନ କହିଛନ୍ତି, ପୂର୍ବରୁ ଦୈନିକ ପ୍ରାୟ ୧ ନିୟୁତ ବ୍ୟାରେଲ ତୈଳ ଉତ୍ପାଦନ ହ୍ରାସ କରାଯାଇଥିଲା। ନୂଆ ଘୋଷଣା ପରେ ଯୋଗାଣରେ ପ୍ରକୃତ ହ୍ରାସ ୧ ନିୟୁତରୁ ୧.୧ ନିୟୁତ ରହିବ। ଏଥିରୁ ସାଉଦି ଆରବର ଭାଗ ପ୍ରାୟ ୦.୫ ନିୟୁତ ବ୍ୟାରେଲ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଏହି ଡିଲ୍‌କୁ 'ଦୂରଦୃଷ୍ଟିହୀନ' ବୋଲି ସମାଲୋଚନା କରିଛି। ଏଥିସହ ଭବିଷ୍ୟତରେ ଆବଶ୍ୟକ ହେଲେ ଷ୍ଟ୍ରାଟେଜିକ୍ ଅଏଲ୍ ଷ୍ଟକ୍‌ରୁ ଆହୁରି ତୈଳ ଯୋଗାଣ ନେଇ ହ୍ୱାଇଟ୍ ହାଉସ୍ ବିଚାର କରିବ। ହ୍ୱାଇଟ୍ ହାଉସ୍ କହିଛି, ତୈଳ ଦର ଉପରେ ଓପେକ୍ ପ୍ଲସ୍‌ର ନିୟନ୍ତ୍ରଣ ହ୍ରାସ ପାଇଁ କଂଗ୍ରେସ ସହ ବିଚାରବିମର୍ଶ କରି ପଦକ୍ଷେପ ନିଆଯିବ। ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ନୋଭାକ୍ କହିଛନ୍ତି, ୟୁକ୍ରେନ୍ ଉପରେ ମସ୍କୋ ସ୍ୱତନ୍ତ୍ର ସାମରିକ ଅଭିଯାନ (ଯୁଦ୍ଧ) ଯୋଗୁ ପାଶ୍ଚାତ୍ୟ ଦ୍ୱାରା ଜାରି କରାଯାଇଥିବା କଟକଣା ହେତୁ ଅନୁଭୂତ ପ୍ରଭାବକୁ ହ୍ରାସ କରିବା ପାଇଁ ଆମେ ଉତ୍ପାଦନ କମାଇବୁ।



### ନୋପେକ୍ ବିଲ୍‌ରେ ସମାଧାନ

ତୈଳ ଉତ୍ପାଦନ ଓ ରପ୍ତାନି କରୁ ନ ଥିବା ପ୍ରତିଷ୍ଠାନଗୁଡ଼ିକର ସଂଘ (ଏନ୍‌ଓପିଇସି) ବା ନୋପେକ୍ ବିଲ୍ ଆମେରିକା ସିନେଟ୍ କମିଟିରେ ମଞ୍ଜୁରୀ ଲାଭ କରିସାରିଛି। ହ୍ୱାଇଟ୍ ହାଉସ୍ ଏହି ବିଧେୟକ ଜରିଆରେ ତୈଳ ସଙ୍କଟର ସମାଧାନ ବାଟ ଖୋଜୁଥିବାବେଳେ ଏହାଦ୍ୱାରା କେତେକ ଅପ୍ରତ୍ୟାଶିତ ବିପଜ୍ଜନକ ପରିଣାମ ଆସିପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଆମେରିକାର ଦୁଇ ବଡ଼ ରାଜନୈତିକ ଦଳ ଶାସକ ଡେମୋକ୍ରାଟିକ୍ ଏବଂ ବିରୋଧୀ ରିପବ୍ଲିକାନ୍ ସମର୍ଥିତ ନୋପେକ୍ ବିଲ୍ ଆଇନରେ ପରିଣତ ହେଲେ ଅଏଲ୍ କାର୍ଟେଲ ଓ ସାଉଦି ଆରବ ଭଳି ଏହାର ସଦସ୍ୟଗୁଡ଼ିକ ବିରୋଧରେ ସଂଘୀୟ ଅଦାଲତରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆର୍ଟର୍ନି ଜେନେରାଲଙ୍କ ପାଖରେ ବିକଳ୍ପ ରହିବ। ଫଳରେ ଓପେକ୍ ପ୍ଲସ୍ ନିଜର ସାର୍ବଭୌମ ସୁରକ୍ଷା ହରାଇବସିବ। ସିନେଟ ଜୁଡିସିଆରି କମିଟି ଗତ ମେ'ରେ ଏହାକୁ ଗୃହୀତ କରିଥିବାବେଳେ ସିନେଟ୍ ଏବଂ ହାଉସ୍‌ରେ ଏହା ପାରିତ ହେବା ବାକି ଅଛି। ଦୁଇ ଗୃହର ମଞ୍ଜୁରୀ ଲାଭ ପରେ ଆଇନରେ ପରିଣତ ହେବା ଲାଗି ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ୱାକ୍ଷର ଆବଶ୍ୟକ। ଝୁଲି ରହିଥିବା ଏହି ବିଲ୍ ବର୍ତ୍ତମାନର ରୁଷିଆ ବିରୋଧୀ ଆଭିମୁଖ୍ୟ ଯୋଗୁ ଗୃହୀତ ହେବା ଆଶା କରାଯାଉଛି।

### ଓପେକ୍ ପ୍ଲସ୍ କ'ଣ



ଅର୍ଗାନାଇଜେଶନ୍ ଅଫ୍ ଦି ପେଟ୍ରୋଲିୟମ୍ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ (ଓପିଇସି) ବା ଓପେକ୍ ହେଉଛି ୧୩ ରାଷ୍ଟ୍ରକୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ସଙ୍ଗଠନ। ପ୍ରଥମ ୫ ସଦସ୍ୟ ଇରାନ, ଇରାକ, କୁଏଟ୍, ସାଉଦି ଆରବ ଓ ଭେନିଜୁଏଲା ଦ୍ୱାରା ୧୯୬୦ ସେପ୍ଟେମ୍ବର ୧୪ରେ ଏହାକୁ ବାଗ୍‌ଦାଦରେ ପ୍ରତିଷ୍ଠା କରାଯାଇଥିଲା। ଅଷ୍ଟ୍ରିଆ ସଦସ୍ୟ ନ ଥାଇ ମଧ୍ୟ ଏହାର ରାଜଧାନୀ ଭିଏନାରେ ଓପେକ୍‌ର ମୁଖ୍ୟାଳୟ ରହିଛି। ପରବର୍ତ୍ତୀ ସମୟରେ ଏଥିରେ ଆଲ୍‌ଜେରିଆ, ଆଙ୍ଗୋଲା, ଇକ୍ୱାଟୋରିଆଲ ଗିନିଆ, ଗାବ୍ରୋନ୍, ଲିବ୍ୟା, ନାଇଜେରିଆ ଓ କଙ୍ଗୋ ସାଧାରଣତନ୍ତ୍ର, ସଂଯୁକ୍ତ ଆରବ ଏମିରାଟ୍ସ (ୟୁଏଇ)କୁ ସାମିଲ କରାଯାଇଛି। ବିଶ୍ୱର ମୋଟ ଉତ୍ପାଦିତ ତୈଳର ୪୪% ଏହାର ୧୩ ସଦସ୍ୟ ରାଷ୍ଟ୍ରରେ ହେଉଛି। ବିଶ୍ୱ ବଜାରରେ କ୍ରୁଡ୍ ଅଏଲ୍ ଉପରେ ନିୟନ୍ତ୍ରଣ ରଖିବା ଉଦ୍ଦେଶ୍ୟରେ ୨୦୧୬ରେ ଏଥିରେ ରୁଷିଆ ସମେତ ଆଉ କେତେକ ରାଷ୍ଟ୍ରକୁ ସାମିଲ କରି ଓପେକ୍ ପ୍ଲସ୍ ସଙ୍ଗଠନ କରାଯାଇଛି।

## ରାଜ୍ୟଗୁଡ଼ିକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**ବରିଷ୍ଠ ନାଗରିକ କଲ୍ୟାଣ ଯୋଜନା**



**ନୂଆଦିଲ୍ଲୀ,୬।୧୦(ପି.ଟି.)**

ବରିଷ୍ଠ ନାଗରିକମାନଙ୍କ ଲାଗି ଭତ୍ତା, ବୃଦ୍ଧାଶ୍ରମ ସମେତ ଅନ୍ୟ କ'ଣସବୁ କଲ୍ୟାଣକାରୀ ଯୋଜନା ପ୍ରତି ଜିଲା ଓ ଜରା ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟକାରୀ ହେଉଛି, ତାହାର ତଥ୍ୟ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ମାତାପିତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ କାର୍ଯ୍ୟକାରିତାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ରାଜ୍ୟଗୁଡ଼ିକ ଜଣାଇବାକୁ ଜଷ୍ଟିସ୍ ଅନିରୁଦ୍ଧ ବୋସ୍ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି। ଦୁଇ ମାସ ମଧ୍ୟରେ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରିପୋର୍ଟ ମିଳିବା ପରେ କେନ୍ଦ୍ର ସରକାର ମାସେ ମଧ୍ୟରେ ସଂଶୋଧିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ରିପୋର୍ଟ ମିଳିବା ପରେ ୨୦୨୩ ଜାନୁୟାରୀରେ ମାମଲାର ଶୁଣାଣି ହେବ। ସାରା ଦେଶରେ ବୃଦ୍ଧାଶ୍ରମ ଏବଂ ମୌଳିକ ସ୍ୱାସ୍ଥ୍ୟସେବା ସଂସ୍ଥା ସ୍ଥାପନ ଲାଗି ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ଅଶ୍ୱିନୀ କୁମାର ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଅନେକ ବୃଦ୍ଧାବୃଦ୍ଧ ଦାରିଦ୍ର୍ୟ ମଧ୍ୟରେ ରହୁଛନ୍ତି, ଯେଉଁମାନଙ୍କ ମୁଣ୍ଡ ଉପରେ ଛାତ ନାହିଁ ଏବଂ ଉପଯୁକ୍ତ ଖାଦ୍ୟ ବସ୍ତ୍ର ମିଳୁନାହିଁ। ତେଣୁ ମାତାପିତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ର ପ୍ରଭାବୀ କାର୍ଯ୍ୟକାରିତା ଲାଗି ନିର୍ଦ୍ଦେଶ ଦେବାକୁ ସେ ପିଟିଶନରେ ଅନୁରୋଧ କରିଥିଲେ।

## ଆମେରିକାରେ ଶିଖ୍ ପରିବାରଙ୍କୁ ଅପହରଣ ପରେ ହତ୍ୟା

**ନୂଆଦିଲ୍ଲୀ,୬।୧୦**



ଆମେରିକାରେ ଶିଖ୍ ପରିବାରର ୪ ସଦସ୍ୟଙ୍କୁ ଅପହରଣ ପରେ କାଲିଫର୍ନିଆର ଏକ ଫଳ ବଗିଚାରୁ ସେମାନଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ୮ ମାସର ଶିଶୁକନ୍ୟା ରହିଛି। ଶିଶୁକନ୍ୟା ଆରୁହି ଧେରି, ତାଙ୍କ ମାଆ ଜଶଲିନ୍ କୌର(୨୭), ବାପା ଯଶଦୀପ୍ ସିଂ(୩୬) ଏବଂ ଦାଦା ଅମନଦୀପ୍ ସିଂ(୩୯)ଙ୍କୁ ସେମାନଙ୍କ ବ୍ୟବସାୟ ସ୍ଥଳରୁ ଅପହରଣ କରିନିଆଯାଇଥିଲା ବୋଲି ମର୍ସିଡ୍ କାଉଣ୍ଟି ପୋଲିସ କହିଛି। ବୁଧବାର ସନ୍ଧ୍ୟାରେ ସେମାନଙ୍କ ମୃତଦେହ ଇଣ୍ଡିଆନା ରୋଡ୍ ନିକଟବର୍ତ୍ତୀ ଏକ ଫଳ ବଗିଚାରୁ ମିଳିଛି। ଅପହରଣ ସମୟର ଭିଡିଓ ପୋଲିସ ଜାରି କରିଛି। ସେମାନଙ୍କ ହାତ ବନ୍ଧାଯାଇ ଏକ ଟ୍ରକ୍ ଯୋଗେ ନିଆଯାଇଥିଲା। ପୋଲିସ ସନ୍ଦିଗ୍ଧ ଅପହରଣକାରୀ ଜେସୁସ୍ ମାନୁଏଲ୍ ସାଲଗାଡୋ(୪୮)ଙ୍କୁ ଗିରଫ କରିଛି। ସେ ଜଣେ ଡକାୟତ ଭାବେ ପୂର୍ବରୁ ଦୋଷୀସାବ୍ୟସ୍ତ ହୋଇଥିଲେ। ପୋଲିସ ତାଙ୍କ ଘରେ ପହଞ୍ଚିବା ପୂର୍ବରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବା ତାଙ୍କ ପରିବାର ପୋଲିସକୁ ଜଣାଇଛନ୍ତି। ସେ ଅର୍ଥ ଆଦାୟ ପାଇଁ ଅପହରଣ କରିଥିବା ସନ୍ଦେହ କରାଯାଉଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଉକ୍ତ ପରିବାର ହେଉଛନ୍ତି ପଞ୍ଜାବ ହୋଶିଆରପୁର ଜିଲା ତଣ୍ଡା ବ୍ଲକ୍‌ର ହର୍ଷପିଣ୍ଡର ମୂଳ ବାସିନ୍ଦା। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତଦନ୍ତ ପାଇଁ ଚାପ ପକାନ୍ତୁ ବୋଲି ମାନ୍ ଅନୁରୋଧ କରିଛନ୍ତି।

## ହିମସ୍ଖଳନରେ ୧୬ ମୃତ, ୧୫ ନିଖୋଜ

**ଡେରାଡୁନ୍,୬।୧୦**

ଉତ୍ତରକାଶୀର ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂ (ଏନ୍‌ଆଇଏମ୍)ର ୬୧ ପର୍ବତାରୋହୀଙ୍କ ଏକ ଟିମ୍ ପ୍ରଶିକ୍ଷଣରେ ହିମାଳୟର ଗରୱାଲରେ ଥିବା ଦ୍ରୌପଦୀ କା ଦଣ୍ଡା ଶୃଙ୍ଗକୁ ଯାଇଥିଲେ। ମଙ୍ଗଳବାର ସେମାନେ ଫେରୁଥିବାବେଳେ ହିମସ୍ଖଳନ ହେବାରୁ ଅଧିକାଂଶ ପୋତିହୋଇ ପଡ଼ିଥିଲେ। ସମୁଦ୍ର ପତ୍ତନଠାରୁ ୧୭,୦୦୦ ଫୁଟ୍ ଉଚ୍ଚରେ ଏହି ହିମସ୍ଖଳନ ଘଟିଥିଲା। ଦୁଇଦିନରେ ୧୬ ଜଣଙ୍କ ମୃତଦେହ ମିଳିଛି। ୧୫ ଜଣ ପର୍ବତାରୋହୀ ଓ ପ୍ରଶିକ୍ଷକ ଏବେ ବି ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରୁ ୧୪ ଜଣ ପ୍ରଶିକ୍ଷାର୍ଥୀ ହୋଇଥିବାବେଳେ ୨ ଜଣ ତାଲିମ ପ୍ରଦାନକାରୀ। ଅନ୍ୟମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଇଟିବିପି ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ସହ ଗୁରୁବାର ହାଇ ଅଲ୍‌ଟିଚ୍ୟୁଡ୍ ୱାର୍‌ଫେୟାର ସ୍କୁଲ୍‌ର ଏକ ୧୪ ଜଣିଆ ଟିମ୍ ସାମିଲ ହୋଇଛନ୍ତି। ଖରାପ ପାଗ ଯୋଗୁ ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରୁ ବାଦ୍ ଦିଆଯାଇଛି।

## ରସାୟନ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ

**ଷ୍ଟକ୍‌ହୋମ୍, ୬।୧୦**

ରସାୟନ ବିଜ୍ଞାନ ବା କେମିଷ୍ଟ୍ରିରେ ଚଳିତ ବର୍ଷ ୩ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବା ନିମନ୍ତେ ମନୋନୀତ କରାଯାଇଛି। ସେମାନେ ହେଲେ ଆମେରିକୀୟ ସାଇଣ୍ଟିଷ୍ଟ କାରୋଲିନ୍ ଆର୍. ବର୍ଟୋଜି(୫୫), କେ. ବେରୀ ଶାର୍ପଲେସ୍(୮୧) ଏବଂ ଡେନ୍‌ମାର୍କର ମୋର୍ଟେନ ମେଲଡାଲ(୬୮)। କ୍ୟାନ୍‌ସର ଡ୍ରଗ୍ସ, ଡିଏନ୍‌ଏ ମ୍ୟାପିଂ, କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନିମନ୍ତେ ଆବଶ୍ୟକ ପଡୁଥିବା ସାମଗ୍ରୀ ପ୍ରସ୍ତୁତ ନିମନ୍ତେ ଉଦ୍ଦିଷ୍ଟ 'କ୍ଲିକ୍ କେମିଷ୍ଟ୍ରି ଏବଂ ବାୟୋଅର୍ଥୋଗୋନାଲ ରିଆକ୍ସନ୍' ଉପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ୩ ବୈଜ୍ଞାନିକଙ୍କୁ ନୋବେଲ ପ୍ରଦାନ କରାଯିବ। ଶାର୍ପଲେସ୍ ୨୦୦୧ରେ ନୋବେଲ ପାଇଥିଲେ। ଏହି ସମ୍ମାନ ଦ୍ୱିତୀୟ ଥର ପାଇବାରେ ସେ ହେଉଛନ୍ତି ୫ମ ବ୍ୟକ୍ତି। ନୋବେଲ କମିଟି ଅନୁଯାୟୀ, ଏହି ବୈଜ୍ଞାନିକମାନେ କ୍ଲିକ୍ ରସାୟନ ବିଜ୍ଞାନର ବିକାଶ କରିବା ସହ ବାୟୋଅର୍ଥୋଗୋନାଲ୍ କେମିଷ୍ଟ୍ରିରେ ଗବେଷଣା କରି ଆଗାମୀ ଦିନରେ ମେଡିସିନ୍ କ୍ଷେତ୍ର ପାଇଁ ରାସ୍ତା ପ୍ରଶସ୍ତ କରିଛନ୍ତି।



ମୋର୍ଟେନ ମେଲଡାଲ   କେ. ବେରୀ ଶାର୍ପଲେସ୍   କାରୋଲିନ୍ ଆର୍. ବର୍ଟୋଜି

**କ୍ୱାଣ୍ଟମ୍ ସାଇନ୍ସକୁ ସ୍ୱୀକୃତି**

କ୍ୱାଣ୍ଟମ୍ ଇନ୍‌ଫର୍ମେଶନ ସାଇନ୍ସରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ ବୈଜ୍ଞାନିକ ପଦାର୍ଥ ବିଜ୍ଞାନ ବା ଫିଜିକ୍ସରେ ନୋବେଲ ପୁରସ୍କାର ଜିତିଛନ୍ତି। ସେମାନେ ହେଲେ ଫ୍ରାନ୍ସର ଆଲେନ୍ ଆସ୍‌ପେକ୍ଟ(୭୫), ଆମେରିକାର ଜନ୍ ଏଫ୍ କ୍ଲଜର(୭୯) ଏବଂ ଅଷ୍ଟ୍ରେଲିଆର ଆଣ୍ଟୋନ୍ ଜେଇଲିଙ୍ଗର(୭୭)। ହ୍ୱାଟ୍ସଆପ୍ ଏବଂ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୟୁଜର୍ସଙ୍କ ମେସେଜ୍‌କୁ ଗୁପ୍ତ ରଖିବା ନିମନ୍ତେ ଏନ୍‌କ୍ରିପ୍‌ସନ ସୁବିଧା ପାଇଁ କ୍ୱାଣ୍ଟମ୍ ବିଜ୍ଞାନ ବ୍ୟବହାର କରାଯାଏ। ଏହାଦ୍ୱାରା ମେସେଜ୍‌ଗୁଡ଼ିକୁ ସିକ୍ରେଟ କୋଡ୍‌ରେ ପରିବର୍ତ୍ତନ କରାଯାଇଥାଏ। ଫଳରେ ମେସେଜ ଆଦାନପ୍ରଦାନ କରିଥିବା ବ୍ୟକ୍ତିଙ୍କ ବ୍ୟତୀତ ତୃତୀୟ କେହି ଉକ୍ତ ବାର୍ତ୍ତାକୁ ଦେଖିପାରିବେ ନାହିଁ।



ଆଣ୍ଟୋନ୍ ଜେଇଲିଙ୍ଗର   ଆଲେନ୍ ଆସ୍‌ପେକ୍ଟ   ଜନ୍ ଏଫ୍ କ୍ଲଜର

# ନର୍ସରିରେ ୩୪ ଜଣଙ୍କୁ ହତ୍ୟା

- ଥାଇଲାଣ୍ଡର ପୂର୍ବତନ ପୋଲିସଙ୍କ ବୀଭତ୍ସକାଣ୍ଡ
- ମୃତକଙ୍କ ମଧ୍ୟରେ ୨୩ ଶିଶୁ, ଗର୍ଭବତୀ ଶିକ୍ଷୟିତ୍ରୀ
- ସ୍ତ୍ରୀ ଓ ପିଲାଙ୍କୁ ଗୁଳିକରି ହତ୍ୟା ପରେ ଆତ୍ମହତ୍ୟା

**ନର୍ସରି କାନ୍ଥରେ ଅକ୍ଷର ସହ ମେଳଖାଉଥିବା ରଙ୍ଗବେରଙ୍ଗର ଛବିଗୁଡ଼ିକୁ ସଜାଡ଼ି ରଖାଯାଇଛି। ଅପରାହ୍ନ ସାଢ଼େ ବାରଟାରେ ସବୁଦିନ ପରି ଖାଇପିଇ ଶୋଇପଡ଼ିଛନ୍ତି କୋମଳମତି ଶିଶୁମାନେ। ହଠାତ୍ ଶୁଭିଲା ଡୁହାକୁ ତୁହା ଗୁଳି ଫୁଟିବାର ପ୍ରଚଣ୍ଡ ଶବ୍ଦ। ଶୋଇଥିବା ଶିଶୁ ଶୋଇଗଲେ ଚିରନିଦ୍ରାରେ। କାନ୍ଥରେ ସଜଡ଼ାଯାଇଥିବା ଆଲ୍‌ଫାବେଟ୍ ଏବଂ ଇମେଜ୍ ସବୁ ଭିଜିଗଲା ସେମାନଙ୍କ ଶୀତଳ ରକ୍ତରେ। ବିଲ୍ଡିଂ ବାହାରେ କାନ୍ଦୁଥିଲେ ଭୀତତ୍ରସ୍ତ ପରିବାର ଲୋକେ। ପୋଲିସ ଗାଡ଼ି ସହ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ନିଜ କାର୍‌ରେ ପଳାୟନ କରିଥିଲେ ଆତତାୟୀ। ତାଙ୍କୁ ଧରିବା ପାଇଁ ପୋଲିସ ତଲାସି ଅଭିଯାନ ଚଳାଇଥିବାବେଳେ ଆକ୍ରମଣକାରୀ ନିଜ ଘରେ ପହଞ୍ଚି ସ୍ତ୍ରୀ ଓ ପିଲାଙ୍କ ଜୀବନ ନେବା ପରେ ଶେଷରେ ଆତ୍ମହତ୍ୟା କଲେ। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ୩୩୩ ମାଇଲ ଦୂରରେ ଅବସ୍ଥିତ ଉତ୍ତରପୂର୍ବାଞ୍ଚଳର ନୋଙ୍ଗ୍ ବୁଆ ଲାମ୍‌ଫୁରେ ଏହି ବୀଭତ୍ସକାଣ୍ଡ ଭିଆଇଛନ୍ତି ଜଣେ ପୂର୍ବତନ ପୋଲିସ ଅଫିସର।**

**ବ୍ୟାଙ୍କକ,୬।୧୦**

ଥାଇଲାଣ୍ଡର ଏକ ଶିଶୁ ଯତ୍ନ ଗୃହରେ ଗୁରୁବାର ଜଣେ ୩୪ ବର୍ଷୀୟ ପୂର୍ବତନ ପୋଲିସ ଅଧିକାରୀ ବୀଭତ୍ସକାଣ୍ଡ ଭିଆଇଛନ୍ତି। ବନ୍ଧୁକଧାରୀ ପାନ୍ୟା କାମରାପ ଆଖିବୁଜା ଗୁଳି ଚଳାଇବାରୁ ପ୍ରାୟ ଦୁଇ ଡଜନ ଶିଶୁଙ୍କ ସମେତ ୩୪ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ପାନ୍ୟା ଶେଷରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଏହାକୁ ଥାଇଲାଣ୍ଡ ଇତିହାସରେ ସବୁଠୁ ଘାତକ ଗୁଳିକାଣ୍ଡ ବୋଲି କୁହାଯାଉଛି।

ଥାଇଲାଣ୍ଡସ୍ଥିତ ନୋଙ୍ଗ୍ ବୁଆ ଲାମ୍‌ଫୁ ପ୍ରଦେଶର ଏକ ନର୍ସରିରେ ଗୁରୁବାର ସ୍ଥାନୀୟ ସମୟ ଅପରାହ୍ନ ୧୨ଟା ୩୦ରେ ଶିଶୁମାନେ ଶୋଇଥିବାବେଳେ ବନ୍ଧୁକ ଓ ଛୁରି ଧରି ଏକ କାର୍‌ରେ ପହଞ୍ଚିଥିଲେ ଆକ୍ରମଣକାରୀ। କେହି କିଛି ବୁଝିପାରିବା ପୂର୍ବରୁ ସେ ଆଖିବୁଜା ଗୁଳି ଚଳାଇଥିଲେ। ଚାହୁଁ ଚାହୁଁ ଗୁଳିମାଡ଼ରେ ଟଳି ପଡ଼ିଥିଲେ ୩୪ ଜଣ। ସେମାନଙ୍କ ମଧ୍ୟରୁ ଅନ୍ୟୂନ ୨୩ ହେଉଛନ୍ତି ଶିଶୁ, ଯାହାଙ୍କ ବୟସ ୨ରୁ ୩ ବର୍ଷ ହେବ। ଗୁଳିମାଡ଼ରେ ୪-୫ ଜଣ ଶିକ୍ଷୟିତ୍ରୀଙ୍କର ମୃତ୍ୟୁ ଘଟିଛି। ଜଣେ ଶିକ୍ଷୟିତ୍ରୀ ୮ ମାସର ଗର୍ଭବତୀ ଥିଲେ। ହତ୍ୟା ପରେ ସେ ଉକ୍ତ କାର୍‌ରେ ଫେରାର ହୋଇଯାଇଥିଲେ। ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଲାସି ଚାଲିଥିବାବେଳେ ସେ ନିଜ ସ୍ତ୍ରୀ ଓ ପିଲାଙ୍କୁ ଗୁଳିକରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଥିଲେ। ପୋଲିସ କଲୋନେଲ ଜକ୍କାପଟ୍ ଭିଜିତ୍ରାଇଥୟ ହତ୍ୟାକାରୀଙ୍କୁ ଚିହ୍ନଟ କରିଛନ୍ତି। ହତ୍ୟାକାରୀ ପାନ୍ୟା କାମ୍‌ରାପ ପୋଲିସ ବିଭାଗରେ ଲ୍ୟୁଟ୍‌ନେଣ୍ଟ କଲୋନେଲ ଭାବେ କାମ କରୁଥିଲେ। ଡ୍ରଗ୍ସ ସେବନ ପାଇଁ ଗତବର୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଥାଇଲାଣ୍ଡରେ ବନ୍ଧୁକ ଲାଇସେନ୍ସକୁ ନେଇ କଡ଼ା ଆଇନ ଥିବାରୁ ଏପରି ଗଣହତ୍ୟା ବିରଳ। କିନ୍ତୁ ଗତ ୨ ବର୍ଷ ମଧ୍ୟରେ ସେନା ଓ ପୋଲିସ ଅଧିକାରୀଙ୍କ ଦ୍ୱାରା ଦୁଇଟି ଗୁଳିକାଣ୍ଡ ଘଟିଥିଲା। ୨୦୨୦ରେ ଜଣେ ସୈନ୍ୟ ୧୭ ଘଣ୍ଟା ମଧ୍ୟରେ ୨୯ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ଗତମାସରେ ଜଣେ ସେନା ଅଧିକାରୀ ଏକ ସାମରିକ ଶିବିରରେ ଦୁଇ ସହକର୍ମୀଙ୍କୁ ହତ୍ୟା କରିଥିଲେ।



ହସ୍ପିଟାଲରେ ଆହତମାନଙ୍କୁ ରକ୍ତଦାନ ପାଇଁ ଧାଡ଼ିରେ ଥିବା ଲୋକେ।




ହତ୍ୟାକାରୀ ପାନ୍ୟା କାମରାପ

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୫୧,୨୯,୭୯୪ | ୬୫,୫୬,୦୬୩ | ୬୦,୪୯,୫୨,୮୫୬ |
| ଭାରତ | ୪,୪୬,୦୪,୪୬୩ | ୫,୨୮,୭୪୫ | ୪,୪୦,୪୩,୪୩୬ |
| ଓଡ଼ିଶା | ୧୩,୩୪,୬୪୨ | ୯୧୯୮(+୫୩) | ୧୩,୨୪,୭୩୬ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ମା'ଙ୍କୁ ମେଲାଣି



ଭୁବନେଶ୍ୱର କୁଆଖାଇ ନଦୀ ନିକଟସ୍ଥ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କୁ ବିସର୍ଜନ କରାଯାଉଛି।

# ରାଜ୍ୟବ୍ୟାପୀ ଖୁସି ବାଣ୍ଟୁଛି ଦାନ ଉତ୍ସବ

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ସାରା ଦେଶରେ ପାଳନ ହେଉଛି ଦାନ ଉତ୍ସବ। ଓଡ଼ିଶାର ଅନେକ ଜିଲାରେ ଏପରି ନିଆରା ଉତ୍ସାହପ୍ରଦ ଅଭିଯାନ ପ୍ରତି ଅଧିକରୁ ଅଧିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଡି ହେଉଛନ୍ତି। ବକୁଳ ଫାଉଣ୍ଡେଶନର ୩୦୦ ଭଲ୍ୟୁଣ୍ଟିୟର୍ସ ଭୁବନେଶ୍ୱରର ୫୦ରୁ ଅଧିକ ବସ୍ତି ଅଞ୍ଚଳରେ ପିଲାଙ୍କ ସହ ଖେଳ, ନାଚଗୀତ, ହସ୍ତଶିଳ୍ପ କାରିଗରି ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କ ମଧ୍ୟରେ ଖୁସି ବାଣ୍ଟିଥିଲେ। ସେହିପରି କଳାହାଣ୍ଡି ଜିଲା ଭାନୁପୁରନିବାସୀ ଜଗଦୀଶ ପ୍ରଧାନ, ତାଙ୍କ ସ୍ତ୍ରୀ ଓ ଝିଅ ନିଜକୁ ଦାନ ଉତ୍ସବରେ ସାମିଲ କରି ତମ୍ବୁ ତଳେ ଜୀବନ ବିତାଉଥିବା ୪୦ଟି ଜିପ୍ସି ସମ୍ପ୍ରଦାୟ ପରିବାରର ପିଲାଙ୍କୁ ଖାଦ୍ୟ ଓ ପାନୀୟ ବଣ୍ଟନ କରି ସେମାନଙ୍କ ମୁହଁରେ ହସ ଫୁଟାଇଥିଲେ। ପୁରୀରେ ରକ୍ତଦାନ କରି ଦାନ ଉତ୍ସବ ପାଳନ କରିଛି ମିଶନ ଓଡ଼ିଶା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲାପାଳ କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ୩୩ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମହାବିଦ୍ୟାଳୟ ପକ୍ଷରୁ ଝଣ୍ଡୁ ଫାର୍ମାସୀ ସହଯୋଗରେ ୬୫ ଜଣଙ୍କର ମାଗଣା ବୋନ୍ ମିନେରାଲ ଡେନ୍‌ସିଟି ଟେଷ୍ଟ କରାଯାଇଥିଲା। ରାୟଗଡ଼ା ଜିଲାର ମୁନିଗୁଡ଼ାର ନାଗରିକ ମଞ୍ଚ ହାଟ ପକ୍ଷରୁ ଆଦିବାସୀ ସମ୍ପ୍ରଦାୟର ୨୦୦ ବୟସ୍କଙ୍କୁ ନୂତନ ବସ୍ତ୍ର ଉପହାର, ଅନ୍ନଦାନ ଓ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ବ୍ୟବହାର ଉପଯୋଗୀ ପୁରୁଣା ବସ୍ତ୍ର ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଢେଙ୍କାନାଳ ଜିଲାର କଙ୍କଡ଼ାପାଳ ଓ କୋଇମରେ ୨ଟି ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ଓଡ଼ିଶା ବୁକ୍ ଟ୍ରଷ୍ଟ ସହାୟତାରେ ବିଶ୍ୱ ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଲୋକଙ୍କ ପାଖରୁ ପୁରୁଣା ଓ ଲାଇବ୍ରେରୀ ଉପଯୋଗୀ ବହି ଓ ଅନ୍ୟାନ୍ୟ ଅଧ୍ୟୟନ ସାମଗ୍ରୀ ସଂଗ୍ରହ କରାଯାଉଛି। ଗଁଦିଆ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଗରିବ ଛାତ୍ରୀଛାତ୍ରୀଙ୍କ ଜେଜେ ବାପା ଓ ମା'ଙ୍କୁ ଇନର ହ୍ୱିଲ କ୍ଲବ୍ ପକ୍ଷରୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଦିଲ୍ଲୀ ପବ୍ଲିକ୍ ସ୍କୁଲ ଢେଙ୍କାନାଳ ପକ୍ଷରୁ ଦାନ ଉତ୍ସବ ପାଳନ କରାଯିବା ସହ ସମସ୍ତ କର୍ମଚାରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ରାଉରକେଲାର ପ୍ରଦୀପ ଗ୍ରୀନ୍ ଆଣ୍ଡ୍ କ୍ଲିନ୍ ଅଭିଯାନରେ ଢେଙ୍କାନାଳ ସିଆରିଆରେ ଫଳ ଗଛ ଲଗାଇବା, ସହର ସଫେଇ ସହ ଡେଙ୍ଗୁ ରୋଗୀଙ୍କୁ ରକ୍ତ ଦାନ କରିଥିଲେ। ମାଓବାଦୀ ପ୍ରବଣ ଅଞ୍ଚଳ କଣ୍ଡାର ଉପତ୍ୟାକାରେ ସଂସ୍କାର ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରୀ ଓ କର୍ମଚାରୀମାନେ ଛୋଟ ପିଲାଙ୍କ ପାଇଁ ଶିକ୍ଷା ଉପକରଣ, ପାଣି ବୋତଲ, ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଅବସରପ୍ରାପ୍ତ ଆର୍ମୀ ଅଫିସର ପ୍ରଫେସର ମଳୟ ପତି ଉପାନ୍ତ ଅଞ୍ଚଳରେ ଏକ ସିବିଏସଇ ସ୍କୁଲ ପ୍ରତିଷ୍ଠା କରି କର୍ମଚାରୀଙ୍କୁ ଡ୍ରେସ୍, ଶାଢ଼ି, ଚୁଡି ଆଦି ସାମଗ୍ରୀ କିଣିବା ପାଇଁ କୁପନ୍ ପ୍ରଦାନ କରିଥିଲେ।

# ମୁଣ୍ଡ ନୁଆଁଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଢେଙ୍କାନାଳ ଅଫିସ, ୬।୧୦**

ଦେବାଳିଆ ହୋଇଗଲା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମ ନେଇଥିବା ଠିକାସଂସ୍ଥା। ଏବେ ପୁଣି ଥରେ ଟେଣ୍ଡର ହୋଇଛି। ୩ ଠିକାସଂସ୍ଥା ଉପରେ ଭରସା କରିଛନ୍ତି କେନ୍ଦ୍ର ସରକାର। ହେଲେ ସମସ୍ୟା ଏତିକିରେ ଶେଷ ହୋଇନାହିଁ। ଗତ ୪ବର୍ଷ ମଧ୍ୟରେ ଭାରିଯାନ ଚଳାଚଳ ଏବଂ ଲଗାଣ ବର୍ଷାରେ ମରଣଯନ୍ତା ପାଲଟିଛି ଏହି ବ୍ୟସ୍ତବହୁଳ ସଡ଼କ। ଶିଳ୍ପଭିତ୍ତିକ ଜିଲା ଢେଙ୍କାନାଳ ଏବଂ ଅନୁଗୋଳର ଜୀବନରେଖା ଭାବେ ପରିଚିତ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦିନକୁ ଦିନ ଦୁର୍ଘଟଣାପ୍ରବଣ ହେଉଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଏହି ସମସ୍ୟା ଯୋଗୁ ସେ ନତମସ୍ତକ ବୋଲି ସ୍ୱୀକାର କରିଛନ୍ତି। ଢେଙ୍କାନାଳ ମିନି ଷ୍ଟାଡିୟମରେ ବୁଧବାର ରାତିରେ ଅନୁଷ୍ଠିତ ରାବଣପୋଡ଼ି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ, କଟକ-ଢେଙ୍କାନାଳ-ଅନୁଗୋଳ ଦେଇ ସମ୍ବଲପୁର ପର୍ଯ୍ୟନ୍ତ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଏଭଳି ଅବସ୍ଥାକୁ ନେଇ ଆପଣମାନଙ୍କ ମଧ୍ୟରେ ନିଶ୍ଚିତ ପ୍ରଶ୍ନ ଉଠୁଥିବ। ଏହି ସମସ୍ୟାକୁ ମୁଁ ମଧ୍ୟ ନତମସ୍ତକ ହୋଇ ସ୍ୱୀକାର କରୁଛି। ଜିଲା ଓକିଲ ସଂଘଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ମଞ୍ଚ ଓ ବିଭିନ୍ନ ସଙ୍ଗଠନ ଜାତୀୟ ରାଜପଥର ସମସ୍ୟା ସମ୍ପର୍କରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ କରିଛନ୍ତି। ସେସବୁର କଟିଂ ମୋ ପାଖକୁ ଆସିଲେ ମୁଁ ସେଗୁଡ଼ିକୁ ନେଇ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡକରୀଙ୍କୁ ଦେଖାଇଥାଏ। ତାଙ୍କୁ ଏକଥା ବି କହିଛି, ମୋତେ ଆପଣ ଆଉ ଢେଙ୍କାନାଳ ଯିବାକୁ ଦେବେନି। ରାସ୍ତା ନ ହେଲେ ମୁଁ ସେହି ଅଞ୍ଚଳକୁ ଯିବିନାହିଁ। ଏହାର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ କହିଛନ୍ତି ଯେ, କାମ ନେଇଥିବା ଠିକାସଂସ୍ଥା ଦେବାଳିଆ ହୋଇପଡ଼ିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏବେ ୩ ଠିକାସଂସ୍ଥାକୁ ୩ଟି ପର୍ଯ୍ୟାୟରେ ୫୫ନଂ. ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ଦିଆଯାଇଛି। କଟକରୁ ଢେଙ୍କାନାଳ, ଢେଙ୍କାନାଳରୁ ଅନୁଗୋଳ ଏବଂ ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ସମ୍ପୃକ୍ତ ୩ ଠିକାସଂସ୍ଥା ପକ୍ଷରୁ କରାଯିବ ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକର ମାଲ୍ ପରିବହନ ପାଇଁ ୫୫ନଂ. ଜାତୀୟ ରାଜପଥ ଅତ୍ୟଧିକ ବ୍ୟସ୍ତବହୁଳ ହୋଇପଡ଼ିଛି। ଏହାକୁ ନଜରରେ ରଖି ୨୦୧୮ରେ ଏହି ସଡ଼କର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କାମ ନେଇଥିବା ଠିକାସଂସ୍ଥା ଦେବାଳିଆ ହୋଇପଡ଼ିବାରୁ ରାସ୍ତା କାମ ବନ୍ଦପଡ଼ିଛି। ଭାରିଯାନ ଚଳାଚଳ ଏବଂ ବର୍ଷା ଯୋଗୁ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତାରେ ପରିଣତ ହୋଇଛି। ଏହାର ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ପ୍ରତିବାଦରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି।

**■ ୫୫ନଂ. ଜାତୀୟ ରାଜପଥ ମରଣଯନ୍ତା**

**■ ୪ବର୍ଷ ହେଲା ମନ୍ଥର ଗତିରେ ଚାଲିଛି**

### ୮ ମାସରେ ୫୧ ଦୁର୍ଘଟଣା, ୨୨ ମୃତ

ବିପଦସଙ୍କୁଳ ୫୫ନଂ. ଜାତୀୟ ରାଜପଥ ମୃତ୍ୟୁଯନ୍ତା ପାଲଟିଛି। ଗତ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ୫୧ଟି ଦୁର୍ଘଟଣା ଘଟି ୨୨ ଲୋକଙ୍କ ଜୀବନହାନି ଘଟିଛି। ୨୬ଜଣ ଗୁରୁତର ହୋଇଥିବାବେଳେ ୧୦ଜଣ ଆହତ ହୋଇଥିବା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ୨୦୨୧ ଜାନୁୟାରୀରୁ ୨୦୨୨ ଅଗଷ୍ଟ ସୁଦ୍ଧା ଜିଲା ମଧ୍ୟଦେଇ ଯାଇଥିବା ୨ ରାଜପଥ (୫୩ ନଂ. ଏବଂ ୫୫ନଂ.)ରେ ମୋଟ ୨୨୧ ଦୁର୍ଘଟଣା ଘଟିଛି। ସେହିପରି ଏନ୍‌ଏଚ୍ ସମେତ ଅନ୍ୟ ପ୍ରମୁଖ ସଡ଼କରେ ୨୦୨୦ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୩୦୨ ଦୁର୍ଘଟଣା ଘଟି ୧୩୭ଜଣଙ୍କ ଜୀବନହାନି ହୋଇଥିବାବେଳେ ୨୨୭ ଆହତ ହୋଇଛନ୍ତି। ୨୦୨୧ରେ ସମାନ ସମୟ ମଧ୍ୟରେ ୩୬୭ ଦୁର୍ଘଟଣା ଘଟି ୧୩୯ଜଣଙ୍କ ଜୀବନ ଯାଇଥିଲା। ୩୬୮ଜଣ ଆହତ ହୋଇଥିଲେ। ଅନୁରୂପ ଭାବେ ୨୦୨୨ରେ ଅଗଷ୍ଟ ଶେଷ ସୁଦ୍ଧା ୨୮୮ ଦୁର୍ଘଟଣା ଘଟି ୧୩୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୦ଜଣ ଆହତ ହୋଇଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ନ ଚେତିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।



ମରଣଯନ୍ତା ପାଲଟିଥିବା ଜାତୀୟ ରାଜପଥ ୫୫।

# ରାଧାଦାମୋଦର ବେଶରେ ମହାପ୍ରଭୁ

**ପୁରୀ ଅଫିସ, ୬।୧୦**

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ୍ ଗୁରୁବାରଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଛି। ଏଥିସହ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶ ଏକମାସ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ଜାରି ରହିବ। ସେହିପରି ଗୁରୁବାରଠାରୁ ମହାପ୍ରଭୁଙ୍କ ନିକଟରେ ବାଳ ଭୋଗ ଲାଗି ହୋଇଛି। ଏହା କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ଶେଷ ହେବା ପରେ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ଠାକୁରମାନେ ଏହି ବେଶରେ ବାଳଭୋଗ ପର୍ଯ୍ୟନ୍ତ ରହନ୍ତି। ଏହି ବେଶରେ ଥାଇ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ। ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଳ ଭୋଗ ସରିବା ପରେ ତିନି ବାଡ଼ରେ ବନ୍ଦାପନା ହୋଇ ବେଶ ଓଲାଗି ହୋଇଥାଏ। ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ସମେତ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଦୁଇହସ୍ତରେ ସୁବର୍ଣ୍ଣ ନଳୀଭୁଜ, ତ୍ରିମୁଣ୍ଡିରେ ବାଉଁଶ ପାଟିଆ ଓ କନାରେ ନିର୍ମିତ ଚୂଳ, ଚୂଳ ଅଗ୍ରଭାଗରେ ରୁପା ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣି କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଓ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାର ଭୂଷିତ ହୋଇଥାନ୍ତି। ମସ୍ତକରେ ଓଡ଼ଗୀ ସହିତ ବିଭିନ୍ନ ପ୍ରକାର ପୁଷ୍ପ, ସ୍ୱର୍ଣ୍ଣ ଅଳଙ୍କାର, ପାଟଶାଢ଼ି, ଶିରି କପଡ଼ା, ବଳା, ଅଧରବଳା ଓ ଉତ୍ତରୀୟ ଲାଗି ହୁଏ। ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଲାଗି କରାଯାଏ।







## ଭଡ଼ାଗାଡ଼ି ଆବଶ୍ୟକ

ଭୁବନେଶ୍ୱରସ୍ଥିତ ଧରିତ୍ରୀ ଛାପାଖାନାଠାରୁ ଖୋର୍ଦ୍ଧାକୁ ଧରିତ୍ରୀ ଖବରକାଗଜ ବିତରଣ କରିବା ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ ଓ ଗାଡ଼ିର ଫଟୋ ସହିତ ନିଜର କୋଟେସନ ପାଞ୍ଚଦିନ ମଧ୍ୟରେ ନିମ୍ନ ଇ-ମେଲ୍ ଠିକଣାରେ ପଠାନ୍ତୁ।

**<advt@dharitri.com>**







# ସମୁଦ୍ରରେ ଜଳିଗଲା ଟ୍ରଲର

### ରକ୍ଷା ପାଇଗଲେ ୧୦ ମତ୍ସ୍ୟଜୀବୀ

**ଚାନ୍ଦବାଲି, ୬।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମରା ସମୁଦ୍ର ମଧ୍ୟରେ ହୁଇଲର ଦ୍ୱୀପ ନିକଟରେ ଗୁରୁବାର ସକାଳେ ଏକ ମାଛଧରା ଟ୍ରଲର ଜଳିଯାଇଛି। ଅଗ୍ନିକାଣ୍ଡ ପରେ ଟ୍ରଲରଟି ସମୁଦ୍ରରେ ବୁଡ଼ିଯାଇଛି। ଏଥିରେ ଥିବା ୧୦ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ସୂଚନା ଅନୁଯାୟୀ, ଧାମରା ଦୋସିଙ୍ଗା ପଞ୍ଚାୟତର ସମରେଶ ପରିଡ଼ାଙ୍କ ଟ୍ରଲର 'ମା' ପଦ୍ମାବତୀ'ରେ ୧୦ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ବୁଧବାର ରାତିରେ ସମୁଦ୍ର ମଧ୍ୟକୁ ଯାଇଥିଲେ। ସକାଳ ପ୍ରାୟ ୯ଟା ବେଳେ ନିଆଁ ଲାଗି ଟ୍ରଲରଟି ଜଳିବାକୁ ଲାଗିଥିଲା। ନିଆଁ ପ୍ରଖର ହେବା ସହ ଟ୍ରଲର ବୁଡ଼ିବା ଆରମ୍ଭ କରିବାରୁ ମତ୍ସ୍ୟଜୀବୀମାନେ ଜୀବନ ବଞ୍ଚାଇବାକୁ ସେଫ୍ଟି ଜ୍ୟାକେଟ ପିନ୍ଧି ସମୁଦ୍ରକୁ ଡେଇଁପଡ଼ିଥିଲେ। ନିକଟରେ ଥିବା ଅନ୍ୟ ଏକ ଟ୍ରଲରକୁ ସେମାନେ ସାହାଯ୍ୟ ମାଗିଥିଲେ। ଉକ୍ତ ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କୂଳକୁ ଆଣିଥିଲେ। ଖବରପାଇ ମେରାଇନ ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ଟ୍ରଲର ଇଞ୍ଜିନର ଯାନ୍ତ୍ରିକ ତ୍ରୁଟି ମରାମତି ବେଳେ ନିଆଁ ଲାଗିଥିବା ମତ୍ସ୍ୟଜୀବୀମାନଙ୍କଠାରୁ ଜଣାପଡ଼ିଛି ବୋଲି ମେରାଇନ ଥାନା ଆଇଆଇସି ତୁଶୀଲ ମାଝି କହିଛନ୍ତି।



**ଆଜିର ମନ୍ତବ୍ୟ**

“ଆଚରଣ ବିଧିରେ ପରିବର୍ତ୍ତନ ଲାଗି ନିର୍ବାଚନ କମିଶନଙ୍କ ପ୍ରସ୍ତାବ ପ୍ରତିଦ୍ୱନ୍ଦ୍ୱିତାମୂଳକ ରାଜନୀତି ବିରୋଧୀ। ଗଣତନ୍ତ୍ର କଫିନ୍‌ରେ ଏହା ଆଉ ଏକ କଣ୍ଟା ହେବାକୁ ଯାଉଛି।
– ଜୟରାମ ରମେଶ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝଟକ ଝଟିଆ ବନା**
**ଖାଉଥେଲୁ କୁଆ ଅଇଁଠା ସିନା;**
**ପୂରୁବ ଖଣ୍ଡିକି ଅନା।**

ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ କ୍ରମଶଃ ଗର୍ବୀ ଓ ଅହଂକାରୀ ସଜାଇ ଦେଇଥାଏ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରୁଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଅତୀତରେ ବିତାଇଥିବା ଦୁସ୍ଥ ଜୀବନକୁ ଭୁଲିଯାଇ ସ୍ୱଚ୍ଛଳ ଅବସ୍ଥାକୁ ନେଇ ଗର୍ବ କରି ବସୁଥିବା ଲକ୍ଷ୍ୟ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ ଦେଖିବ ଗୋଡ଼େଇ ପୋଡ଼େଇ;**
**ବୋହୂ ଦେଖିବ ଆଡ଼େଇ ଆଡ଼େଇ।**

ଝିଅ ପାଇଁ ଭଲ ଜୋଇଁର ଆବଶ୍ୟକତା ଯେମିତି ପୁଅ ପାଇଁ ଭଲ ବୋହୂର ଆବଶ୍ୟକତା ମଧ୍ୟ ସେମିତି ହୋଇଥାଏ। ଏପରିସ୍ଥଳେ ଝିଅ ବା ବୋହୂ ବିଭିନ୍ନ ପର୍ଯ୍ୟାୟରୁ ସମୀକ୍ଷା କରିବା ପରେ ପାତ୍ରପାତ୍ରୀ ନିର୍ବାଚନ କରିବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଳମ୍ବରେ ଆସିବ ଶୀତ

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

■ ୨୦ ପରେ ମୌସୁମୀ ଲେଉଟାଣି

ଜଳବାୟୁ ପରିବର୍ତ୍ତନ କେବଳ ମୌସୁମୀ ବର୍ଷା ଉପରେ ପ୍ରଭାବ ପକାଉ ନାହିଁ, ଅନ୍ୟ ସମସ୍ତ ଋତୁକୁ ମଧ୍ୟ ପ୍ରଭାବିତ କରୁଛି। ବର୍ଷା ପରେ ଶୀତ ଉପରେ ମଧ୍ୟ ଏହାର କୁପ୍ରଭାବ ପଡ଼ିବା ଆରମ୍ଭ ହେଲାଣି। ସ୍ୱାଭାବିକ ଭାବେ ଅକ୍ଟୋବର ପ୍ରଥମ ସପ୍ତାହରୁ ରାଜ୍ୟରେ ଶୀତ ଅନୁଭୂତ ହୋଇଥାଏ। ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବା ଆରମ୍ଭ କରେ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୨ରୁ ୨୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ସମୁଦ୍ର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟ ବାଷ୍ପ ପ୍ରବେଶ କରୁଛି। ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଇଛି। ଏଥିଯୋଗୁ ରାଜ୍ୟରେ ବାୟୁମଣ୍ଡଳ ଉତ୍ତପ୍ତ ରହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି।

ଶୀତର ଆଗମନ ପାଇଁ ଅକ୍ଟୋବର ଶେଷ ସପ୍ତାହ କିମ୍ବା ନଭେମ୍ବର ପ୍ରଥମ ସପ୍ତାହ ଯାଏ ଅପେକ୍ଷା କରିବାକୁ ପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି। ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଲେଉଟାଣି ପାଇଁ ପାଗ ଅନୁକୂଳ ହୋଇ ନାହିଁ। ଅକ୍ଟୋବର ୨୦ ପରେ ମୌସୁମୀ ଫେରିବା ପର୍ବ ଆରମ୍ଭ ହେବ। ଓଡ଼ିଶା ଉପକୂଳ ଏବଂ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି। ଏହାର ପ୍ରଭାବ ଆସନ୍ତା ୧୨ ତାରିଖ ଯାଏ ଜାରି ରହିବ।

# ‘ଗାଁ ସଶକ୍ତ ହେଲେ ଭାରତ ଉନ୍ନତ ହେବ’




କାର୍ଯ୍ୟକ୍ରମରେ (ବାମରୁ) ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସ୍ୱାମୀ ସମର୍ପଣାନନ୍ଦ ଗିରି, ଲୋକସଂସଦର ସଭାପତି ରମାନାଥ ପଣ୍ଡା, କଟକ ଜିଲା ଶାଖାର ସଭାପତି ଜଗତ କିଶୋର ଦାସ।

**ଭୁବନେଶ୍ୱର, ୬।୧୦ (ବ୍ୟୁରୋ)**

ଉନ୍ନତ ଭାରତ ଦେଖିବାକୁ ହେଲେ ପ୍ରତି ଗାଁ ସଶକ୍ତ ହେବା ଦରକାର। ସମାଜ ମଙ୍ଗଳ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଙ୍ଗଠନ ଯଦି ଗୋଟିଏ ଗୋଟିଏ ଗାଁକୁ ବାସ୍ତବରେ ସଶକ୍ତ କରିପାରିବେ ତେବେ ସମଗ୍ର ଦେଶ ବିକଶିତ ହୋଇଯିବ। ଏ ଦିଗରେ ଶିକ୍ଷିତ ଓ ସଚେତନବର୍ଗଙ୍କ ଗୁରୁଦାୟିତ୍ୱ ଅଛି ବୋଲି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଦଶମ ସ୍ଥାପନା ଓ ସମର୍ପଣ ଦିବସ ବିଜୟା ଦଶମୀ ଅବସରରେ ଏହା କହିଛନ୍ତି ସ୍ୱାମୀ ସମର୍ପଣାନନ୍ଦ ଗିରି।

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସଭାଗୃହରେ ବୁଧବାର ଅନୁଷ୍ଠିତ ବିବେକାନନ୍ଦ ଲୋକ ସଂସଦର ସାଧାରଣ ପରିଷଦ ବୈଠକରେ ସଂସଦର ସଭାପତି ରମାନାଥ ପଣ୍ଡା ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭିକ ଅଧିବେଶନରେ ସଂସଦର ମୁଖପତ୍ର ‘ପ୍ରବୋଧନ’କୁ ରାମକୃଷ୍ଣ ମିଶନ, ଭୁବନେଶ୍ୱରର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ଉନ୍ମୋଚନ କରିଥିଲେ। ଏଥିରେ ସଂସଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ଖୋର୍ଦ୍ଧା ଶାଖା ସଭାପତି ହିମାଂଶୁ ମିଶ୍ର ଓ ‘ପ୍ରବୋଧନ’ର ମୁଖ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ। ପରବର୍ତ୍ତୀ ଅଧିବେଶନରେ ସଂସଦର ଉପ ସଭାପତି ପ୍ରଳୟ କୁମାର ନନ୍ଦ, କଟକ ଶାଖା ସଭାପତି ଜଗତ କିଶୋର ଦାସ, ସଙ୍ଗଠନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ, ବିଭିନ୍ନ ଶାଖାର ମୁଖ୍ୟ, ସମ୍ଭାଗ ପ୍ରମୁଖ ଏବଂ ରାଜ୍ୟର ୨୬ଟି ଜିଲାରୁ ଆସିଥିବା କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଂସଦର ଶାଖା- ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ବିଚାରଧାରା, ମୋ ଗାଁ, ବିବେକାନନ୍ଦ ଯୁବ ସଂସଦ, ସାହିତ୍ୟାଲୋକ ଓ ସମ୍ପର୍କର ସେତୁର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯାଇ ଲୋକ କଲ୍ୟାଣକାରୀ ପଦକ୍ଷେପ ନେବାକୁ ସଦସ୍ୟମାନେ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ। ଶେଷରେ ମଧ୍ୟ-ସମ୍ଭାଗର ମୁଖ୍ୟ ରବୀନ୍ଦ୍ରନାଥ ସାହୁ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଶାଖାର ସମ୍ପାଦକ ସ୍ୱର୍ଣ୍ଣମୟୀ ପୁରୋହିତ ସଂଯୋଜନା କରିଥିବା ବେଳେ ଲୋକ ସଂସଦ ସଦସ୍ୟ ଡ. ହିମାଂଶୁ ଶେଖର ରାଉତ, ଦେବୀଲାଲ ମିଶ୍ର, ବିନାୟକ ଘୋଷ, ପ୍ରିୟବ୍ରତ ଶତପଥୀ, ଚିନ୍ମୟ ରଞ୍ଜନ କୁମାର ପରିଚାଳନା କରିଥିଲେ।

# ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୬।୧୦**

**ଏମ୍‌କେସିଜି ମେଡିକାଲରୁ ସିଲିଂ ଖସିବା ଘଟଣା**

ବ୍ରହ୍ମପୁର ବଡ ମେଡିକାଲ ସୁପରସ୍ପେଶାଲିଟି କୋଠାରୁ ବାରମ୍ବାର ସିଲିଂ ଖସିବା ଯୋଗୁ ରୋଗୀ ଓ ରୋଗୀ ସମ୍ପର୍କୀୟ ଭୟଭୀତ ହୋଇଯାଇଥିଲେ। ଉକ୍ତ ହସ୍ପିଟାଲର ସିଲିଂ ଖସିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ପିଟିଶନ୍ ରୁଜୁ ହୋଇଥିଲା। ଏନ୍‌ଏଚ୍‌ଆର୍‌ସି ଏହି ପିଟିଶନର ଶୁଣାଣି କରି ପଦକ୍ଷେପ ଗ୍ରହଣ କରିବାକୁ ଗଞ୍ଜାମ ଜିଲାପାଳଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌କେସିଜି ପରିସରରେ କେନ୍ଦ୍ର ସରକାରଙ୍କ ପିଏମ୍‌ଏସ୍‌ଏସ୍‌ୱାଇରେ ୧୫୦କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁପରସ୍ପେଶାଲିଟି ବ୍ଲକ୍ ତିଆରି କରାଯାଇଛି। କିନ୍ତୁ ବିଭିନ୍ନ ସମୟରେ କୋଠାର ଛାତରୁ ସିଲିଂ ଖସିବାରୁ ରୋଗୀ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ସେପ୍ଟେମ୍ବର ୮ଭୋରରେ ୟୁରୋଲୋଜି ବିଭାଗ ଛାତରୁ ସିଲିଂ ଖସିଥିଲା। ୯ତାରିଖରେ ପୁଣିଥରେ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଇନ୍‌ଡୋର ଛାତରୁ ସିଲିଂ ଖସିଥିଲା। ଏହି ଘଟଣାକୁ ନେଇ ବ୍ରହ୍ମପୁର ସହରର ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିବା ସହିତ ପ୍ରାଥମିକତା ଭିତ୍ତିରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ଏନ୍‌ଏଚ୍‌ଆରସି ଏହି ମାମଲାକୁ ଗ୍ରହଣ କରିଥିଲେ। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଏନ୍‌ଏଚ୍‌ଆର୍‌ସି ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: ଦେଶରେ ଗଞ୍ଜାମ ପ୍ରଥମ

## ୨୪,୫୨୧ ପରିବାରକୁ ମିଳିଛି ୧୦୦ ଦିନର କାମ

**ଛତ୍ରପୁର,୬।୧୦(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ)ର ସଫଳ ରୂପାୟନ କରି ବିଗତ ବର୍ଷଗୁଡିକରେ ଗଞ୍ଜାମ ଜିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ଆରମ୍ଭରୁ ଗଞ୍ଜାମ ତାହାର ପୂର୍ବ ସ୍ଥିତି ବଜାୟ ରଖିପାରିଛି। ଗତ ଏପ୍ରିଲରୁ ଅକ୍ଟୋବର ୬ ତାରିଖ ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୪,୫୨୧ ପରିବାରକୁ ୧୦୦ ଦିନର କାମ ଯୋଗାଇ ଗଞ୍ଜାମ ଜିଲା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଜିଲା ୧ କୋଟି ୪୪ ଲକ୍ଷ ୧୩ ହଜାର ୧୯୫ ଶ୍ରମଦିବସ ସୃଷ୍ଟି କରି ରାଜ୍ୟରେ ୧ ନଂ.ରେ ରହିଥିବା ବେଳେ ଦେଶରେ ୩ୟ ସ୍ଥାନରେ ରହିଛି। ଗୁରୁବାର ଛତ୍ରପୁରସ୍ଥିତ ଓସ୍ୱାନ ହଲରେ ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି।

ସମୀକ୍ଷା ବୈଠକରେ ଜିଲା ପରିଷଦ ଉନ୍ନୟନ ମୁଖ୍ୟ ଭି.କୀର୍ତ୍ତିଭାସନ ଅଧକ୍ଷତା କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ଲକସ୍ତରରେ ଯେଉଁ ଲକ୍ଷ୍ୟ ଦିଆଯାଇଛି, ତାହାକୁ କିପରି ହାସଲ କରାଯିବ ସେ ନେଇ ଆଲୋଚନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜିଲାକୁ ୩ କୋଟି ୬୧ ଲକ୍ଷ ୫୭ ହଜାର ୪୭୦ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ଏବେ ସୁଦ୍ଧା ଏହି ଯୋଜନାରେ ୪୦ ପ୍ରତିଶତ ହାରରେ ୧ କୋଟି ୪୪ ଲକ୍ଷ ୧୩ ହଜାର ୧୯୫ ହୋଇଛି। ୨୪,୫୨୧ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା କୁହାଯାଇଛି। ଜିଲାର ବୁଗୁଡା ବ୍ଲକରେ ସର୍ବାଧିକ ୨୫୫୨ ପରିବାରକୁ ଶହେ ଦିନ କାମ ମିଳିଥିବା ବେଳେ ଛତ୍ରପୁର ବ୍ଲକ ସର୍ବନିମ୍ନ ୪୯୩ ପରିବାର ଶହେ ଦିନ କାମ ପାଇଛନ୍ତି। ଏମଜିଏନଆରଇଜିଏସରେ ପୋଖରୀ ଖନନ, ରାସ୍ତାକାମ, ବ୍ୟକ୍ତିଗତ ପ୍ରକଳ୍ପ ସମେତ ବିଭିନ୍ନ ଉନ୍ନୟନମୂଳକ କାମ ଚାଲିଛି। ଅନ୍ୟପକ୍ଷରେ ଜିଲାରେ ୧୦୭ ସ୍କୁଲ ରୂପାନ୍ତରିତ କାର୍ଯ୍ୟ ଜାରି ରହିଥିବାରୁ କାର୍ଯ୍ୟ ଯେପରି ଉନ୍ନତ ମାନର ସହ ଧାର୍ଯ୍ୟ ସମୟରେ ଶେଷ ହେବ ସେ ନେଇ ବୈଠକରେ ଜିଲା ପରିଷଦ ଉନ୍ନୟନ ମୁଖ୍ୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ପ୍ରାଚୁର୍ଯ୍ୟ ଭିତରେ...

କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଜିଲାରେ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ଦେଖାଯାଉଛି। ଶିଶୁଙ୍କ ମଧ୍ୟରେ ଅପପୁଷ୍ଟି ମଧ୍ୟ ରହିଛି। ରକ୍ତହୀନତା ଓ ଅପପୁଷ୍ଟି ଦୂର ପାଇଁ ସଚେତନତା ସହ ପୋଷଣ ଯୋଜନା ଭଳି ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଛନ୍ତି, କେନ୍ଦୁଝର ଜିଲାରେ ରାଜ୍ୟ ସରକାରଙ୍କ ପୋଷଣ ଯୋଜନା ବିଫଳ ହୋଇଛି। ଡିଏମ୍‌ଏଫ୍ ଏବଂ ଓମ୍‌ବାଡ୍‌ସି ପାଣ୍ଠିରେ ଅନେକ ହଜାର ଟଙ୍କା ରହିଥିବା ବେଳେ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଭିନ୍ନ ବିଭାଗରେ ଡାକ୍ତର ଅଭାବ ସହ ଚିକିତ୍ସାଳୟଗୁଡ଼ିକରେ ପ୍ରଶାସନିକ ଅବ୍ୟବସ୍ଥା ଲାଗି ରହିଛି। ଫଳରେ ଅଧିକାଂଶ ମହିଳା ଓ ଶିଶୁ ରକ୍ତହୀନତା ଓ ଅପପୁଷ୍ଟିର ଶିକାର ହେଉଛନ୍ତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଜୟକୃଷ୍ଣ ପଣ୍ଡା କହିଛନ୍ତି।

### ମା’କୁ ଖୋଜି...

ସହ ବ୍ୟାପକ ଧାନ ଚାଷ ନଷ୍ଟ କରିଥିଲା। ଫସଲ କ୍ଷୟକ୍ଷତି କରୁଥିବା ନେଇ ଚାଷୀମାନେ ବନ ବିଭାଗକୁ ସୂଚନା ଦେଇଥିଲେ। ଅକ୍ଟୋବର ୨ ସନ୍ଧ୍ୟାରେ ଡିଏଫ୍‌ଓଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଛୁଆ ହାତୀକୁ ଟ୍ରାଙ୍କୁଲାଇଜ୍ କରି କପିଳାସ ପ୍ରାଣୀ ଉଦ୍ୟାନର ହାତୀ ଉଦ୍ଧାର କେନ୍ଦ୍ରକୁ ଆଣି ମା’ ପାଖରେ ଛାଡ଼ିଥିଲେ। କ୍ରାଲ୍ ଭିତରେ ଛୁଆକୁ କୋଳାଇ ନେଇଥିଲା ମା’ ଏବଂ ଶାନ୍ତ ପଡ଼ିଥିଲା। ବନ ବିଭାଗର ପଦସ୍ଥ ଅଧିକାରୀଙ୍କ ଅନୁମତିକ୍ରମେ ୩ ତାରିଖ ରାତିରେ ପ୍ରବଳ ବର୍ଷା ସତ୍ତ୍ୱେ ଉଭୟଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ହିନ୍ଦୋଳ ରେଞ୍ଜ ସୀମାକୁ ଲାଗି ରହିଥିବା ନରସିଂହପୁର-ସାତକୋଶିଆ ନିକଟବର୍ତ୍ତୀ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ମା, ଛୁଆହାତୀ ସୁସ୍ଥ ଅଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି। ମା’ ଓ ଛୁଆହାତୀଙ୍କୁ ଉଦ୍ଧାର କରି ହାତୀ ରେସ୍‌କ୍ୟୁ ସେଣ୍ଟରକୁ ଆଣିବା ଏବଂ ସେମାନଙ୍କୁ ଏକାଠି କରି ଜଙ୍ଗଲରେ ଛାଡ଼ିବା ରାଜ୍ୟରେ ପ୍ରଥମ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ଅନ୍ୟପଟେ ଦୁଇହାତୀଙ୍କୁ ଜଙ୍ଗଲରେ ଛଡ଼ାଯାଇଥିବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ରାସୋଳ ସେକ୍ସନର ଦଣ୍ଡିରି ଅଞ୍ଚଳବାସୀ। ଜନଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ସେମାନେ ଦଣ୍ଡିରି ବିଟ୍ ହାଉସରେ ତାଲା ପକାଇ ଧାରଣା ଦେଇଥିଲେ। ବନ କର୍ମଚାରୀ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

### ସାହିତ୍ୟରେ ଏର୍ନକ୍ସଙ୍କୁ...

ନୋବେଲ ବିଜେତା ଏର୍ନକ୍ସ କୁହନ୍ତି, ତାଙ୍କ ଲେଖା ବାସ୍ତବରେ ଏକ ରାଜନୈତିକ କାର୍ଯ୍ୟ, ଯାହା ସାମାଜିକ ଅସମାନତା ସମସ୍ତଙ୍କ ସାମ୍ନାକୁ ଆଣିଥାଏ। ଏଥିପାଇଁ ସେ ଭାଷାକୁ ‘ଛୁରି’ ଆକାରରେ ବ୍ୟବହାର କରିଥାନ୍ତି। ଏହା କଳ୍ପନାର ପରଦାକୁ ଚିରି ସତ ଆଗକୁ ଆଣିଥାଏ।

### ୩୦ ଜିଲା ପାଇଁ...

ନୟାଗଡ଼ ପଦ୍ମନାଭ ବେହେରା, ନୂଆପଡ଼ା ଚୁକ୍ତି ସାହୁ, ପୁରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ବଲପୁର ନଳିନୀକାନ୍ତ ପ୍ରଧାନ, ସୁନ୍ଦରଗଡ଼ ପ୍ରୀତିରଞ୍ଜନ ଘଡ଼େଇ, କଳାହାଣ୍ଡି ନବ କିଶୋର ଦାସ, ଗଞ୍ଜାମ ପ୍ରଦୀପ କୁମାର ଅମାତ, ବୌଦ୍ଧ ସୌଭାଗ୍ୟ ନାୟକ, ଯାଜପୁର ଅଶୋକ ଚନ୍ଦ୍ର ପଣ୍ଡା, ଝାରସୁଗୁଡ଼ା ଶାରଦା ନାୟକ ଓ ସୋନପୁର ଜିଲା ପାଇଁ ରୋହିତ ପୂଜାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି।

ତେବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ତୁଷାରକାନ୍ତି ବେହେରା, ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ, କଟକ ମେୟର ସୁବାସ ସିଂ ଓ ଚନ୍ଦ୍ରସାରଥି ବେହେରାଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁଙ୍କୁ ଜଗତ୍‌ସିଂହପୁର ଜିଲା ଓ ଶାରଦା ନାୟକଙ୍କୁ ଝାରସୁଗୁଡ଼ା ଜିଲା ପର୍ଯ୍ୟବେକ୍ଷକ ଭାବେ ସାମିଲ କରାଯାଇଥିବା ବେଳେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ଚଳିତ ଥର ଜିଲା ପର୍ଯ୍ୟବେକ୍ଷକ ତାଲିକାରେ ସ୍ଥାନ ମିଳି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ଭିତରେ ଆଜି ଦିନଟି କଟାଇବାକୁ ପଡ଼ିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାକୁ ନିଷ୍ପତ୍ତି ନେବେ। ଭୁଲ୍ ବୁଝାମଣାଜନିତ ବିନା କାରଣରେ ମଧ୍ୟ ଅଶାନ୍ତି, କଳହର ସୂତ୍ରପାତ ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** – ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ, ଅସୁବିଧାର ସାମନା କରିବେ। ଅନ୍ୟମାନଙ୍କୁ ଯେତେ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** – ଅର୍ଥ ସଂକଟ ଲାଗିରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ ହୋଇଯିବ। ପରିସ୍ଥିତିର ବିଷମତା କାରଣରୁ ବୟସ୍କମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ସନ୍ଦେହଜନିତ କାରଣରୁ ବନ୍ଧୁଙ୍କ ସହ ସାଧାରଣ କଥାବାର୍ତ୍ତାରୁ କଳହ ଲାଗିପାରେ। ଜମିଜମା କିମ୍ବା ଚୁକ୍ତିପତ୍ର ସକାଶେ ଆଲୋଚନା କରିପାରନ୍ତି।

**କର୍କଟ** – ପରିସ୍ଥିତି ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିବେ। ଯେତେ ଦୁଃଖ ମନରେ ଭରି ରହିଥିଲେ ମଧ୍ୟ କାମରେ ହେଳା କରିପାରିବେ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ** – ଆପଣଙ୍କ ସ୍ପଷ୍ଟବାଦିତାକୁ ବନ୍ଧୁମାନେ ପ୍ରଶଂସା କରିବେ। ପାରିବାରିକ ବିଷମତା ନେଇ ଚିନ୍ତିତ ରହିପାରନ୍ତି। ବ୍ୟବସାୟରେ ବିଭିନ୍ନ ପ୍ରତିବନ୍ଧକ ଦେଖାଦେବ। ଅଫିସ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ସଭାସମିତିରେ ସମର୍ଥନ କିମ୍ବା ଆନୁଷ୍ଠାନିକ କାମରେ ସହଯୋଗ କାରଣରୁ ପ୍ରଶଂସିତ ହେବେ।

**କନ୍ୟା** – ଅଟକି ରହିଥିବା କାମକୁ ପୂରାଦମ୍‌ରେ କରିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାଂଗଠନିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଇ ଲୋକମାନଙ୍କ ପ୍ରିୟ ଭାଜନ ହେବେ। ଜମିଜମା କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** – ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହିବ ନାହିଁ। ବାରମ୍ବାର ସରକାରୀ କାମରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାନ ମସଲା, ତେଜରାତି ଦୋକାନ, ହୋଟେଲ ଓ ଷ୍ଟେସନାରି ବ୍ୟବସାୟ ଭଲ ରହିବ। ସଭାସମିତି, ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ଲାଗିରହିବ।

**ବିଛା** – କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ବେକାର କଥାରେ ମନ ଅଶାନ୍ତ ରହିବ। କେତେକ ବ୍ୟକ୍ତି ପଛରେ ଗାଳିମନ୍ଦ ପୂର୍ବକ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ପ୍ରଦାନ କରିପାରନ୍ତି। ଆତ୍ମୀୟମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବାର ସମ୍ଭାବନା ରହିଛି। ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜି ହିଁ ଅନୁଭବ କରିବେ।

**ଧନୁ** – ଆଜି ଅଯଥା ଖର୍ଚ୍ଚାନ୍ତ ହେବେ। ଘରେ ଅଶାନ୍ତିର ବାତାବରଣ ସହ ପରିବହନରେ ଝଗଡ଼ା ଏବଂ କର୍ମକ୍ଷେତ୍ରରେ ଉତ୍ତେଜନା ଦେଖାଦେଇପାରେ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମ କରି ଫେରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** – ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବ ତଥାପି ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ସ୍ଥାନ ପାଇବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** – ଘର କାମ ଛାଡି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ ହେବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ଭଲ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**ମୀନ** – ଯୋଜନାନୁଯାୟୀ କାର୍ଯ୍ୟ କରିବେ ହେଲେ ପ୍ରତିବନ୍ଧକର ସାମନା କରିବେ। ପଡ଼ୋଶୀ ଈର୍ଷାମନୋଭାବ ପୋଷଣ କରି ସମାଲୋଚନା କରପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।

ଆଜି ତା ୭।୧୦।୨୦୨୨ ରିଖ, ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ରାଶି ନକ୍ଷତ୍ର- ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୨ ଗତେ ଘ.୦୬।୨୯ ମଧ୍ୟେ, ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୬ ଗତେ ଘ.୧୧।୩୫ ମଧ୍ୟେ ରାହୁକାଳ।

**classifieds** Everyday 0674-2580101, 2549302

real estate

**SALE**

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Gated community society plot sale at Puri-Pipili Bypass just Rs.-7,80,000/-. 8114935847. D-74133

Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699. D-1702

Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1680

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1651

Site ଦେଖନ୍ତୁ, Govtroad, project beautiful, ସହଜ କିଣିବାକୁ, 6,80,000/- DPରେ 2000sqft. plot registration 12,75,000/-, loan-15,301/- EMI- 10 ବର୍ଷ, ଏବେ 1050/- 10 ବର୍ଷ ପରେ କିଣା ଆସିବ, sqft.- 1258/- loanରେ। ଯେତେବେଳେ କି Market price ହୋଇଥିବ sqft.- 5000/-. Contact: 9040045759. D-74134

ଘରବାରି boundary plot ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର 1300 ବର୍ଗ ଫୁଟକୁ 13,00,000/-. 9437306208. D-74130

Gharabari Bank finance plot sale at Janla-Gangapada NH side, Bhubaneswar. 9437522339. D-74132

Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452. D-73979

Duplex sale at Bhubaneswar @45 lakhs and apartment @ 63 lakhs. 9439206202. D-74129

Layout approval (30’road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

business

Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888. D-73647

education

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646




କଟକ ସାରଳା ଭବନଠାରେ ମଙ୍ଗଳବାର ଦୈନିକ ଖବରକାଗଜ 'ସମାଜ'ର ୧୦୩ ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ' ଶୀର୍ଷକ ସମାଜର ଲୋଗୋକୁ ଉନ୍ମୋଚନ କରୁଛନ୍ତି। ନିକଟରେ ସମାଜର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଅଛନ୍ତି।

# ୨ ହାତୀ ମୃତଦେହ ଜବତ, ବିଷକ୍ରିୟା ସନ୍ଦେହ





## ବର୍ଷକରେ ଗଲାଣି ୧୦ରୁ ଊର୍ଦ୍ଧ୍ୱ ହାତୀଙ୍କ ଜୀବନ

ସମ୍ବଲପୁର/ଜମନକିରା, ୬।୧୦(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବନଖଣ୍ଡ ଭୁତେଲ ରେଞ୍ଜ ଡିଲେଇମାଲ ଗ୍ରାମ ନିକଟରୁ ଗୁରୁବାର ସକାଳେ ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀର ମୃତଦେହ ଜବତ ହୋଇଛି। ଦନ୍ତା ହାତୀ ଧାନ ବିଲରେ ଓ ମାଈ ହାତୀ ଟମାଟୋ କିଆରିରେ ପଡିରହିଥିଲା। ବିଷକ୍ରିୟା ଯୋଗୁ ହାତୀ ଦ୍ୱୟର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ବୋଲି ବାମରା ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ କହିଛନ୍ତି। ସେ ଆହୁରି କହିଛନ୍ତି, ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତ ଦୁଇ ହାତୀ ନିକଟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। ଧାନ ବିଲରେ କୀଟନାଶକ ପଡିଥିବା ଜଣାପଡିଛି। ଜମି ମାଲିକ ମଧ୍ୟ ଦୁଇଦିନ ତଳେ କୀଟନାଶକ ପକାଇଥିବା ସ୍ୱୀକାର କରିଥିଲେ। ମୃତ ଦନ୍ତା ହାତୀର ବୟସ ୮ବର୍ଷ ଓ ମାଈ ହାତୀର ବୟସ ୧୩ବର୍ଷ ହେବ। ଅନ୍ୟପଟେ ମୃତ ଦୁଇ ହାତୀ ଶରୀରରେ କୌଣସି କ୍ଷତଚିହ୍ନ ନାହିଁ। ତେଣୁ ବିଷକ୍ରିୟା ଯୋଗୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଥିଲେ।

ଜିଲାର ବାମରା, ସମ୍ବଲପୁର ଓ ରେଢାଖୋଲ ବନଖଣ୍ଡରେ ଏକବର୍ଷ ଭିତରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଲାଣି। ମୁଖ୍ୟତଃ ଦାନ୍ତ ପାଇଁ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇ, ଗୁଳି କରି ହାତୀ ଶିକାର କରୁଛନ୍ତି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାନୁଷ୍ଠାନ ଭୟରେ ଠିକ୍ ସୂଚନା ଦେଉନାହାନ୍ତି। ବରଂ ହାତୀ ମୃତ୍ୟୁ ଖବର ପାଇବା ପରେ ମୃତଦେହକୁ ନିଆଁରେ ପୋଡି ପ୍ରମାଣ ନଷ୍ଟ କରି ଦିଆଯାଉଛି। ସଦର ରେଞ୍ଜ ମୁଣ୍ଡେର ଜଙ୍ଗଲରେ ଏଭଳି ଏକ ଘଟଣା ଘଟିଥିଲା। ପାଉଁଶ ଓ ହାଡ଼ ସଂଗ୍ରହ କରି ବନ ବିଭାଗ ଯାଞ୍ଚ ପାଇଁ ପଠାଇଛି। ହେଲେ ଏକବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟ ଆସି ପାରି ନାହିଁ। ଗତ ଜୁଲାଇ ୨୪ରେ ଧମା ରେଞ୍ଜ କୋଲଗାଁ ନିକଟରୁ ଏସ୍‌ଟିଏଫ୍ ଟିମ୍ ହାତୀର ହାଡ଼ ଜବତ କରିଥିଲା। ଏହି ଘଟଣା ମଧ୍ୟ ତଦନ୍ତାଧୀନ ରହିଛି।

# ପରଲୋକରେ ଶିକ୍ଷାବିତ୍ ପ୍ରଫେସର ରବିଶଙ୍କର ପାଣ୍ଡିଆ

ବଲାଙ୍ଗୀର ଅଫିସ, ୬।୧୦



ରବିଶଙ୍କର ପାଣ୍ଡିଆ

ବିଶିଷ୍ଟ ଶିକ୍ଷାବିତ୍, ଗାନ୍ଧୀବାଦୀ ବିଚାରକ, ଅର୍ଥନୀତି ବିଶାରଦ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପିଜିକାଉନସିଲ୍ ଚେୟାରମ୍ୟାନ ପ୍ରଫେସର ରବିଶଙ୍କର ପାଣ୍ଡିଆ (୬୨)ଙ୍କ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। କର୍କଟ ରୋଗରେ ପୀଡ଼ିତ ହେବା ପରଠାରୁ ଗତ ୫ମାସ ହେଲା ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜଣେ ପ୍ରଜ୍ଞାଦୀପ୍ତ ସୁଲେଖକ, ସୁବକ୍ତା ଓ ସୁଚିନ୍ତକ ଭାବେ ସେ ବିଭିନ୍ନ ଶୈକ୍ଷିକ, ବୌଦ୍ଧିକ ଓ ସାମାଜିକ ଅନୁଷ୍ଠାନ ସହ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସକ୍ରିୟ ରହିଥିଲେ। ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆ ଓ ସ୍ୱର୍ଗତା ଗିରିଜା ଦେବୀ ପାଣ୍ଡିଆଙ୍କ ସାନପୁଅ ପ୍ରଫେସର ରବିଶଙ୍କର ୨୫ ଡିସେମ୍ବର ୧୯୬୦ରେ ପାଟଣାଗଡ଼ଠାରେ ଜନ୍ମଗ୍ରହଣ କରିଥିଲେ। ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରୁ ମାଟ୍ରିକ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର ଓ ଏମ୍‌ଫିଲ ଡିଗ୍ରୀ ହାସଲ କରିଥିଲେ। ଏହାପରେ ପାଟଣାଗଡ଼ ଜବାହରଲାଲ କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଯୋଗଦେଇ ଅଧ୍ୟାପନା ଆରମ୍ଭ କରିଥିଲେ। ଓପିଏସ୍‌ସି ଯୋଗ୍ୟତା ହାସଲ କରି ସେ ଜୟପୁର ବିକ୍ରମ ଦେବ କଲେଜ, ଭବାନୀପାଟଣା କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଅଧ୍ୟାପନା କରିଥିଲେ। ରାଜେନ୍ଦ୍ର କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ପିଜି କାଉନସିଲ ଚେୟାରମ୍ୟାନ ଭାବେ ଦାୟିତ୍ୱ ତୁଲାଇଥିଲେ। ଦେଶରେ ଉଦାରବାଦୀ ଅର୍ଥନୀତି ଗ୍ରହଣ ପରେ ବିଶେଷ କରି ଅନଗ୍ରସର ଅଞ୍ଚଳରେ ରାଜନୈତିକ, ପ୍ରଶାସନିକ, ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ କିଭଳି ପ୍ରଭାବିତ ହୋଇଥିଲା ତା' ଉପରେ ବହୁ ଗବେଷଣାତ୍ମକ ନିବନ୍ଧ, ସମ୍ପାଦକୀୟ ଓ ବକ୍ତବ୍ୟ ରଖିଥିଲେ। ଗୁରୁବାର ସକାଳେ ବଲାଙ୍ଗୀର ସହରର ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ବିପ୍ଳବ କେଶରୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ତପତି ପାଣ୍ଡିଆ, ବଡ଼ଭାଇ ସୁଶୀଲ କୁମାର ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ମହଲରେ ଗଭୀର ଶୋକର ବାତାବରଣ ସୃଷ୍ଟି କରିଛି।

# ବିଦ୍ୟୁତ୍ ଆଘାତରେ ପରିବାରର ୩ ଜଣଙ୍କ ମୃତ୍ୟୁ

## ଗୋଟିଏ ଜୁଇରେ ଜଳିଲା ମା' ପୁଅ ଓ ଦିଅରଙ୍କ ମୃତଦେହ

ବୌଦ୍ଧ,୬।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ଗ୍ରାମ ପଞ୍ଚାୟତର ଜବଲପୁର ଗ୍ରାମରେ ଦଶହରା ଦିନ ଏକ ଦୁଃଖଦ ଘଟଣା ଘଟିଯାଇଛି। ବିଦ୍ୟୁତ୍ ଆଘାତରେ ଗୋଟିଏ ପରିବାରର ତିନି ଜଣଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ସୁକାନ୍ତି ବେହେରା(୩୦), ତାଙ୍କ ପୁଅ ସୋହନ (୧୧) ଓ ଦିଅର ସୁଶୀଲ (୨୧)। ସେହିଦିନ ଅପରାହ୍ନରେ ଶୋକାକୁଳ ପରିବେଶରେ ଗୋଟିଏ ଜୁଇରେ ତିନି ଜଣଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ମିଳିଥିବା ସୂଚନା ମୁତାବକ, ବୁଧବାର ଦଶହରା ଥିବା ବେଳେ ଜବଲପୁର ଗ୍ରାମର ସୁନୀଲ ବେହେରାଙ୍କ ସ୍ତ୍ରୀ ସୁକାନ୍ତି ସକାଳୁ ଠାକୁର ଘରକୁ ଯାଇ ସଫା ସୁତୁରା କରୁଥିଲେ। ଏହି ସମୟରେ ସେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ମା' ତାରରେ ଲାଗିଯିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ସୋହନ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଲାଗି ଯାଇଥିଲେ। ଏହି ସମୟରେ ପାଖରେ ଥିବା ସୁକାନ୍ତିଙ୍କ ଦିଅର ଉଭୟଙ୍କୁ ରକ୍ଷା କରିବାକୁ ଯାଇ ନିଜେ ବିଦ୍ୟୁତ୍ ଆଘାତ ପାଇଥିଲେ। ପରେ ପରିବାରର ଅନ୍ୟ ସଦସ୍ୟ ସେମାନଙ୍କୁ କୌଣସି ମତେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ମେଡିକାଲକୁ ଆଣିଥିଲେ। କିନ୍ତୁ ଡାକ୍ତର ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହରଭଙ୍ଗା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ପରେ ମୃତଦେହଗୁଡିକ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାରବର୍ଗ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦଶହରା ପାଇଁ ଚାରିଆଡ ଉତ୍ସବମୁଖର ପରିବେଶ ଥିବା ବେଳେ ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା।


**ମହା ଆୟୁର୍ବେଦ ଚିକିତ୍ସା**

ପ୍ରାକୃତିକ ଆୟୁର୍ବେଦିକ ଦେଶୀ ଜଡିବୁଟି ଓ ରତ୍ନ ଭସ୍ମଦ୍ୱାରା ଚିକିତ୍ସା କରି ସୁସ୍ଥ ହୁଅନ୍ତୁ।

ଅସାଧ୍ୟ ରୋଗରେ ପୀଡିତ ରୋଗୀ ଶୀଘ୍ର ଆସି ସାକ୍ଷାତ କରନ୍ତୁ । ଓଡ଼ିଶାର ପ୍ରସିଦ୍ଧ ବୈଦ୍ୟରାଜ ଆୟୁର୍ବେଦରତ୍ନ ଜି.ଏ.ଏମ୍.ଏସ୍. ପାଟନା, ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରେସନ ନଂ.-୮୦୩୪୩, ବୈଦ୍ୟରାଜ **ଡା. କେ.ଏନ୍. ତିୱାରୀ** ମୋବାଇଲ ନଂ.09938764971 । **ସ୍ଥାନ:ଛେଣ୍ଡ କଲୋନୀ, କ୍ୱାର୍ଟର୍ସ ନଂ-ଇସିଆର-୧୧୧, ରାଉରକେଲା-୧୫ ।**

ହୃଦୟ, ମଧୁମେହ, ଚର୍ମରୋଗ, ଅସ୍ଥମା, ଅଲସର, କାଶ, ଜ୍ୱର, ଟାଇଫଏଡ, ମ୍ୟାଲେରିଆ, ପୁରୁଷ ଶକ୍ତି, ସ୍ୱପ୍ନଦୋଷ, ପ୍ରମ୍ୟହ, ଧାତୁ ଛିଡତା, ମଳକଷ୍ଟକ ସହ ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ସମସ୍ତ ପ୍ରକାର ବାତଗଣ୍ଠି, ମିରିଗିବାତ ସହ ସମସ୍ତ ଅସାଧ୍ୟ ରୋଗରେ ପୀଡିତ ରୋଗୀ ତୁରନ୍ତ ଯୋଗାଯୋଗ କରି ଶୀଘ୍ର ସୁସ୍ଥ ହୁଅନ୍ତୁ । ଏହି ସମସ୍ତ ପ୍ରକାର ଚିକିତ୍ସାର କୌଣସି ପାର୍ଶ୍ୱପ୍ରକ୍ରିୟା ନାହିଁ । ଶତପ୍ରତିଶତ ବହୁ ରୋଗୀ ଠିକ୍ ହେବାର ଗ୍ୟାରେଣ୍ଟି ମଧ୍ୟ ରହିଛି ।



**ଚଲେଚଲୋ, ଖଡ଼ିଆଳ** CHALE CHALO Let's Move Forward

**ବର୍ଷାଜଳ ସଂରକ୍ଷଣ ଆମର ବ୍ୟକ୍ତିଗତ ଓ ସାମୂହିକ ଦାୟିତ୍ୱ**

୧. ବର୍ଷାଋତୁ ଆରମ୍ଭରୁ ଓ ଶେଷ ହେବା ପର୍ଯ୍ୟନ୍ତ ଯଥାସମ୍ଭବ ବର୍ଷାଜଳକୁ ଛୋଟ ଛୋଟ ଜଳାଶୟ ମାଧ୍ୟମରେ ସଂରକ୍ଷଣ କରାଯିବା ଅତ୍ୟନ୍ତ ଜରୁରୀ ଅଟେ ।
୨. ଜଳ ସଂରକ୍ଷଣ ଦ୍ୱାରା ପ୍ରତ୍ୟେକ ଗ୍ରାମରେ ଜଳର ବିଶାଳ ଭଣ୍ଡାର ଉପଲବ୍ଧ ହୋଇପାରିବ, ଯାହାକୁ ଆମେ ପାନୀୟ ଜଳ, ଘରୋଇ ବ୍ୟବହାର, ଚାଷ କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟରେ ସମ୍ପାଦନ କରିପାରିବା ।
୩. ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ଦ୍ୱାରା ଜଳ ସଂରକ୍ଷଣକୁ ନିଶ୍ଚିତ କରିବା ସହିତ ଉର୍ବର ମାଟି ସୁରକ୍ଷା ଓ ପରିବେଶକୁ ଉନ୍ନତ କରିପାରିବା ।
୪. ଆସନ୍ତୁ ଜଗତଜନନୀ ମାଁ ଦୁର୍ଗାଙ୍କ ଆଶୀର୍ବାଦ ନେଇ ଏକ ସୁରକ୍ଷିତ ବର୍ତ୍ତମାନ ଓ ଭବିଷ୍ୟତକୁ ନିଶ୍ଚିତ କରିବା ପାଇଁ ବର୍ଷା ଜଳ ସଂରକ୍ଷଣ ଭଳି ଏକ ମହାନ୍ କାର୍ଯ୍ୟକ୍ରମକୁ ଜଳ ଆନ୍ଦୋଳନରେ ପରିଣତ କରିବା ।



**UTKAL UNIVERSITY M.TECH. (IT)**

CENTRE FOR IT EDUCATION
Department of Statistics, Utkal University.
UTKAL UNIVERSITY NAAC-A+ Accreditation

**ADMISSION 2022-23**

Applications are invited against a few vacant seats for admission for the 2 Year Full time Program on M. Tech in Information Technology in the department under PPP mode for the academic session **2022-23** through an Eligibility Test to be held on **13.10.2022**

ELIGIBILITY FOR ADMISSION

(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(ii) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level). **Candidates those who have appeared the final examination/waiting for result are also eligible to apply.**

How to Apply: Eligible candidates are required to apply through the website: **http://www.citeutkal.com**. The downloaded application forms are also available in the department.

**Important Dates:**
Last date of issue and submission of the application form :12.10.2022
Date of Admission : 17.10.2022

CONTACT: Course Director, Centre for IT Education, M.TECH.(IT) Department of Statistics, Utkal University, Vani Vihar, Bhubaneswar-751004,
Tel : 0674-2567711,MOB: +91-9438014469/ +91-6371615706
e-mail : centreforiteducation@gmail.com/citeutkal@gmail.com

**Chairman, P.G. Council**



Ministry of Finance
Government of India

Azadi Ka Amrit Mahotsav

**ବ୍ୟବସାୟକୁ ସରଳୀକୃତ କରିବା ଅଭିମୁଖେ ଏକ ପଦକ୍ଷେପ**

**ଇ-ଇନ୍‌ଭଏସ୍**

ପୂର୍ବବର୍ତ୍ତୀ ଯେକୌଣସି ଆର୍ଥିକବର୍ଷରେ ସର୍ବମୋଟ ₹୧୦ କୋଟିରୁ ଅଧିକ ବାର୍ଷିକ କାରବାର ରହିଥିବା ଟିକସଦାତାଙ୍କ* ପାଇଁ ସାମଗ୍ରୀ କିମ୍ବା ସେବା କିମ୍ବା ଉଭୟର ବି୨ବି ଯୋଗାଣ ଅଥବା ରପ୍ତାନି ନିମନ୍ତେ ଇ-ଇନ୍‌ଭଏସ୍ ଉତ୍ପନ୍ନ କରିବା ବାଧ୍ୟତାମୂଳକ ଅଟେ

ଇନ୍‌ଭଏସ୍ ପଞ୍ଜୀକରଣ ପୋର୍ଟାଲ ମାଧ୍ୟମରେ ଉତ୍ପନ୍ନ କରାଯାଇଥିବା ଇ-ଇନ୍‌ଭଏସ୍‌ରେ ଅଦ୍ୱିତୀୟ ଇନ୍‌ଭଏସ୍ ରେଫରେନ୍ସ ନମ୍ବର ରହିଥାଏ

**ଇ-ଇନ୍‌ଭଏସ୍‌ର ଲାଭ**

- ସ୍ୱଚାଳିତ ଇ-ୱେ ବିଲ୍ ସୃଜନ
- ଜିଏସ୍‌ଟି ପୋର୍ଟାଲକୁ ସ୍ୱଚାଳିତ ରିପୋର୍ଟିଂ
- ଏକ ସମାନ ରୂପରେଖ
- ଇନ୍‌ଭଏସ୍‌ର ବାଧାହୀନ ସଞ୍ଚାରଣ
- ହ୍ରାସିତ ପ୍ରତିଲିଖନଗତ ତ୍ରୁଟି
- ଜିଏସ୍‌ଟି ରିଟର୍ନର ସ୍ୱତଃସ୍ଫୂର୍ତ୍ତ ପୂରଣ
- କମ୍ କାଗଜପତ୍ର କାମ
- କମ୍ ଅନୁପାଳନ ବୋଝ

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୧୩/୨୦୨୦-ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୨୧।୦୩।୨୦୨୦ଦେଖନ୍ତୁ, ଯାହା ସମୟ ସମୟରେ ସଂଶୋଧିତ ହୋଇଥାଏ ଏବଂ ଶେଷ ସଂଶୋଧନଟି ହେଉଛି ଅଧିସୂଚନା ନଂ.୧୭/୨୦୨୨- ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୦୧।୦୮।୨୦୨୨

*ଛାଡ଼ପ୍ରାପ୍ତ ଟିକସଦାତାଙ୍କ ବର୍ଗ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

cbc 15502/13/0014/2223

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡ଼କୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନୀ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା। **–ଶ୍ରୀଅରବିନ୍ଦ**



# ଅସନ୍ତୋଷର ରାଜନୀତି



**ଇଆନ ବୁର୍ମା**

କିଛି ବର୍ଷ ପୂର୍ବରୁ ୟୁରୋପରେ ଚରମ ବା ଉଗ୍ର ଦକ୍ଷିଣପନ୍ଥୀ ରାଜନୈତିକ ଦଳ ବ୍ୟବସ୍ଥାର ସୁଦିନର ପୁରାତନ ସ୍ମୃତି ଏବଂ ସାମରିକ ଉତ୍ପୀଡ଼ନ ସହ ଜଡ଼ିତ ଥିଲା। ଫ୍ରାନ୍ସ ଏବଂ ଇଟାଲୀରେ ଚରମ ଦକ୍ଷିଣପନ୍ଥୀ ରାଜନୈତିକ ଦଳଗୁଡ଼ିକ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅଶାନ୍ତ ସ୍ଥିତିରୁ ସୃଷ୍ଟି ହୋଇଥିବା ପୂର୍ବତନ ଏସ୍‌ଏସ୍ ଅଧିକାରୀ( ହିଟଲରଙ୍କ ବଡିଗାର୍ଡ ୟୁନିଟ୍), ଫାନ୍ସରେ ଦକ୍ଷ ସାମରିକ ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ସହଯୋଗଭିତ୍ତିକ ସରକାର ଏବଂ ଅନ୍ୟ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ଏବେ ସେହି ଦଳଗୁଡ଼ିକର ନେତୃତ୍ୱ ମହିଳାମାନେ ନେଉଛନ୍ତି। ସୁଇଡେନ୍‌ରେ ଡେମୋକ୍ରାଟମାନଙ୍କ କ୍ଷେତ୍ରରେ ସମାନ ସ୍ଥିତି ଦେଖାଯାଇଛି, ଯାହା ନିକଟରେ ଅନୁଷ୍ଠିତ ନିର୍ବାଚନରେ ୨୦.୬% ଭୋଟ ହାସଲ କରିଛି। ୟୁରୋପୀୟ ଫାସିବାଦୀ ସ୍ୱର୍ଗରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଚରମ ଦକ୍ଷିଣପନ୍ଥୀ ବ୍ରଦର୍ସ ଅଫ୍ ଇଟାଲୀ ପାର୍ଟିର ନେତା ଜର୍ଜିୟା ମେଲୋନି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବେ। ମରିନ୍ ଲି ପେନ୍‌ଙ୍କ ଦଳ ନ୍ୟାଶନାଲ ରାଲି ଫ୍ରାନ୍ସ ପାର୍ଲାମେଣ୍ଟରେ ୮୯ ଆସନ ଜିତିଲା। ସୁଇଡେନ୍‌ରେ ଡେମୋକ୍ରାଟମାନେ ସରକାର ବାହାରେ ରହିଥିଲେ ମଧ୍ୟ ଜାତୀୟ ରାଜନୀତିରେ ସେମାନଙ୍କ ସ୍ୱର ଦୃଢ଼ ରହିଛି। କେବଳ ମହିଳା ନୁହନ୍ତି, ଏବେ ବିଶେଷ କରି ଆଧୁନିକ ଯୁବକମାନେ ୟୁରୋପୀୟ ଚରମ ଦକ୍ଷିଣପନ୍ଥୀ ମନୋଭାବ ପ୍ରକାଶ କରୁଛନ୍ତି। ୟୁରୋପରେ ମଧ୍ୟମ ରକ୍ଷଣଶୀଳ ଦଳଗୁଡ଼ିକୁ ଏବେ ସୁଦ୍ଧା ଚରମପନ୍ଥୀମାନେ ଆୟତ୍ତ କରିପାରିନାହାନ୍ତି, ଯାହା ଆମେରିକାରେ ରିପବ୍ଲିକାନମାନଙ୍କ କ୍ଷେତ୍ରରେ ଘଟିଥିଲା। କିନ୍ତୁ ନିର୍ବାଚନରେ ହାରିଯିବାର ଭୟ ପୁଣି ସେମାନଙ୍କୁ ଉଗ୍ର ସୁଧାରବାଦୀ ଆଡ଼କୁ ମୁହାଁଇଦେଇଛି। ଏହା ମାନେ ନୁହେଁ ଯେ, ୧୯୩୩ ଭଳି ଆମେ ଜାଗ୍ରତ ହେବାକୁ ଯାଉଛୁ। ସମାନ ପଥରେ କେବେ ବି ଇତିହାସର ପୁନରାବୃତ୍ତି ହୁଏନାହିଁ। ମେଲୋନି ଏବେ ମୁସୋଲିନ ନୁହନ୍ତି କି ଏବେସୁଦ୍ଧା କେହି ହିଟ୍‌ଲର ନାହାନ୍ତି । ତେବେ ପ୍ରତ୍ୟେକ ଘଟଣାରେ ଦକ୍ଷିଣପନ୍ଥୀ ଉଗ୍ରବାଦର ଅନେକ ଦୃଷ୍ଟିକୋଣ ରହିଛି। ଦକ୍ଷିଣପନ୍ଥୀ ପପୁଲିଜମ୍ (ରାଜନୈତିକ ସ୍ଥିତି ଯାହା ଲୋକମାନଙ୍କ ମତକୁ ଗୁରୁତ୍ୱ ଦେଇ ସେହି ଗୋଷ୍ଠୀର ଲୋକଙ୍କୁ ବ୍ୟବସ୍ଥା ଏବଂ ରାଜନୈତିକ ବିଚାର ବିରୋଧରେ ଲଗାତର ଲିପ୍ତ କରାଏ)ର ପ୍ରତ୍ୟେକ ଢାଞ୍ଚାରେ କ୍ରୋଧ କିମ୍ବା ଅସନ୍ତୋଷର ରାଜନୀତି ସକ୍ରିୟ ହେଉଛି। ବ୍ୟବସ୍ଥାର ପଛରେ ରହିଯାଇଛନ୍ତି ଓ ସେମାନଙ୍କୁ ଅଣଦେଖା କରାଯାଉଛି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସେମାନଙ୍କୁ ବିରୋଧ କରିବା ଲାଗି ଉକ୍ତ ରାଜନୀତି ଆକର୍ଷିତ କରୁଛି। ଅଧିକାଂଶ ଦେଶରେ ଯେଉଁଠାରେ ଏଭଳି ରୁଗ୍‌ଣ ଭବନା ରହିଛି ସେଠାରେ ଏହା ଅଧିକ ପ୍ରକାଶ ପାଉଛି। ବିଶେଷକରି ଏଭଳି ଧାରା ଆମେରିକାରେ କ୍ଷତିକାରକ ଭୂମିକା ନେଉଛି। ପ୍ରତ୍ୟେକ ସ୍ଥାନରେ ଅସନ୍ତୋଷ ଓ ଭୟ ପ୍ରବାସୀମାନଙ୍କ ପ୍ରତି ହିଂସାର କ୍ଷେତ୍ର ପ୍ରସ୍ତୁତ କରୁଛି। ତଥାକଥିତ 'ଫ୍ରାଟ ବୟ ରାଇଟ' ବା କଲେଜ ପଢୁଆ ପିଲାଙ୍କ ମନରେ ଉଗ୍ର ଦକ୍ଷିଣପନ୍ଥୀ ମନୋଭାବ ଉତ୍‌ଥାନର କାରଣ ହେଉଛି । ବିଶେଷକରି ଆମେରିକାଠାରୁ ୟୁରୋପରେ ଏହା ଅଧିକ ମଜଭୁତ।




ଚରମ ଦକ୍ଷିଣପନ୍ଥୀ ଦଳଗୁଡ଼ିକର ଏବକାର ନିର୍ବାଚନୀ ସଫଳତା ସେମାନଙ୍କ ମୁଖ୍ୟଧାରା ବିରୋଧୀଙ୍କ ବିଫଳତା ଯୋଗୁ ମିଳିଛି ବୋଲି କୁହାଯାଉଛି। ବିରୋଧୀମାନଙ୍କ ମଧ୍ୟରେ ଏକତାର ଅଭାବ ହିଁ ଏହାର ପ୍ରମୁଖ କାରଣ। କେହି ଜାଣନ୍ତି ନାହିଁ ବାସ୍ତବରେ ଏମାନେ କାହା ପାଇଁ କାମ କରୁଛନ୍ତି ,ସେମାନଙ୍କ ବାସ୍ତବ ସ୍ଥିତି ବା ଭୂମିକା କ'ଣ ? ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ। ଇଂଲଣ୍ଡରେ ଲେବର ପାର୍ଟି କିମ୍ବା ଆମେରିକାରେ ଡେମୋକ୍ରାଟସ୍ ଭଳି ମୁଖ୍ୟଧାରା ଦଳଗୁଡ଼ିକ( ଯେଉଁମାନେ ସମସ୍ୟାକୁ ଗମ୍ଭୀରତାର ସହ ନେଇ ତଦନୁଯାୟୀ କାର୍ଯ୍ୟକରିଥାନ୍ତି) ଅନ୍ତର୍ଜାତୀୟ ସଂସ୍ଥା, ବୈଶ୍ୱିକ ବାଣିଜ୍ୟ, ପରିବର୍ତ୍ତନୀୟ ତଥା ଉଦାର ପ୍ରବାସୀ ନୀତିଗୁଡ଼ିକ ଏବଂ ଅନ୍ୟାନ୍ୟ କେତେକ ସପକ୍ଷରେ ସ୍ପଷ୍ଟଭାବେ କାର୍ଯ୍ୟ କରିଥାନ୍ତି। କିନ୍ତୁ ସମସ୍ୟା ହେଉଛି ଏହା ସେମାନଙ୍କୁ ମଧ୍ୟମ (ଉଗ୍ର ବିଚାରମୁକ୍ତ) ରୂଢ଼ୀବାଦୀ ଦଳଗୁଡ଼ିକଠାରୁ କ୍ୱଚିତ ପୃଥକ୍ ବୋଲି ଦର୍ଶାଏ।

ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ରାଜନୀତି ମୌଳିକ ଭାବେ ତାଙ୍କ ପୂର୍ବର ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ ବୁଶ୍‌ଠାରୁ ଭିନ୍ନ ନ ଥିଲା । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଏବଂ ଡାଭିଡ୍ କାମେରନ କିମ୍ବା ଜର୍ମାନୀରେ ଗେହାର୍ଡ ସ୍କ୍ରୋଡର ଓ ଆଞ୍ଜେଲା ମର୍କେଲଙ୍କ ରାଜନୀତି ସେମାନଙ୍କ ପୂର୍ବ ନେତାଙ୍କ ଠାରୁ ଅଲଗା ନ ଥିଲା। ସହନଶୀଳ ବାମ ଏବଂ ଦକ୍ଷିଣପନ୍ଥୀ ଦଳଗୁଡ଼ିକୁ ନେଇ ୧୯୯୦ ଓ ୨୦୦୦ ଦଶନ୍ଧିରେ ୟୁରୋପରେ ଅନେକ ମେଣ୍ଟ ସରକାର ଗଠନ ହୋଇଥିଲା। ପରେ ଟେକ୍‌ନୋକ୍ରାଟ ଏବଂ ପଲିଟିକାଲ ମ୍ୟାନେଜରମାନଙ୍କ ଶାସନ ଏହାର ମାନକ ହୋଇଗଲା। ଫଳରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭଳି ବ୍ୟବସ୍ଥା ଓ ସଂସ୍ଥା ବିରୋଧୀ ଦକ୍ଷିଣପନ୍ଥୀ ନେତା ନିଜ ସ୍ୱାର୍ଥ ଲାଗି ବାମପନ୍ଥୀ ତଥା ରକ୍ଷଣଶୀଳ ବ୍ୟବସ୍ଥା ପ୍ରତି ଘୃଣା ଭାବ ପ୍ରୟୋଗ କରିଛନ୍ତି। କିନ୍ତୁ ରକ୍ଷଣଶୀଳ ତୁଳନାରେ ପ୍ରଗତିଶୀଳ ଦଳଗୁଡ଼ିକ ମିଥ୍ୟାଚାର ଯୋଗୁ ଅଧିକ ଘୃଣିତ ହେଉଛନ୍ତି। ବାମପନ୍ଥୀର ଏକ ପ୍ରକାର ମିଥ୍ୟାଚାର ବା ଛଳନା ବିଶେଷକରି ଅନେକଙ୍କୁ କ୍ଷୁବ୍ଧ କରେ। ମୁଖ୍ୟଧାରା ପ୍ରଗତିଶୀଳ ଦଳଗୁଡ଼ିକ ତୁଳନାତ୍ମକ ଭାବେ ଏବେ ବାହାରୁ ଆସି ସହରରେ କାର୍ଯ୍ୟ କରୁଥିବା, ବହୁ ଭାଷୀ ,ସଂସ୍କୃତିଗତ ବିବିଧତାକୁ ଭଲ ପାଉଥିବା ତଥା ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଭାଗୀଦାରି ଥିବା ଉଚ୍ଚଶିକ୍ଷିତଙ୍କ ଭୋଟ ଅଧିକ ପାଉଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ଦୃଷ୍ଟିକୋଣ ପ୍ରତି ସେମାନଙ୍କ ମନୋଭାବରେ କିଛି ଭୁଲ୍ ନାହିଁ। ଆର୍ଥିକ ଜଗତୀକରଣ ଅନେକ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଉଠାଇଛି। ସାର୍ବଜନୀନ ସଂସ୍ଥାଗୁଡ଼ିକରେ ଅନ୍ତର୍ଜାତୀୟ ସହଯୋଗ ରାଷ୍ଟ୍ରବାଦ ଏବଂ ସୀମାଭିତ୍ତିକ ଚିନ୍ତାଧାରାଠାରୁ ଅଧିକ ଭଲ। ଶରଣ ଚାହୁଁଥିବା ଏବଂ ପ୍ରବାସୀମାନଙ୍କ ପ୍ରତି ଉଦାର ମନୋଭାବ ହିଁ ବାସ୍ତବ ମାନବୀୟ ଏବଂ ସଂସ୍କୃତିଗତ ସମୃଦ୍ଧିର ପରିଚୟ, ଯାହା ଏକ ସମାଜକୁ ନୂଆ ଗତିଶୀଳତା ଦିଏ, ପରିବର୍ତ୍ତନ ଆଣେ।

କିନ୍ତୁ ସମସ୍ତେ ଉଦାରବାଦୀ ବିଶ୍ୱ ବ୍ୟବସ୍ଥାରୁ ଲାଭ ପାଇ ନ ଥାନ୍ତି। ଇଟାଲୀରେ ମଧ୍ୟବିତ୍ତ ବର୍ଗ କଷ୍ଟ ଭୋଗୁଛନ୍ତି। ଆମେରିକୀୟ ମଧ୍ୟପାଶ୍ଚାତ୍ୟରେ ପୂର୍ବତନ ଶିଳ୍ପ ଶ୍ରମିକମାନେ କ୍ଷତି ସହୁଛନ୍ତି। ଫ୍ରାନ୍ସରେ ସରକାର ଲୋକମାନଙ୍କୁ ଅଣଦେଖା କରୁଛି ବୋଲି ସେମାନେ ଅନୁଭବ କରୁଛନ୍ତି। ମଧ୍ୟମ ରକ୍ଷଣଶୀଳମାନେ ଏଭଳି ଅଭିଯୋଗ ପ୍ରତି କଠୋର ଦୃଷ୍ଟିକୋଣ ପ୍ରକାଶ କରିଥାନ୍ତି। ବାମପନ୍ଥୀ ପ୍ରତିକ୍ରିୟା ଅଧିକ ବାସ୍ତବବାଦୀ। ଯେଉଁମାନେ ପ୍ରବାସୀଙ୍କ ଉପରେ ଅଭିଯୋଗ କରନ୍ତି ସେମାନଙ୍କୁ ଫାସିବାଦୀ ଭାବେ ନିନ୍ଦା କରେ। ପ୍ରବାସୀମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିବା ଲୋକଙ୍କୁ ଏହା ଗ୍ରହଣ କରେନାହିଁ। କିନ୍ତୁ ଏବେ ବାମପନ୍ଥୀ ଅସହାୟଙ୍କ ପାଇଁ ଠିଆ ହୋଇଥିବାର ଛଳନା କରୁଥିବା ଯୋଗୁ ଏହା ବହୁ ସମୟରେ ନିଜ ସେବା ଉପରେ ଦ୍ୱିଧାର ଏକ ଦୃଢ ବଳୟ ସୃଷ୍ଟି କରିଛି। ପ୍ରଗତିଶୀଳ ଦଳଗୁଡ଼ିକ ବୈଶ୍ୱିକ ଉଦାରବାଦୀ ବ୍ୟବସ୍ଥା ଦ୍ୱାରା ଶିକ୍ଷିତ ସହରୀ ଲୋକଙ୍କୁ ଲାଭ ପହଞ୍ଚାଇବା ସହ ସେମାନଙ୍କ ନୈତିକତା ବୃଦ୍ଧି କରିବାକୁ ଚାହେଁ ଏବଂ ଶିକ୍ଷା ଓ ସମୃଦ୍ଧିର ଅଭାବ ଥିବା ଲୋକମାନଙ୍କୁ ଉପଦେଶ ଦେଇଥାଏ। ଏହି ଗୋଟିଏ କାରଣରୁ ଲୋକେ ଲି ପେନ, ମେଲୋନି, ଟ୍ରମ୍ପ କିମ୍ବା ସୁଇଡେନ ଡେମୋକ୍ରାଟସ୍‌କୁ ଭୋଟ ଦେଉଛନ୍ତି। ଯଦି ଲଣ୍ଡନର ଶିକ୍ଷିତ ବର୍ଗ ୟୁରେପୀୟ ସଂଘ ସଦସ୍ୟତାକୁ ସପକ୍ଷ କରନ୍ତି , ତେବେ ଆମେ ବ୍ରେକ୍‌ଜିଟ୍ ସପକ୍ଷରେ ଭୋଟ ଦେବୁ। ଯଦି ରାଜନୀତିର ସମ୍ଭ୍ରାନ୍ତ ବର୍ଗ ମାସ୍କ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ କହିବେ , ତେବେ ଲୋକଙ୍କୁ ଭ୍ରମିତ କରିବା ଲାଗି ଏ ସବୁ କୌଶଳ ଜର୍ଜ ସୋରୋସ କିମ୍ବା ବିଲ୍ ଗେଟ୍‌ସଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ବୋଲି ଆମେ କହିବୁ। ଏହା ଅପମାନର ପ୍ରତିଶୋଧ , କ୍ରୋଧ ତଥା ଅସନ୍ତୋଷର ରାଜନୀତି। ବିଶେଷ କରି ଅସନ୍ତୋଷର ରାଜନୀତି କ୍ଷତିକାରକ ଓ ସଫଳ ସରକାର ପ୍ରତି ଅନୁକୂଳ ନୁହେଁ ବୋଲି ଟ୍ରମ୍ପ୍ ଦେଖାଇ ଦେଇଛନ୍ତି। ମେଲୋନି ଏବଂ ଅନ୍ୟ ଉଗ୍ର ଦକ୍ଷିଣପନ୍ଥୀ ନେତାମାନେ ଶାସନର ସୁଯୋଗ ପାଇ ଭଲ କରିପାରିବେ କି ? ଏମିତି ଘଟିବ ବୋଲି ମୁଁ ଆଶା କରୁନାହିଁ।

**ଲେଖକ, ଦି ଚର୍ଚିଲ କମ୍ପ୍ଲେକ୍ସ**

# କ୍ରୋଧ ବ୍ରହ୍ମଚଣ୍ଡାଳ



**ଅଲେଖ ଚନ୍ଦ୍ର ମିଶ୍ର**

ଆଜିକାଲି ଗଣମାଧ୍ୟମରେ ପ୍ରାୟତଃ ପ୍ରକାଶ ପାଉଥିବା କ୍ରୋଧ ସମ୍ବଳିତ ଅଘଟଣର ଅନ୍ତ ନାହିଁ। ପାରିବାରିକ ଅଶାନ୍ତିରୁ ଗୃହର ସଦସ୍ୟଙ୍କୁ ହତ୍ୟାକରି କେହି ଆତ୍ମହତ୍ୟା କରୁଛି ତ ଜନ୍ମିତ ଶିଶୁଙ୍କୁ ବିଷ ଦେଇ କେହି ନିଜେ ବିଷ ପିଉଛି। ସାମାନ୍ୟ କଥାରେ (ଯଥା ଖାଇବାକୁ ଦେବାରେ ବିଳମ୍ବ) କେହି ପତ୍ନୀକୁ ହତ୍ୟା କରୁଛି ତ ନିଶା ଖାଇବାକୁ ଟଙ୍କା ନ ଦେବାରୁ କେହି ମାଆକୁ ମାରିଦେଉଛି ଅଥବା ସମ୍ପତ୍ତି ଲୋଭରେ ପିତାଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ପାରିବାରିକ ସମ୍ମାନ ପାଇଁ ବି ହତ୍ୟାକାଣ୍ଡ (ଅନର୍ କିଲିଂ) ଘଟୁଛି। ଏପରି କି କ୍ରୋଧ ହେତୁ ପତିପତ୍ନୀଙ୍କ ମଧ୍ୟରେ ଛାଡ଼ପତ୍ର ପର୍ଯ୍ୟନ୍ତ କଥା ଯାଉଛି।

ଏପରି ଘଟଣା ସମୂହକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପରିସ୍ଥିତି ଯାହା ହେଉ ନା କାହିଁକି ଏପରି ଅଘଟଣର ପ୍ରତ୍ୟକ୍ଷ କାରଣ କ୍ରୋଧର ପ୍ରତିଫଳନ। କ୍ରୋଧ ବ୍ରହ୍ମଚଣ୍ଡାଳ। କ୍ରୋଧାନ୍ଧ ମନୁଷ୍ୟ ହିତାହିତ ଜ୍ଞାନ ହରେଇ ବସେ ଏବଂ ବେଳେବେଳେ ଏପରି ସାଙ୍ଘାତିକ କାର୍ଯ୍ୟ କରେ, ଯାହାକୁ ଆଜୀବନ ଅନୁତାପ ବି ଧୋଇ ପାରେନା। କ୍ରୋଧର ଭସ୍ମକାରୀ ଶକ୍ତି ପାଇଁ ତାକୁ ଅଗ୍ନି ବା ଅନଳ ସହିତ ତୁଳନା କରାଯାଏ, ଯାହା ଆଧାର ଓ ଆଧେୟ ଉଭୟଙ୍କୁ ଭସ୍ମସାତ କରିଦିଏ। କ୍ରୋଧ ମଣିଷର ପରମ ଶତ୍ରୁ, କାରଣ ଏହା ତାକୁ ନରକର ପଥ ଦେଖାଏ।

ପ୍ରତ୍ୟେକ ମଣିଷ ଏହା ଅଳ୍ପ ବହୁତେ ଜାଣେ। ତଥାପି ସେ ରାଗେ। କାରଣ କ୍ରୋଧକୁ କେହି ଜାଣିଶୁଣି ସୃଷ୍ଟି କରେନା। ଏହା ଆପେ ଆପେ ହୋଇଯାଏ। ଏହା ଏକ ସହଜାତ ପ୍ରବୃତ୍ତି। କେହି ବଦରାଗୀ ତ ଅନ୍ୟ କେହି ଭୟଙ୍କର କ୍ରୋଧୀ। କ୍ରୋଧ ଅପେକ୍ଷା କ୍ରୋଧଜନିତ କୁକର୍ମ ଅଧିକ ବିପଜ୍ଜନକ। ସେଥିପାଇଁ କେତେ ଯେ ସଂସାର ଉଜୁଡ଼ି ଯାଇଛି ଏବଂ କେତେ ଯେ ପରିବାର ତଳିତଳାନ୍ତ ହୋଇଯାଇଛି ତା'ର ହିସାବ ନାହିଁ। ତଥାପି ଯୁଗ ଯୁଗ ଧରି କ୍ରୋଧ ଜୀବଜଗତକୁ କବଳିତ କରି ଆସିଅଛି, ଯାହାର ପ୍ରଭାବରୁ ପଶୁପକ୍ଷୀ, ମୁନିଋଷି ଏପରି କି ଦେବତା ବି ନିଷ୍କୃତି ପାଇନାହାନ୍ତି। ପରସ୍ପର ମଧ୍ୟରେ ଲଢ଼େଇକରି ରକ୍ତାକ୍ତ ହେବା ଏବଂ ଶେଷରେ ମୃତ୍ୟୁମୁଖରେ ପଡ଼ିବା ପଶୁପକ୍ଷୀମାନଙ୍କ ଜୀବନରେ ଏକ ସାଧାରଣ ଘଟଣା। ଏପରି କି ମୁନିଋଷିମାନେ ବି ଏହାର ପ୍ରଭାବରୁ ମୁକ୍ତ ନୁହନ୍ତି। କ୍ରୋଧର ମୂର୍ତ୍ତିମନ୍ତ ଅବତାର ଭାବରେ ଜଣାଶୁଣା ମହର୍ଷି ଦୁର୍ବାସା ନିଜର ଅଦମ୍ୟ କ୍ରୋଧକୁ ସମ୍ବରଣ କରି ନ ପାରି ରାଜା ଅମ୍ବରୀଶଙ୍କ ପାଖରେ ଯେପରି ହୀନସ୍ତା ହୋଇଥିଲେ ପୁରାଣ ପୃଷ୍ଠାରେ ତାହା ଏକ ଦୃଷ୍ଟାନ୍ତମୂଳକ ଆଖ୍ୟାୟିକା ହୋଇ ରହିଯାଇଛି। କ୍ରୋଧର ଅନ୍ୟ ଏକ ପ୍ରତୀକ ଋଷି ବିଶ୍ୱାମିତ୍ର। ରାଜା ହରିଶ୍ଚନ୍ଦ୍ର ଉପାଖ୍ୟାନ ବା କାହାକୁ ଅଜଣା। ଦଶ ମହାବିଦ୍ୟାଙ୍କୁ ବନ୍ଧନମୁକ୍ତ କରି ସେ ବିଶ୍ୱାମିତ୍ରଙ୍କର କୋପର ଶିକାର ହୋଇ ଯେତେ କଷ୍ଟ ଭୋଗିଥିଲେ ତାହା କାଳକାଳକୁ ସ୍ମରଣୀୟ ହୋଇ ରହିଯାଇଛି। ସେହିପରି ବ୍ରହ୍ମତ୍ୱ ପ୍ରାପ୍ତି ପାଇଁ ବିଶ୍ୱାମିତ୍ରଙ୍କର ସମସ୍ତ ତପସ୍ୟା କେବଳ କ୍ରୋଧ ଉପରେ ନିୟନ୍ତ୍ରଣ ଅଭାବରୁ ଥରକୁ ଥର ପ୍ରତିହତ ହୋଇଥିଲା। ଶେଷରେ କ୍ରୋଧକୁ ଜୟ କରିଲା ପରେ (ନିଜର ପରମ ଶତ୍ରୁ ବଶିଷ୍ଠଙ୍କୁ ନିଧନ କରିବାକୁ ସୁଯୋଗ ପାଇ ବି ତାଙ୍କୁ କ୍ଷମା କରିଦେଲେ) ହିଁ ତାଙ୍କୁ ସଫଳତା ମିଳିଥିଲା। ତ୍ରିଦେବ (ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର)ଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ କ୍ରୋଧ ହିଁ ପରିମାପକ ଥିଲା (ମହର୍ଷି ଭୃଗୁ ଉପାଖ୍ୟାନ)। ଦକ୍ଷ ଯଜ୍ଞ ଭଙ୍ଗ ଶିବଙ୍କର କ୍ରୋଧରୁ ହିଁ ସଂଘଟିତ ହୋଇଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଲଙ୍କା ପ୍ରୟାଣ ନିମିତ୍ତ ସମୁଦ୍ରକୁ ଧ୍ୱଂସ କରିଦେବା ପାଇଁ ଉଦ୍ୟତ ହୋଇଥିଲେ। ଅସ୍ତ୍ରବିରତ ରହିବା ପାଇଁ ପ୍ରତିଶ୍ରୁତିବଦ୍ଧ ପ୍ରଭୁ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧରେ ପିତାମହ ଭୀଷ୍ମଙ୍କ ଉପରେ କ୍ରୋଧିତ ହୋଇ ତାଙ୍କୁ ବଧ କରିବାକୁ ରଥରୁ ତଳକୁ ଡେଇଁ ପଡ଼ିଥିଲେ। ଏମିତି ଅନେକ ଘଟଣା ରହିଅଛି।

କ୍ରୋଧର ଉତ୍ସ ସାଧାରଣତଃ ବଳ, ଦର୍ପ, ଅହଂକାର, କାମ ଇତ୍ୟାଦି। ତେଣୁ ଏ ସବୁକୁ ନିୟନ୍ତ୍ରଣରେ ରଖିଲେ କ୍ରୋଧ ସ୍ୱୟଂ ବିଜିତ ହୋଇଯାଏ। ଅଜ୍ଞାନତା କ୍ରୋଧର ଅନ୍ୟତମ ନିଦର୍ଶନ। କ୍ରୋଧର ପରିଣତି ଦୁଷ୍କର୍ମ। ତେଣୁ କ୍ରୋଧାବସ୍ଥାରେ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ କୌଣସି କର୍ମ ହଠାତ୍ ନ କରି ସାମାନ୍ୟ ବିଳମ୍ବ କରିଦେଲେ ହୁଏତ ସେଥିରୁ ବିରତି ମିଳିପାରେ। କାରଣ ମଣିଷର ମନ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହୁଏ। କ୍ରୋଧାବସ୍ଥାରେ ନିଜର ଇଚ୍ଛା ବିରୋଧରେ ବି ସମ୍ପୃକ୍ତ ସ୍ଥାନ ପରିତ୍ୟାଗ କଲେ, କିଛିକ୍ଷଣ ନୀରବ ରହିଗଲେ କିମ୍ବା ଟିକେ ଅନ୍ୟମନସ୍କ ହେବାକୁ ଚେଷ୍ଟା କଲେ କ୍ରୋଧ କିଛି ମାତ୍ରାରେ ପ୍ରଶମିତ ହୋଇଯାଏ। କ୍ରୋଧର ଏକ ଭୟଙ୍କର ରୂପ ହେଲା ସତ୍ୟାସତ୍ୟ ନ ଜାଣି ସିଦ୍ଧାନ୍ତ ନେବା ଏବଂ ଅପ୍ରୀତିକର ନିଷ୍ପତ୍ତି ଗ୍ରହଣ କରିବା। ଏଭଳି ମାନସିକତାକୁ ଜଳାଞ୍ଜଳି ଦେବା ଉଚିତ।

**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟର ପ୍ରତୀକ ଭାବେ ଉଭା ହୋଇଛନ୍ତି ମହୀଶୂରର ଡା. ମହାଲକ୍ଷ୍ମୀ ୱାଇ.ଏନ୍। ପେସାରେ ସେ ଜଣେ ଡାକ୍ତର। ଏସିଡ୍ ଆକ୍ରମଣର ଶିକାର ହୋଇ ଜୀବନରେ ଏକ ନିର୍ଯାତନାକୁ ସାମ୍ନା କରି ମହାଲକ୍ଷ୍ମୀ ରୋଗୀ ସେବାରେ ଲାଗିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାଙ୍କୁ ସାହାଯ୍ୟ କରୁଛନ୍ତି। ୧୧ ଜାନୁୟାରୀ ୨୦୦୧ରେ ସେ କ୍ଲିନିକକୁ ଯାଉଥିବା ସମୟରେ ତାଙ୍କ ଉପରକୁ ଜଣେ ଏସିଡ୍ ପିଙ୍ଗିଥିଲେ। ତାଙ୍କ ଶରୀରରେ ୨୦ଟି ବଡ଼ ଧରଣର ସର୍ଜରି ହୋଇଥିଲା ଓ ଏକବର୍ଷ ପରେ ସେ ସୁସ୍ଥ ହୋଇଥିଲେ। କିନ୍ତୁ ନ୍ୟାୟ ପାଇବା ଲାଗି ତାଙ୍କୁ ୧୧ ବର୍ଷ ଲଢ଼ିବାକୁ ପଡ଼ିଥିଲା। ୨୦୧୨ରେ କର୍ଣ୍ଣାଟକ ହାଇକୋର୍ଟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ମହାଲକ୍ଷ୍ମୀ ତାଙ୍କ ପେସାକୁ ଫେରିଥିଲେ। ଏବେ ଅତିକମ୍‌ରେ ଦୈନିକ ୬୦–୮୦ ରୋଗୀ ଦେଖୁଛନ୍ତି। ବିଶେଷ କରି ମାନସିକ ସ୍ତରରେ ନିର୍ଯାତିତ ବ୍ୟକ୍ତିମାନଙ୍କୁ ସେ ମାଗଣାରେ ଚିକିତ୍ସା କରିବା ସହ କାଉନସେଲିଂ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୭ ଅକ୍ଟୋବର ୧୯୯୭**

- ଆଲଜେରିଆରେ ଚାଲିଥିବା ଗୃହଯୁଦ୍ଧରେ ଇସଲାମୀୟ ଉଗ୍ରପନ୍ଥୀମାନେ ଗୁଳି ଚଳାଇ ୧୬ ଜଣ ସ୍କୁଲ ଛାତ୍ରଙ୍କ ସମେତ ୪୭ ଜଣ ନାଗରିକଙ୍କୁ ହତ୍ୟା କରିଛନ୍ତି।
- ବୀଜାଣୁ ବା ଭୂତାଣୁଜନିତ ରୋଗର ନିରାକରଣ ପାଇଁ ଏକ ଗବେଷଣାତ୍ମକ କୌଶଳ ଆବିଷ୍କାର କରିଥିବା ଯୋଗୁ ଆମେରିକୀୟ ଜୈବ ରସାୟନବିତ୍ ଷ୍ଟାନଲୀ ପ୍ରୁସିନରଙ୍କୁ ନୋବେଲ ଭେଷଜ ପୁରସ୍କାର ପ୍ରଦାନ।

# ରସାୟନ ବିଜ୍ଞାନରେ ନୋବେଲ



**ଡ. ବିକାଶ କୁମାର ଜେନା**

ଚଳିତ ବର୍ଷ ରସାୟନ ବିଜ୍ଞାନରେ ୩ଜଣ ପ୍ରସିଦ୍ଧ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। କାରୋଲିନ ଆର୍. ବର୍ଟୋଜି, ମୋର୍ଟେନ ମେଲଡାଲ ଏବଂ କେ. ବାରୀ ଶାରପଲେସ୍‌ଙ୍କୁ କ୍ଲିକ୍ ରସାୟନ ବିଜ୍ଞାନ ଅଗ୍ରଗତି ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନଙ୍କର ଏହି ଅପ୍ରତ୍ୟାଶିତ ଆବିଷ୍କାର ରୋଗର ଚିକିତ୍ସା ଏବଂ ନିରାକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିଛି। କାରୋଲିନ ଆର୍. ବର୍ଟୋଜି ୧୯୬୬ରେ ଆମେରିକାରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ମୋର୍ଟେନ ମେଲଡାଲ ୧୯୫୪ରେ ଡେନ୍‌ମାର୍କରେ ଜନ୍ମଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ କୋପେନହାଗନ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଅଛନ୍ତି। କେ. ବାରୀ ଶାରପଲେସ୍ ୧୯୪୧ ମସିହାରେ ଆମେରିକାର ଫିଲାଡେଲଫିଆରେ ଜନ୍ମଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଆମେରିକାର ସ୍କ୍ରିପ୍ସ ଗବେଷଣା ପ୍ରତିଷ୍ଠାନରେ ପ୍ରାଧ୍ୟାପକ ଭାବେ ଅବସ୍ଥାପିତ। କେ. ବାରୀ ଶାରପଲେସ୍ ରସାୟନ ବିଜ୍ଞାନରେ ତାଙ୍କର ଦ୍ୱିତୀୟ ନୋବେଲ ପୁରସ୍କାର ପାଇଁ ସୁନାମ ଅର୍ଜନ କରିଛନ୍ତି। ଦୁଇଥର ନୋବେଲ ପୁରସ୍କାର ପାଇବାରେ ସେ ଇତିହାସର ପଞ୍ଚମ ବୈଜ୍ଞାନିକ। ସେ କ୍ଲିକ୍ ରସାୟନ ବିଜ୍ଞାନର ପ୍ରକ୍ରିୟା ପ୍ରସ୍ତୁତ କରିଥିଲେ। ଯାହା ସରଳ ଏବଂ ନିର୍ଭରଯୋଗ୍ୟ ରସାୟନ ବିଜ୍ଞାନର ଏକ ନୂତନ ପ୍ରଣାଳୀ, ଯେଉଁଠାରେ ପ୍ରତିକ୍ରିୟା ଶୀଘ୍ର ଘଟେ ଏବଂ ଅନାବଶ୍ୟକ ଉପଦ୍ରବ୍ୟକୁ ଏଡ଼ାଇ ଦିଆଯାଏ।

କାରୋଲିନ ଆର୍. ବର୍ଟୋଜି ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ଅଷ୍ଟମ ମହିଳା ଭାବେ ଗୌରବ ଅର୍ଜନ କରିଛନ୍ତି। ସେ କ୍ଲିକ୍ ରସାୟନ ବିଜ୍ଞାନ ପ୍ରତିକ୍ରିୟାଗୁଡ଼ିକୁ ବିକଶିତ କଲେ ଯାହା ଜୀବଜନ୍ତୁଙ୍କ ଭିତରେ କାମ କରିପାରିବ। ଜୀବଜନ୍ତୁଙ୍କର କୋଷଗୁଡ଼ିକର ରସାୟନ ବିଜ୍ଞାନକୁ ବାଧା ନ ଦେଇ ଜୈବ୍ୟ ଅଣୁରେ ଏହି ପ୍ରତିକ୍ରିୟାକୁ ପ୍ରୟୋଗ କରିବାରେ ସକ୍ଷମ ହୋଇପାରିବ। ଏହା କର୍କଟ ରୋଗର ଆରୋଗ୍ୟ ଏବଂ ଔଷଧୀୟ ଦ୍ରବ୍ୟ ପ୍ରସ୍ତୁତ ପାଇଁ ବ୍ୟାପକ ଭାବରେ ବ୍ୟବହାର ହୋଇପାରିବ। ସେ ବର୍ଣ୍ଣନା କରିଛନ୍ତି ଯେ କ୍ଲିକ୍ ଥେରାପି ମାଧ୍ୟମରେ ଜୀବନ୍ତ ରୋଗୀମାନଙ୍କ ମଧ୍ୟରେ ଔଷଧୀୟ ଦ୍ରବ୍ୟକୁ ଠିକ୍ କର୍କଟ ରୋଗର ଲକ୍ଷ୍ୟ ସ୍ଥଳକୁ ପହଞ୍ଚାଇ ପାରିବ, ଯାହା ରୋଗୀ ଶରୀରର ଅନ୍ୟ ଭାଗକୁ ପ୍ରଭାବ ପକାଇବ ନାହିଁ।

ମୋର୍ଟେନ ମେଲଡାଲ ସ୍ୱାଧୀନ ଭାବରେ କ୍ଲିକ୍ ରସାୟନ ବିଜ୍ଞାନ ସର୍ବୋତ୍ତମ ପ୍ରକ୍ରିୟା ଉପସ୍ଥାପିତ କରିଛନ୍ତି, ଯାହା ଆଜାଇଡ–ଆଲ୍କାଇନ ସାଇକ୍ଲୋଆଡିଶନ ନାମରେ ପ୍ରସିଦ୍ଧ। ଏହା ଏକ ଚମତ୍କାର ଏବଂ ଦକ୍ଷ ରାସାୟନିକ ପ୍ରତିକ୍ରିୟା, ଯାହା ବର୍ତ୍ତମାନ ବ୍ୟାପକ ବ୍ୟବହୃତ ହେଉଅଛି। ଅନ୍ୟାନ୍ୟ ବ୍ୟବହାର ମଧ୍ୟରେ ଏହା ଔଷଧ ତିଆରିରେ ଓ ଉପଯୋଗୀ ପଦାର୍ଥ ପ୍ରସ୍ତୁତିରେ ବ୍ୟବହାର ହୁଏ।




ଯେତେବେଳେ ଏହି କ୍ଲିକ୍ ରସାୟନ ବିଜ୍ଞାନ ଆବିଷ୍କୃତ ହେଲା, ଏହା ଗବେଷଣାରେ ଚମତ୍କାର ଦେଖାଗଲା ଓ ନୂତନ ସୁଯୋଗର ବିକଶିତ ହେଲା। ଅଣୁ ଏବଂ ପଦାର୍ଥ ତିଆରି ଏକ କଷ୍ଟକର ଓ ଜଟିଳ ପ୍ରକ୍ରିୟା। ଅନେକ ଜଟିଳ ପ୍ରକ୍ରିୟା ଅଣୁ ଏକତ୍ରୀକରଣ ପଦ୍ଧତି ଆବଶ୍ୟକ କରେ, ଯାହା କରିବା ଅତ୍ୟନ୍ତ କଷ୍ଟଦାୟକ। କିନ୍ତୁ କ୍ଲିକ୍ ରସାୟନ ବିଜ୍ଞାନ ମାଧ୍ୟମରେ ଅଣୁଗୁଡ଼ିକୁ ସହଜ ଓ ଅଭିନବ ଉପାୟରେ ଏକତ୍ରୀକରଣ କରି ନୂତନ ଅଣୁ ତିଆରି କରିହେବ। ଏହି ବିକାଶ ଆମକୁ ବିଶ୍ୱସ୍ତତାର ସହିତ ଆଶ୍ଚର୍ଯ୍ୟଜନକ ଜଟିଳ ଅଣୁ ଗଠନ କରିବାକୁ ସକ୍ଷମ କରିଛି। ଆମେ ବର୍ତ୍ତମାନ ଏକ ସ୍ଥିତିରେ ପହଞ୍ଚିପାରିଛୁ, ଯେଉଁଠାରେ ଆମେ କଳ୍ପନା କରିପାରିବା କିମ୍ବା ପ୍ରକୃତିରେ ଉପଲବ୍ଧ ଥିବା ଅଣୁଗୁଡ଼ିକୁ ସହଜରେ ତିଆରି କରିପାରିବା।

ଏହିପରି ବିଶ୍ୱର ଅନୁସନ୍ଧାନକାରୀମାନେ ଏହି ଅପ୍ରତ୍ୟାଶିତ ଆବିଷ୍କାରକୁ ନେଇ ଅନେକ ପ୍ରୟୋଗ ପ୍ରସ୍ତୁତ କରିଛନ୍ତି। ରସାୟନ ବିଜ୍ଞାନୀମାନେ କର୍କଟ ରୋଗ ନିରାକରଣ ଔଷଧ, କୀଟନାଶକ ଓ ନୂତନ ଔଷଧୀୟ ଦ୍ରବ୍ୟ ପ୍ରସ୍ତୁତ କରିପାରିଛନ୍ତି। ଏହି ପ୍ରତିକ୍ରିୟାଗୁଡ଼ିକୁ ବ୍ୟବହାର କରି ନୂତନ ପଦାର୍ଥ ପ୍ରସ୍ତୁତ କରାଯାଇପାରିବ, ଯାହା କୃଷିକ୍ଷେତ୍ରରେ ଉତ୍ପାଦନ କ୍ଷମତାର ବୃଦ୍ଧିହେବ, ଧାତୁକ୍ଷୟ ପ୍ରତିରୋଧ ପଦାର୍ଥର ପ୍ରସ୍ତୁତି, ଟିସୁ ପୁନର୍ଗଠନ ଇତ୍ୟାଦି କରାଯାଇ ପାରିବ। ଏହି ଆବିଷ୍କାର ମାଧ୍ୟମରେ ଅନେକ ନୂତନ ପ୍ରତିକ୍ରିୟାର ଆବିଷ୍କାର ଏବଂ ଉଦ୍ଭାବନ ସହଜ ହୋଇପାରିବ। ସେହିପରି ଔଷଧୀୟ ଶିଳ୍ପଗୁଡ଼ିକରେ ନୂତନ ପ୍ରୟୋଗ ପ୍ରସ୍ତୁତ କରାଯାଇ ରୋଗର ଚିକିତ୍ସା ଏବଂ ନିରାକରଣରେ ବ୍ୟବହାର ହୋଇପାରିବ।

କାରୋଲିନ ଆର୍. ବର୍ଟୋଜି, ମୋର୍ଟେନ ମେଲଡାଲ ଏବଂ କେ. ବାରୀ ଶାରପଲେସ୍‌ଙ୍କ ସଫଳତା ଏବଂ ଆବିଷ୍କାର ଆମ ସମାଜ ଉପରେ ବହୁତ ପ୍ରଭାବ ପକାଇଛି। ସେମାନଙ୍କର ଏହି ଆବିଷ୍କାର ଅତ୍ୟନ୍ତ ପ୍ରେରଣାଦାୟକ। ଏହି ଅତ୍ୟଧିକ ଦକ୍ଷ ପଦ୍ଧତିର ବିକାଶ ମାଧ୍ୟମରେ ସେମାନେ ଆମର ବିଜ୍ଞାନର କ୍ଷମତା ବୃଦ୍ଧି କରିଛନ୍ତି ଏବଂ ଗବେଷକମାନଙ୍କର ଜ୍ଞାନକୁ ଯଥେଷ୍ଟ ଗଭୀର ଏବଂ ବିସ୍ତାର କରିଛନ୍ତି। ସେମାନଙ୍କର ଉଲ୍ଲେଖନୀୟ ସଫଳତା ଆମ ଜୀବନକୁ ଉନ୍ନତ କରିଛି ଏବଂ ନୂତନ ସ୍ୱପ୍ନକୁ ସାକାର କରିଛି। ସେମାନଙ୍କର ଏହି ଅପ୍ରତ୍ୟାଶିତ ଆବିଷ୍କାର ମାନବଜାତି ପାଇଁ ସବୁଠାରୁ ଫଳପ୍ରଦ ହୋଇପାରିଛି।

**ପ୍ରଧାନ ବୈଜ୍ଞାନିକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି, ଭୁବନେଶ୍ୱର**
**ମୋ: ୭୯୭୮୦୧୨୨୭୭**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 8 | | | 4 | | | 6 | 3 |
| | | 3 | | 8 | | | | |
| | 2 | | | | 7 | 4 | | |
| | | | | 3 | | 2 | 9 | |
| 4 | | | 6 | | | | | 7 |
| | | | | | | | | 5 |
| 2 | | | 8 | | | | | |
| | | 9 | | | | 7 | | |
| | 7 | | 1 | 6 | 2 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 4 | 6 | 3 | 1 | 2 | 7 |
| 2 | 1 | 6 | 8 | 5 | 7 | 3 | 9 | 4 |
| 3 | 7 | 4 | 9 | 1 | 2 | 6 | 8 | 5 |
| 4 | 3 | 7 | 6 | 2 | 8 | 9 | 5 | 1 |
| 5 | 2 | 8 | 3 | 9 | 1 | 7 | 4 | 6 |
| 6 | 9 | 1 | 7 | 4 | 5 | 8 | 3 | 2 |
| 8 | 6 | 2 | 1 | 3 | 4 | 5 | 7 | 9 |
| 7 | 4 | 9 | 5 | 8 | 6 | 2 | 1 | 3 |
| 1 | 5 | 3 | 2 | 7 | 9 | 4 | 6 | 8 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ବ୍ୟବସ୍ଥାରେ ସଂସ୍କାର ଲୋଡ଼ା

ମହାଶୟ,

ବିଶ୍ୱ ପର୍ଯ୍ୟଟନ ସହର ପୁରୀ। ପୁରୀ ସମେତ ଜିଲାର ୧୧ଗୋଟି ବ୍ଲକରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ପୋଲିସ ଲୋକଙ୍କର ବନ୍ଧୁ। ଚୋରି, ରାହାଜାନି ରୋକିବା, ଅନ୍ୟାୟ ଅତ୍ୟାଚାର ପୀଡ଼ିତ ଜନମାନସକୁ ସାହାଯ୍ୟ କରିବା ପୋଲିସର କାମ ବୋଲି ଆମେ ପିଲାଦିନୁ ପଢ଼ି ଆସିଥିଲୁ। କିନ୍ତୁ ଏବେ ସର୍ବତ୍ର ପୋଲିସର ଓଲଟା ପ୍ରତିଛବି ଦେଖିବାକୁ ମିଳୁଛି। ବିଭିନ୍ନ ଆଳ ଦେଖାଇ ସାଧାରଣ ଲୋକଙ୍କୁ ହଇରାଣ କରିବା, କଠୋର ବ୍ୟବହାର କରିବା, ମାଡ଼ ମାରିବା ପୋଲିସ ବାହାଦୁର ମନେ କରୁଛି। ସାଧାରଣ ନାଗରିକ ଘରୁ ଚୋରି ହେଲେ କିମ୍ବା କେହି ତାକୁ ପ୍ରତାରିତ କଲେ ସାହାଯ୍ୟ ପାଇଁ ଥାନାକୁ ଗଲେ ଓଲଟା ତାଙ୍କୁ ଗାଳି କରିବା, ଏଫଆଇଆର ନ ରଖିବା, ରଖିଲେ ତାହାର କପି ଲୋକଙ୍କୁ ନ ଦେବା, ଲୋକଙ୍କୁ ଶୋଷଣ କରିବା ଯେପରି ପୋଲିସର ନୀତି ଓ ଆଦର୍ଶ ହୋଇଛି। ଜିଲାର ଯେକୌଣସି ଥାନାକୁ ଯାଅ କୁଜି ନେତାଙ୍କ ନିର୍ଦ୍ଦେଶରେ ଯେପରି ଥାନା ଚାଲିଛି। ଅଧିକାଂଶ ଥାନା ସମ୍ମୁଖରେ କୁଜି ନେତାଙ୍କ ଏଫ୍‌ଆଇଆର ସଂଶୋଧନ କରି ରଖିବା ବାବଦକୁ ଟଙ୍କା ଦକ୍ଷିଣା ନେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଫଆଇଆର ପାଇଁ ୫୦ରୁ ୧୦୦ ଓ କଡ଼ା ଏଫଆଇଆର ଲେଖିବା ପାଇଁ ୧୦୦ରୁ ୧୪୦ ଟଙ୍କା ଖୁଲମଖୁଲା ନେଉଥିବାର ଦେଖାଯାଉଛି। ଅତିଶୀଘ୍ର ଏ ପୋଲିସ ବ୍ୟବସ୍ଥାରେ ସଂସ୍କାର ଆଣିବା ଉଚିତ।

**– ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ**

### ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥

–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପଦ୍ମପୁର ଆସନ ଖାଲି ନେଇ ବିଧାନସଭା ପକ୍ଷରୁ ବିଜ୍ଞପ୍ତି ଜାରି**

ଭୁବନେଶ୍ୱର,(ବ୍ୟୁରୋ): ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ପଦ୍ମପୁର ବିଧାନସଭା ଆସନ ଖାଲି ହୋଇଛି। ଏନେଇ ବିଧାନସଭା ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨ ତାରିଖରେ ବରିହାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବିଧାନସଭା ପକ୍ଷରୁ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି। ଏହାସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ସୂଚିତ କରାଯାଇଛି।

# ଭାରତ ଯୋଡ଼ୋ ଯାତ୍ରାରେ ସୋନିଆ



ଭାରତ ଯୋଡ଼ୋ ଯାତ୍ରା ଅବସରରେ ଗୁରୁବାର କର୍ନାଟକର ମାଣ୍ଡ୍ୟା ଜିଲାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଅନ୍ୟ ନେତାଙ୍କ ସହ ଯୋଗଦେଇଛନ୍ତି ।

**ପାଣ୍ଡବପୁର(କର୍ନାଟକ),୬।୧୦**

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ସାମିଲ ହୋଇଛନ୍ତି। କର୍ନାଟକରେ ଏହି ପଦଯାତ୍ରା ବେଳେ ସୋନିଆଙ୍କ ଉପସ୍ଥିତି ଦଳୀୟ ନେତା ଓ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିଛି। ଗୁରୁବାର ସକାଳେ କର୍ନାଟକର ମାଣ୍ଡ୍ୟା ଜିଲାରେ କର୍ମୀମାନଙ୍କ ସ୍ଲୋଗାନ ମଧ୍ୟରେ ୭୫ ବର୍ଷୀୟା କଂଗ୍ରେସ ଅଧକ୍ଷା, ପୁଅ ରାହୁଲ ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ସହ କିଛି କିଲୋମିଟର ଚାଲିଥିଲେ। ସେମାନଙ୍କ ସହ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରାମାୟା ଏବଂ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ସାମିଲ ହୋଇଥିଲେ। ଅତୀତରେ ଆମେ ବହୁ ଝଡ଼କୁ ଅତିକ୍ରମ କରିଛୁ। ସବୁ ଚ୍ୟାଲେଞ୍ଜକୁ ପ୍ରତିହତ କରି ଆମେ ଏକାଠି ଭାରତ ଯୋଡ଼ିବୁ ବୋଲି ରାହୁଲ ଗାନ୍ଧୀ ଏହି ଅବସରରେ ଟୁଇଟ୍ କରିଛନ୍ତି। କର୍ନାଟକରେ ଏହି ଯାତ୍ରା ଆଉ ୧୫ ଦିନ ଚାଲିବା ପରେ ତେଲଙ୍ଗାନାରେ ପ୍ରବେଶ କରିବ। ରାଲି ବେଳେ ରାହୁଲ ସୋନିଆଙ୍କ ଜୋତାର ଲେସ୍ ବାନ୍ଧୁଥିବା ଦେଖିବାକୁ ମିଳିଛି। ଦଳ ପକ୍ଷରୁ ସୋସିଆଲ ମିଡିଆରେ ଉକ୍ତ ଫଟୋ ଶେୟାର କରାଯାଇଛି। ଏହାକୁ ଅଧିକାଂଶ ଟୁଇଟର ବ୍ୟବହାରକାରୀ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ କୋଭିଡ୍ ସଂକ୍ରମଣରୁ ମୁକ୍ତ ହେବା ପରେ ସୋନିଆ ପ୍ରଥମ ଥର ପାଇଁ ଲୋକମାନଙ୍କ ସହ ପଦଯାତ୍ରାରେ ସାମିଲ ହୋଇଛନ୍ତି। ସେ ଦୁଇଥର କୋଭିଡ୍‌ରେ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପଦଯାତ୍ରାରେ କଂଗ୍ରେସ ଅଧକ୍ଷାଙ୍କର ମାତ୍ର ୩୦ ମିନିଟ୍ ରହିବା କାର୍ଯ୍ୟକ୍ରମ ଥିବାବେଳେ ସେ ସେଠାରେ ୨ ଘଣ୍ଟା ବିତାଇଥିଲେ।

# ଜାତୀୟ ରାଜନୀତିରେ କେସିଆର୍

## ଟିଆର୍‌ଏସ୍ ହେଲା ଭାରତ ରାଷ୍ଟ୍ର ସମିତି

**ହାଇଦ୍ରାବାଦ,୬।୧୦**

ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ ବଡ଼ ଭୂମିକା ନେବାକୁ ଲକ୍ଷ୍ୟ ରଖିଥିବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ତାଙ୍କ ଦଳ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ନାଁ ବଦଳାଇ ଏହାକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଭାବେ ନାମିତ କରିଛନ୍ତି। ବିଜୟ ଦଶମୀର ଶୁଭ ମୁହୂର୍ତ୍ତ ଅପରାହ୍ନ ୧ଟା ୧୯ ମିନିଟରେ ସେ ତାଙ୍କ ଦଳର ନୂଆ ସଂସ୍କରଣର ଶୁଭାରମ୍ଭ କରିଥିଲେ। ଟିଆର୍‌ଏସ୍ ଏବେ ବିଆର୍‌ଏସ୍ ହେଲା ବୋଲି ଦଳୀୟ ବୈଠକରେ କେସିଆର୍ ଘୋଷଣା କରିଥିଲେ। ଏହି ଅବସରରେ ହାଇଦ୍ରାବାଦରେ ଦଳୀୟ କର୍ମୀମାନେ ଆତସବାଜି ଫୁଟାଇ ଓ ପରସ୍ପରକୁ ରଙ୍ଗ ବୋଳି ଉତ୍ସବ ମନାଇଥିଲେ। ଦଳର ନୂଆ ନାଁ ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇ ଦିଆଯାଇଛି।

ବିଆର୍‌ଏସ୍ ଜାତୀୟ ଦଳର ମାନ୍ୟତା ପାଇବାକୁ ହେଲେ ଅନ୍ୟୂନ ୪ଟି ରାଜ୍ୟରେ ସ୍ୱୀକୃତି କିମ୍ବା କୌଣସି ୪ ରାଜ୍ୟରେ ଅନ୍ତତଃ ୬ ପ୍ରତିଶତ ଭୋଟ ଏବଂ ଲୋକସଭାରେ ୪ ଆସନ ଜିତିବା ଆବଶ୍ୟକ। ଏତଦ୍‌ଭିନ୍ନ ଅନ୍ୟୂନ ୩ ରାଜ୍ୟରେ ୨% ଆସନ (୧୧ ଆସନ) ଜିତିଲେ ଜାତୀୟ ଦଳ ମାନ୍ୟତା ମିଳିପାରିବ। ବର୍ତ୍ତମାନ ଟିଆର୍‌ଏସ୍ କେବଳ ତେଲଙ୍ଗାନାରେ ସୀମିତ ରହିଛି। ୨୦୨୪ ଲୋକ ସଭା ନିର୍ବାଚନରେ କେସିଆର୍ କେନ୍ଦ୍ରରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚ୍ୟାଲେଞ୍ଜ ଦେବାକୁ ଚାହୁଁଛନ୍ତି। ସେଥିପାଇଁ ସେ ଅଣଭାଜପା ଦଳଗୁଡ଼ିକୁ ଏକତ୍ର କରିବା ଲାଗି କିଛିଦିନ ହେଲା ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ବୁଧବାର କେସିଆର୍ ଭାରତ ରାଷ୍ଟ୍ର ସମିତି ଶୁଭାରମ୍ଭ କରିବା ଅବସରରେ ତାଙ୍କ ସହ ପୂର୍ବତନ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ଡିଏମ୍‌କେ ସହଯୋଗୀ ଥୋଲ ଥିରୁମାଭାଲଭାନ ଉପସ୍ଥିତ ଥିଲେ। ଏହା ବ୍ୟତୀତ ସେ କୃଷକ ସଂଗଠନ, ବ୍ୟବସାୟୀ ସଂଘ ଏବଂ ସିଭିଲ୍ ସୋସାଇଟି ଗ୍ରୁପ୍‌ଗୁଡ଼ିକ ସହ ମଧ୍ୟ ଯୋଗାଯୋଗ ରଖିଛନ୍ତି। ସେ ସବୁ ଅଣଭାଜପା ଦଳଙ୍କୁ ଏକାଠି କରିବାକୁ ଉଦ୍ୟମ ଚଳାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନହୋଇ ବିକାଶ ମଡେଲର ବିକଳ୍ପ ଆଣିବାକୁ ଚାହାନ୍ତି ବୋଲି ଟିଆର୍‌ଏସ୍ ପକ୍ଷରୁ କୁହାଯାଇଛି।



ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ତାଙ୍କ ଦଳର ନୂତନ ନାମ ଘୋଷଣା କରୁଛନ୍ତି।

**ODISHA STATE HEALTH & FAMILY WELFARE SOCIETY, GOVT. OF ODISHA**
**DEPTT. OF HEALTH & FAMILY WELFARE, GOVT. OF ODISHA**
Annex Building of SIH&FW, Nayapalli, Unit - 8, Bhubaneswar - 751012,
District - Khordha (Odisha), Phone/Fax: 0674-2392480/79
Advt. No. 13/2022 **WALK-IN-INTERVIEW** Date: 07.10.2022

No. E-519: Walk-in-Interview will be conducted as scheduled below for filling up of the following vacant positions for State Tele MANAS Cell on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and co-terminus with the scheme. Lower age limit is 21 years as on Dtd.01.10.2022.

| Sl. No. | Name of the Post | Remuneration (in Rs.), Performance Incentive (P.I.) & Other Allowances as Admissible | Date of Registration / Interview |
|---|---|---|---|
| 01 | Psychiatric Specialist (Sr. Consultant) | Rs.77,916/- + PI | 19.10.2022 |
| 02 | Psychiatric Specialist (Consultant) | Rs.62,332/- + PI | 21.10.2022 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, Age, Application Form etc. **Candidate fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A.M. to 12 Noon only on Walk-in-Interview date.** No application will be received after scheduled date & timing of registration **Venue:** Mission Directorate (National Health Mission), Annex Building of SIH&FW, Nayapalli, Unit - 8, Bhubaneswar, Dist.- Khordha, PIN - 751012, Odisha.
The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd./- Mission Director, NHM
Member Secretary, OSH&FWS, Odisha
OIPR-10084/11/0018/2223

# ମିଶନ ଶକ୍ତି ମହିଳାଙ୍କୁ ଭାଜପାର ଚେତାବନୀ

## ନିମାପଡ଼ା ସଭାରୁ ଦୂରେଇ ରୁହ

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

ମିଶନ ଶକ୍ତିର ଉଦ୍ଦେଶ୍ୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ଦକ୍ଷତା, ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବା। କିନ୍ତୁ ଓଡ଼ିଶାରେ ମିଶନ ଶକ୍ତି ପଥଭ୍ରଷ୍ଟ ହୋଇଛି। ଓଡ଼ିଶାରେ ଏବେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଅପରପକ୍ଷରେ ମହିଳାମାନଙ୍କୁ ସଶକ୍ତୀକରଣ ନାଁରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଶାସକ ଦଳର କର୍ମୀଭାବେ ବ୍ୟବହାର କରାଯାଉଛି ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଆସନ୍ତା ୮ ତାରିଖରେ ନିମାପଡ଼ାଠାରେ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଏକ ସଭା କରିବାକୁ ସରକାର ଯୋଜନା କରିଛନ୍ତି। ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପରେ ମିଶନ ଶକ୍ତି ମହିଳାଙ୍କୁ ନେଇ ବିଜେଡି ଏହି ରାଜନୀତି ଆରମ୍ଭ କରିଛି। ଏଭଳି ରାଜନୈତିକ ଉଦ୍ଦେଶ୍ୟରେ ହେଉଥିବା ସଭା ସମିତିରୁ ଓଡ଼ିଶା ମିଶନ ଶକ୍ତି ଦୂରେଇ ରହିବାକୁ ଭାଜପା ଚେତାବନୀ ଦେଉଛି ବୋଲି ସ୍ମୃତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଅତୀତରେ ଅନେକ ସମୟରେ ଶାସକ ଦଳର ଦଳୀୟ ସଭାସମିତି, ସରକାରୀ ସଭା ଓ ନିର୍ବାଚନ ସମୟରେ ମଧ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଜେଡି ଦଳୀୟ ରଙ୍ଗ ସବୁଜ ଶାଢ଼ି ପିନ୍ଧାଇ ପତାକା ଧରାଇ କର୍ମୀଭାବେ ବ୍ୟବହାର କରାଯାଉଛି। ଏପରିକି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡ଼ିଯିବା ସମୟରେ ତଥା ବଳାତ୍କାର, ହତ୍ୟା, ଅପରାଧ ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ, ବିଧାୟକଙ୍କ ଅପରାଧ ଘଟଣାକୁ ଘଣ୍ଟ ଘୋଡ଼ାଇବା ଉଦ୍ଦେଶ୍ୟରେ ସରକାରଙ୍କ ଅନ୍ୟାୟ, ଅନୀତି ସପକ୍ଷରେ ପ୍ରାୟୋଜିତ ସଭାସମିତିରେ ତାଙ୍କୁ ଛିଡ଼ା କରାଇବାକୁ ପଛାଉନାହାନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ କୌଣସି ୟୁନିଫର୍ମ ଶାଢ଼ି ବା ପୋଷାକ ପିନ୍ଧିବାର ବ୍ୟବସ୍ଥା ଦେଶର ଆଇନରେ ନ ଥିବାବେଳେ ସେମାନଙ୍କୁ ସବୁଜ ରଙ୍ଗର ଶାଢ଼ି ପିନ୍ଧେଇବା ପାଇଁ ଓଡ଼ିଶା ମିଶନ ଶକ୍ତିକୁ ଅଧିକାର ଦେଲା କିଏ ବୋଲି ସ୍ମୃତି ପ୍ରଶ୍ନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ।

## ଉଦ୍ଧବ, ଶିନ୍ଦେ ବଳକଷାକଷି

**ମୁମ୍ବାଇ ଦଶହରା ରାଲି**

**ମୁମ୍ବାଇ,୬।୧୦:** ୧୯୬୬ରେ ଆରମ୍ଭ ଦିନଠାରୁ ଚଳିତ ବର୍ଷ ପ୍ରଥମ ଥର ଲାଗି ଶିବସେନାର ବାର୍ଷିକ ଦଶହରା ରାଲି ଦୁଇଭାଗ ହୋଇଛି। ଶିବସେନାର ଉଦ୍ଧବ ଠାକ୍‌ରେ ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ବୁଧବାର ଅଲଗା ରାଲି କରିଥିବାବେଳେ ପରସ୍ପରକୁ କଡ଼ା ସମାଲୋଚନା କରିଥିଲେ। ଉଭୟ ଗୋଷ୍ଠୀ ନିଜକୁ ହିନ୍ଦୁତ୍ୱ ଏବଂ ବାଲ୍ ଠାକ୍‌ରେଙ୍କ ଲିଗାସୀ ବୋଲି ଦାବି କରିଥିଲେ। ହିନ୍ଦୁତ୍ୱ, ବିଶ୍ୱାସଘାତ ଏବଂ ବଂଶବାଦ ଉତ୍ତରାଧିକାର ପ୍ରସଙ୍ଗ ଉଭୟ ଗୋଷ୍ଠୀ ଉଠାଇଥିଲେ। ଦଳ ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ବାସ୍ତବ ନୀତି ଆଦର୍ଶ ଓ ମୂଲ୍ୟବୋଧର ଉତ୍ତରାଧିକାରିତା ଉଭୟ ଗୋଷ୍ଠୀ ଉଠାଇଥିଲେ। ପାରମ୍ପରିକ ଶିବାଜୀ ପାର୍କ ରାଲିରେ ଉଦ୍ଧବ ଯୋଗଦେଇ ଶିନ୍ଦେ ଗୋଷ୍ଠୀଙ୍କୁ ଲୁଣ୍ଠନକାରୀ ଓ ପରାଙ୍ଗପୁଷ୍ଟ ବୋଲି ଅଭିହିତ କରିଥିଲେ। ସେହିପରି ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ମୁଖ୍ୟମନ୍ତ୍ରୀ ଶିନ୍ଦେ ରାଲିକୁ ସମ୍ବୋଧନ କରିବା ଅବସରରେ କିଏ ପ୍ରକୃତ ଶିବ ସୈନିକ ପ୍ରମାଣିତ ହୋଇଯାଇଥିବା କହିଥିଲେ। ମହାରାଷ୍ଟ୍ରବାସୀଙ୍କୁ ପ୍ରତାରିତ କରିଥିବାରୁ ବାଲାସାହେବଙ୍କ ସ୍ମାରକୀ ନିକଟରେ ଆଣ୍ଠେଇ କ୍ଷମା ମାଗିବାକୁ ସେ ଉଦ୍ଧବଙ୍କୁ ଆହ୍ୱାନ ଦେଇଥିଲେ। କିଏ ପ୍ରକୃତ ଶିବସେନା ଜନସମାବେଶ ତାହା ପ୍ରମାଣିତ କରିଦେଇଥିବା ସେ କହିଥିଲେ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**
ସଂଖ୍ୟା ୧୮୪୪୮/IND-II-PH-1042 ତାରିଖ ୦୬.୧୦.୨୦୨୨
No. CAD-2073
**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ବଂଶୀଧର ସ୍ୱାଇଁ ଓଡ଼ିଶାର ଗଜପତି ଜିଲ୍ଲା, କାଶୀନଗର ତହସିଲ ଅନ୍ତର୍ଗତ ପୁରୁଟିଗୁଡା ଗ୍ରାମରେ ୫.୫୩୯ ହେକ୍ଟର ପରିମିତ ଅଞ୍ଚଳରେ ଖାତା ନଂ.୫୨୨, ପ୍ଲଟ ନଂ.୧୨୮୫ ସ୍ଥିତ ପୁରୁଟିଗୁଡା ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)] ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୯।୧୧।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ଗଜପତି ଜିଲ୍ଲା, କାଶୀନଗର ତହସିଲ ଅନ୍ତର୍ଗତ ଖଣ୍ଡୱା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଜପତି** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଜପତି**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଜପତି**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାୟଗଡ଼ା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାୟଗଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0308/2223 ସ୍ୱା./-ସଦସ୍ୟ ସଚିବ

# ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କ ନଜର

## ଧାମନଗର ଉପନିର୍ବାଚନ

- ଆଜି ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି
- ପଞ୍ଚାୟତ, ଏନ୍‌ଏସି ଦାୟିତ୍ୱ ନେବେ ବିଜେଡିର ଏକାଧିକ ନେତା
- ଭାଜପା ମଧ୍ୟ ପ୍ରସ୍ତୁତ କଲାଣି ନେତାଙ୍କ ତାଲିକା

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

ଧାମନଗର ବିଧାନସଭା ଆସନ ଲାଗି ଆସନ୍ତା ନଭେମ୍ବର ୩ରେ ଉପନିର୍ବାଚନ ହେବ। ଏନେଇ ନିର୍ବାଚନ କମିଶନ ନିକଟରେ ଘୋଷଣା କରିସାରିଥିବା ବେଳେ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ଦିନ ଅକ୍ଟୋବର ୧୪ ଥିବାବେଳେ ୧୫ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଅକ୍ଟୋବର ୧୭ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ। ନଭେମ୍ବର ୬ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୯ରେ ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରଲୋକ ହେବାପରେ ଏହି ଆସନ ଖାଲି ପଡ଼ିଛି। ଉପନିର୍ବାଚନ ଲାଗି ଖୁବ୍‌ଶୀଘ୍ର ରାଜ୍ୟର ୩ ପ୍ରମୁଖ ଦଳ ନିଜ ନିଜର ପ୍ରାର୍ଥୀ ଘୋଷଣା କରିବେ। ତେବେ ବିଷ୍ଣୁଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ କରିବା ପାଇଁ ଭାଜପା ଏକ ପ୍ରକାର ଚୂଡ଼ାନ୍ତ କରିସାରିଥିବାବେଳେ ବିଜେଡି ଉପରେ ସମସ୍ତଙ୍କ ନିଜର ରହିଛି। ବିଷ୍ଣୁଙ୍କ ପରଲୋକ ପରେ ତାଙ୍କ ପରିବାର ପ୍ରତି ନିର୍ବାଚନମଣ୍ଡଳୀ ଲୋକଙ୍କ ଅନୁକମ୍ପାମୂଳକ ଭୋଟ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ବିଗତ ଦିନଗୁଡ଼ିକରେ ରାଜ୍ୟରେ ଯେତେ ଉପନିର୍ବାଚନ ହୋଇଛି ବିଜେଡି ସବୁବେଳେ ଅନୁକମ୍ପା ଭୋଟ୍ ହାତେଇବାକୁ ଚେଷ୍ଟା କରିଆସିଛି। ତେଣୁ ଏଥର ଭାଜପା ନେତାଙ୍କ ଦେହାନ୍ତ ହୋଇଥିବାରୁ ବିଜେଡି ଅନୁକମ୍ପା ଭୋଟକୁ ପ୍ରତିହତ କରିପାରିବା ଭଳି ପ୍ରାର୍ଥୀ ଖୋଜିବ। ବିଜେଡି ଏଥର କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ବିଜେଡି କିନ୍ତୁ ନିର୍ବାଚନ ପ୍ରଚାର ଏବଂ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ଲାଗି ନେତାମାନଙ୍କ ଏକ ଲମ୍ବା ତାଲିକା ପ୍ରସ୍ତୁତ କରିସାରିଲାଣି। ସବୁ ପଞ୍ଚାୟତ ଦାୟିତ୍ୱ ନେବା ଲାଗି ରାଜ୍ୟର ବିଭିନ୍ନ ଅଞ୍ଚଳର ନେତାଙ୍କ ଏକ ତାଲିକା ପ୍ରସ୍ତୁତ କରିସାରିଲାଣି। ସେହିପରି ବ୍ଲକ ଏବଂ ଏନ୍‌ଏସି ଦାୟିତ୍ୱ ନେବା ପାଇଁ ମଧ୍ୟ ନେତାମାନଙ୍କ ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଛି। ସମ୍ପୂର୍ଣ୍ଣ ନିର୍ବାଚନମଣ୍ଡଳୀ ଦାୟିତ୍ୱ ନେବା ଲାଗି ୪ ଜଣ ନେତାଙ୍କ ନାମ ଚୂଡ଼ାନ୍ତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏନେଇ ଶାସକ ଦଳ ପକ୍ଷରୁ ଘନ ଘନ ବୈଠକ ବସିବାରେ ଲାଗିଛି। ତେବେ ସବୁବେଳେ ନାମାଙ୍କନ ଦାଖଲ ହେବାର ଦିନକ ପୂର୍ବରୁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଆସୁଥିବା ବିଜେଡି ଆଭିମୁଖ୍ୟ କ’ଣ ରହିବ ତା’ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ଭାଜପା ମଧ୍ୟ ଏହି ଉପନିର୍ବାଚନରେ ବାଜିମାତ୍ କରିବ ବୋଲି ଏକ ପ୍ରକାର ଆଶାବାନ୍ଧି ବସିଛି। ଏହି ଆସନଟି ଯେହେତୁ ଭାଜପା ହାତରେ ରହିଥିଲା ସେଥିଲାଗି ଭାଜପାର ଏଭଳି ଆଶା ବଢ଼ିଛି। ତେବେ ଭାଜପା ମଧ୍ୟ ତାଙ୍କ ନେତାମାନଙ୍କ ଏକ ତାଲିକା ପ୍ରସ୍ତୁତ କରି ନିର୍ବାଚନ ଦାୟିତ୍ୱ ବାଣ୍ଟିବାକୁ ଯୋଜନା ରଖିଛି। ଏଥର ଉପନିର୍ବାଚନରେ କେନ୍ଦ୍ରମନ୍ତ୍ରୀମାନଙ୍କୁ ମଧ୍ୟ ଆଣି ରାଜ୍ୟରେ ପ୍ରଚାର କରିବା ପାଇଁ ଦଳ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କଂଗ୍ରେସ ଏକ କମିଟି ଗଠନ କରି କାହାକୁ ପ୍ରାର୍ଥୀ କରିବ ସେନେଇ ରିପୋର୍ଟ ଦେବାକୁ ଘୋଷଣା କରିଛି। ତେବେ ଆଗକୁ ଉପନିର୍ବାଚନ ରାଜନୀତି କେମିତି ହେଉଛି ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଚାଲିଛି।



ଧରିତ୍ରୀ
DHARITRI
Friday, October 7, 2022

**ସେନ୍‌ସେକ୍ସରେ ୧୫୭ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ୟୁଏସ୍ ଫେଡ୍‌ର କ୍ରମାଗତ ସୁଧ ବୃଦ୍ଧି ଓ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଭଳି ଘଟଣା ଷ୍ଟକ୍ ମାର୍କେଟର କାରବାରରେ ଅସ୍ଥିରତା ଦେଖାଦେଉଛି। ଫଳରେ ଚଳିତ ସପ୍ତାହର ୨କାର୍ଯ୍ୟ ଦିବସ ଆରମ୍ଭରୁ ହିଁ ଶେୟାର ବଜାରରେ ଅନିଶ୍ଚିତତା ଲାଗି ରହିଥିଲେ ସୁଦ୍ଧା ଶେଷରେ ବଜାରର ଫଳାଫଳ ସାମାନ୍ୟ ବୃଦ୍ଧି ସହ କାରବାର ବନ୍ଦ କରିଥିଲା। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୧୫୭ (୧୫୬.୬୩) ପଏଣ୍ଟ ବା ୦.୨୭% ବୃଦ୍ଧି ପାଇ ୫୮,୨୨୨ (୫୮,୨୨୨.୧୦) ଅଙ୍କରେ କାରବାର କରିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ପ୍ରାୟ ୫୮ (୫୭.୫୦) ପଏଣ୍ଟ ବା ୦.୩୩% ବଢ଼ି ୧୭,୩୩୨ (୧୭,୩୩୧.୮୦) ଅଙ୍କରେ ବନ୍ଦ ହୋଇଛି।



# ବିଶ୍ୱସ୍ତରୀୟ ସେବା, ସାମଗ୍ରୀ ଯୋଗାଇବ ଜୟଆଲୁକ୍କାସ୍

- ଭୁବନେଶ୍ୱରରେ ପ୍ରତିଷ୍ଠାନର ପ୍ରଥମ ଷ୍ଟୋର
- ୧୬ରେ ଉଦ୍‌ଘାଟନୀ ଉତ୍ସବ
- ଆକର୍ଷଣୀୟ ଅଫର ସାଙ୍ଗକୁ ଉପହାର

**ଭୁବନେଶ୍ୱର,୬।୧୦**

ବିଶ୍ୱର ଲୋକପ୍ରିୟ ଜୁଏଲେରି ବ୍ରାଣ୍ଡ୍ ଜୟଆଲୁକ୍କାସ୍ ଜୁଏଲେରି ଭାରତ ବଜାରରେ ତା'ର ଅବସ୍ଥିତି ଜାହିର ସାଙ୍ଗକୁ ଶାଖା ବିସ୍ତାର କରିଚାଲିଛି। ଏପରିକି ଖୁବ୍‌ଶୀଘ୍ର ଭୁବନେଶ୍ୱରର




ଶହୀଦନଗର(ଜନପଥ)ଠାରେ ତା'ର ପ୍ରଥମ ଷ୍ଟୋର (ଶୋ'ରୁମ୍) ଖୋଲିବାକୁ ଯାଉଛି। ବିଶେଷକରି ସହରର ଅଳଙ୍କାରପ୍ରେମୀମାନେ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଆକର୍ଷଣୀୟ ଅଫର ପାଇପାରିବେ। ଏହି ଅତ୍ୟାଧୁନିକ ଶୋ'ରୁମ୍ ବିଶ୍ୱସ୍ତରୀୟ ଶୈଳୀ ଅନୁଯାୟୀ ଡିଜାଇନ ହୋଇଛି। ଏଥିରେ ରହିଥିବା ପ୍ରିମିୟମ ବୈଶିଷ୍ଟ୍ୟ ଓ ସୁବିଧା ଅଳଙ୍କାର ପ୍ରେମୀମାନଙ୍କୁ ସୁଖଦ ତଥା ଅଭିନବ ଶପିଂ ଅନୁଭୂତି ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧୬ ପୂର୍ବାହ୍ନ ୧୧.୩୦ ସମୟରେ ଶୋ'ରୁମ୍‌ର ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ରହିଛି। ଏହାର ଆଧୁନିକ ସାଜସଜ୍ଜା ସହ ଭୁବନେଶ୍ୱର ବାସିନ୍ଦାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯଥେଷ୍ଟ ଶପିଂ ଏବଂ ପାର୍କିଂ ସ୍ଥାନ ରଖାଯାଇଛି। ଉଦ୍‌ଘାଟନୀ ସମାରୋହ ଅବସରରେ ଆକର୍ଷଣୀୟ ଅଫର ଦିଆଯିବ। ଗ୍ରାହକମାନେ ଶୋ'ରୁମ୍ ପରିଦର୍ଶନ କରି ବିଶ୍ୱସ୍ତରୀୟ ଆଧୁନିକ ଏବଂ ଉତ୍କୃଷ୍ଟ ଗହଣା ସମ୍ଭାର ଦେଖିପାରିବେ ଏବଂ ପୂର୍ବରୁ କେବେ ଦେଖି ନ ଥିବା ଅତୁଳନୀୟ ଗହଣା କିଣିବାର ଅନୁଭୂତି ମଧ ପାଇପାରିବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜୟ ଆଲୁକ୍କାସ୍ କହନ୍ତି, ଆମେ ଅତୁଳନୀୟ ଗହଣା କିଣିବା ଅନୁଭୂତି ପ୍ରଦାନ କରିବା ଲାଗି ସଙ୍କଳ୍ପବଦ୍ଧ ଏବଂ ଭୁବନେଶ୍ୱରବାସୀ ନିଶ୍ଚିତ ଭାବେ ଏହି ଅନୁଭୂତି ହାସଲ କରିପାରିବେ। ବିଶେଷକରି ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ, ଆମେ ସେମାନଙ୍କୁ ଶ୍ରେଷ୍ଠ ଓ ବ୍ୟାପକ ଶ୍ରେଣୀର ଅଳଙ୍କାର ସମ୍ଭାର ଯୋଗାଇଦେବାକୁ ଲକ୍ଷ୍ୟ ରଖିଛୁ। ଏଠାକାର ଅଳଙ୍କାରପ୍ରେମୀ ଗ୍ରାହକମାନଙ୍କୁ ପ୍ରିମିୟମ ଏବଂ ବାଧାମୁକ୍ତ ଅନୁଭୂତି ପ୍ରଦାନ କରିବା ଲାଗି ମୋର ସହଯୋଗୀମାନେ ମଧ ପ୍ରସ୍ତୁତ ରହିଛନ୍ତି। ଆମ ଷ୍ଟୋରର ସୁନ୍ଦର ବାତାବରଣ, ଗହଣାର ବିସ୍ତୃତ ସମ୍ଭାର, ଶ୍ରେଷ୍ଠତମ ଗ୍ରାହକ ସେବା ସହ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ଓ ଉପହାର ଗ୍ରାହକଙ୍କ ଖୁସିକୁ ଦୁଇଗୁଣିତ କରି ଦେବ। ଶୋ'ରୁମ୍ ଉଦ୍‌ଘାଟନୀ ସମାରୋହକୁ ଆସିବା ସହ ଏକ ଆନନ୍ଦଦାୟକ ଅଳଙ୍କାର ଶପିଂ ଅନୁଭୂତି ହାସଲ କରିବା ଲାଗି ମୁଁ ସମସ୍ତ ଭୁବନେଶ୍ୱରବାସୀଙ୍କୁ ସ୍ୱାଗତ ଜଣାଉଛି।



ଜୟ ଆଲୁକ୍କାସ

## ଏୟାରଟେଲ୍ ୫ଜି ପ୍ଲସ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୬।୧୦**

ଦେଶର ପ୍ରମୁଖ ସହରରେ ଏୟାରଟେଲ୍ ୫ଜି ପ୍ଲସ୍‌ର ଉନ୍ମୋଚନ କରାଯାଇଛି। ଏପରିକି ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ସିଲିଗୁଡ଼ି, ନାଗପୁର ଓ ବାରାଣସୀ ଭଳି ସହରର ଗ୍ରାହକମାନେ ପର୍ଯ୍ୟାୟକ୍ରମେ ଏୟାରଟେଲ୍ ୫ଜି ପ୍ଲସ୍ ସେବାଗୁଡ଼ିକୁ ଉପଭୋଗ କରିପାରିବେ । କାରଣ କମ୍ପାନୀ ଏହାର ନେଟ୍‌ୱର୍କ ସ୍ଥାପନ କରିବା ଏବଂ ରୋଲ ଆଉଟ୍ ସମ୍ପୂର୍ଣ୍ଣ କରିବା କାମ ଜାରି ରଖିଛି। ୫ଜି ସ୍ମାର୍ଟଫୋନ୍ ଥିବା ଗ୍ରାହକମାନେ ରୋଲ୍ ଆଉଟ୍ ଅଧିକ ବିସ୍ତାର ହେବା ପର୍ଯ୍ୟନ୍ତ ନିଜର ବିଦ୍ୟମାନ ଡାଟା ପ୍ଲାନ୍‌ଗୁଡିକ ଉପରେ ହାଇସ୍ପିଡ୍ ଏୟାରଟେଲ୍ ୫ଜି ପ୍ଲସ୍ ଉପଭୋଗ କରିପାରିବେ। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଗୋପାଳ ଭିଟ୍ଟଲ କହିଛନ୍ତି, ଏୟାରଟେଲ୍ ଗତ ୨୭ବର୍ଷ ହେବ ଭାରତର ଦୂରସଞ୍ଚାର ବିପ୍ଳବର ଆଗଧାଡ଼ିରେ ରହି ଆସିଛି। ଆମର ୫ଜି ସେବା ଗ୍ରାହକଙ୍କ ପାଖରେ ଥିବା ଯେକୌଣସି ବିଦ୍ୟମାନ ସିମ୍ ଏବଂ ଯେକୌଣସି ୫ଜି ହ୍ୟାଣ୍ଡସେଟ୍ ଉପରେ କାର୍ଯ୍ୟ କରିବ।

## ଏସ୍‌ବିଆଇ ପକ୍ଷରୁ ଦାନ ଉତ୍ସବ ପାଳନ




**ନୂଆଦିଲ୍ଲୀ,୬।୧୦**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସାରା ଦେଶରେ ଦାନ ଉତ୍ସବ ବା ଜୟ ଅଫ୍ ଗିଭିଂ ୱିକ୍ ପାଳନ କରାଯାଉଛି। ଏହି ଉତ୍ସବ ଚଳିତ ବର୍ଷ ଅକ୍ଟୋବର ୮ ପର୍ଯ୍ୟନ୍ତ ଜାରି ରହିବ। ଜୟ ଅଫ୍ ଗିଭିଂ ୱିକ ହେଉଛି 'ଦାତବ୍ୟ କାର୍ଯ୍ୟର ଏକ ଉତ୍ସବ' ଯାହାକୁ ପ୍ରତିବର୍ଷ ବ୍ୟାଙ୍କ ପକ୍ଷରୁ ପାଳନ କରାଯାଉଛି। ଏଥିରେ ଅର୍ଥ, ସମୟ, ସମ୍ବଳ ଏବଂ କୌଶଳ ଆଦି ଦାନ ଜରିଆରେ ଲୋକମାନେ ଯୋଡ଼ି ହେଉଛନ୍ତି। ଏହି ଉତ୍ସବ କର୍ପୋରେଟ, ଏନ୍‌ଜିଓ, ସରକାରୀ କ୍ଷେତ୍ର, ସ୍କୁଲ, କଲେଜ ଓ ଜନସାଧାରଣଙ୍କ ପର୍ଯ୍ୟନ୍ତ ବ୍ୟାପିଛି। ଉକ୍ତ ଉତ୍ସବର ଏକ ଅଂଶ ଭାବେ ଏସ୍‌ବିଆଇ ପକ୍ଷରୁ ଏହାର କାର୍ଯ୍ୟାଳୟ ଓ କର୍ମଚାରୀମାନଙ୍କ ମଧ୍ୟରେ ଏକ ସ୍ୱେଚ୍ଛାକୃତ ଦାନ ଅଭିଯାନ ମଧ ଆୟୋଜନ କରିବ। ସେମାନେ ଅତ୍ୟାବଶ୍ୟକ ଖାଦ୍ୟ ଯୋଗାଣ, ଘରକରଣା ସାମଗ୍ରୀ, ପୁସ୍ତକ ଓ ଷ୍ଟେଶନାରି ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆଦି ଦାନ କରିବେ। ଏପରିକି ଦାନ କରାଯାଉଥିବା ସାମଗ୍ରୀଗୁଡ଼ିକୁ ସାହାଯ୍ୟ ଦରକାର କରୁଥିବା ଏବଂ ସମାଜର ବଞ୍ଚିତ ବର୍ଗର ଲୋକଙ୍କ ସହାୟତା ପାଇଁ ବ୍ୟବହାର କରାଯିବ। ଏହି ଅଭିଯାନ କର୍ମଚାରୀମାନଙ୍କ ମଧ୍ୟରେ ସକ୍ରିୟ ସହଯୋଗ ମଧ ଆଣିବ, ଯାହା ବ୍ୟାଙ୍କର ନିରନ୍ତରତା ଉଦ୍ୟମରେ ଶକ୍ତି ସୃଷ୍ଟି କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଆଇଡିଏଫ୍‌ସି ଟ୍ରାନ୍ସପୋର୍ଟେଶନ ଓ ଲଜିଷ୍ଟିକ୍ସ ଫଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୬।୧୦**

ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍, ଆଇଡିଏଫ୍‌ସି ଟ୍ରାନ୍ସପୋର୍ଟେଶନ ଓ ଲଜିଷ୍ଟିକ୍ସ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ପରିବହନ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ନିବେଶ କରୁଥିବା ଏହି ଫଣ୍ଡ୍ ଯାତାୟାତ ସେବା କ୍ଷେତ୍ରରେ ବହୁବର୍ଷୀୟ ଅଭିବୃଦ୍ଧି ସୁଯୋଗରୁ ଲାଭ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହି ଫଣ୍ଡର ଅଫର ଚଳିତ ବର୍ଷ ଅକ୍ଟୋବର ୧୮ରେ ବନ୍ଦ ହେବ। ଏହି ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ୍ ବିତରଣକାରୀ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡିକ ମାଧ୍ୟମରେ କିମ୍ବା ସିଧାସଳଖ ଆଇଡିଏଫ୍‌ସି ଏମ୍‌ଏଫ୍ ୱେବ୍‌ସାଇଟ ଜରିଆରେ ନିବେଶ କରିପାରବେ।

ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଦ୍ରୁତ ସହରୀକରଣ ବ୍ୟକ୍ତିଗତ ଯାତାୟାତ ଆବଶ୍ୟକତାକୁ ତ୍ୱରାନ୍ୱିତ କରୁଛି। ଏହାଛଡା ଶକ୍ତିଶାଳୀ ସକ୍ଷମକାରୀ ଯେପରିକି ଏକ ମଜଭୁତ ଚାହିଦା ଆଧାରିତ ପୁନରୁଦ୍ଧାର ଚକ୍ର ଓ ମାର୍ଜିନ୍ ବୃଦ୍ଧି ପରିବହନ ଓ ଲଜିଷ୍ଟିକ୍ କ୍ଷେତ୍ର ପାଇଁ ଦୃଢ ଆୟ ଅଭିବୃଦ୍ଧି ଲାଗି ଦୃଶ୍ୟତା ପ୍ରଦାନ କରୁଛି। ଏହି କ୍ଷେତ୍ରରେ ବିକାଶ ବର୍ଦ୍ଧିତ ଆକାଂକ୍ଷା, ଉନ୍ନତ ଭିତ୍ତିଭୂମି, ସଂଖ୍ୟାରେ ବୃଦ୍ଧି ଓ ରପ୍ତାନିଚାଳିତ ସୁଯୋଗଗୁଡ଼ିକ ଦ୍ୱାରା ପରିଚାଳିତ ହେବ ବୋଲି ଆଶା କରାଯାଉଛି। ଆଇଡିଏଫ୍‌ସି ଟ୍ରାନ୍ସପୋର୍ଟେଶନ ଓ ଲଜିଷ୍ଟିକ୍ସ ଫଣ୍ଡକୁ ସକ୍ରିୟ ଭାବେ ଏକ ଟିମ୍ ଦ୍ୱାରା ପରିଚାଳନା କରାଯିବ।

## ଜିଓର ଟ୍ରୁ-୫ଜି, ବିଟା ପରୀକ୍ଷଣ ସେବା ଆରମ୍ଭ

**ନୂଆଦିଲ୍ଲୀ,୬।୧୦**




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ଟ୍ରୁ-୫ଜି ସେବାର ବିଟା ପରୀକ୍ଷଣ ଦଶହରାରୁ ଆରମ୍ଭ ହୋଇଯାଇଛି। ଉକ୍ତ ସେବା ଦେଶର ପ୍ରମୁଖ ୪ ସହର ଯଥା ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ବାରାଣସୀରେ ଆରମ୍ଭ ହୋଇଛି। ଏହି ସେବା ଏବେ କେବଳ ନିମନ୍ତ୍ରଣ ଆଧାରରେ ପ୍ରଦାନ କରାଯିବ ଅର୍ଥାତ୍ ନିର୍ଦ୍ଦିଷ୍ଟ କେତେଜଣ ଜିଓ ଗ୍ରାହକଙ୍କୁ ଉକ୍ତ ସେବା ବ୍ୟବହାର କରିବା ଲାଗି ଆମନ୍ତ୍ରଣ କରାଯିବ। ଏହାର ଗ୍ରାହକମାନଙ୍କୁ ତା'ସହିତ ୱେଲକମ୍ ଅଫର ବି ମିଳିବ, ଯେଉଁଥିରେ ସେମାନଙ୍କୁ ୧ ଜିବିପିଏସ୍ ପର୍ଯ୍ୟନ୍ତର ସ୍ପିଡ୍ ଓ ଅସୀମିତ ୫ଜି ଡାଟା ମିଳିବ। ସେହିଭଳି ଆମନ୍ତ୍ରିତ ଗ୍ରାହକମାନେ ଜିଓ ଟ୍ରୁ-୫ଜିର ଅନୁଭୂତି ହାସଲ କରିବେ ଏବଂ ସେମାନଙ୍କ ଅନୁଭବ ଆଧାରରେ କମ୍ପାନୀ ବିସ୍ତୃତ ୫ଜି ସେବାର ଶୁଭାରମ୍ଭ କରିବ। ଏପରିକି 'ଉଇ କେୟାର' ଅର୍ଥାତ୍ ଆମେ ଆପଣଙ୍କ ଯତ୍ନ ନେବୁ, ଜିଓ ଟ୍ରୁ-୫ଜି ସେହି ମୂଳମନ୍ତ୍ର ଉପରେ ତିଆରି ହୋଇଛି। ଆମନ୍ତ୍ରିତ ଜିଓ ୱେଲକମ୍ ଅଫର ବ୍ୟବହାରକାରୀମାନଙ୍କୁ ନିଜ ଜିଓ ସିମ୍ ବଦଳାଇବାକୁ ପଡ଼ିବ ନାହିଁ। କେବଳ ସେମାନଙ୍କ ମୋବାଇଲ ୫ଜି ହୋଇଥିବା ଦରକାର। ଜିଓ ଟ୍ରୁ-୫ଜି ସେବା ସ୍ୱୟଂକ୍ରିୟ ଭାବେ ଅପ୍‌ଗ୍ରେଡ୍ ହୋଇଯିବ।

ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତ ଭଳି ଏକ ବଡ଼ ଦେଶରେ ସବୁଠୁ ଦ୍ରୁତଗତିରେ ୫ଜି ସେବା ଆରମ୍ଭ କରିବା ଲାଗି ଜିଓ ଯୋଜନା ପ୍ରସ୍ତୁତ କରିଛି।

## ବ୍ରିଟାନିଆର ନୂଆ 'ଟ୍ରିଟ୍ କ୍ରୋଇସେନ୍'

**ନୂଆଦିଲ୍ଲୀ,୬।୧୦**

ଦେଶର ପ୍ରମୁଖ ବେକରି ଫୁଡ୍ କମ୍ପାନି ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ବିଆଇଏଲ୍) ର ନୂଆ ଟ୍ରିଟ୍ କ୍ରୋଇସେନ୍‌ର ଶୁଭାରମ୍ଭ ସହ ପାଶ୍ଚାତ୍ୟ ସ୍ନାକ୍ସ କ୍ଷେତ୍ରରେ ବଜାର ପ୍ରବେଶ କରିଛି। ବିଶେଷକରି ଏହା 'ଚମତ୍କାର ଉତ୍ତମତା' ପ୍ରଦାନ କରିବାର ପ୍ରତିଶ୍ରୁତିକୁ ବଜାୟ ରଖିବା ସହ କମ୍ପାନୀ ଲୋକପ୍ରିୟ ୟୁରୋପୀୟ ସ୍ନାକ୍ସ କ୍ରୋଇସେନ୍‌କୁ ଭାରତୀୟ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇଛି। ଏପରିକି ବ୍ରିଟାନିଆ ଟ୍ରିଟ୍ କୋଇସେନ୍ ୩ ପ୍ରକାର ସ୍ୱାଦ ଯଥା କୋକୋଆ, ଭାନିଲା ଓ ମିକ୍ସଡ୍ ଫ୍ରୁଟ୍‌ରେ ଉପଲବ୍ଧ। ସମ୍ପୂର୍ଣ୍ଣ ନୂଆ ବ୍ରିଟାନିଆ ଟ୍ରିଟ୍ କ୍ରୋଇସେନ୍-ଫ୍ଲଫି, ବେକ୍‌ଡ ଓ ଲିକ୍ୱିଡ୍ କ୍ରିମ୍‌ରେ ପରିପୂର୍ଣ୍ଣ। ଏହାର ପ୍ରାରମ୍ଭିକ ମୂଲ୍ୟ ୨୦ ଟଙ୍କା ରହିଛି। ଏ ସମ୍ପର୍କରେ ବିଆଇଏଲ୍‌ର ଚିଫ୍ ବିଜ୍‌ନେସ୍ ଅଫିସର (ନୂଆ ବର୍ଗ) ବଦ୍ରି ବେରିୱାଲ କହିଛନ୍ତି, ବ୍ରିଟାନିଆରେ ଆମେ ବିଭିନ୍ନ ପିଢ଼ିର ଗ୍ରାହକଙ୍କୁ ସନ୍ତୁଷ୍ଟ ପ୍ରଦାନକାରୀ ସ୍ନାକ୍ସ ଦେଉଛୁ। ଆମର ସଦ୍ୟତମ ନବସୃଜନ ସମ୍ପୂର୍ଣ୍ଣ ନୂଆ ବ୍ରିଟାନିଆ ଟ୍ରିଟ୍ କ୍ରୋଇସେନ୍ ପ୍ରକୃତରେ ଏକ ପସନ୍ଦର ୟୁରୋପୀୟ ସ୍ନାକ୍ସ କ୍ରୋଇସେନ୍‌ରୁ ଅନୁପ୍ରାଣିତ। ଯୁବପିଢ଼ି ସହ ଏକ ଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ଆମେ ଚାହୁଁଥିବାରୁ ଆମେ ଏହି ସ୍ନାକ୍ସ ଓ ନୃତ୍ୟ ଭିତରେ ଏକ ସମାନତା ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲୁ।

**ଫୁରସତ**

# ବିବାଦରେ 'ରାବଣ' ଗେଟ୍‌ଅପ୍

**ବୟକଟ୍ ଟ୍ରେଣ୍ଡରେ ଆଦିପୁରୁଷ**

**ଗତ ୨ ତାରିଖରେ ଟ୍ରେଲର ରିଲିଜ ହେବା ପରଠାରୁ ବଡ଼ ବଜେଟ୍‌ର ଆଉ ଏକ ବଲିଉଡ୍ ଫିଲ୍ମ 'ଆଦିପୁରୁଷ' ସୋସିଆଲ ମିଡିଆରେ ବୟକଟ୍ ଟ୍ରେଣ୍ଡ୍‌ର ସାମ୍ନା କରୁଛି। ପ୍ରଭାସ, ସୈଫ ଅଲ୍ଲୀ ଖାନ୍, କ୍ରୀତି ସାନନ୍‌ଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ନିମ୍ନମାନର ଭିଏଫ୍‌ଏକ୍ସ, ପୋଷାକ ପରିଧାନ ଶୈଳୀ, ରାମାୟଣର ପ୍ରମୁଖ ଚରିତ୍ର ରାବଣଙ୍କ ଇସ୍‌ଲାମିକ ଗେଟ୍‌ଅପ୍ ଆଦିକୁ ନେଇ ବିରୋଧର ସମ୍ମୁଖୀନ ହେଉଛି। ଏହାସହ ବୟକଟ୍ ଗ୍ୟାଙ୍ଗ୍ ମଧ ପ୍ରାୟ ୫ ଶହ କୋଟିର ଏହି ଫିଲ୍ମ ପଛରେ ପଡ଼ିଛନ୍ତି। ହଲିଉଡ୍‌ର କେତେକ ସିନ୍‌କୁ ଏଥିରେ ନକଲ କରାଯାଇଥିବା ସୋସିଆଲ ମିଡିଆରେ ୟୁଜର୍ସମାନେ ମତ ରଖିଛନ୍ତି। ଏହା ହିନ୍ଦୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା କେତେଜଣ ଭାଜପା ନେତା, ବିଶ୍ୱ ହିନ୍ଦୁ ପରିଷଦ ସମେତ ଅନ୍ୟ ହିନ୍ଦୁ ସଙ୍ଗଠନଗୁଡ଼ିକ କହିଛନ୍ତି। ଏପରିକି ଫିଲ୍ମ ରିଲିଜ୍ ରୋକିବାକୁ ମଧ ଦାବି ଉଠିଛି।**





### ସୀତା-ରାମଙ୍କ ପରିଧାନ

'ଆଦିପୁରୁଷ'ରେ ଭଗବାନ ରାମ ଏବଂ ଦେବୀ ସୀତାଙ୍କ ଚରିତ୍ରରେ ଥିବା ପ୍ରଭାସ ଓ କ୍ରୀତି ସାନନ୍‌ଙ୍କ ପୋଷାକ ପରିଧାନକୁ ନେଇ ବିବାଦ ଉପୁଜିଛି। ପ୍ରଭାସ କଠଉ ବଦଳରେ ଚପଲ ପିନ୍ଧିଥିବା ଏବଂ କ୍ରୀତି ସାନନ୍ ଆଧୁନିକ ପୋଷାକରେ ସୀତାଙ୍କ ଚରିତ୍ରରେ ଅଭିନୟ କରିବାକୁ ବିରୋଧ କରାଯାଇଛି। ପତିବ୍ରତା ଧର୍ମ ପାଳନ କରିଥିବା ସୀତାଙ୍କୁ ଏପରି ଢଙ୍ଗରେ ଅବତାରଣା କରାଯିବା କେବେ ଗ୍ରହଣୀୟ ନୁହେଁ ବୋଲି ଲୋକେ ମତ ରଖିଛନ୍ତି।



### ହଲିଉଡ୍ ଦୃଶ୍ୟର ନକଲ

ଫିଲ୍ମରେ ଯେଉଁ ଯୁଦ୍ଧଭୂମି ଦେଖାଯାଇଛି ସେଥିରେ ରାକ୍ଷସଙ୍କୁ ଦେଖିବାକୁ ମିଳିଛି। ଏହା ହଲିଉଡ୍ ଫିଲ୍ମର ନକଲ ଏବଂ ଏଥିରେ ନିମ୍ନମାନର ଭିଏଫ୍‌ଏକ୍ସ ବ୍ୟବହାର କରାଯାଇଥିବା ସୋସିଆଲ ମିଡିଆ ୟୁଜର୍ସ ମତ ରଖିଛନ୍ତି। ଏହାର ଭିଏଫ୍‌ଏକ୍ସକୁ ଟେମ୍ପଲରନ୍ ଗେମ୍, ଗେମ୍ ଅଫ୍ ଥ୍ରୋନ୍ ଭଳି ବ୍ୟାକ୍‌ଗ୍ରାଉଣ୍ଡ ସହ ତୁଳନା କରାଯାଉଛି। ଏଥିରେ ଏକାଧିକ ହଲିଉଡ୍ ଫିଲ୍ମର ଦୃଶ୍ୟ ଏବଂ ଟେକ୍‌ନିକକୁ ବ୍ୟବହାର କରାଯାଇଥିବା କୁହାଯାଉଛି।

### ସୈଫ୍‌ଙ୍କ 'ଖିଲଜୀ' ଲୁକ୍

'ଆଦିପୁରୁଷ'ରେ ସୈଫ ଅଲ୍ଲୀ ଖାନ୍ ରାବଣ ଚରିତ୍ରରେ ଅଭିନୟ କରୁଛନ୍ତି। ଟିଜରରେ ସୈଫ୍‌ଙ୍କ ରାବଣ ଲୁକ୍‌କୁ ଘୋର ବିରୋଧ କରାଯାଉଛି। 'ରାବଣ'ଙ୍କ ମର୍ଡନ, ଷ୍ଟାଇଲିଷ୍ଟ, ସ୍ପାଇକ୍ ହେୟାର ଷ୍ଟାଇଲକୁ ଲୋକେ ପସନ୍ଦ କରିନାହାନ୍ତି। ଏଥିରେ ସୈଫ୍ ରାବଣ କମ୍, ଖିଲ୍‌ଜୀ ସାମ୍ରାଜ୍ୟର ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଅଧିକ ଦେଖାଯାଉଥିବା କହି ସୋସିଆଲ ମିଡିଆରେ ୟୁଜର୍ସ ଫିଲ୍ମ ନିର୍ମାତାଙ୍କୁ ଟାର୍ଗେଟ କରିଛନ୍ତି। ରାବଣଙ୍କ ବାହନ ଉପରେ ମଧ ପ୍ରଶ୍ନ ଉଠିଛି। ରାମାୟଣରେ ରାବଣଙ୍କ ବାହନ ପୁଷ୍ପକ ଥିଲା। କିନ୍ତୁ ଟିଜରରେ ସୈଫ ଏକ ରାକ୍ଷାସ ଉପରେ ଥିବା ଦେଖିବାକୁ ମିଳିଛି। ଆଖିରେ କଜଳ ଏବଂ ଦାଢ଼ି ରୂପରେ ରାବଣ ଗେଟ୍‌ଅପ୍ ଦିଆଯାଇ ରାମାୟଣର ଇସ୍‌ଲାମୀକରଣ କରାଯାଇଥିବା ସର୍ବ ବ୍ରାହ୍ମଣ ମହାସଭା ପକ୍ଷରୁ କୁହାଯାଇଛି। ହିନ୍ଦୁ ଠାକୁର ଓ ଦେବୀଙ୍କୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଥିବା କହି ମହାସଭା ପକ୍ଷରୁ ଫିଲ୍ମ ନିର୍ଦ୍ଦେଶକ ଓମ୍ ରାଉତଙ୍କ ନିକଟକୁ ଏକ ଲିଗାଲ ନୋଟିସ ପଠାଯାଇଛି। କ୍ଷମା ନ ମାଗିଲେ ସଙ୍ଗଠନ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଏଥିରେ ଚେତାବନୀ ଦିଆଯାଇଛି।

### ହନୁମାନଙ୍କ ଚମଡ଼ା ପୋଷାକ

ରାମ ଓ ରାବଣଙ୍କ ଚରିତ୍ର ପରେ ଫିଲ୍ମରେ ହନୁମାନଙ୍କ ବେଶଭୂଷାକୁ ମଧ ବିରୋଧ କରାଯାଉଛି। ଏଥିରେ ହନୁମାନଙ୍କୁ ଅଜବ ଢଙ୍ଗରେ ଅଙ୍ଗବସ୍ତ୍ର ପିନ୍ଧାଯାଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି। ଟିଜରରେ ହନୁମାନ ଚମଡ଼ା ପୋଷାକ ପିନ୍ଧିଛନ୍ତି, ଯାହା କି ହିନ୍ଦୁ ଧର୍ମ ବିଶ୍ୱାସୀଙ୍କ ପାଇଁ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। 'କାନନ କୁଣ୍ଡଲ କୁଞ୍ଚିତ କେଶା, ହାଥ୍ ବଜ୍ର ଔର ଧ୍ୱଜା ବିରାଜେ' ହେଉଛି ହନୁମାନଙ୍କ ପ୍ରକୃତ ବେଶ। ହେଲେ ଆଦିପୁରୁଷରେ ଏପରି ଢଙ୍ଗରେ ହନୁମାନଙ୍କୁ ଚିତ୍ରଣ କରା ନ ଯିବା ଧର୍ମୀୟ ଭାବନାକୁ ଆଘାତ କଲାପରି ବୋଲି ସେ ମତ ରଖିଛନ୍ତି।



## ଗୌରବ ସହ ଆକାଶ ଛୁଇଁବା ଲକ୍ଷ୍ୟ



**ଭାରତୀୟ ବାୟୁସେନା ଦିବସ**

ଭାରତରେ ପ୍ରତିବର୍ଷ ଅକ୍ଟୋବର ୮ ରେ ଭାରତୀୟ ବାୟୁସେନା ଦିବସ ପାଳନ କରାଯାଇଥାଏ। ୧୯୩୨ ମସିହାରେ ଏହି ଦିନ ଭାରତରେ ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ଆନୁଷ୍ଠାନିକ ଭାବରେ ବ୍ରିଟେନର ରୟାଲ ଏୟାର ଫୋର୍ସର ସହାୟକ ଶକ୍ତି ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା। ଏହାପରେ ୧୯୩୩ ଏପ୍ରିଲ୍ ୧୦ଠାରୁ ଏହା କାର୍ଯ୍ୟ ଆରମ୍ଭ କରିଥିଲା। ଚଳିତ ବର୍ଷ ଭାରତୀୟ ବାୟୁସେନା ୯୦ ବର୍ଷରେ ପାଦ ଦେଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ ପରେ ହିଁ ଭାରତରେ ବାୟୁସେନା ରୟାଲ ଇଣ୍ଡିଆନ ଫୋର୍ସ ଭାବରେ ୧୯୪୫ରେ ପରିଚିତ ହେଲା। ୨୬ ଜାନୁୟାରୀ ୧୯୫୦ରେ ରୟାଲ ଶବ୍ଦ ହଟାଇ କେବଳ ଏହାକୁ ଇଣ୍ଡିଆନ ଫୋର୍ସ (ଆଇଏଏଫ)ଭାବେ ନାମିତ କରାଯାଇଥିଲା। ଭାରତୀୟ ଏୟାରଫୋର୍ସର ଲକ୍ଷ୍ୟ ହେଉଛି 'ଟଚ୍ ଦ ସ୍କାଏ ୱିଥ୍ ଗ୍ଲୋରି'। ଅର୍ଥାତ୍, ଗୌରବର ସହ ଆକାଶ ଛୁଇଁବା ଲକ୍ଷ୍ୟ। ୧୯୪୫ରେ ଏହା ରୟାଲ ଇଣ୍ଡିଆନ ଏୟାର ଫୋର୍ସ ଭାବେ ନାମିତ ହୋଇଥିଲା। ଭାରତୀୟ ବାୟୁସେନାରେ ୧୭୦,୫୭୬ ସକ୍ରିୟ କର୍ମଚାରୀ ରହିଛନ୍ତି। ସେହିପରି ୧୪୦ ହଜାର ରିଜର୍ଭ କର୍ମଚାରୀ ଥିବାବେଳେ ଆଇଏଫ୍‌ଏରେ ୧୯୨୬ରୁ ଅଧିକ ବିମାନ ରହିଛି।

ହେଲିକପ୍ଟର ମଧ୍ୟରେ ବାୟୁସେନା ପାଖରେ ସିଏଚ୍-୪୭ ଚିନୁକ, ଧ୍ରୁବ, ଚେତକ, ଚିତା, ଏମଆଇ-୮, ଏମଆଇ-୧୭, ଏମଆଇ-୨୬ ଆଦି ରହିଛି। ଟ୍ରେନର ବିମାନ ମଧ୍ୟରେ ହକ୍ ଏମ୍‌କେ ୧୩୨, ଏଚ୍‌ଜେଟି-୧୬ କିରନ, ପିଲାଟସ୍ ସି-୭ ଏମ୍‌କେ-୨ ଆଦି ରହିଛି। ଯୁଦ୍ଧ ବିମାନ ମଧ୍ୟରେ ଜାଗୁଆର, ରାଫାଲ, ସୁଖୋଇ ଆଦି ରହିଛି।

## କୁକୁର ପାଇଁ ଲକ୍ଷାଧିକ ଖର୍ଚ୍ଚ



**ୱାଶିଂଟନ୍:** ଅନେକ ଲୋକ ଗୃହପାଳିତ ପ୍ରାଣୀକୁ ରଖିବାକୁ ପସନ୍ଦ କରନ୍ତି। ତାଙ୍କୁ ଭଲ ପାଇବା ଦେବା ପାଇଁ ଏମିତି କିଛି କାମ କରନ୍ତି, ଯେଉଁଥିରେ କି ସେ ଚର୍ଚ୍ଚାରେ ରହିଥାନ୍ତି। ଆମେରିକାରେ ରହୁଥିବା ୨୩ ବର୍ଷୀୟା ଲିନ୍ସେ ଡୋନାବନ ଏକ କୁକୁର ପାଳିଛନ୍ତି। ସେ ତାଙ୍କ କୁକୁରକୁ ଏତେ ଭଲ ପାଆନ୍ତି ଯେ, ତା' ପାଇଁ ଲକ୍ଷ ଲକ୍ଷ ଟଙ୍କାର ଜିନିଷ କିଣିଥାନ୍ତି। ଏମିତି କି ଆବଶ୍ୟକ ପଡ଼ିଲେ ସେ ଉଡ଼ାଜାହାଜରେ ଯାତ୍ରା କରି କୁକୁର ପାଇଁ ସାମଗ୍ରୀ ଆଣିଥାନ୍ତି। ତାଙ୍କର ଏମିତି ସଉକ ପାଇଁ ସେ ରୋଜଗାର କରୁଥିବାର ଅଧିକ ଭାଗ ତାଙ୍କ କୁକୁର ପାଇଁ ଖର୍ଚ୍ଚ କରନ୍ତି। ଲିନ୍ସେ ପ୍ରଥମେ ମଡେଲିଂ କରୁଥିଲେ। ସେ ସେଥିରୁ ରୋଜଗାର କରୁଥିବା ଟଙ୍କା ରିୟଲ ଇଷ୍ଟେଟ୍‌ରେ ଲଗାଇଥାନ୍ତି। ରିପୋର୍ଟ ମୁତାବକ ସେ ବର୍ତ୍ତମାନ ଏକ ଘର କରୁଛନ୍ତି। ସେଥିରେ ତାଙ୍କ କୁକୁର ରହିବା ପାଇଁ ପ୍ରାୟ ୨ ଲକ୍ଷ ଟଙ୍କାର ଜିନିଷ କିଣାକିଣି କରିଥିବା କୁହନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୭ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ବନ୍ଧୁକ, ବାରହ୍ନା ମାଂସ ଜବତ: ୨ ଗିରଫ



ରେଢ଼ାଖୋଲ,୬।୧୦(ଡି.ଏନ.ଏ.): ରେଢ଼ାଖୋଲ ବନଖଣ୍ଡର ରାମପୁର ରେଞ୍ଜ ଅଧୀନ ରୁଷି ବଡମାଲ ଗ୍ରାମରେ ବନ ବିଭାଗ ବୁଧବାର ରାତିରେ ଚଢ଼ାଉ କରି ଏକ ଦେଶୀ ବନ୍ଧୁକ ସହ ପ୍ରାୟ ୨କେ.ଜି. ବାରହ୍ନା ମାଂସ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସେହି ଗ୍ରାମର ନିରଞ୍ଜନ ମାଝି ଓ ଯୁଶେଫ ଟପ୍ପୋ। ଏ ନେଇ ରାମପୁର ରେଞ୍ଜରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବ୍ରାହ୍ମଣି ଜଙ୍ଗଲରୁ ବାରହ୍ନା ଶିକାର କରିଥିବା ଡିଏଫ୍‌ଓ ସୂଚନା ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାମପୁର ରେଞ୍ଜ ଅଧିକାରୀ ମୈତ୍ରୀମଞ୍ଜିତ ବିଶ୍ୱାଳ, ଫରେଷ୍ଟର ସୈରେନ୍ଦ୍ରୀ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଭାଲୁ କାମୁଡ଼ାରେ ଜଣେ ଗୁରୁତର

ନାକଟିଦେଉଳ,୬।୧୦(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ବକ୍ସିବଜାର ସାହିର ଜଣେ ବ୍ୟକ୍ତି ଭାଲୁ କାମୁଡ଼ାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗଗନ ନାଏକ (୫୧)। ବୁଧବାର ସକାଳେ ଗଗନ ଅନ୍ୟ କେତେଜଣଙ୍କ ସହ ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେ ଏକ ଭାଲୁସହ ମୁହାଁମୁହିଁ ହୋଇଥିଲେ। ଭାଲୁଟି ତାଙ୍କୁ କମୁଡ଼ି ରକ୍ତାକ୍ତ କରିଦେଇଥିଲା। ଏଥିରେ ତାଙ୍କ ଗୋଡ଼ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିତ୍କାର ଶୁଣି ଅନ୍ୟମାନେ ପହଞ୍ଚିବାରୁ ଭାଲୁଟି ପଳାଇ ଯାଇଥିଲା। ଗାଁ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଘରକୁ ଆଣିଥିଲେ। ବାଟଗାଁ ଫରେଷ୍ଟର ଅନୀଲ କୁମାର କିଷାନ ଓ ଅନ୍ୟ କର୍ମଚାରୀ ଗଗନଙ୍କୁ ଚିକିତ୍ସା ପାଇଁ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

### ସାମାନ୍ୟ ବଚସାରୁ ଛୁରାମାଡ଼

ସମ୍ବଲପୁର,୬।୧୦(ବ୍ୟୁରୋ): ସମ୍ବଲପୁର ଟାଉନ ଥାନା ନିକଟରେ ଗୁରୁବାର ସାମାନ୍ୟ ବଚସାରୁ ମଞ୍ଜେ ନାଏକ (୩୫)ଙ୍କୁ ଛୁରାମାଡ଼ ହୋଇଛି। ପୋଲିସ ଓ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ମଞ୍ଜେଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇନାହିଁ। ହେଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ ମଞ୍ଜେ ସାଙ୍ଗ ଅଟନ୍ତି।

# ଜନକଲ୍ୟାଣ ସମିତିର ଧାରଣା

ରେଢ଼ାଖୋଲ, ୬।୧୦(ଡି.ଏନ.ଏ.)




ଧାରଣାରେ ସାମିଲ ହୋଇଥିବା ସମିତି କର୍ମକର୍ତ୍ତା।)

ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ଯୋଗୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ସେପ୍ଟେମ୍ବର ୧୯ରେ ରେଢ଼ାଖୋଲ ଜନକଲ୍ୟାଣ ସମିତି ପକ୍ଷରୁ ଉପଜିଲାପାଳଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ସମିତି ଆବାହକ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଗୁରୁବାର ସ୍ଥାନୀୟ ଭୀମ ଭୋଇ ଛକରେ ଧାରଣା ଦିଆଯାଇଛି। ସମିତି କର୍ମକର୍ତ୍ତା ଦର୍ଶାଇଛନ୍ତି, ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଜନସାଧାରଣ ଚିକିତ୍ସା ସୁବିଧା ପାଇ ନ ପାରି ବୁର୍ଲା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅଲ୍‌ଟ୍ରାସାଉଣ୍ଡ ଓ ଇସିଜି ମେଶିନ ଥାଇ ସୁଦ୍ଧା ଡାକ୍ତର ଅଭାବରୁ ତାହା ରୋଗୀଙ୍କ ସେବାରେ ଆସିପାରୁନାହିଁ। ତେଣୁ ଆବଶ୍ୟକ ଡାକ୍ତର ସାଙ୍ଗକୁ ଆମ୍ବୁଲାନ୍ସ ଚାଳକ ଓ ଟେକ୍ନିସିଆନ ନିଯୁକ୍ତି କରାଯାଉ। ସେହିପରି ଶବ ସଂରକ୍ଷଣ ଗୃହରେ ଫ୍ରିଜର ବ୍ୟବସ୍ଥା ପାଇଁ ଦାବି କରି ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା ବୋଲି କହିଥିଲେ। ଏହି ଧାରଣାରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ତଥା ଜନ କଲ୍ୟାଣ ସମିତି ସଭାପତି ଶିବରାମ ସାହୁ, ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ଜୋନ ୨ ଜିଲା ପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ, କାଉନସିଲର ରଶ୍ମିରଞ୍ଜନ ଭଞ୍ଜ, କୁମୁଦ ନାଗ, କଳ୍ପନା ନାଏକ, ରାମଚନ୍ଦ୍ର ପ୍ରଧାନ, ଭାଜପା ନେତା ପ୍ରତାପ ପ୍ରଧାନ, ସାମାଜିକ କର୍ମୀ ବିଜୟ ମହାନ୍ତି, ଅଲେଖାନନ୍ଦ ପ୍ରଧାନ, ଦିଲୀପ ପ୍ରଧାନ, ପ୍ରକାଶ ମୁଖୀ ପ୍ରମୁଖ ସାମିଲ ହୋଇଛନ୍ତି। ସନ୍ଧ୍ୟାରେ ଏଡିଏମ୍‌ଓ ଡା. ଅଲେଖ ମହାପାତ୍ର, ଉପଜିଲାପାଳ ପବିତ୍ର ବେହେରା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୭ଦିନ ଭିତରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

### ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ସମସ୍ୟା

## କାମ କରୁନି ପ୍ରାଣୀଧନ ବିଭାଗର ଜରୁରୀସେବା

ସମ୍ବଲପୁର,୬।୧୦(ବ୍ୟୁରୋ)

ସମ୍ବଲପୁର ପ୍ରାଣୀଧନ ବିଭାଗର ମେଡିକାଲରେ ଜରୁରୀସେବା କାମ କରୁନାହିଁ। ଆମ୍ବୁଲାନ୍ସ ଓ ଡାକ୍ତରୀସେବା ଠିକ୍ ଭାବେ ଯୋଗାଇ ଦିଆଯାଉନାହିଁ। ଏହାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ସିଡିଭିଓ ଅଫିସ ଘେରାଉ କରିଥିଲେ। ପରେ ଏଡିଏମ୍ ଉମାକାନ୍ତ ରାଜଙ୍କୁ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ, ସହରର ବିଭିନ୍ନ ସ୍ଥାନରେ ଗୋରୁ ଓ ବୁଲା କୁକୁର ଆହତ ହୋଇ ପଡ଼ିରହୁଛନ୍ତି। ଏଥିପାଇଁ ଆମ୍ବୁଲାନ୍ସ ଓ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁରୋଧ କରାଯାଉଛି। ହେଲେ କେହି ଶୁଣୁନାହାନ୍ତି। ଟୋଲ ଫ୍ରି ନମ୍ବରକୁ ଫୋନ କଲେ ଲାଗୁନାହିଁ। କିଛି ଦିନ ବ୍ୟବଧାନରେ ପ୍ରାୟ ୧୦ରୁ ଅଧିକ ସ୍ଥାନରେ ଏଭଳି ଗୋରୁ ପଡ଼ିରହିଛନ୍ତି। ଚିକିତ୍ସା ମିଳିଲେ ସେମାନେ ସୁସ୍ଥ ହୋଇପାରନ୍ତେ। ଅସିତ ପଟ୍ଟନାୟକ, ଉମେଶ ଚନ୍ଦ୍ର ପାଢ଼ୀ, ଅଙ୍କିତ ଅଗ୍ରୱାଲ, ବିମଲ ପଟେଲ, ସୁଶାନ୍ତ ସେଠ୍, ଅନନ୍ଦ ନାଏକ, ଦୀପୁ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଏଡିଏମ୍‌ଙ୍କୁ ଅଭିଯୋଗ କରୁଛନ୍ତି ଲୋକେ।

## ପୋଲ ରାସ୍ତା ମରଣଯନ୍ତା: ଆନ୍ଦୋଳନ ଚେତାବନୀ

ଜମନକିରା,୬।୧୦(ଡି.ଏନ.ଏ.)



ପୋଲ ରାସ୍ତାରେ ପାଣି ଜମିଛି।

ଜମନକିରା ବ୍ଲକଠାରୁ ୮କି.ମି. ଦୂରରେ ଥିବା ପୀଠମାରେନ ପୋଲ ରାସ୍ତା ଶୋଚନୀୟ ହୋଇପଡିଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏକ ଠିକା ସଂସ୍ଥାକୁ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ଦେଇଛନ୍ତି। ହେଲେ ଠିକା ସଂସ୍ଥାର ଅବହେଳା ଯୋଗୁ ରାସ୍ତା ୫ବର୍ଷ ହେଲା ରାସ୍ତା ମରାମତି ହୋଇପାରି ନାହିଁ। ପୋଲ ମଝିରେ ଏକଫୁଟ ଗଭୀର ଗର୍ତ୍ତ ହୋଇ ଛଡ଼ଗୁଡ଼ିକ ବାହରକୁ ବାହାରିଛି। ଏଥିଯୋଗୁ ଯାନବାହାନ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନେକ ଆରୋହୀ ଗାଡିରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଏବେ ବର୍ଷା ଲାଗିରହିଥିବାରୁ ଗର୍ତ୍ତରେ ପାଣି ଜମିରହିଛି। ଫଳରେ ଗାଡି ଚାଳକ ଜାଣି ନ ପାରି ଗାତରେ ପଡି ଆହତ ହେଉଛନ୍ତି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ଦେଉଛନ୍ତି। ତେବେ ଆଗାମୀ ଦିନରେ ଏହାର ମରାମତି ନ ହେଲେ ରାସ୍ତାରୋକୋ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ନୀତିନ ଗୁପ୍ତାଙ୍କୁ ପଚାରିବାରୁ ଜିଓ କେବୁଲ ବିଛାଇଥିବା ଯୋଗୁ ପାଣି ଜମିରହି ଏଭଳି ସମସ୍ୟା ସୃଷ୍ଟି ହୋଇଛି। ୨ଦିନ ମଧ୍ୟରେ ଠିକ୍ କରାଯିବ ବୋଲି ସେ କହିଥିଲେ।

## ବଜରଙ୍ଗ ଦଳର ଶସ୍ତ୍ରପୂଜନ କାର୍ଯ୍ୟକ୍ରମ

ସମ୍ବଲପୁର,୬।୧୦(ବ୍ୟୁରୋ)

ପବିତ୍ର ବିଜୟା ଦଶମୀ ତିଥିରେ ବଜରଙ୍ଗଦଳ ପକ୍ଷରୁ ଶସ୍ତ୍ରପୂଜନ କାର୍ଯ୍ୟକ୍ରମ ସମ୍ବଲପୁର ଶକ୍ତି ଛକସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିରଠାରେ ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ ଭୁବନେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ବଜରଙ୍ଗଦଳ ପ୍ରାନ୍ତଃ ସଂଯୋଜକ ଇଂ. ସୁଧିର ରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ବହିଦାର ମୁଖ୍ୟ ବକ୍ତା, ଡା. ରାଜାରାମ ବଡ଼ପଣ୍ଡା, ରାଜୀବ କୁମାର ଶତପଥୀ ଓ କ୍ଷୀତିଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟା ଦଶମୀର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ବଜରଙ୍ଗୀମାନେ ମା'ଙ୍କ ସମ୍ମୁଖରେ ଧର୍ମ, ରାଷ୍ଟ୍ର ରକ୍ଷାଲାଗି କାର୍ଯ୍ୟ କରିବାକୁ ସଂକଳ୍ପ ନେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଚକ୍ରଧର ମିଶ୍ର, ଦୀପକ ଦୋରା, ବରୁଣ କୁମାର, ବିବେକ ପାତ୍ର, ସୁଶୀଲ ମହାରଣା, ଜୟନ୍ତ ମହାପାତ୍ର, ଟିଙ୍କୁ ସାହୁ, ଚିନ୍ମୟ ଦାଶ, ବିଶାଲ କୁମାର, ସୁନୀଲ ଦାଶ, ଅମିତ ସୋନୀ, ଦେବ ସାହୁ, ବିଶ୍ୱଜିତ ବାରିକ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।



ବଜରଙ୍ଗଦଳ ଆୟୋଜିତ ଶସ୍ତ୍ରପୂଜନ କାର୍ଯ୍ୟକ୍ରମ।

## ନାବାଳିକା ଅପହରଣ: ଯୁବକ ଗିରଫ

ବ୍ରଜରାଜନଗର,୬।୧୦(ଡି.ଏନ.ଏ.)

ଓରିଏଣ୍ଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁର୍ଲା ଥାନା ଅଞ୍ଚଳରେ ରହୁଥିବା ନାବାଳିକା ବ୍ରଜରାଜନଗର ଓରିଏଣ୍ଟ ଥାନା ଅଞ୍ଚଳରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଗତ ମାସ ୨୫ ତାରିଖରେ ନାବାଳିକାଙ୍କୁ କେହି ଅପହରଣ କରିନେଇଥିବା ସମ୍ପର୍କୀୟ ଥାନାରେ ଅଭିଯୋଗ କରିଥିଲେ। ଓରିଏଣ୍ଟ ପୋଲିସ ଖୋଜାଖୋଜି କରି ଥିଲେ ମଧ ସନ୍ଧାନ ପାଇ ନ ଥିଲା। ନାବାଳିକା ପରିବାର ଲୋକେ ଚିପିଲିମା ଅଞ୍ଚଳରେ ନାବାଳିକା ଥିବା ଖବର ପାଇ ଥାନାକୁ ଜଣାଇଥିଲେ। ଓରିଏଣ୍ଟ ଥାନା ଅଧିକାରୀ କଲ୍ୟାଣୀ ବେହେରା ଓ କର୍ମଚାରୀମାନେ ଚିପିଲିମା ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିସ୍ଥାପିତଙ୍କୁ ଘରଡିହ ପଟ୍ଟା ଯୋଗାଇବାକୁ ନିର୍ଦ୍ଦେଶ



ବୈଠକରେ ମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

ଝାରସୁଗୁଡ଼ା ଅଫିସ,୬।୧୦

ଝାରସୁଗୁଡା ପାହାଡି ମନ୍ଦିର ପରିସରରୁ ବିସ୍ଥାପିତ ଲୋକଙ୍କୁ ଅନ୍ୟତ୍ର ଥାଇଥାନ ପାଇଁ ମନ୍ଦିର କମିଟି ତରଫରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ପାହାଡି ପଡାରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ତହସିଲଦାର ବସନ୍ତ ହାତୀ, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ପୌରାଧ୍ୟକ୍ଷା ରାନୀ ହାତୀ, ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, କାଉନ୍‌ସିଲର ନବନୀତି କୌର, ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ଶ୍ରୀକାନ୍ତ ମହାନ୍ତି, ସଂଗ୍ରାମ ମହାନ୍ତି, ଭୂଗୋଳ ଗର୍ଡିଆ, ସରିତା ଅଗ୍ରଓାଲ, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିସ୍ଥାପିତଙ୍କ ଥଇଥାନ ନେଇ ମନ୍ତ୍ରୀ ଦାସ ଜିଲା ପ୍ରଶାସନ ଓ ପୌର ପ୍ରଶାସନ ସହିତ ଆଲୋଚନା କରିଥିଲେ। ସରକାରୀ ଜମି ଚିହ୍ନଟ କରି ତୁରନ୍ତ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ଯୋଗାଇଦେବା ପାଇଁ ମନ୍ତ୍ରୀ ଦାସ ଜିଲା ପ୍ରଶାସନ ଓ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶାରଦୀୟ ଦୁର୍ଗାପୂଜା ସମ୍ପନ୍ନ

ଜମନକିରା,୬।୧୦(ଡି.ଏନ.ଏ.)

ଜମନକିରା ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ୯୨ ତମ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ସମ୍ପନ୍ନ ହୋଇଛି। ମଙ୍ଗଳବାର ନବମୀ ପୂଜା ପୂର୍ଣ୍ଣାହୁତି ହୋଇଥିବାବେଳେ ବୁଧବାର ଦଶହରା ମେଳା ହୋଇ ଅପରାହ୍ନରେ ଖଡକଯାତ୍ରା ଓ ଗୁରୁବାର ରୀତିନୀତିରେ ମା' ଦୁର୍ଗାଙ୍କୁ ବିସର୍ଜନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଚଳିତବର୍ଷ କର୍ତ୍ତା ଭାବରେ ହେମନ୍ତ ପଟେଲ ତାଙ୍କ ସହଧର୍ମିଣୀଙ୍କ ସହ ରହିଥିବାବେଳେ ପୂଜକ ଅଶୋକ ପାଣିଗ୍ରାହୀ ଓ ସହଯୋଗୀ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି ସୁଭାଷ ସାହୁ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ୧୦ଫୁଟ୍‌ର ଅଜଗର ଉଦ୍ଧାର

ସମ୍ବଲପୁର,୬।୧୦(ବ୍ୟୁରୋ)

ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁରୁ ଗୁରୁବାର ସକାଳେ ଏକ ୧୦ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ସ୍ଥାନୀୟ ଯୁବକମାନେ ଅଜଗର ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଥିଲେ। ସହର ଭିତକ ଅଜଗର ଆସିବା ନେଇ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି।

# ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା, ରାବଣ ପୋଡ଼ି

### ମୁଖ୍ୟ ଆକର୍ଷଣ ରାବଣ ଦହନ

ଝାରସୁଗୁଡ଼ା ଅଫିସ,୬।୧୦

ଝାରସୁଗୁଡ଼ା ଜିଲାରେ ସାର୍ବଜନୀନ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଜିଲାରେ ୯୮ଦେବୀପୀଠ ଓ ମଣ୍ଡପରେ ମା'ଙ୍କ ପୂଜା ଆୟୋଜିତ ହୋଇଥିଲା। ପୂଜା କମିଟି ତରଫରୁ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ପୋଲିସ୍ ଟିମ୍ ସହରରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଫଳରେ ଜିଲାରେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ବିଜୟା ଦଶମୀ ତିଥିରେ ମୁଖ୍ୟ ଅକର୍ଷଣ ଥିଲା ରାବଣ ଦହନ କାର୍ଯ୍ୟକ୍ରମ। ଆତସବାଜି ବିଶେଷ ଆକର୍ଷଣୀୟ ହୋଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ [illegible] ହୋଇଥିଲେ। ଗୁରୁବାର [illegible] କମିଟି ଭସାଣି ଉତ୍ସବରେ ମା'ଙ୍କୁ ବିସର୍ଜନ କରିଥିବାବେଳେ ଆଉ କେତେକ କମିଟି ଶୁକ୍ରବାର ବିସର୍ଜନ କରିବେ ବୋଲି ଜଣାପଡିଛି।



ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ।

### ସାଂସ୍କୃତିକ ଶୋଭାଯାତ୍ରାରେ ରାମ, ବାନରସେନା

ସମ୍ବଲପୁର,୬।୧୦(ବ୍ୟୁରୋ)

ପବିତ୍ର ବିଜୟା ଦଶମୀ ଅବସରରେ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ରାବଣପୋଡ଼ି ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସହରର ଦଲେଇପଡ଼ା, ମୋଦିପଡ଼ା, ଧନକଉଡ଼ା, ସିନ୍ଦୁରପଙ୍କ, ମାନେଶ୍ୱର, ମଣ୍ଡଲିଆ ଖେଳପଡ଼ିଆ, ସାକ୍ଷୀପଡ଼ା ପ୍ରଭୃତି ସ୍ଥାନରେ ଉତ୍ସବ ହୋଇଥିଲା। ସନ୍ଧ୍ୟାରେ ସୀତା, ରାମ, ଲକ୍ଷ୍ମଣଙ୍କ ସମେତ ବାନରସେନା ବେଶଧାରୀଙ୍କ ଶୋଭାଯାତ୍ରା ହୋଇଥିଲା। ନାଚ, ଗୀତ, ସମ୍ବଦା, ଡିଜେ, ଦୁଲଦୁଲି ବଜା ଶୋଭାଯାତ୍ରାରେ ସାମିଲ ହୋଇଥିଲା। ପୂର୍ବରୁ ତିଆରି ହୋଇଥିବା ରାବଣ ପ୍ରତିକୃତିକୁ ରାମ ତୀର ମାରି ଅଗ୍ନି ସଂଯୋଗ କରିଥିଲେ। ଆତସବାଜି କାର୍ଯ୍ୟକ୍ରମ ଦେଖିବାକୁ ଭିଡ ଜମିଥିଲା। ମଣ୍ଡଲିଆ ପଡ଼ିଆରେ ଜସବିର ସିଂ, ଯୁଗଲ ପାଲିୱାଲ, ରାଜା ଯାଦବ, ରମାକାନ୍ତ ଷଣ୍ଢ, ସଞ୍ଜିବ ଲାଟୁକା, ଗଗନ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଦଲେଇପଡ଼ା ପୂଜା କମିଟି ପକ୍ଷରୁ ଆୟୋଜିତ ରାବଣପୋଡ଼ିକୁ ୨୦ବର୍ଷ ଅତିକ୍ରମ କରିଛି। ମହାନଦୀ ଦଲେଇପଡା ଘାଟରେ ଇକୋ ଫ୍ରେଣ୍ଡ୍‌ଲି ୪୦ ଫୁଟ୍‌ର ରାବଣ ତିଆରି କରାଯାଇଥିଲା। ଦଲେଇପଡା ରାବଣ ପୋଡି କମିଟି ସଭାପତି ସିଦ୍ଧାର୍ଥ ସାହା, ଉପସଭାପତି ଶିଶିର ପାଣ୍ଡେ, ଅନୁପ ତରିଆ, ଇନ୍ଦ୍ରଜିତ ତନସେନା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ରାବଣପୋଡି।

### କୁଚିଣ୍ଡାରେ ଦଶହରା ସମ୍ପନ୍ନ

କୁଚିଣ୍ଡା,୬।୧୦(ଡି.ଏନ.ଏ.)

କୁଚିଣ୍ଡାରେ ଚଳିତବର୍ଷ ଦଶହରା ଓ ରାବଣ ପୋଡି ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ଛକ, ପଞ୍ଚମୁଖି ଛକ ଓ ବସ୍‌ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ସପ୍ତମୀ ପୂଜାଠାରୁ ଚାରିଦିନ ଧରି ମଣ୍ଡପ ଗୁଡିକରେ ଭିଡ ଲାଗିରହିଥିଲା। ତୋରଣ ସାଙ୍ଗକୁ ଆଲୋକସଜ୍ଜା ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ସପ୍ତାହେ ପୂର୍ବରୁ ଦୂରଦୂରାନ୍ତରୁ ଦୋକାନୀ ଆସି ତାଙ୍କର ପସରା ମେଲାଇଥିଲେ। ବୁଧବାର ଦଶମୀ ସନ୍ଧ୍ୟାରେ ରାବଣ ପୋଡି ଓ ଆତସବାଜି ଦେଖିବାକୁ ପ୍ରବଳ ଗହଳି ଲାଗିଥିଲା। ଗୁରୁବାର ସକାଳେ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ନିକଟସ୍ଥ ଝୁଲେନପୋଲ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା।



ବିସର୍ଜନ ପାଇଁ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ସାରଦା ବିଜେଡ଼ିର ଝାରସୁଗୁଡା ପର୍ଯ୍ୟବେକ୍ଷକ**

ରାଉରକେଲା ଅଫିସ: ରାଉରକେଲା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକଙ୍କୁ ବିଜେଡ଼ିର ଝାରସୁଗୁଡା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଝାରସୁଗୁଡା ଜିଲା ବିଜୁ ଜନତା ଦଳକୁ ସୁଦୃଢ଼ କରିବା ପାଇଁ ସାରଦାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଗୁରୁବାର ବିଜେଡିର ବହୁ କର୍ମୀ ବିଧାୟକ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ଦେବଗଡ଼,୬।୧୦(ଡି.ଏନ.ଏ.): ଦେବଗଡ଼ ଜିଲା ରିଆମାଳ ବନଖଣ୍ଡ ପଲସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କଣ୍ଟାବାହାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ଲକ୍ଷ୍ମୀପୁର ଗ୍ରାମର ଶରତ ଶବର (୪୫) ନାମକ ଜଣେ ଯୁବକ ନିକଟସ୍ଥ କଣ୍ଟାବାହାଲ ଗ୍ରାମରୁ ଏକ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ତେବେ ସେ କଣ୍ଟାବାହାଲ ଖେଳପଡିଆ ପାରିହୋଇ ବାହାଡା ଛକ ନିକଟସ୍ଥ ମୁଖ୍ୟ ରାସ୍ତାରେ ପହଞ୍ଚିବା ସମୟରେ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିବା ସହ ପାଦରେ ଦଳି ଚାଲିଯାଇଥିଲା। ଶରତ ଗୁରୁତର ଅବସ୍ଥାରେ ସେଠାରେ ପଡିରହିଥିଲେ। ଉକ୍ତ ରାସ୍ତାଦେଇ ଯାଉଥିବା କେତେକ ପଥଚାରୀ ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ନିକଟସ୍ଥ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ପାଇ ପଲସମା ବନପାଳ ସଦଳବଳ ସେଠାରେ ପହଞ୍ଚି ଶରତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାସହ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜନବସତି ନିକଟରୁ ଉକ୍ତ ଦନ୍ତାହାତୀକୁ ଜଙ୍ଗଲକୁ ଘଉଡାଇବାର ବ୍ୟବସ୍ଥା କରାଯାଉଛି।

### ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ: ଜଣେ ଗୁରୁତର

ଲହୁଣୀପଡ଼ା, ୬।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ ପୁରୁଣାପାଣି ପଞ୍ଚାୟତ ନୂଆଗାଁ ଗ୍ରାମରେ ସାମାନ୍ୟ କଥାକୁ କେନ୍ଦ୍ର କରି ବୁଧବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନୂଆଗାଁ ଗ୍ରାମର ଯୋଗେନ୍ଦ୍ର କିଷାନ ସହିତ ସେହି ଗ୍ରାମର ସରଗୁ କିଷାନ (୪୭)ଙ୍କ କୌଣସି କାରଣ ଯୋଗୁ ଯୁକ୍ତିତର୍କ ହୋଇଥିଲା। ଏହା ଜାଣି ଯୋଗେନ୍ଦ୍ରଙ୍କ ପୁଅ ପ୍ରଦୀପ ଘଟଣାସ୍ଥଳରେ ପହଞ୍ଚି ଅଧିକ ପାଟିତୁଣ୍ଡ କରିଥିଲେ। ଦୁଇଜଣ ମିଶି ଏକ ଇଟାରେ ସରଗୁଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଫଳରେ ସରଗୁ ଗୁରୁତର ଆହତ ହେବାରୁ ପରିବାର ଲୋକେ ପ୍ରଥମେ ବଣାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

### ସଯ୍ୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ଆଶୀର୍ବାଦ

ରାଉରକେଲା ଅଫିସ,୬।୧୦: ଆସନ୍ତା ୧୧ ତାରିଖରେ ଲକ୍ଷ୍ନୌରେ ହେବାକୁ ଥିବା ସଯ୍ୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଓଡିଶା କ୍ରିକେଟ ଦଳର ପ୍ରତିନିଧିତ୍ୱ କରିବାକୁ ରାଉରକେଲାର ଆଶୀର୍ବାଦ ସ୍ୱାଇଁ ମନୋନିତ ହୋଇଛନ୍ତି। ଆଶୀର୍ବାଦ ଆରଏସ୍‌ପି ସପ୍ସ ଫ୍ୟାବ୍ରିକେସନ୍ ବିଭାଗର ଟେକ୍ନିସିଆନ ବିକ୍ରମ କୁମାର ସ୍ୱାଇଁ ଓ ମାତା ଲିଲି ସ୍ୱାଇଁଙ୍କ ପୁତ୍ର। ସେ ଭିନୁ ମଙ୍କଡ କ୍ରିକେଟ ଟ୍ରଫି ପାଇଁ ଓଡ଼ିଶା ୧୯ କ୍ରିକେଟ ଦଳର ଉପଅଧିନାୟକ ଥିଲେ। ୨୦୧୯ରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟ ସ୍ତରରେ ଖେଳିବା ପାଇଁ ପଦାର୍ପଣ କରିଥିଲେ। ଆଶୀର୍ବାଦ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ରାଉରକେଲା ଇସ୍ପାତ କାରଖାନାର କ୍ରିକେଟ୍ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ନିଜ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ।

# ବିନା କାମରେ ଶ୍ରମିକଙ୍କ ନାଁରେ ଉଠୁଛି ଟଙ୍କା

ଲେଫ୍ରିପଡ଼ା,୬।୧୦(ଡି.ଏନ.ଏ.)

ସରକାର ଉନ୍ନତିକରଣ ସକାଶେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। କିନ୍ତୁ ଏହି ଯୋଜନାରେ ଅନିୟମିତତା ଦେଖାଦେଇଛି ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନରେ। ବ୍ଲକର ଗିରିଙ୍ଗକେଲା ଆଦର୍ଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବିନା କାମରେ ଟଙ୍କା ଉଠାଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଏଥିପାଇଁ ଗ୍ରାମବାସୀ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି।

ପୂର୍ବରୁ ଲେଫ୍ରିପଡ଼ା ପଞ୍ଚାୟତର ବଡ଼ଗାଁମାଲ ଗ୍ରାମରେ ଖେଳପଡିଆ ନିର୍ମାଣରେ ବ୍ୟାପକ ଅନିୟମିତତା ଚାଲିଥିବାର ଘଟଣା ସାମ୍ନାକୁ ଆସିଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏଥିରେ ସମ୍ପୃକ୍ତ ଗାଁ ସାଥୀକୁ ହଟାଇ ଅର୍ଥ ଆଦାୟ କରାଯାଇ କେତେକ ଅଧିକାରୀଙ୍କଠାରୁ ମଧ୍ୟ ଅର୍ଥ ରିକୋଭରୀ କରାଯାଇଥିଲା। ସେହିପରି ଭାବେ ଅଳ୍ପ କିଛି ଦିନ ତଳେ ଡୁମାବାହାଲ ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜମି ମରାମତି ସକାଶେ ଆସିଥିବା ଅର୍ଥକୁ ଶ୍ରମିକଙ୍କ ମଜୁରି ନାମରେ ବ୍ୟାପକ ମାତ୍ରାରେ ହଡପ ହୋଇଥିବା ଅଭିଯୋଗ ହେବାରୁ ଜିଲା ପ୍ରଶାସନ ପାଖରେ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ସମ୍ପୃକ୍ତ ଗାଁ ସାଥୀକୁ କାର୍ଯ୍ୟରୁ ହଟାଇ ଜିଆର୍‌ଏସ୍‌ଙ୍କୁ ବଦଳି କରାଯାଇଥିବାବେଳେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ଆସିଛି ସେହି ଲେଫ୍ରିପଡା ବ୍ଲକ ଅଧିନସ୍ଥ ଗିରିଙ୍ଗକେଲା ଆଦର୍ଶ ପଞ୍ଚାୟତରେ।



ଉନ୍ନତିକରଣ ହେବାକୁ ଥିବା ରାସ୍ତା ଘାସରେ ପରିପୂର୍ଣ୍ଣ।

**ଗିରିଙ୍ଗକେଲା ଗ୍ରାମପଞ୍ଚାୟତ**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା
- ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି

ଗିରିଙ୍ଗକେଲା ଗ୍ରାମପଞ୍ଚାୟତର ବାଡୁନଝରିଆ ମୁଖ୍ୟକେନାଲ ଠାରୁ ମାଝିକୁଦର ରାସ୍ତାକୁ ଗାର୍ଡୱାଲ ଏବଂ ସିଡ଼ି ସହିତ ଉନ୍ନତିକରଣ ସକାଶେ ୯ ଲକ୍ଷ ୯୯ ହଜାର ଟଙ୍କା ଅଟକଳରେ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁରୀ ହୋଇଛି। କୌଣସି କାମ ନ କରି ମୋଟ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ୧୭ ଜଣ ଶ୍ରମିକଙ୍କ ନାମରେ ଉଠାଣ କରାଯାଇଛି। ଉକ୍ତ କାମରେ ବାଡୁନ ଝରିଆ ଗ୍ରାମରେ ନିର୍ଦ୍ଦିଷ୍ଟ କେତେଗୋଟି ପରିବାରର ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠିଥିବାବେଳେ ଏହା ଏକ ପ୍ରାୟୋଜିତ ଭାବେ ହଡପ କରାଯାଇଥିବା ସ୍ପଷ୍ଟ ଜଣାପଡିଛି। ରାସ୍ତାରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇନାହିଁ। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯିବାର ନିୟମ ଥିବାବେଳେ ଏଠାରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। କିନ୍ତୁ ଏଠାରେ ଜୁନ ୨୨ଠାରୁ ସେପ୍ଟେମ୍ବର ୨୮ପର୍ଯ୍ୟନ୍ତ ମନଇଚ୍ଛା ୨୯ ଗୋଟି ମାଷ୍ଟର ରୁଲ ପ୍ରୟୋଗ କରି ୨ ଲକ୍ଷ ୮ ହଜାର ୭ ଶହ ଏକାନବେ ଟଙ୍କା ଶ୍ରମିକଙ୍କ ନାମରେ ଉଠାଣ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ନିର୍ବାହ ସକାଶେ ଗାଁ ସାଥୀ, ଜିଆର୍‌ଏସ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସରପଞ୍ଚଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ କିଭଳି ଭାବେ ଏହି କାର୍ଯ୍ୟ ଚାଲିଛି ସହଜେ ଅନୁମେୟ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମ ଅନୁଯାୟୀ ପ୍ରଥମେ କାର୍ଯ୍ୟର ସ୍ଥିତିକୁ ଦେଖି ଫଟୋ ଉଠାଇ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁରୀ କରାଯାଇ କାର୍ଯ୍ୟକୁ ସିକ୍ୟୋର କରି କାମ ଆରମ୍ଭ କରାଯାଇଥାଏ। କାମ ଆରମ୍ଭ ପରେ ଗାଁ ସାଥୀଙ୍କ ଦ୍ୱାରା କାର୍ଯ୍ୟସ୍ଥଳୀରୁ ଶ୍ରମିକଙ୍କ ହାଜିରା ସହ ଫଟୋ ଉଠାଇ ଜିଆରଏସ୍‌ଙ୍କ ମାଧ୍ୟମରେ ଶ୍ରମିକ ମଜୁରି ପାଇଁ ମାଷ୍ଟରରୋଲ ଅପଲୋଡ଼ କରାଯାଉ ଥିବାବେଳେ ଏଠାରେ କାର୍ଯ୍ୟସ୍ଥଳରେ କୌଣସି କାର୍ଯ୍ୟ ହୋଇନାହିଁ। କାର୍ଯ୍ୟସ୍ଥଳରେ ସମ୍ପୂର୍ଣ୍ଣ ରାସ୍ତା ପୁରୁଣା ଘାସରେ ପରିପୂର୍ଣ୍ଣ ହୋଇ ରହିଥିବାବେଳେ ଶ୍ରମିକଙ୍କ ମଜୁରି ଉଠାଣ ନେଇ ସମ୍ପୃକ୍ତ ଗାଁ ସାଥୀ ଏବଂ ଜିଆର୍‌ଏସ୍‌ଙ୍କୁ ସିଧା ସଳଖ ଭାବେ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଅନ୍ୟପକ୍ଷରେ ଲେଫ୍ରିପଡା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା ବାରମ୍ବାର ଲୋକଲୋଚନକୁ ଆସୁଥିବା ବେଳେ ଏହି ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଏବଂ ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ଲେଫ୍ରିପଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରାଙ୍କୁ ପଚାରିବାରୁ ଏହି ବିଷୟରେ ଅବଗତ ନାହିଁ। ଆଗକୁ ଏହାର ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଖଟରେ ବୁହାହୋଇ ଆସିଲେ ଗର୍ଭବତୀ

ଲହୁଣୀପଡ଼ା, ୬।୧୦(ଡି.ଏନ.ଏ.)

**ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ସାନ ଅର୍ଜୁନଚୁଆଁ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ଗର୍ଭବତୀଙ୍କୁ ଖଟରେ ବୋହି ଆମ୍ବୁଲାନ୍ସ ଅଟକି ଥିବା ସ୍ଥାନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନିଆଯାଇଥିଲା।

ସାନ ଅର୍ଜୁନଚୁଆଁ ଗ୍ରାମର ରାମେଶ୍ୱର ମୁଣ୍ଡାଙ୍କ ସ୍ତ୍ରୀ ଲକ୍ଷ୍ମୀ (୨୨) ଗର୍ଭଯନ୍ତ୍ରଣା ଅନୁଭବ କରିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସକୁ ନିକଟସ୍ଥ ପ୍ରତାପପୁର ଗ୍ରାମକୁ ଆସିବାକୁ କହିଥିଲେ। ଆମ୍ବୁଲାନ୍ସ ପ୍ରତାପପୁର ଗ୍ରାମରେ ପହଞ୍ଚିଥିଲା। ପ୍ରତାପପୁର ଗ୍ରାମରୁ ସାନ ଅର୍ଜୁନଚୁଆଁ ଗ୍ରାମକୁ ଆମ୍ବୁଲାନ୍ସ ଯିବାପାଇଁ ରାସ୍ତା ନ ଥିବାରୁ ସେଠାରେ ପ୍ରାୟ ଦେଢ଼ ଘଣ୍ଟା ଅପେକ୍ଷା କଲାପରେ ଲକ୍ଷ୍ମୀଙ୍କୁ ଗ୍ରାମର ଲୋକେ ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଆମ୍ବୁଲାନ୍ସରେ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନା ଆଣି ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଲକ୍ଷ୍ମୀଙ୍କୁ ଡାକ୍ତର ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେଇଥିଲେ। ସେଠାରେ ଲକ୍ଷ୍ମୀ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ମଧ୍ୟ କିଛି ସମୟ ପରେ ଶିଶୁର ମୃତ୍ୟୁ ହୋଇଥିଲା। ନବ ଜାତକର ମୃତ୍ୟୁ ଚିକିତ୍ସାରେ ବିଳମ୍ବ ହେତୁ ଘଟିଛି ନା ଅନ୍ୟ କୌଣସି କାରଣ ଯୋଗୁ ହୋଇଛି ତାହା ପ୍ରଶ୍ନଉଠୁଛି।

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଦେବଗଡ଼, ୬।୧୦(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ଥାନା ସରୁଆଳି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଁମୁଣ୍ଡା ଗ୍ରାମର ଜଣେ ବୃଦ୍ଧଙ୍କୁ ମଙ୍ଗଳବାର ରାତିରେ ଏକ ଚିତି ସାପ କାମୁଡି ଥିବାବେଳେ ଚିକିତ୍ସାଧିନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଁମୁଣ୍ଡା ଗ୍ରାମର ଦାମୁ ସୋଏ(୬୦)। ବାରକୋଟ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି।

# ବିଧାୟିକାଙ୍କ ଦାବି ଅନୁଯାୟୀ ଏମ୍‌ସିଏଲ୍ ପକ୍ଷରୁ ୧୨କୋଟି ଟଙ୍କା ମଞ୍ଜୁର

ସୁନ୍ଦରଗଡ଼, ୬।୧୦(ଡି.ଏନ୍.ଏ.)

ଏମ୍‌ସିଏଲ୍ ଠାରୁ କୋଇଲା ପରିବହନ ଦ୍ୱାରା ଏହା ସହ ଜଡିତ ଅନେକ ଗୁଡିଏ ରାସ୍ତା ଖରାପ ହେବା ସହ ସଙ୍କୁଚିତ ହୋଇଛି। ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଜୀବନହାନି ହେଉଛି। ଏହାକୁ ନେଇ ବିଧାୟିକା କୁସୁମ ଟେଟେ ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ ପାଖରେ ଜିଲା ଖଣିଜ ପାଣ୍ଠିରୁ ମୁଖ୍ୟତଃ ୩ଟି ରାସ୍ତା ନିର୍ମାଣ ନେଇ ପ୍ରସ୍ତାବ ଦେଇଥିଲେ। ଯାହାକୁ ନେଇ ସ୍ଥାନୀୟ ପ୍ରଶାସନ ଜିଲା ଖଣିଜ ପାଣ୍ଠିରୁ ଏହି ରାସ୍ତା ନିର୍ମାଣ ହୋଇପାରିବନି ବୋଲି କହିବା ପରେ ବିଧାୟିକା ଏହି ସବୁ ରାସ୍ତା ଶୀଘ୍ର ନିର୍ମାଣ ନେଇ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ସହ ବୁର୍ଲାସ୍ଥିତ ଏମ୍‌ସିଏଲ ମୁଖ୍ୟାଳୟ ଠାରେ ଏମ୍‌ସିଏଲ ପର୍ସନାଲ କେଶବ ରାଓଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ବିଧାୟିକା କୁସୁମଙ୍କ ଦାବି ଅନୁଯାୟୀ, ସୁନ୍ଦରଗଡ଼ଠାରୁ ଲେଫ୍ରିପଡା ପାଇଁ ଦୁଇଟି ପ୍ରକଳ୍ପ, ସୁରୁଗୁଡା ଠାରୁ ବାଲିଚୁଆଁ -ବଲିଙ୍ଗା -ହେମଗିରି -କନିକା ଠାରୁ ବେଲପାହାଡ଼ ରାସ୍ତା ପର୍ଯ୍ୟନ୍ତ ୩ଟି ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ପାଖାପାଖି ୧୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗକୁ ଚିଠି ଯୋଗେ ଜଣାଇଥିବା ନେଇ ବିଧାୟିକା ପ୍ରତିନିଧି ଅସୀମ ପଟେଲ ସୂଚନା ଦେଇଛନ୍ତି। ଏଥିସହ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ଆଗାମୀ ଦିନରେ ଅନେକ ନୂତନ ଖଣି ଖୋଲା ଯାଉଥିବା ଯୋଗୁ ତା'ପୂର୍ବରୁ ସମସ୍ତ ରାସ୍ତା ସମ୍ପ୍ରସାରଣ କରିବା ସହ ଏହାର ଉନ୍ନତିକରଣ କରିବା ପାଇଁ ୧୮୧କୋଟି ଟଙ୍କାର ଅଟକଳ ପ୍ରସ୍ତୁତ କରି ଦିଆଯାଇଛି। ଯାହା ଖୁବଶୀଘ୍ର ଅନୁମୋଦନ ପାଇବା ନେଇ ବିଧାୟିକା ଆଶାବାଦୀ ବୋଲି କହିଛନ୍ତି।



ଏମ୍‌ସିଏଲ୍ ପକ୍ଷରୁ ଟଙ୍କା ମଞ୍ଜୁରୀ ନେଇ ବିଧାୟିକାଙ୍କୁ ସୂଚନା ଦିଆଯାଇ ଫୁଲତୋଡା ଦେଉଛନ୍ତି ଅଧିକାରୀ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଦିଲ୍ଲେଶ୍ୱର



@ ଚନ୍ଦ୍ରହାସ୍ୟ



@ ରାଜା



@ ତଥାଗତ




@ ସଞ୍ଜୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଏକ ଭାରତ ଶ୍ରେଷ୍ଠ ଭାରତ ଶିବିର

ରାଉରକେଲା ଅଫିସ,୬।୧୦: ଏନ୍‌ସିସି ୯ ଓଡିଶା ବାଟାଲିୟନ ରାଉରକେଲା ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ ଶିବିର ସାଇଭେଲି ୱାର୍ଡ ସ୍କୁଲଠାରେ ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ଓଡିଶା ଓ ମହାରାଷ୍ଟ୍ର ଏନସିସି ଡାଇରେକ୍ଟୋରେଟ ମିଳିତ ଭାବେ ଆୟୋଜନ କରିଛନ୍ତି। ଏଥିରେ ଉଭୟ ରାଜ୍ୟର ୬ଶହ କ୍ୟାଡେଟ୍ ଯୋଗଦେଇ ନିଜ ରାଜ୍ୟର ସଂସ୍କୃତି, ପରମ୍ପରା, ଖାଦ୍ୟପେୟ ଓ ଜ୍ଞାନ ବିଷୟରେ ଆଦାନପ୍ରଦାନ କରୁଛନ୍ତି। ଏନ୍‌ସିସି କମାଣ୍ଡାଣ୍ଟ ଅମିତାଭ ରାୟ ଓ ଅନ୍ୟ କର୍ମଚାରୀ ସହଯୋଗ କରୁଛନ୍ତି।

# ମୁଖ୍ୟ ଫାଟକରେ ତାଲା ପକାଇଲେ ଜମି ହରାଇଥିବା ଲୋକେ

କୁଆଁରମୁଣ୍ଡା,୬।୧୦(ଡି.ଏନ.ଏ.)

- ବୃହତ୍ତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ସରିଲା
- ଜମି ହରାଇଥିବା ଲୋକଙ୍କୁ କ୍ଷତିପୂରଣ ମିଳିଲା

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଉଷ୍ରାଠାରେ ଶଙ୍ଖ ନଦୀରୁ ଜଳ ଉଠାଯାଇ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଜଳଯୋଗାଇବା ଲକ୍ଷ୍ୟ ନେଇ ବୃହତ୍ତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରୁ ଆରମ୍ଭ ହୋଇ ଏବେ ସମ୍ପୂର୍ଣ୍ଣ ହୋଇଛି। ଏପରିକି ଗତ ୬ମାସ ହେଲା ଏହି ପ୍ରକଳ୍ପ ଜରିଆରେ କୁଆଁରମୁଣ୍ଡା ବ୍ଲକର ଅନ୍ଧାରୀ, ଜଳଙ୍ଗବିରା, କାଦୋବାହାଲ ଇତ୍ୟାଦି ପଞ୍ଚାୟତକୁ ଜଳଯୋଗାଣ କାର୍ଯ୍ୟ ଚାଲୁଛି। ହେଲେ ଦୀର୍ଘ ସାଢେ ୩ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହରାଇଥିବା ପରିବାରବର୍ଗଙ୍କୁ ଅଦ୍ୟାବଧି କ୍ଷତିପୂରଣ ଓ ଚାକିରି ନ ମିଳିବାରୁ ସେମାନେ ଗୁରୁବାର ଏହି ପ୍ରକଳ୍ପର ମୁଖ୍ୟ ଫାଟକରେ ତାଲା ପକାଇଦେଇଛନ୍ତି। ଖବରପାଇ ସ୍ଥାନୀୟ ସରପଞ୍ଚ, କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟଙ୍କ ସମେତ ଉଷ୍ରା ଅଞ୍ଚଳର କେତେକ ବୁଦ୍ଧିଜୀବୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଅନୁଯାୟୀ ଉକ୍ତ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ସମୟରେ ସରକାରୀ ଜମି ଅଭାବ ଥିବାରୁ ସ୍ଥାନୀୟ ବାସିନ୍ଦା ମାଖା କିଷାନଙ୍କ ସହ ପ୍ରଶାସନ ଆଲୋଚନା କରି ତାଙ୍କର ୪୬ ଡିସିମିଲ ଜମି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରତିବଦଳରେ ଜମିମାଲିକ ମାଖାଙ୍କୁ ଜମିର ମୂଲ୍ୟ ପ୍ରଦାନ ସହ ପରିବାରର ଜଣଙ୍କୁ ଚାକିରି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରକଳ୍ପର ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ଦୀର୍ଘ ସାଢେ ୩ବର୍ଷ ଅତିକ୍ରାନ୍ତ ହୋଇଥିବାବେଳେ ଜମିମାଲିକ ଏ ନେଇ ଜିଲା ପ୍ରଶାସନ ନିକଟରେ ଗୁହାରି କରିବା ପରେ ଶେଷରେ ନିରାଶ ହୋଇଯାଇଥିଲେ। ଦ୍ୱିତୀୟତଃ, ପ୍ରକଳ୍ପ ନିର୍ମାଣ ପୂର୍ବରୁ ସ୍ଥାନୀୟ ଉଷ୍ରା, ଉଷ୍ରା କଲୋନୀ,ତେନ୍ତ୍ରାବାହାଲ, ରାଇବେର୍ଣ୍ଣା, ଖେରାପୋଷ ଭଳି ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳକୁ ଜଳଯୋଗାଣ କରାଯିବ ବୋଲି ଦେଇଥିବା ପ୍ରତିଶ୍ରୁତି ଏବେ ପାଣିରେ ଗାର ସଦୃଶ ଲୋକେ ଅନୁଭବ କରୁଛନ୍ତି। ଫଳରେ ପ୍ରଶାସନିକ ପ୍ରତାରଣାର ଶିକାର ହୋଇ ବହୁ ଦିନର ପୁଞ୍ଜିଭୂତ ଅସନ୍ତୋଷ ଶେଷରେ ଉଗ୍ରରୂପ ଧାରଣ କରି ମୁଖ୍ୟ ଫାଟକରେ ତାଲା ପକାଇବା ପାଇଁ ବାଧ୍ୟ ହେଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ନେଇ ମେଗା ଜଳଯୋଗାଣ ପ୍ରକଳ୍ପ ଜିଲା ଅଧୀକ୍ଷଣ ଯନ୍ତ୍ରୀ ବିଛନ୍ଦ ପାଣିଗ୍ରାହୀଙ୍କୁ ପଚରାଯିବାରେ ସେ କହିଲେ ଯେ, ଜମି ହରାଇଥିବା ପରିବାରଙ୍କ ଦାବି ବାସ୍ତବରେ ଯଥାର୍ଥ। ତାଙ୍କର କ୍ଷତିପୂରଣ ଅର୍ଥରାଶି ପ୍ରଦାନ କେବେ ମିଳିବ ତାହା ନିଶ୍ଚିତ ହୋଇପାରୁ ନାହିଁ। ମାତ୍ର ଆସନ୍ତା ୧ ମାସ ମଧ୍ୟରେ ଏହା ମିଳିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# କୁଚିଣ୍ଡା ଫୁଟବଲ ଦଳ ଚାମ୍ପିୟନ

ଦେବଗଡ଼,୬।୧୦(ଡି.ଏନ.ଏ)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବଡଛାପଲ ଗ୍ରାମ ପଞ୍ଚାୟତର ନୂଆଁଗାଙ୍ଗନଣ ସ୍ଥିତ ପ୍ରଗତି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଗାଙ୍ଗନଣ ହାଇସ୍କୁଲ ଖେଳ ପଡିଆଠାରେ ଗତ ୩ ତାରିଖ ସୋମବାର ଆରମ୍ଭ ହୋଇଥିବା ଦ୍ୱି'ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଆୟୋଜକ ପ୍ରଗତି ସ୍ପୋର୍ଟିଂ କ୍ଲବକୁ ୨-୧ ଗୋଲରେ ପରାସ୍ତ କରି କୁଚିଣ୍ଡା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଧିରେନ୍ଦ୍ର କୁମାର ନାୟକ, ପ୍ରଦୀପ ବେହେରା ଓ ମୁକୁନ୍ଦ ବେହେରା ସହଯୋଗ କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ମଦନ ମୋହନ ପ୍ରଧାନ ଓ ଉଦୟ ସାହୁ ଥିଲେ। ଅପରାହ୍ନରେ ପ୍ରଗତି ସ୍ପୋର୍ଟିଂ କ୍ଲବର ସଭାପତି ବିକାଶ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର ଓ ହାଇସ୍କୁଲ ଶିକ୍ଷକ ଟିକେଶ୍ୱର ସାହୁ ଯୋଗଦେଇ ଚାମ୍ପିୟନ କୁଚିଣ୍ଡା ଫୁଟବଲ ଦଳ ଓ ରନର୍ସ ଅପ୍ ପ୍ରଗତି ସ୍ପୋର୍ଟିଂ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ମନୋଜ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦ୍ୱି'ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**



ଫୁଟବଲ ପ୍ରତିଯୋଗିତା ଫାଇନାଲରେ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

## ସମ୍ପର୍କୀୟ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ସଦର ଥାନା ଭୋଇପାଲି ଗ୍ରାମରେ ଗୁରୁବାର ରାତିରେ ହତ୍ୟାକାଣ୍ଡ ଘଟିଛି। ସମ୍ପର୍କୀୟ ବଡ ଭାଇ ପ୍ରମୋଦ ସାହୁଙ୍କୁ ସାନଭାଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ସଦର ଡାକ୍ତରଖାନା ପଠାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ସୂଚନାନୁସାରେ ପୂର୍ବରୁ ଦୁଇ ସମ୍ପର୍କୀୟ ଭାଇଙ୍କ ମଧ୍ୟରେ ଝଗଡା ଲାଗିରହିଥିଲା। ଗୁରୁବାର ରାତି ପ୍ରାୟ ୮ଟାରେ ତଳପାଲି ଗ୍ରାମର ପ୍ରମୋଦ ନିଜ ସମ୍ପର୍କୀୟ ଭାଇ ଘର ଭୋଇପାଲି ଯାଇଥିଲେ। ଅଭିଯୁକ୍ତ ହଠାତ୍ ସେଠାରେ ପ୍ରମୋଦଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

# ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି, ମା' ଦୁର୍ଗାଙ୍କ ଭସାଣି

**କୁତ୍ରା/ ହେମଗିର, ୬।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ରାବଣପୋଡ଼ି, ମା' ଦୁର୍ଗାଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ରଙ୍ଗାଢିପାର ଦୁର୍ଗା ଭସାଣି ଗୁରୁବାର ସନ୍ଧ୍ୟାରେ ହୋଇଥିଲା। ସେହିପରି ଜିଲାର କୁତ୍ରା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ବୁଧବାର ଦଶହରା ଅବସରରେ ଧୁମଧାମ୍‌ର ସହିତ ରାବଣ ପୋଡି କରାଯାଇଥିଲା। ପୂଜା ସ୍ଥଳରୁ ରାମ ଲକ୍ଷଣଙ୍କ ସହ ହନୁମାନ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଖେଳ ପଡିଆରେ ଆୟୋଜିତ ରାବଣ ପୋଡି ସ୍ଥଳରେ ପହଞ୍ଚିଥିଲେ। ପରେ ଏଠାରେ ଆତସବାଜି ପ୍ରଦର୍ଶନ ସହ ରାବଣ ପୋଡି କରାଯାଇଥିଲା। ଗୁରୁବାର ମା'ଙ୍କ ଭସାଣି ଶୋଭାଯାତ୍ରା ଗାଁ ପରିକ୍ରମା କରିବା ପରେ ଲକ୍ଷୀପୋଷକୁ ନିଆଯାଇ ଶଂଖ ନଦୀରେ ବିସର୍ଜନ କରାଯାଇଥିଲା।


କୁତ୍ରାରେ ମା' ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଶିବ ପ୍ରସାଦ ବେହେରା,ସରପଞ୍ଚ ଭୂବନ କୁଜୁର, ବଜରଙ୍ଗ କେଶରୀ, ଦେବାଶିଷ ସାହୁ, ବୁଟୁ ଦାସ, ପ୍ରଦୀପ ମାଲୁଆ, ହିରାଲାଲ ଟପ୍ପୋ, ଚେପୋ ଲାକଡା, ପୂଜକ ରବୀନ୍ଦ୍ର ପଣ୍ଡା, ମହେନ୍ଦ୍ର ଦାସ ପ୍ରମୁଖ ପୂଜାର ଆୟୋଜନରେ ସହଯୋଗ କରିଥିଲେ। ହେମଗିର ସାର୍ବଜନୀନ ଦୁର୍ଗାପୂଜା ଓ ଦଶହରା ପର୍ବ ଶେଷ ହୋଇଛି। ବୁଧବାର ବିଜୟା ଦଶମୀ ସନ୍ଧ୍ୟାରେ ବିଭିନ୍ନ ଲୋକନୃତ୍ୟ କରମା ନୃତ୍ୟ, ଡିଜେ ତଥା ଅନେକ ପାରମ୍ପରିକ ନୃତ୍ୟର ତାଳେ ତାଳେ ରାମ, ରାବଣଙ୍କ ନଗର ପରିକ୍ରମା ହୋଇଥିଲା। ରାମ, ରାବଣ ହେମଗିର ହାଇସ୍କୁଲର ପଡିଆଠାରେ ପହଞ୍ଚିବା ପରେ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ରାବଣ ବଦ୍ଧ ହୋଇଥିଲା । ଏହା ପରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ପୁରୋହିତ ଭାବରେ ଉମେଶ ସତପଥୀ ଥିବା ବେଳେ କତା ଭାବରେ ସୁକାନ୍ତ ମିଶ୍ର ଓ ଆରତୀ ମିଶ୍ର ଥିଲେ। ଏହି ଅବସରରେ କମିଟିର ସଭାପତି ସୁନୀଲ କୁମାର ଅଗ୍ରୱାଲା,ଉପ ସଭାପତି ଲଳିତ ବଗାର ଓ ପ୍ରମୋଦ ପତି, ସମ୍ପାଦକ ବରୁଣ ବହିଦାର, ସହ ସମ୍ପାଦକ ଆନନ୍ଦ କୁଆଁର ଓ ସୁକାନ୍ତ ମିଶ୍ର, କୋଷାଧ୍ୟକ୍ଷ ସୁନୀଲ ଭୋଇ, କାଶିନାଥ ରାଉତ, ସୁନୀଲ ପଣ୍ଡା, ଜୟନାରାୟଣ ପସାଏତ ପ୍ରମୁଖ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

# କ୍ଷତ୍ରିୟ ମହାସଭାର ଖଡ୍‌ଗ ଶୋଭାଯାତ୍ରା

**ରାଉରକେଲା ଅଫିସ,୬।୧୦**



ଶୋଭାଯାତ୍ରାରେ ବାହାରିଥିବା କ୍ଷତ୍ରିୟ ସହାସଭାର କର୍ମକର୍ତ୍ତାବୃନ୍ଦ।

ଦଶହରା ଉପଲକ୍ଷେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟି ପକ୍ଷରୁ ବାରହାତ ଖଡ୍‌ଗ ଶୋଭାଯାତ୍ରା ସେକ୍ଟର-୩ ଖଡ୍‌ଗ ଭବନରୁ ବାହାରି ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା ଏବଂ ପୁଣି ଖଡ୍‌ଗ ଭବନକୁ ଫେରିଥିଲା। ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟ ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ସହାବସ୍ଥାନରେ ବାର୍ତ୍ତା ନେଇ ଏହି ଶୋଭଯାତ୍ରା ଆୟୋଜନ କରାଯାଇଥିଲା। ୪୬ତମ ଏହି ଖଡ୍‌ଗ ଶୋଭାଯାତ୍ରାରେ ମହାସଭାର ସାଧାରଣ ସମ୍ପାଦକ ଶଶଧର ପାତ୍ର ଓ ଉପସଭାପତି ସୁରେନ୍ଦ୍ର ରାଉତ, ଉପେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଅମୂଲ୍ୟ ଚରଣ ବରାଳ, ଜେଣ୍ଟେଲ ପରିଡା, ଜଗନ୍ନାଥ ରାଉତ, ବସନ୍ତ ଜେନା, ଚୌଧୁରୀ ବିଜୟ ପଟ୍ଟନାୟକ, ପ୍ରଭାବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟବେକ୍ଷକ ଭାବେ ପୁଣି ନଳିନୀ ପ୍ରଧାନଙ୍କୁ ଦାୟିତ୍ୱ



**ସମ୍ବଲପୁର,୬।୧୦(ବ୍ୟୁରୋ):** ବିଜୁ ଜନତା ଦଳ ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଭାବେ ପୁଣିଥରେ ନଳିନୀ ପ୍ରଧାନଙ୍କୁ ଦଳ ଦାୟିତ୍ୱ ଦେଇଛି। ଗୁରୁବାର ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏହି ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲା ବିଜେଡି ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ବିଗତ ୩ବର୍ଷ ହେଲା ପ୍ରଧାନ ଜିଲା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ଦଳର ସଙ୍ଗଠନ, ନିର୍ବାଚନ ପରିଚାଳନା କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପଞ୍ଚାୟତ ନିର୍ବାଚନ ସମୟରେ ଜିଲାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ଦଳ ପୁଣିଥରେ ତାଙ୍କୁ ଦାୟିତ୍ୱ ଦେଇଥିବାରୁ ସଭାପତିଙ୍କୁ କୃତଜ୍ଞତା ଜଣାଉଛି। ବିଗତ ଦିନ ଭଳି ଆଗାମୀ ଦିନରେ ଦଳର ସାଙ୍ଗଠନିକ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିବି। ଆଗକୁ ଥିବା ନିର୍ବାଚନରେ କିଭଳି ଦଳ ବିଜୟୀ ହେବ ସେ ବିଷୟରେ କହିଥିଲେ।

# ଗୋକୁଳାନନ୍ଦ ନାଏକଙ୍କୁ ସ୍ୱତନ୍ତ୍ରତା ସେନାନୀ ମାନ୍ୟତା

**ବଡ଼ଗାଁ, ୬।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ଶତାୟୁ ବୈଦ୍ୟରାଜ ଗୋକୁଳାନନ୍ଦ ନାଏକଙ୍କୁ ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ସ୍ୱତନ୍ତ୍ରତା ସେନାନୀ ମାନ୍ୟତା ଦେଇ ଗାନ୍ଧୀ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ଗାନ୍ଧୀ ବିଚାର ମଞ୍ଚ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ରାହୁଲ ଜୈନ ମୁଖ୍ୟ ଅତିଥି ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ପୁନର୍ବାସ ଓ ଥଇଥାନ ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠୀ, ଅଧ୍ୟାପିକା ସୁଚିସ୍ମିତା ଗିରି ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ଗାନ୍ଧିଜୀଙ୍କ ଅନୁଗାମୀ ୧୦୨ବର୍ଷୀୟ ବୈଦରାଜ ଗୋକୁଳାନନ୍ଦ ନାଏକଙ୍କୁ ଅତିଥିମାନେ ମାନପଫଳକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀ ଝାରସୁଗୁଡ଼ା ଆସିଥିବାବେଳେ ଗାନ୍ଧିଜୀ ତାଙ୍କୁ କଉଡ଼ି ଦେଇଥିଲେ। ସେହି କଉଡ଼ିଗୁଡ଼ିକୁ ସେତେବେଳେ ଯୁବକମାନଙ୍କୁ ବାଣ୍ଟି ସ୍ୱତନ୍ତ୍ରତାର ମନ୍ତ୍ର ଦେଇଥିଲେ ଗୋକୁଳାନନ୍ଦ। ସେହି ସମୟର ସ୍ମୃତିଚାରଣ କରି ଅତିଥିମାନେ ତାଙ୍କୁ ସ୍ୱତନ୍ତ୍ରତା ସେନାନୀ ମାନ୍ୟତା ଦେଇ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୨୧ ମସିହାରେ ଜନ୍ମିତ ଗୋକୁଳାନନ୍ଦ ସୁନ୍ଦରଗଡ଼ ଜିଲାର ଜଣେ ଜଣାଶୁଣା ବୈଦ୍ୟରାଜ ଓ ଦୀର୍ଘ ବର୍ଷ ଧରି କଂଗ୍ରେସ ସେବାଦଳରେ କାର୍ଯ୍ୟ କରିଥିଲେ। ୧୦୨ବର୍ଷ ବୟସରେ ମଧ୍ୟ ଚଳଚଞ୍ଚଳ ଥିବା ଗୋକୁଳାନନ୍ଦଙ୍କୁ ଦୁଃଖରେ ଥିବା କେହି କେବେ ଦେଖିନାହାନ୍ତି। ସର୍ବଦା ହସହସ ମୁହଁରେ ଭଦ୍ର ଓ ନମ୍ର ଆଚରଣ ତାଙ୍କୁ ସ୍ୱତନ୍ତ୍ର କରିଥାଏ। ସେ କହନ୍ତି, ଲୋଭ ଅହଙ୍କାର ତ୍ୟାଗ କରି ମାନବ ସେବାରେ ବ୍ରତୀ ହେଲେ ମଣିଷ ଦୀର୍ଘାୟୁ ଓ ସୁସ୍ଥ ରହିଥାଏ। ଏବେ ମଧ୍ୟ ସେ ବଡ଼ଗାଁକୁ ଅଧିକାଂଶ ଦିନ ଆସି ଲୋକଙ୍କ ସହିତ ମିଶିବା ଓ ମାଗଣାରେ ଔଷଧ ବଣ୍ଟନ କରିଥାନ୍ତି। ଗୋକୁଳାନନ୍ଦଙ୍କ ବିଗତ ଘଟଣାଗୁଡିକୁ ନେଇ ଜୁନ ୯ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା।


ବୈଦ୍ୟରାଜ ଗୋକୁଳାନନ୍ଦ ନାଏକ।

# ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ଲହୁଣୀପଡ଼ା, ୬।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ସୁଶୀଲ ମାହାନ୍ତ ବଳାତ୍କାର ଅଭିଯୋଗରେ ଗିରଫ ହୋଇଛନ୍ତି। ମାର୍ଚ୍ଚ ମାସ ୩୧ତାରିଖ ପ୍ରଲୋଭନ ଦେଖାଇ ଉଲସୁରେଇ ଛକରୁ ବାଇକ ଯୋଗେ ଲହୁଣୀପଡ଼ାକୁ ଆଣିଥିଲେ। ଲହୁଣୀପଡ଼ାରୁ ବିଭିନ୍ନ ସ୍ଥାନକୁ ନେଇ ଘରେ ଘରେ ଛାଡ଼ି ଦେଇଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ଉଭୟ ପରିବାରକୁ ନେଇ ଏକ ଗ୍ରାମ୍ୟ ବୈଠକ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସାବାଳିକା ହେବା ପର୍ଯ୍ୟନ୍ତ ପୁଅ ଘରେ ନାବାଳିକା ପୃଥକ ଭାବେ ରହିବ ବୋଲି ନିଷ୍ପତ୍ତି ନେଇଥିବାରୁ ନାବାଳିକା ସେଠାରେ ରହିଥିଲା। କିନ୍ତୁ ପୁଅ ଘର ପରିବାର ତରଫରୁ ନାବାଳିକା ଉପରେ ବିଭିନ୍ନ ପ୍ରକାର ନିର୍ଯାତନା ଦେବାରୁ ନାବାଳିକା ନିଜ ବାପ ଘରକୁ ପଳେଇ ଆସିଥିଲେ। ଏ ସଂକ୍ରାନ୍ତରେ ଝିଅ ପରିବାର ଲୋକ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ସୁନ୍ଦରଗଡ଼ ରଙ୍ଗାଢିପାର ମା' ଦୁର୍ଗାଙ୍କୁ ଗୁରୁବାର ସନ୍ଧ୍ୟାରେ ଭସାଣି ପାଇଁ ନିଆଯାଉଛି।

# ସିଡିପିଓଙ୍କୁ ଭେଟିଲା କଂଗ୍ରେସ

**ରାଉରକେଲା ଅଫିସ,୬।୧୦**

ଅଙ୍ଗନୱାଡି ଜରିଆରେ ଶିଶୁମାନଙ୍କ ପୁଷ୍ଟିହୀନତା ଦୂର ପାଇଁ ପୃଷ୍ଟିସାର ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ପୁଷ୍ଟିସାର ଖାଦ୍ୟ ଅତି ନିମ୍ନମାନର ହୋଇଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ଶିଶୁମାନଙ୍କ ଖାଇବା ଉପଯୋଗୀ ହେଉନାହିଁ। ଏ ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଗୁରୁବାର ସିଡିପିଓଙ୍କ ନିକଟରେ ଦାବି କରିଛି। ସୂଚନା ଅନୁସାରେ, କଂଗ୍ରେସ ନେତା ବିରେନ ସେନାପତି ରାଉରକେଲା ଶିଳ୍ପାଞ୍ଚଳ ଶାନ୍ତିନଗର ପରିକ୍ରମା କରୁଥିବା ବେଳେ କିଛି ସ୍ଥାନୀୟ ଲୋକ ଅଙ୍ଗନୱାଡି ଜରିଆରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଶୁଖିଲା ସୁଜି ହାଲୁଆ ତାଙ୍କୁ ଦେଖାଇଥିଲେ। ପ୍ୟାକେଟରେ ଥିବା ଏହି ସୁଜି ହାଲୁଆରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା ଏବଂ ପ୍ୟାକେଟ୍ ଉପରେ ସୁଜି ହାଲୁଆ ପ୍ରସ୍ତୁତି ହେବାର ମାସକ ମଧ୍ୟରେ ବ୍ୟବହାର କରିବା ପାଇ ଉଲ୍ଲେଖ କରାଯାଇଥିବା ବେଳେ ପ୍ୟାକେଟ୍ ଉପରେ କିନ୍ତୁ ପ୍ରସ୍ତୁତିର ତାରିଖ ଉଲ୍ଲେଖ ନ ଥିଲା। ଏ ସମ୍ପର୍କରେ ସେନାପତି ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରୁ ସୁଜି ହାଲୁଆ ଖାଦ୍ୟ ଯୋଗାଉଥିବା ଏସ୍‌ଏଚ୍‌ଜି ଅଙ୍ଗନୱାଡି କର୍ମୀଙ୍କ ଅନୁପସ୍ଥିତିରେ ଖାଦ୍ୟ ପ୍ୟାକେଟ୍ ଦେଇ ଚାଲିଯାଉଛନ୍ତି ବୋଲି କହିଥିଲେ। ଏହି ଘଟଣାକୁ ନେଇ ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ଉକ୍ତ ଅଞ୍ଚଳର କିଛି ବାସିନ୍ଦା, କଂଗ୍ରେସ କର୍ମୀ ସିଭିଲ୍ ଟାଉନସିପ୍ ସ୍ଥିତ ସିଡିପିଓଙ୍କ ନିକଟରେ ପହଞ୍ଚି ଘଟଣାର ପ୍ରତିବାଦ କରିଥିଲେ। ପରେ ଉକ୍ତ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ ପ୍ରତିଶ୍ରୁତି ଦେଇଥିଲେ ।

# ଦ୍ୱିଦିବସୀୟ ଫୁଟ୍‌ବଲ: ହାଡିପାଲି ଚାମ୍ପିୟନ

**କୁଚିଣ୍ଡା, ୬।୧୦(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବିଉରିଗୋଡା ପଞ୍ଚାୟତ ଗନମୁଣ୍ଡା ଗାନ୍ଧୀ ଜ୍ୟୋତି କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଗୋଟି ଦଳ ଭାଗ ନେଇଥିବା ବେଳେ ହାଡିପାଲି ଓ ତିଲେଇମାଲ ଓରାମ ବ୍ରଦର୍ସ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ହାଡିପାଲି ଚାମ୍ପିୟନ ହୋଇଥିଲା। ରେଫରି ଭାବେ ମଦନ ମାଝି, ସରୋଜ କିଷାନ, ଲକ୍ଷ୍ମୀଧର କିଷାନ ଓ ବୀରସିଂହ କିଷାନ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ବାଉରିଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ବିନୋଦ ବାଘ, ଭିକାରୀ ମାକର, ଗୋପାଳ ନାଏକ, ଭୁବନେଶ୍ୱର ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ହଜାର ଓ ରନର୍ସ ଅପ ଦଳକୁ ନଗଦ ୭ହଜାର ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ।


ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ବୌଦ୍ଧବନଖଣ୍ଡ, ବୌଦ୍ଧ

**OFFICE OF THE DIVISIONAL FOREST OFFICER -CUM-WILDLIFE WARDEN, BOUDH FOREST DIVISION**

Telephone No. 06861- 222073, e-mail- dfo.boudh@odisha.gov.in
Notice No. 4024 /2022, Dt. 01/10/2022

**SHORT TENDER NOTICE**

**FOR CONSTRUCTION OF CIVIL WORKS IN BOUDH FOREST DIVISION DURING THE YEAR 2022-23 UNDER CAMPA APO- 2022-23**

**No.MM-202:**The Divisional Forest Officer, Boudh Forest Division on behalf of Governor of Odisha invites percentage rate bids in double cover system in Offline mode for construction of works as detailed below:

| Name of the Work | Area of the Work | Approximate value of the work (in Rs.) | Cost of Bid papers (in Rs.) | Class of Bidder | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Construction of Range Officer's Residence at Bagichhasahi in Boudh Range during 2022-23 | Plinth Area= 1075 Sqft | Rs.24,52,100/- | Rs.6,000/- | C & D | 28.02.2023 |
| Construction of Forester Quarter-I at Bagichhasahi in Boudh Range during 2022-23 | Plinth Area= 839 Sqft | Rs.20,38,900/- | Rs.6,000/- | C & D | 28.02.2023 |
| Construction of Forester Quarter-II at Bagichhasahi in Boudh Range during 2022-23 | Plinth Area- 839 Sqft. | Rs.20,38,900/- | Rs.6,000/- | C & D | 28.02.2023 |
| Construction of Forest Guard Quarter at Kantamal in Kantamal Range during 2022-23 | Plinth Area= 626 Sqft | Rs.16,29,000/- | Rs.6,000/- | C & D | 28.02.2023 |

The Tender Document Form can be downloaded from the websites www.boudh.nic.in/www.odishaforest.in by the intending tenderer. The tender inviting authority reserves the right to accept or reject any or all bids without assigning any reason thereof.
Mode of Submission of Tender : Tender Should be submitted through Regd. Post/ Speed Post/ Courier Service only. Date of closing of issue of Tender Paper : 27.10.2022 by 04:30 P.M. Date of closing of receipt of Tender Paper (through Regd. Post/ Speed Post/ Courier Service/by Person) :27.10.2022 by 04:30 P.M. Date of Opening of Tender : 28.10.2022 at 11:00 A.M.

OIPR-08090/11/0005/2223 **Sd./-Divisional Forest Officer, Boudh Forest Division**



ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ବଣାଇ ବନଖଣ୍ଡ ।

**OFFICE OF THE DIVISIONAL FOREST OFFICER, BONAI DIVISION**
**TENDER NOTICE**

Phone/Fax-06626-244434, E-mail:dfobonai.od@gov.in
No.311/1F-(Acct.) Dt.2.10.22

**INVITATION FOR BIDS**
**No.MM-204:** **Bid Identification No.5 Online**

| | **The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE** | | |
|---|---|---|---|
| 1 | Nature of Works | : | Building works (Civil+EI+PH) |
| 2 | No. of Works | : | 2 (Two) Nos. |
| 3 | Bid Cost | : | 6,000/- |
| 4 | Class of Contractor | : | "D" Class, "C" Class |
| 5 | Date & Time of availability of the Tender documents | : | 4th October-2022 to 13th October 2022 upto 5.30 P.M. |
| 6 | Last date & time of receipt of bids in portal | : | 14th October 2022 upto 5.30 P.M. |
| 7 | Date of opening of Bid | : | 14th October 2022 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only | | |

**Sd./- Divisional Forest Officer**
**Bonai Division**
OIPR-08040/11/0009/2223



**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

**Advt. No.** 2782 /CDM & PHO, Keonjhar **Date: 06.10.2022**

**TENDER CALL NOTICE**

No. E-521: Sealed tenders are hereby invited from the intending manufacturers or their authorized stockiest/ distributors for supply of Drugs & Medical Consumables (Including Anti-Cancer Drug), Laboratory Chemicals & Reagents, Items related to BCL (Bedding & Clothing), Waste Management, Chemicals & Reagents for Auto-Analyzer & Urine Analyzer to Keonjhar District & Govt. Medical College & Hospital, Keonjhar.
The eligible bidders may submit their tender papers on or before 03.11.2022 by 5.00 P.M. through Registered Post/ Speed Post/Courier only to be undersigned. The Technical Bid documents will be opened on 05.11.2022 at 11.30 A.M. Those who will qualify in the Technical Bid, the date of opening Financial Bids will be intimated letter on. A pre-bid meeting with the bidders, who desire to participate in the bidding process, will be held in the meeting hall of the undersigned at 11.30 A.M. on Dt.11.10.2022. The details in this connection are available in the district website: **www.kendujhar.nic.in**.
The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0023/2223



**NOTICE INVITING TENDER**
**GOVERNMENT OF ODISHA**

**Notice No. 3327** **Dt.01.10.2022**

No. i-100: The Block Development Officer on behalf of Governor of Odisha invites sealed tender in Two bid System (Technical & Financial Bid in two separate envelopes) from eligible and qualified Original Equipment Manufacturers/Authorized Distributors of OEM/Authorized Dealers for the Supply & Installation at site for the Desk Top Computer.
The details are summarized below:

| | | |
|---|---|---|
| a) | Tender Number | Reference number for inviting bids through this tender is PS BEL/ HST/2022-23/01 |
| b) | Purchaser | The Block Development Officer, Belpada which is a Government of Odisha under PR & DW Deptt. |
| c) | Usage of Computers | The purchaser would place the computers in their educational Schools and shall be utilized for imparting teaching and E-Library |
| d) | Scope of Tender | Supply & Installation of Desk Top Computer |
| e) | Specification/Details of Desk Top Computer | The detailed specifications of Desk Top Computer are specified in tender and placed at **Annexure - A** |
| f) | Web page for details of tender | Webpage: **http://www.balangir.nic.in**. The prospective bidders are advised to remain in touch with the website for any update in respect of this tender. |
| g) | Locations of supplies | The Desktop Computer(s) is/are proposed to be supplied at educational schools at Belpada Block. It may be noted that the Block Development Officer have full rights to cancel supplies while placing the supply order to selected bidder. The reason for cancellation of supply to any of the locations or all locations would not be disclosed. |
| h) | Earnest Money Deposit (EMD) along with Tender | Bid Security Declaration to be placed in the Technical Bid envelopes while submitting the tender |
| i) | Exemption from the payment of EMD and Tender fee | The exemption for the payment of EMD as well as tender fee will be applicable to the Udyog Aadhaar/NSIC/District Industry Centre registered units for the goods for which the said tender floated. |
| j) | Cost of Tender Documents | The tender document can be collected from the Office of the Block Development Officer, Belpada in between the period between **6th October 2022 to 3rd November 2022** (except Saturday & Sunday) between 10.30 hours to 17.30 hours against payment of Rs.6000/- (Rupees six thousand only) (Non-refundable) by way of Demand Draft, in favour of **Block Development Officer A/c** payable at Belpada. Alternatively tender form can be downloaded from our website **www.balangir.nic.in** from **6th October 2022 to 3rd November 2022**. In case the tender downloaded for submission of offer, the tender fee of Rs.6000/- in form of Demand Draft in favour of **Block Development Officer A/c** payable at Belpada shall be enclosed with Technical Bid of the tender while submitting the tender. |
| k) | Last date of submission of Tender | Tender must be delivered to the address below on or before 4th November 2022 upto 11.30 hours. Late bids will be rejected. The Block Development Officer, Belpada & Zilla Parishad Office, Balangir |
| l) | Date of opening of Technical Bid (Envelope - 1) | The Technical Bid for the tender shall be opened on 4th November at 14.45 hours at the address as under: The Panchayat Samiti Office, Belpada Block |
| m) | Date of Opening of Financial Bid (Envelope - 2) | The date for opening second envelope containing Financial Bid will be intimated to the qualified bidders separately. |

**Note:** In Case of any further details required, the same can be collected from the office of the Block Development Officer, Belpada from **6th October 2022 to 3rd November 2022** (except 2nd/4th Saturday & Sunday, Holiday) between 10.30 hours to 17.30 hours.
2. Bid documents consisting of specifications, the schedule of quantities and the set of terms & conditions of contract and other necessary documents can be seen in the website.
3. The Bid documents will be available in the **www.balangir.nic.in** from 11.00 hours of 06.10.2022 to 03.11.2022 by 17.30 hours.
4. The Cover-I (Technical Bid) of Double Cover and Single Cover shall be opened at 14.45 hours on 04.11.2022 in the Office of the Block Development Officer, Belpada in the presence of bidders who wish to attend. Bidders who participated in the bid can witness the opening of Bids. If it happens to be a holiday the same will be opened in the next working days at the same time and venue. The Financial Bid (Cover-II) of those bidders will be opened who will be qualified in the Technical Bid.
5. As per the Office Memorandum No. 8943 Dtd.18.03.2021 of Finance Department, Govt. of Odisha, the bidders are not required to deposit the Bid Security/EMD amount during participation but Bid Security Declaration is to be submitted by the Bidders along with the Technical Bid. The successful bidder submit the Bid Security/EMD at the time of agreement.
6. Other details can be seen in the bidding document.
7. The successful bidder will have to deposit a performance security deposit of 3% of the contract price (agreement price) in the form of Bank Guarantee from any Nationalized Bank drawn in favour of Block Development, Belpada covering a period of three (03) years from the date of intimation to the bidder with award of supply.
8. The intending bidders are requied to furnish their e-mail address and Cell Phone No. so as to inform them any things relating to the tender.
9. If any intending bidders wish to withdraw from participation in the bid, he/she can freely withdraw from the participation before scheduled date and time of closer.
10. The authority will not be held responsible for any postal delay.
11. Any Corrigendum/Addendum will be displayed in the website **www.balangir.nic.in** only.
12. The authority reserves right to cancel any or all bids without assigning any reason thereof.
13. Those bidder who will qualify in the Technical Bid (Cover-I), the Price Bid (Cover - II) of only those qualified bidder will be opened.
14. The 1st lowest bidder must produce the original documents within the stipulated time period failing which action shall be taken to blacklisting agency.
15. If the bidder fails to supply, the amount so furnished as EMD will be forfeited in addition to the other penal clauses, if any, to be imposed.

OIPR-19110/11/0001/2223 **Sd./- Block Development Officer, Belpada Block**

# ଶ୍ରୀଜେଶ, ସବିତା ବର୍ଷର ଶ୍ରେଷ୍ଠ ଗୋଲକିପର

**ନୂଆଦିଲ୍ଲୀ, ୬।୧୦(ପି.ଟି.)**

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଦ୍ୱାରା ଭାରତର ପି.ଆର୍. ଶ୍ରୀଜେସ ଓ ସବିତା ପୁନିଆ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଗୋଲ୍‌କିପର ବିବେଚିତ ହୋଇଛନ୍ତି। ଭାରତୀୟ ଫରୱାର୍ଡ ମମ୍‌ତାଜ ଖାଁ ଏଫ୍‌ଆଇଏଚ୍ ରାଇଜିଂ ଷ୍ଟାର ଅଫ୍ ଦି ଇୟର ବିବେଚିତ ହୋଇଛି। ଅନ୍ୟପକ୍ଷରେ ଭାରତ ମହିଳା ଓ ପୁରୁଷ ଦଳର କୋଚ୍ ଗ୍ରାହମ ରିଡ୍ ଓ ଜାନେକ୍ ସ୍କୋପ୍‌ମ୍ୟାନ ସେମାନଙ୍କ ବିଭାଗରେ ବର୍ଷର ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ରିଡ୍ କ୍ରମାଗତ ଦ୍ୱିତୀୟ ବର୍ଷ ଏହି ପୁରସ୍କାରର ଅଧିକାରୀ ହୋଇଛନ୍ତି। ଗତବର୍ଷ ଭାରତ କୋଚ୍ ଜୋର୍ଡ ମାରିଜନେ ଏଫ୍‌ଆଇଏଚ୍ ଦ୍ୱାରା ବର୍ଷର ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଥିଲେ। ଶ୍ରୀଜେସ୍ ଭୋଟିଂରେ ୩୯.୯ ପଏଣ୍ଟ ପାଇଥିଲେ। ସେ ବେଲ୍‌ଜିୟମର ଲୋଇକ୍ ଭାନ୍ ଡୋରେନ (୨୬.୩ ପଏଣ୍ଟ) ଓ ନେଦରଲାଣ୍ଡ୍ସର ପ୍ରିମିନ୍ ବ୍ଲାକ୍ (୨୩.୨ ପଏଣ୍ଟ)ଙ୍କୁ ପଛରେ ପକାଇ ପୁରସ୍କାର ଜିତିଛନ୍ତି। ପଛକୁ ପଛ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ଜିତିବାରେ ସେ ତୃତୀୟ ଖେଳାଳି। ଏହି ସଫଳତା ହାସଲ କରିଥିବା ଅନ୍ୟ ଦୁଇ ଗୋଲକିପର ହେଲେ ଆୟର୍ଲାଣ୍ଡର ଡେଭିଡ୍ ହାର୍ଟେ (୨୦୧୫ ଓ ୨୦୧୬) ଓ ବେଲଜିୟମର ଭିନ୍‌ସେଣ୍ଟ ଭାନାସ୍କ (୨୦୧୭ ଓ ୨୦୧୯)। ୩୨ ବର୍ଷୀୟା ଗୋଲକିପର ସବିତା ୩୭.୬ ପଏଣ୍ଟ ସହ ଭୋଟିଂ ତାଲିକାର ଶୀର୍ଷରେ ରହିଥିଲେ। ତାଙ୍କ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଆର୍ଜେଣ୍ଟିନା କିମ୍ବଦନ୍ତୀ ବେଲନ୍ ସୁସି (୨୬.୪) ଓ ଅଷ୍ଟ୍ରେଲିଆ ଷ୍ଟଲୱାର୍ଟ ଜୋସ୍‌ଲିନ ବାର୍ଟାମ (୧୬ ପଏଣ୍ଟ) ରହିଥିଲେ। ଭାରତୀୟ ଜୁନିୟର ମହିଳା ଦଳର ଫରୱାର୍ଡ ମମ୍‌ତାଜ ଚଳିତବର୍ଷ ପ୍ରଥମ ଭାଗରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଅଭିଯାନରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଲକ୍ଷ୍ନୌ ବାସିନ୍ଦା ମମ୍‌ତାଜ ଏହି ୬ଟି ମ୍ୟାଚରେ ଏକ ହ୍ୟାଟ୍ରିକ୍ ସମେତ ୮ ଗୋଲ ସ୍କୋର କରିଥିଲେ। ଏପ୍ରିଲରେ ପୋଶ୍ଚେଫଷ୍ଟ୍ରୁମ୍‌ଠାରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ଭାରତ ୪ର୍ଥ ସ୍ଥାନ ସହ ଏହାର ଅଭିଯାନ ଶେଷ କରିଥିଲା। ବିଶ୍ୱକପ୍ ଟପ୍ ଗୋଲ ସ୍କୋରର ତାଲିକାରେ ସେ ତୃତୀୟ ସ୍ଥାନରେ ରହିଥିଲେ। ସେ କେବଳ ନେଦରଲାଣ୍ଡ୍ସ ବିପକ୍ଷରେ ଗୋଲ ସ୍କୋର କରିପାରି ନ ଥିଲେ। ବ୍ରୋଞ୍ଜ ପଦକ ପାଇଁ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ୨ଟି ଗୋଲ ସ୍କୋର କରିବାରୁ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ପେନାଲ୍ଟି ଶୁଟ୍‌ଆଉଟରେ ପରାସ୍ତ ହୋଇ ଚତୁର୍ଥ ହୋଇଥିଲା।


ସବିତା ପୁନିଆ ଓ ପି.ଆର୍. ଶ୍ରୀଜେସ।

**ଏଫ୍‌ଆଇଏଚ୍ ପୁରସ୍କାର**
- ମମ୍‌ତାଜ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର
- ରିଡ୍, ସ୍କୋପ୍‌ମ୍ୟାନ ଶ୍ରେଷ୍ଠ କୋଚ୍

# ଓଡ଼ିଶା ବିଚ୍ ଭଲିବଲ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୬।୧୦ (କ୍ରୀଡ଼ା ପ୍ରତିନିଧି)**

ସୁରଟର ଡୁମାସ ବିଚ୍‌ରେ ଚାଲିଥିବା ୩୬ତମ ଜାତୀୟ କ୍ରୀଡ଼ାର ବିଚ୍ ଭଲିବଲ ଇଭେଣ୍ଟରେ ଓଡ଼ିଶାର ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ମହିଳା ଦଳ ନିଜର ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ତେଲେଙ୍ଗାନାକୁ ୨-୦ (୨୧-୧୯, ୨୨-୨୦)ରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ କେରଳକୁ ୨-୦ (୨୧-୧୬, ୨୧-୧୧)ରେ ପରାସ୍ତ କରିଛି। ୨ ବିଜୟ ଫଳରେ ଓଡ଼ିଶା ମହିଳା ଦଳ କର୍ଣ୍ଣାଟକ ବିପକ୍ଷରେ ଶୁକ୍ରବାର ଅନ୍ତିମ ଲିଗ୍ ମ୍ୟାଚ ଖେଳିବା ପୂର୍ବରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପୁରୁଷ ଦଳ ଏହାର ପ୍ରଥମ ମ୍ୟାଚରେ ତାମିଲନାଡୁ ବିପକ୍ଷରେ ୱାକ୍‌ଓଭର ପାଇଁ ଆଗକୁ ବଢ଼ିଛି। ଓଡ଼ିଶା ମହିଳା ଦଳରେ ଶିବାନୀ ପ୍ରିୟଦର୍ଶିନୀ ଓ ମୋନାଲିଶା ପାତ୍ର ସାମିଲ ଥିବାବେଳେ କୋଚ୍ ଅଛନ୍ତି ସୁଧାଂଶୁ ଭୂଷଣ ମିଶ୍ର। ପୁରୁଷ ଦଳରେ ବିବେକ ପଲାଇ ଓ ସୁନୀଲ ଦାସ ପ୍ରତିନିଧିତ୍ୱ କରୁଥିବାବେଳେ ସଞ୍ଜୟ କୁମାର ଦାସ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡ଼ିଶା ଭଲିବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ବିଚ୍ ଭଲିବଲ ଦଳର ୨ ମାସିଆ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।



କୋଚ୍ ସୁଧାଂଶୁ ଭୂଷଣ ମିଶ୍ରଙ୍କ ସହ ଓଡ଼ିଶା ମହିଳା ଦଳ ସଦସ୍ୟା ଶିବାନୀ ପ୍ରିୟଦର୍ଶିନୀ ଓ ମୋନାଲିଶା ପାତ୍ର।


ଆଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିଥିବା ଭାରତୀୟ ଟି୨୦ ବିଶ୍ୱକପ୍ ଦଳ।

# ଟି ୨୦ ବିଶ୍ୱକପ୍: ଅଷ୍ଟ୍ରେଲିଆ ଅଭିମୁଖେ ଭାରତୀୟ ଦଳ

**ମୁମ୍ବାଇ, ୬।୧୦:** ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି ୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଯାତ୍ରା ଆରମ୍ଭ କରିଛି। ବୁଧବାର ମୁମ୍ବାଇ ସ୍ଥିତ ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ୧୪ ଜଣିଆ ଭାରତୀୟ ଦଳ ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଯାଇଛି। ୧୫ ଜଣିଆ ଭାରତୀୟ ଦଳରେ ସାମିଲ ଥିବା ପେସ୍ ବୋଲର ଜଶପ୍ରୀତ ବୁମରା ଆହତ କାରଣରୁ ବାଦ ପଡିଥିବା ବେଳେ ସେ ଗସ୍ତ କରିନାହାନ୍ତି। ଏହି ବିଶ୍ୱକପରେ ଭାରତ ୧୫ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇବାକୁ ଚେଷ୍ଟା କରିବ। ଅକ୍ଟୋବର ୧୬ ତାରିଖରୁ କ୍ୱାଲିଫାୟର ମୁକାବିଲା ଖେଳାଯିବ। ୨୨ ତାରିଖରୁ ସୁପର୧୨ ମୁକାବିଲା ଖେଳାଯିବାକୁ ଥିବା ବେଳେ ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷରେ ଭାରତ ନିଜର ଅଭିଯାନ ଆରମ୍ଭ କରିବ। ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଦୁଇଟି ଯୋଗ୍ୟତା ହାସଲକାରୀ ଦଳଙ୍କ ସହିତ ଭାରତ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛି। ୟୁଏଇରେ ଖେଳାଯାଇଥିବା ଟି୨୦ ବିଶ୍ୱକପରେ ଭାରତ ଗ୍ରୁପ ପର୍ଯ୍ୟାୟ ଅତିକ୍ରମ କରିବାରେ ବିଫଳ ହୋଇଥିବା ବେଳେ ରୋହିତ ଶର୍ମା ଓ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଏହା ଭାଙ୍ଗିବାକୁ ପ୍ରୟାସ କରିବ।

## ଦୃଷ୍ଟିହୀନ ମହିଳା କ୍ରିକେଟ୍ ବିଶ୍ୱକପ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୬।୧୦ (କ୍ରୀଡ଼ା ପ୍ରତିନିଧି):** ବ୍ରିଟେନ୍‌ର ବର୍ମିଂହାମରେ ୨୦୨୩ ଅଗଷ୍ଟରେ ହେବ ପ୍ରଥମ ଦୃଷ୍ଟିହୀନ ମହିଳା କ୍ରିକେଟ୍ ବିଶ୍ୱକପ। ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ୨୦୨୩ ଫେବୃୟାରୀରେ ଏକ ଜାତୀୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟର ଫଳାଫଳ ଓ ପୂର୍ବ ଅନୁଭୂତି ଆଧାରରେ ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ଗଠନ କରାଯିବ। ୨୦୧୯ରେ ଦୃଷ୍ଟିହୀନ ମହିଳା କ୍ରିକେଟଙ୍କ ପ୍ରଥମ ଜାତୀୟ ଟୁର୍ନାମେଣ୍ଟ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇଥିଲା। ୨୦୨୨ ଫେବୃୟାରୀରେ ୨ୟ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ଓଡିଶା ଦଳ ରନର-ଅପ ହୋଇଥିଲା। ଆଗାମୀ ଦୃଷ୍ଟିହୀନ ମହିଳା ବିଶ୍ୱକପରେ ସ୍ଥାନ ପାଇବା ପାଇଁ ଓଡିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ସମର୍ଥନମ୍ ଟ୍ରଷ୍ଟ ଓ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ସହ ମିଶି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦୃଷ୍ଟିହୀନ ମହିଳାମାନଙ୍କୁ ନେଇ କ୍ରିକେଟ୍ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ସଂକ୍ରାନ୍ତିୟ ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା କରି ଆସୁଛି।

# ଟି ୨୦ରେ କର୍ନୱାଲଙ୍କ ଦ୍ୱିଶତକ




**ଆଟଲାଣ୍ଟା, ୬।୧୦:** ଟି୨୦ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ୱେଷ୍ଟ ଇଣ୍ଡିଆନ୍ ଅଲରାଉଣ୍ଡର ରଖିମ୍ କର୍ନୱାଲ। ଆଟଲାଣ୍ଟା ଓପନ୍ ଟି ୨୦ କ୍ରିକେଟରେ ଆଟଲାଣ୍ଟା ଫାୟାର ପକ୍ଷରୁ ଖେଳୁଥିବା କର୍ନୱାଲ ୭୭ ବଲରୁ ୨୦୫ ରନର ଇନିଂସ ଖେଳିଛନ୍ତି। ଟି ୨୦ରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇଥିବା ବେଳେ ସେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ଏହି ଇନିଂସରେ ସେ ୨୨ ଛକା ଓ ୧୭ ଚୌକା ମାରିଥିଲେ। ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ କ୍ରିସ ଗେଲଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ପୂର୍ବରୁ ବାଂଲାଦେଶ ପ୍ରିମିୟର ଲିଗରେ ଗେଲ ଗୋଟିଏ ଇନିଂସରେ ୧୮ ଛକା ମାରିଥିଲେ। ଏହା ସହିତ ବାଉଣ୍ଡ୍ରି ମାଧ୍ୟମରେ ୨୦୦ ରନ୍ କରି ସେ ନିଜ ନାମରେ ଆଉ ଏକ ରେକର୍ଡ ମଧ୍ୟ କରିଛନ୍ତି। ୨୦୧୩ ମସିହାରେ ୧୭୫ ରନର ଇନିଂସ ଖେଳିବା ବେଳେ ଗେଲ୍ ୧୫୪ ରନ ବାଉଣ୍ଡ୍ରି ଜରିଆରେ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଟି୨୦ରେ ଦ୍ୱିଶତକ କରିବାରେ କର୍ନୱାଲ ପ୍ରଥମ ଖେଳାଳି ନୁହନ୍ତି। ଦିଲ୍ଲୀର ସୁବୋଧ ଭଟ୍ଟି ପ୍ରଥମ ଖେଳାଳି ଭାବେ ଏକ କ୍ଲବ ମ୍ୟାଚରେ ୨୦୫ ରନ୍ କରିଥିଲେ। ଭଟ୍ଟିଙ୍କ ୭୯ ବଲ ଇନିଂସରେ ୧୭ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା।

## ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ସେମିରେ

**ଭୁବନେଶ୍ୱର, ୬।୧୦ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟରେ ଚାଲିଥିବା ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟବଲ ଦଳ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଏହି ଦଳ ଗୁଜରାଟକୁ ୧୧-୦ ଗୋଲରେ ହରାଇ ଗ୍ରୁପ୍ ଚାମ୍ପିୟନ ମଧ୍ୟ ହୋଇଛି। ଦଳ ପକ୍ଷରୁ ପ୍ୟାରୀ ଖାଖା ୨୦, ୨୨, ୩୧, ୩୨ ଓ ୪୧ତମ ମିନିଟରେ ଏକାକୀ ୫ଟି ଗୋଲ ଦେଇଥିବାବେଳେ ଯଶୋଦା ମୁଣ୍ଡା ୪୫+୩, ୪୭ ଓ ୬୪ତମ ମିନିଟରେ ୩ଟି, ସତ୍ୟବତୀ ଖାଡ଼ିଆ ୪ର୍ଥ, ଦୀପା ନାୟକ ୮୧ ଓ ବଦଳ ଖେଳାଳି ମନୀଷା ନାଏକ ୭୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଭାରତୀୟ ଦଳ ଘୋଷିତ

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

**ଭୁବନେଶ୍ୱର, ୬।୧୦ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୧୧ ତାରିଖରୁ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ ଆରମ୍ଭ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତ ଗ୍ରୁପ୍ 'ଏ'ରେ ବ୍ରାଜିଲ, ଆମେରିକା ଓ ମରକ୍କୋ ସହିତ ସ୍ଥାନ ପାଇଛି। ଭାରତୀୟ ଦଳ ଏହାର ୩ଟି ଯାକ ଗ୍ରୁପ୍ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ପ୍ରଥମ ମ୍ୟାଚରେ ଘରୋଇ ଦଳ ୧୧ରେ ଆମେରିକା, ୧୪ରେ ମରକ୍କୋ ଏବଂ ୧୭ରେ ବ୍ରାଜିଲ ସହିତ ମୁକାବିଲା କରିବ। ୩୦ ତାରିଖରେ ପ୍ରତିଯୋଗିତା ଶେଷ ହେବ। ''ଭାରତୀୟ ଦଳ ପୂର୍ବରୁ କେବେହେଲେ ବିଶ୍ୱକପ ଖେଳିନାହିଁ। ଏହା ସମ୍ପୂର୍ଣ୍ଣ ଭିନ୍ନ ଧରଣର ପ୍ରତିଯୋଗିତା। ଆମେ ଏଥିପାଇଁ ଭଲଭାବେ ପ୍ରସ୍ତୁତି କରିଛୁ ବୋଲି ଦେଖାଇବାର ସମୟ ଆସିଛି'' ବୋଲି କୋଚ୍ ଥୋମାସ ଡେନର୍ବି ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ:** ଗୋଲକିପର୍ସ: ମୋନାଲିଶା ଦେବୀ ମୋଇରାଙ୍ଗଥେମ୍, ମେଲୋଡି ଚାନୁ କେଇଶାମ, ଅଞ୍ଜଳି ମୁଣ୍ଡା। ଡିଫେଣ୍ଡର୍ସ: ଅସ୍ତାମ ଓରାଅନ, କାଜଲ ନକେତା, ପୂର୍ଣ୍ଣିମା କୁମାରୀ, ବର୍ଷିକା, ଶିଲ୍କି ଦେବୀ ହେମାମ। ମିଡ୍‌ଫିଲ୍ଡର୍ସ: ବବିନା ଦେବୀ ଲିଶାମ, ନିତୁ ଲିଣ୍ଡା, ଶୈଳଜା, ଶୁଭାଙ୍ଗି ସିଂ। ଫରୱାର୍ଡ୍ସ: ଅନିତା କୁମାରୀ, ଲିଣ୍ଡା କୋମ୍ ସେର୍ଟୋ, ନେହା, ରେଜିୟା ଦେବୀ ଲୈଶରାମ, ଶେଲିଆ ଦେବୀ ଲୋକଟୋଙ୍ଗବାମ, କାଜଲ ହୁବର୍ଟ ଡିସୁଜା, ଲାବଣ୍ୟ ଉପାଧ୍ୟାୟ, ସୁଧା ଅଙ୍କିତା ତିର୍କୀ।

## ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୬।୧୦ (କ୍ରୀଡ଼ା ପ୍ରତିନିଧି):** ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ପ୍ରତିଯୋଗିତାର ୨୦୨୨-୨୩ ସିଜନ ଚଳିତ ମାସ ୧୧ ତାରିଖରେ ଲକ୍ଷ୍ନୌରେ ଆରମ୍ଭ ହେବ। ଦଳରେ ସ୍ଥାନ ପାଇଥିବା ୪ ଖେଳାଳି ଓଡ଼ିଶା ସିନିୟର ଦଳ ପକ୍ଷରୁ ପଦାର୍ପଣ କରିବାକୁ ଯାଉଛନ୍ତି। ସେମାନେ ହେଲେ ଆଶୀର୍ବାଦ ସ୍ୱାଇଁ, ଓମ୍ ଟି. ମୁଣ୍ଡେ, ସୁଶୀଲ ବାରିକ ଓ ମୁସ୍ତାକ ବେଗ୍। ଓଡ଼ିଶା ଦଳ: ଅଭିଷେକ ରାଉତ (ଅଧିନାୟକ), ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ଶାନ୍ତନୁ ମିଶ୍ର, ଓମ୍ ଟି. ମୁଣ୍ଡେ, ଅଂଶୁମାନ ରଥ, ଶୁଭ୍ରାଂଶୁ ସେନାପତି, ସୁଜିତ ଲେଙ୍କା (ଉଇକେଟ କିପର), ସମିର ମହାନ୍ତି, ରାକେଶ ପଟ୍ଟନାୟକ, ସୁଶୀଲ ବାରିକ, ମୁସ୍ତାକ ବେଗ୍, ଜୟନ୍ତ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, ତାରିଣୀ ସ', ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି।

# ଲିଜେଣ୍ଡ୍ସ ଲିଗ୍: ଇଣ୍ଡିଆ କ୍ୟାପିଟାଲ୍ସ ଚାମ୍ପିୟନ



ଟ୍ରଫି ସହ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଚାମ୍ପିୟନ୍ ଇଣ୍ଡିଆ କ୍ୟାପିଟାଲ୍ସ ଦଳ।

**ଜୟପୁର,୬।୧୦**

ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ। ଜୟପୁରର ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ୧୦୪ ରନରେ ଭିଲୱାରା କିଙ୍ଗ୍‌ସକୁ ପରାସ୍ତ କରିଥିଲା ଦଳ। ଟସ୍ ହାରି କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ରସ୍ ଟେଲରଙ୍କ ୮୨ ରନ୍ ବଳରେ ୨୧୧ ରନ କରିଥିଲା। ଜବାବରେ କିଙ୍ଗ୍ସ ମାତ୍ର ୧୦୭ ରନରେ ଅଲଆଉଟ ହୋଇଥିଲା।

ଟସ୍ ହାରି ଇଣ୍ଡିଆ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ୨୧ ରନରେ ୪ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିବା ବେଳେ ରସ୍ ଟେଲର(୮୨) ଓ ମିଚେଲ ଜନସନ୍(୬୨)ଙ୍କ ମଧ୍ୟରେ ହୋଇଥିଲା ୧୨୬ ରନର ପାର୍ଟନରଶିପ୍। ଟେଲର ୪୧ ବଲ ଖେଳି ୪ ଚୌକା ଓ ୮ ଛକା ଏବଂ ଜନସନ୍ ୩୫ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ଆସ୍‌ଲେ ନର୍ସଙ୍କ ଧୂଆଁଧାର ବ୍ୟାଟିଂ (୧୯ ବଲ୍ ୪୨ ରନ୍) ବଳରେ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୨୧୧ ରନ୍ କରିଥିଲା। କିଙ୍ଗ୍ସ ପକ୍ଷରୁ ରାହୁଲ ଶର୍ମା ୪ ଓ ମଣ୍ଟି ପାନେସର ୨ ଉଇକେଟ ନେଇଥିଲେ। ଜବାବରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୦୭ ରନରେ ଅଲଆଉଟ ହୋଇଥିଲା ଇରଫାନ୍ ପଠାନଙ୍କ ଦଳ। ସେନ୍ ୱାଟସନ୍ ସର୍ବାଧିକ ୨୭ ରନ୍ କରିଥିବା ବେଳେ ଜେସଲ କେରିଆ ୨୨ ରନ୍ କରିଥିଲେ। ୭ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିବା ବେଳେ ପ୍ରବୀଣ ତାମ୍ବେ, ପଙ୍କଜ ସିଂ ଓ ପୱନ ସୁୟଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୮୨ ରନର ମ୍ୟାଚ ବିଜୟୀ ଇନିଂସ ପାଇଁ ଟେଲରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିବା ବେଳେ ୟୁସୁଫ ପଠାନଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

## ମନେ ପଡ଼ନ୍ତି

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱଜାନକୀ ପୃଷ୍ଟି (ମାତା)**
ବ୍ରାହ୍ମଣ ସାହି, ଚୌଦ୍ୱାର
ଆବିର୍ଭାବ: ୩୦।୦୧।୧୯୫୪
ତିରୋଧାନ: ୨୭।୦୯।୨୦୨୨
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ହତଭାଗ୍ୟ ପତି: ବୈକୁଣ୍ଠନାଥ ପୃଷ୍ଟି, ପୁତ୍ର: ଶିବ, ପବିତ୍ର, ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୧୭୧୨

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ୱକ୍ଷୀରେଶ ଚନ୍ଦ୍ର ମହାନ୍ତି**
ପ୍ଲଟ୍ ନଂ.-୧୮୬୮/୨୮୪୫ ମହତାବ ରୋଡ୍ ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୫।୦୬।୧୯୫୫
ତିରୋଧାନ: ୦୯।୧୦।୨୦୧୯
ଆଶ୍ୱିନ ଶୁକ୍ଳ ଏକାଦଶୀ
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା, ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ନିଷ୍ଠାପରତା ଆମ ଜୀବନର ପାଥେୟ ହେଉ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ତିଳୋତ୍ତମା, ପୁତ୍ର: ରାଜେଶ, ରାକେଶ, ପୁତ୍ରବଧୂ: ଡଳି, ଜଳି, ନାତି: ନୈତିକ, ନାତୁଣୀ: ଶ୍ରେୟା ଓ ସମସ୍ତ ମହାନ୍ତି ପରିବାରବର୍ଗ।
ଧ-୧୭୦୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱକୁନ୍ତଳା ବେହେରା**
ସ୍ୱାମୀ - ୱଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୭୧୦

**ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱଦିବ୍ୟଜ୍ୟୋତି ସାହୁ (ବବୁଲୁ)**
ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୮।୦୫।୨୦୦୨
ତିରୋଧାନ: ୦୯।୧୦।୨୦୧୯ (ଏକାଦଶୀ)
ଚାହୁଁ ଚାହୁଁ ୩ବର୍ଷ ବିତିଗଲା, ତୋର ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ମାମା, ନାନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୧୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁଦାମ ସାଥୁଆ**
ମହୁଲପଡା, ଜଗନ୍ନାଥ ପ୍ରସାଦ, ନୟାଗଡ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିର ସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ତିଳୋତ୍ତମା, ପୁତ୍ର: ମୁନା, ଟୁନା, ପୁତ୍ରବଧୂ: ଶୁଶି, ମାମା, ଝିଅ: ରିନା, ଗୁନ, ସତ୍ୟ, ଜ୍ୱାଇଁ: ରବି, ଶ୍ରୀକାନ୍ତ, ନାତି: ଅକ୍ସୁ, ମିଥୁନ, କାଲୁ, ନାତୁଣୀ: ମାମା, ସୋନୁ, ସୋନି, ରାନୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୮୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱବୀର କିଶୋର ମିଶ୍ର**
ଆବିର୍ଭାବ: ୦୧।୦୭।୧୯୪୦
ତିରୋଧାନ: ୧୭।୧୦।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଗୋଲାପ ମଞ୍ଜରୀ ମିଶ୍ର, ପୁଅ: ସନ୍ଦୀପ କୁମାର ମିଶ୍ର, ପରିବାରବର୍ଗ।
ଧ-୧୭୦୭



ଭୁବନେଶ୍ୱରରେ ପହଞ୍ଚିବାପରେ ବ୍ରାଜିଲ ମହିଳା ଫୁଟବଲ ଦଳ।

# ମହିଳା ଫୁଟ୍‌ବଲ ଯୋଡ଼ିଲା ନୂଆ ଅଧ୍ୟାୟ

ଭୁବନେଶ୍ୱରରେ ଏବେ ମହିଳା ଫୁଟ୍‌ବଲ୍‌ର ରାଇଜିଂ ଷ୍ଟାର୍‌ଙ୍କ ସମାଗମ। ଅକ୍ଟୋବର ୧୧ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଉଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। ଏହା ଭୁବନେଶ୍ୱର ସମେତ ଗୋଆ ଓ ନଭି ମୁମ୍ବାଇରେ ଅନୁଷ୍ଠିତ ହେବ। ହକି ବିଶ୍ୱକପ ପରେ ଏବେ ଫିଫାର ଏକ ମେଗା ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଅଗ୍ରସର ହୋଇଛି ଓଡ଼ିଶା। ମହିଳା ଫୁଟ୍‌ବଲ ଯୋଡ଼ିଛି ନୂଆ ଅଧ୍ୟାୟ...

ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଓଡ଼ିଶା ଆଉପାଦେ ଆଗକୁ ବଢ଼ିଛି। ହକି ବିଶ୍ୱକପ ସମେତ ପାଖାପାଖି ଡଜନେ ହକି ଇଭେଣ୍ଟ ସମେତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ମହିଳା ଗୋଲ୍ଡକପ୍ ଫୁଟବଲ, ୨୦ ବର୍ଷରୁ କମ୍ ସାଉଥ୍ ଏସିଆନ ଫୁଟବଲ ଚାମ୍ପିୟନଶିପ୍, ଇଣ୍ଡିଆ ଏ-୧ ଫ୍ୟୁଚର ଟେନିସ, ୧୮ ବର୍ଷରୁ କମ୍ ଏସିଆନ ରଗ୍‌ବୀ ସେଭେନ୍ସ ଆଦି ଆୟୋଜନ କରି ସାରିଥିବା ଓଡ଼ିଶା ଏବେ ୧୭ ବର୍ଷରୁ କମ୍ ବର୍ଗରେ ପ୍ରଥମଥରପାଇଁ ମହିଳା ଫିଫା ବିଶ୍ୱକପ ଆୟୋଜନ କରିବାକୁ ଯାଉଛି। ଏହି ପ୍ରତିଯୋଗିତା ଭାରତରେ ମଧ୍ୟ ପ୍ରଥମଥରପାଇଁ ଆୟୋଜନ ହେବାକୁ ଯାଉଛି। ଏହା ଭୁବନେଶ୍ୱର ସମେତ ନଭି ମୁମ୍ବାଇ ଓ ଗୋଆରେ ଅନୁଷ୍ଠିତ ହେବ। ଅକ୍ଟୋବର ୧୧ରେ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଏହାର ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

### ଗ୍ରୁପ୍ 'ଏ'ରେ ଭାରତ

ପ୍ରତିଯୋଗିତାର ଡ୍ର' ଅନୁସାରେ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ଅନ୍ୟ ୩ ଦଳ ହେଲେ ଆମେରିକା, ମରକ୍କୋ ଓ ବ୍ରାଜିଲ। ଭାରତ ଏଥର ପ୍ରଥମଥରପାଇଁ ବିଶ୍ୱକପ ସ୍ୱାଦ ଚାଖିବାକୁ ଯାଉଥିବାବେଳେ ମରକ୍କୋ ମଧ୍ୟ ଡେବ୍ୟୁ କରିବ। ଅନ୍ୟପକ୍ଷରେ ଆମେରିକା ୫ମ ଓ ବ୍ରାଜିଲ ୬ଷ୍ଠ ଥରପାଇଁ ଏହି ବିଶ୍ୱକପ ଖେଳିବାକୁ ଯାଉଛି। ୨୦୦୮ରେ ଆମେରିକା ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ରନର୍ସଅପ୍ ହୋଇଥିଲା। ସେହିପରି ବ୍ରାଜିଲ ୨୦୧୦ ଓ ୨୦୧୨ରେ ୨ ଥର କ୍ୱାର୍ଟର ଫାଇନାଲ ଖେଳିସାରିଛି। ତେଣୁ ଆଗାମୀ ଟୁର୍ନାମେଣ୍ଟ ଭାରତ ପାଇଁ କଷ୍ଟସାଧ୍ୟ ହେବା ନିଶ୍ଚିତ। ଇତି ମଧ୍ୟରେ ବ୍ରାଜିଲ ଦଳ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛି। ସେପ୍ଟେମ୍ବର ୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୋଜକ ସହର (ଭୁବନେଶ୍ୱର) ଲୋଗୋ ଉନ୍ମୋଚନ କରିଥିଲେ। ସେବେଠାରୁ ରାଜ୍ୟର ବିଭିନ୍ନ ସହରରେ ଫୁଟବଲ କାର୍ନିଭାଲ ଆରମ୍ଭ ହୋଇଯାଇଛି।

### କିକ୍ ଅଫ୍ ଦି ଡ୍ରିମ୍

ଟୁର୍ନାମେଣ୍ଟର ଅଫିସିଆଲ୍ ସ୍ଲୋଗାନ 'କିକ୍ ଅଫ୍ ଦି ଡ୍ରିମ୍' ରଖାଯାଇଛି। ୨୦୨୦ ଫେବୃୟାରୀରେ ଏହାର ଶୁଭାରମ୍ଭ କରାଯାଇଥିଲା। ପ୍ରତିଯୋଗିତାର ଏହା ହେଉଛି ୭ମ ସଂସ୍କରଣ। ଏଥିରେ ୬ଟି କନ୍‌ଫେଡେରେଶନର ୧୬ଟି ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତ ଓ ମରକ୍କୋ ବ୍ୟତୀତ ତାଞ୍ଜାନିଆ ମଧ୍ୟ ଏଥର ପ୍ରତିଯୋଗିତାରେ ଡେବ୍ୟୁ କରିବାକୁ ଯାଉଛି। ୨୦୧୮ରେ ଚାମ୍ପିୟନ ହୋଇଥିବାରୁ ସ୍ପେନ୍ ଡିଫେଣ୍ଡିଂ ଚାମ୍ପିୟନଭାବେ ଟୁର୍ନାମେଣ୍ଟ ଖେଳିବ।

### ଆକର୍ଷଣରେ ୩ ଚାମ୍ପିୟନ

ଟୁର୍ନାମେଣ୍ଟରେ ଏଥର ୩ ଚାମ୍ପିୟନ ଦଳକୁ ଦେଖିବାକୁ ମିଳିବ। ଏହି ଦଳଗୁଡ଼ିକ ହେଲେ ଜାପାନ, ଫ୍ରାନ୍ସ ଓ ସ୍ପେନ୍। ଜାପାନ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ଫ୍ରାନ୍ସ ୨୦୧୨ ଓ ସ୍ପେନ୍ ୨୦୧୮ରେ ଟାଇଟଲ ହାସଲ କରିଥିଲେ। ତେଣୁ ସ୍ୱାଭାବିକଭାବେ ଏହି ୩ ଦଳ ଆକର୍ଷଣର କେନ୍ଦ୍ରରେ ରହିଛନ୍ତି। ଏହା ବ୍ୟତୀତ ୨ ଫାଇନାଲିଷ୍ଟ ମେକ୍ସିକୋ (୨୦୧୮) ଓ ଆମେରିକା (୨୦୦୮) ମଧ୍ୟ ଟକ୍କର ଦେବାକୁ ପ୍ରସ୍ତୁତ।

### ନଭି ମୁମ୍ବାଇରେ ଫାଇନାଲ

ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଗ୍ରୁପ୍‌ରୁ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଯଦି ୨ରୁ ଊର୍ଦ୍ଧ୍ୱ ଦଳ ସମାନ ପଏଣ୍ଟରେ ରହିବେ ତେବେ ସେ କ୍ଷେତ୍ରରେ ଗୋଲ ବ୍ୟବଧାନ ଦେଖାଯିବ। ଯଦି ଏଥିରେ ମଧ୍ୟ ସମାଧାନର ସୂତ୍ର ନ ମିଳିଲା ତେବେ ଲିଗ୍ ପର୍ଯ୍ୟାୟରେ କେଉଁ ଦଳ କେତେ ଗୋଲ ଦେଇଛି ତାହାକୁ ବିଚାରକୁ ନିଆଯିବ। ଅକ୍ଟୋବର ୨୧ରେ ୨ଟି କ୍ୱାର୍ଟର ଫାଇନାଲ ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମରେ ଏବଂ ୨୨ରେ ଅନ୍ୟ ୨ଟି କ୍ୱାର୍ଟର ଫାଇନାଲ ଗୋଆର ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯିବ। ଅକ୍ଟୋବର ୨୬ ତାରିଖରେ ୨ଟି ଯାକ ସେମିଫାଇନାଲ ଗୋଆରେ ଅନୁଷ୍ଠିତ ହେବ। ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ନଭି ମୁମ୍ବାଇରେ ଅକ୍ଟୋବର ୩୦ରେ ଆୟୋଜନ ହେବ।

-ତପନ ସ୍ୱାଇଁ




ଆୟୋଜକ ସହର ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।




ଟ୍ରଫି ସହ ଭାରତୀୟ ଦଳ।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

ଗ୍ରୁପ୍ 'ଏ': ଭାରତ, ଆମେରିକା, ମରକ୍କୋ, ବ୍ରାଜିଲ
ଗ୍ରୁପ୍ 'ବି': ଜର୍ମାନୀ, ନାଇଜେରିଆ, ଚିଲି, ନ୍ୟୁଜିଲାଣ୍ଡ
ଗ୍ରୁପ୍ 'ସି': ସ୍ପେନ୍, କଲମ୍ବିଆ, ମେକ୍ସିକୋ, ଚାଇନା
ଗ୍ରୁପ୍ 'ଡି': ଜାପାନ, ତାଞ୍ଜାନିଆ, କାନାଡ଼ା, ଫ୍ରାନ୍ସ

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ଅକ୍ଟୋବର ୧୧ | ମରକ୍କୋ ବନାମ ବ୍ରାଜିଲ | ଭୁବନେଶ୍ୱର | ଅପରାହ୍ନ ୪ଟା ୩୦ |
| | ଭାରତ ବନାମ ଆମେରିକା | ଭୁବନେଶ୍ୱର | ରାତି ୮ଟା |
| | ଚିଲି ବନାମ ନ୍ୟୁଜିଲାଣ୍ଡ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଜର୍ମାନୀ ବନାମ ନାଇଜେରିଆ | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୧୨ | ମେକ୍ସିକୋ ବନାମ ଚାଇନା | ନଭି ମୁମ୍ବାଇ | ଅପରାହ୍ନ ୪ଟା ୩୦ |
| | ସ୍ପେନ ବନାମ କଲମ୍ବିଆ | ନଭି ମୁମ୍ବାଇ | ରାତି ୮ଟା |
| | କାନାଡ଼ା ବନାମ ଫ୍ରାନ୍ସ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଜାପାନ ବନାମ ତାଞ୍ଜାନିଆ | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୧୪ | ବ୍ରାଜିଲ ବନାମ ଆମେରିକା | ଭୁବନେଶ୍ୱର | ଅପରାହ୍ନ ୪ଟା ୩୦ |
| | ଭାରତ ବନାମ ମରକ୍କୋ | ଭୁବନେଶ୍ୱର | ରାତି ୮ଟା |
| | ନ୍ୟୁଜିଲାଣ୍ଡ ବନାମ ନାଇଜେରିଆ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଜର୍ମାନୀ ବନାମ ଚିଲି | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୧୫ | ଚାଇନା ବନାମ କଲମ୍ବିଆ | ନଭି ମୁମ୍ବାଇ | ଅପରାହ୍ନ ୪ଟା ୩୦ |
| | ସ୍ପେନ ବନାମ ମେକ୍ସିକୋ | ନଭି ମୁମ୍ବାଇ | ରାତି ୮ଟା |
| | ଫ୍ରାନ୍ସ ବନାମ ତାଞ୍ଜାନିଆ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଜାପାନ ବନାମ କାନାଡ଼ା | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୧୭ | ନାଇଜେରିଆ ବନାମ ଚିଲି | ଭୁବନେଶ୍ୱର | ଅପରାହ୍ନ ୪ଟା ୩୦ |
| | ଭାରତ ବନାମ ବ୍ରାଜିଲ | ଭୁବନେଶ୍ୱର | ରାତି ୮ଟା |
| | ନ୍ୟୁଜିଲାଣ୍ଡ ବନାମ ଜର୍ମାନୀ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଆମେରିକା ବନାମ ମରକ୍କୋ | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୧୮ | ଚାଇନା ବନାମ ସ୍ପେନ | ନଭି ମୁମ୍ବାଇ | ଅପରାହ୍ନ ୪ଟା ୩୦ |
| | ତାଞ୍ଜାନିଆ ବନାମ କାନାଡ଼ା | ନଭି ମୁମ୍ବାଇ | ରାତି ୮ଟା |
| | କଲମ୍ବିଆ ବନାମ ମେକ୍ସିକୋ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଫ୍ରାନ୍ସ ବନାମ ଜାପାନ | ମାର୍ଗାଓ | ରାତି ୮ଟା |
| **କ୍ୱାର୍ଟର ଫାଇନାଲ** | | | |
| ଅକ୍ଟୋବର ୨୧ | ଗ୍ରୁପ 'ଏ'-୧ ବନାମ ଗ୍ରୁପ୍ 'ବି'-୨ | ନଭି ମୁମ୍ବାଇ | ଅପରାହ୍ନ ୪ଟା ୩୦ |
| | ଗ୍ରୁପ୍ 'ବି'-୧ ବନାମ ଗ୍ରୁପ୍ 'ଏ'-୨ | ନଭି ମୁମ୍ବାଇ | ରାତି ୮ଟା |
| ଅକ୍ଟୋବର ୨୨ | ଗ୍ରୁପ 'ସି'-୧ ବନାମ ଗ୍ରୁପ୍ 'ଡି'-୨ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | ଗ୍ରୁପ୍ 'ଡି'-୧ ବନାମ ଗ୍ରୁପ୍ 'ସି'-୨ | ମାର୍ଗାଓ | ରାତି ୮ଟା |
| **ସେମିଫାଇନାଲ** | | | |
| ଅକ୍ଟୋବର ୨୬ | କ୍ୱାର୍ଟର ୧ ବନାମ ୩ | ମାର୍ଗାଓ | ଅପରାହ୍ନ ୪ଟା ୩୦ |
| | କ୍ୱାର୍ଟର ୨ ବନାମ ୪ | ମାର୍ଗାଓ | ରାତି ୮ଟା |
| ଅକ୍ଟୋବର ୩୦ | ତୃତୀୟ ସ୍ଥାନ ମ୍ୟାଚ | ନଭି ମୁମ୍ବାଇ | ଅପରାହ୍ନ ୪ଟା ୩୦ |
| | **ଫାଇନାଲ** | **ନଭି ମୁମ୍ବାଇ** | **ରାତି ୮ଟା** |

## କେଉଁ କନ୍‌ଫେଡେରେଶନରୁ କିଏ

| କନ୍‌ଫେଡେରେଶନ | ଦଳ | ପଦାର୍ପଣ | ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ |
|---|---|---|---|
| ଏଏଫ୍‌ସି (ଏସିଆ) | ଭାରତ | ପ୍ରଥମ | ଡେବ୍ୟୁ |
| | ଚାଇନା | ତୃତୀୟ | ଗ୍ରୁପ୍ ପର୍ଯ୍ୟାୟ (୨୦୧୨, ୨୦୧୪) |
| | ଜାପାନ | ସପ୍ତମ | ଚାମ୍ପିୟନ (୨୦୧୪) |
| ସିଏଏଫ୍ (ଆଫ୍ରିକା) | ମରକ୍କୋ | ପ୍ରଥମ | ଡେବ୍ୟୁ |
| | ନାଇଜେରିଆ | ଷଷ୍ଠ | କ୍ୱାର୍ଟର (୨୦୧୦, ୨୦୧୨, ୨୦୧୪) |
| | ତାଞ୍ଜାନିଆ | ପ୍ରଥମ | ଡେବ୍ୟୁ |
| କନ୍‌କାକାଫ୍ (ସେଣ୍ଟ୍ରାଲ, ନର୍ଥ ଆମେରିକା, କାରିବିୟନ) | କାନାଡ଼ା | ସପ୍ତମ | ୪ର୍ଥ ସ୍ଥାନ (୨୦୧୮) |
| | ମେକ୍ସିକୋ | ଷଷ୍ଠ | ରନର୍ସଅପ୍ (୨୦୧୮) |
| | ଆମେରିକା | ପଞ୍ଚମ | ରନର୍ସଅପ୍ (୨୦୦୮) |
| କନ୍‌ମେବୋଲ (ସାଉଥ୍ ଆମେରିକା) | ବ୍ରାଜିଲ | ଷଷ୍ଠ | କ୍ୱାର୍ଟର (୨୦୧୦, ୨୦୧୨) |
| | ଚିଲି | ଦ୍ୱିତୀୟ | ଗ୍ରୁପ୍ ପର୍ଯ୍ୟାୟ (୨୦୧୦) |
| | କଲମ୍ବିଆ | ପଞ୍ଚମ | ଗ୍ରୁପ୍ ପର୍ଯ୍ୟାୟ (୨୦୦୮, ୨୦୧୨, ୨୦୧୪, ୨୦୧୮) |
| ଓଏଫ୍‌ସି (ଓସେନିଆ) | ନ୍ୟୁଜିଲାଣ୍ଡ | ସପ୍ତମ | ତୃତୀୟ ସ୍ଥାନ (୨୦୧୮) |
| ୟୁଫା (ୟୁରୋପ) | ଫ୍ରାନ୍ସ | ତୃତୀୟ | ଚାମ୍ପିୟନ (୨୦୧୨) |
| | ଜର୍ମାନୀ | ସପ୍ତମ | ତୃତୀୟ (୨୦୦୮) |
| | ସ୍ପେନ୍ | ପଞ୍ଚମ | ଚାମ୍ପିୟନ (୨୦୧୮) |





## ବି ପଜିଟିଭ୍

ଅଣ୍ଡର ସେଭେଣ୍ଟିନ ଫିଫା ୱାର୍ଲ୍ଡକପ୍
ସରିଲାଣି ସଜବାଜ
ଷୋହଳ ଦଳ ଆମେରିକା ସହ ବ୍ରାଜିଲ
ଗ୍ରୁପ୍‌ରେ ଭାରତ ବାଜ
ପଜିଟିଭ୍ ସଦା ହେଜ
ବେଷ୍ଟ ଅଫ୍ ଲକ୍ ଅମରଜିତ ସିଂ କୋଚ୍
ଗୋ ଆହେଡ ରଖ ଧୈର୍ଯ୍ୟ।

ଇଣ୍ଡୋନେସିଆ ଟପ୍ ଲିଗ୍ ଫୁଟବଲ
ମ୍ୟାଚରେ ଅଘଟଣ
ଘରୋଇ ଫ୍ୟାନ୍‌ଙ୍କ ଗଣ୍ଡଗୋଳ ମୃତ୍ୟୁ
ଶହେ ଏକୋଇଶ ଜଣ
କାଳ ନେଗେଟିଭ୍ ପଣ
ଗଲେ ନ ଫେରଇ ଜିହ୍ୱାରୁ ବଚନ
ଘଟରୁ ଉଡ଼ିଲେ ପ୍ରାଣ।

ଗୁଆହାଟୀ ବର୍ଷା ଭାଡ଼ି ଷ୍ଟାଡିୟମ
ରନ୍ ବର୍ଷା ଗଲା ବୁଡ଼ି
ମିଲର ଶତକ ଫିକା, ଭାସିଗଲା
ଟେମ୍ବା ଏଣ୍ଡ କୋ: ଗାଡ଼ି
ଶର୍ମା ମୋଡ଼େ ନିଶ ଦାଢ଼ି
ଅଲ୍‌ୱେଜ ବି ପଜିଟିଭ୍ ଲୋକ
ଚଢ଼େ ସଫଳତା ଶିଡ଼ି।

-ସୁବାସ ଚନ୍ଦ୍ର ପ୍ରଧାନ

# ପ୍ରଥମ ଦିନିକିଆ ଜିତିଲା ଦକ୍ଷିଣ ଆଫ୍ରିକା



ସୁଇପ୍ ଶଟ୍ ଖେଳୁଛନ୍ତି ଡେଭିଡ୍ ମିଲର ।

**ଲକ୍ଷ୍ନୌ,୬ା୧୦(ପି.ଟି)** ସଞ୍ଜୁ ସାମସନ ଓ ଶ୍ରେୟସ ଆୟାରଙ୍କ ଧୂଆଁଧାର ଅର୍ଦ୍ଧଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ୯ ରନରେ ହାରି ଯାଇଛି ଭାରତ। ୨୫୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଘରୋଇ ଦଳ ୪୦ ଓଭରରେ ୮ ଉଇକେଟରେ ୨୪୦ ରନ କରିବାରେ ସମର୍ଥ ହୋଇଥିଲା। ବର୍ଷା କାରଣରୁ ମ୍ୟାଚକୁ ୪୦ ଓଭର ବିଶିଷ୍ଟ କରାଯାଇଥିବା ବେଳେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ୨୪୯ ରନ୍ କରିଥିଲା। ଦଳର ଆରମ୍ଭ ବେଶ୍ ଧିମା ରହିଥିଲା। ଦୁଇ ଓପନର ପ୍ରଥମ ଉଇକେଟରେ ୧୨ ଓଭରରେ ୪୯ ରନ୍ ଯୋଡିଥିଲେ। ଜାନେମନ୍ ମଲାନ(୨୨)ଙ୍କୁ ଆଉଟ କରି ଶାର୍ଦ୍ଦୂଳ ଠାକୁର ଏହି ଯୋଡି ଭାଙ୍ଗିଥିଲେ। ୧୧୦ ରନରେ ୪ ଉଇକେଟ ହରାଇ ଦକ୍ଷିଣ ଆଫ୍ରିକା ସଙ୍କଟରେ ପଡିଥିଲା। ହେନରିକ୍ କ୍ଲାସେନ୍ (୭୪*) ଓ ଡେଭିଡ ମିଲର (୭୫*)୧୦୬ ବଲରୁ ୧୩୯ ରନ ଯୋଡିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ସର୍ବାଧିକ ଦୁଇଟି ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ରବି ବିଷ୍ଣୋଇଙ୍କୁ ମିଳିଥିଲା ଗୋଟିଏ ଲେଖାଏ ସଫଳତା। ୨୫୦ ରନ ଲକ୍ଷ୍ୟରେ ଭାରତର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ମାତ୍ର ୫୧ ରନରେ ଦଳ ୪ ଉଇକେଟ ହରାଇଥିଲା। ତେବେ ଶ୍ରେୟସ୍ ଆୟର(୫୦) ଓ ସଞ୍ଜୁ ସାମସନ୍(୮୬*)ଙ୍କ ମଧ୍ୟରେ ୬୭ ରନର ଭାଗୀଦାରି ହୋଇଥିଲା। ଆୟର ପ୍ୟାଭିଲିୟନ୍ ଫେରିବା ପରେ ଶାର୍ଦ୍ଦୂଳ ଠାକୁର(୩୩)ଙ୍କ ସହ ମିଶି ସଞ୍ଜୁ ଯୋଡିଥିଲେ ୯୩ ରନ୍। ବିଜୟ ପାଇଁ ଅନ୍ତିମ ଓଭରରେ ୩୦ ରନ୍ ଥିବା ବେଳେ ଟାବରେଜ୍ ସାମ୍ସି ମାତ୍ର ୨୦ ରନ୍ ଦେଇଥିଲେ। ୬୩ ବଲର ସାମସନଙ୍କ ଇନିଂସରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ୩ ଓ କାଗିସୋ ରବାଡା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୪୦ ଓଭରରେ ୨୪୯/୪ (ହେନ୍‌ରିକ୍ କ୍ଲାସେନ–୭୪*, ଡେଭିଡ୍ ମିଲର–୭୫*; ଶାର୍ଦ୍ଦୂଳ ଠାକୁର–୨/୩୫, କୁଲଦୀପ ଯାଦବ–୧/୩୯, ରବି ବିଷ୍ଣୋଇ–୧/୬୯)।

ଭାରତ: ୪୦ ଓଭରରେ ୨୪୦/୮ (ସଞ୍ଜୁ ସାମସନ–୮୬*, ଶ୍ରେୟସ ଆୟାର–୫୦, ଶାର୍ଦ୍ଦୂଳ ଠାକୁର–୩୩; ଲୁନ୍‌ଗି ଏନ୍‌ଗିଡି–୩/୫୨, କାଗିସୋ ରାବାଡ଼ା–୨/୩୬, କେଶବ ମହାରାଜ–୧/୨୩)।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଫେରିଲା ଶୁଟିଂ, କୁସ୍ତି ବାଦ୍

**ଗାନ୍ଧୀନଗର,୬ା୧୦:** ୨୦୨୬ ଭିକ୍ଟୋରିଆ ରାଜ୍ୟଗୋଷ୍ଠୀ କ୍ରୀଡାରେ ଶୁଟିଂକୁ ସାମିଲ କରାଯାଇଥିବା ବେଳେ କୁସ୍ତିକୁ ବାଦ ଦିଆଯାଇଛି। ବୁଧବାର ଆୟୋଜକଙ୍କ ପକ୍ଷରୁ ସାମିଲ ହେବାକୁ ଥିବା କ୍ରୀଡାବର୍ଗ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ତାଲିକା ଅନୁଯାୟୀ ପ୍ରଥମ ଥର ପାଇଁ ଗଲ୍ଫକୁ ସାମିଲ କରାଯାଇଛି। ପୂର୍ବରୁ ବର୍ମିଂହାମ୍ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡାରୁ ଶୁଟିଂକୁ ବାଦ ଦିଆଯାଇଥିଲା। ଜୁଲାଇ ୨୦୨୨ରେ ଆୟୋଜକଙ୍କ ସମ୍ଭାବ୍ୟ ତାଲିକାରେ ଶୁଟିଂର ନାମ ନଥିଲା। ବୁଧବାର ସମ୍ପୂର୍ଣ୍ଣ ତାଲିକାରେ ଶୁଟିଂକୁ ସାମିଲ କରାଯାଇଛି। ତେବେ କୁସ୍ତିକୁ ବାଦ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିଛି ଭାରତୀୟ କୁସ୍ତିଯୋଦ୍ଧା ଫେଡେରେଶନ୍। ଭାରତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡାକୁ ବୟକଟ୍ କରିବା ଉଚିତ୍ ବୋଲି କହିଛନ୍ତି ଫେଡେରେଶନ୍ ସଭାପତି ବିନୋଦ ତୋମର। ଭାରତ କୁସ୍ତିରେ ଭଲ ପ୍ରଦର୍ଶନ କରୁଥିବା କାରଣରୁ ଉଦ୍ଦେଶ୍ୟମୂଳକ ଭାବରେ ଏହି କ୍ରୀଡାବର୍ଗକୁ ବାଦ ଦିଆଯାଇଛି। ଆୟୋଜକ ଦେଶର ଶକ୍ତି ଓ ଦୁର୍ବଳତା ଆଧାରରେ ନୁହେଁ ବରଂ ଅଲିମ୍ପିକ୍ସରେ ସାମିଲ ଥିବା କ୍ରୀଡାବର୍ଗକୁ ନିହାତି ଭାବରେ ରଖାଯିବା ଉଚିତ ବୋଲି ସେ କହିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା କେବଳ ଭାରତ ପ୍ରଭାବିତ ହେବ ତାହା ନୁହେଁ ବରଂ ନାଇଜେରିଆ ପରି ଦେଶର ପଦକ ସଂଖ୍ୟା ମଧ୍ୟ ଶୂନକୁ ଖସି ଆସିବ। ଏପରି କରିବା ଦ୍ୱାରା ରେସଲିଂ ପରି କ୍ରୀଡାର ହତ୍ୟା ହେଉଛି ବୋଲି ସେ ମତ ଦେଇଛନ୍ତି। ଏନେଇ ଭାରତୀୟ ଅଲିମ୍ପିକ୍ ମହାସଂଘ (ଆଇଓଏ) ସହିତ ଆଲୋଚନା ମଧ୍ୟ କରିଥିବା ସେ ପ୍ରକାଶ କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରି ସ୍କ୍ରାପ ସହ ଟ୍ରକ୍ ଜବତ, ଚାଳକ କୋର୍ଟ ଚାଲାଣ

**ନୂଆପଡ଼ା ଅଫିସ,୬।୧୦:** ନୂଆପଡା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ଏକ ଚୋରି ସ୍କ୍ରାପ ସହ ଟ୍ରକ୍ ଜବତ କରି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ଛତିଶଗଡ ରାୟପୁର ଜିଲା ମଟପୁରେନା ଗାଁର ନୀଳ କୁମାର ଯାଦବ। ସୂଚନା ମୁତାବକ ଗତ ୩ ତାରିଖ ରାତିରେ ଜୋଙ୍କଥାନା ସବଇନ୍ସପେକ୍ଟର ବବିତା ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଖରିଆର ରୋଡ ଟାଉନରେ ପାଟ୍ରୋଲିଂ କରୁଥିଲେ। ବନକା ଛକ ନିକଟରେ ନୂଆପଡା ପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକକୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରାଯିବାରୁ ଚୋରା ସ୍କ୍ରାପ ଚାଲାଣ ହେଉଥିବା ଜାଣାପଡ଼ିଥିଲା। ଚୋରା ସ୍କ୍ରାପ ଓ ଟ୍ରକ୍ (ନଂ.ସିଜି୦୭ବିଏଫ୍-୧୫୯୫) ଜବତ କରିବା ସହ ଚାଳକ ଯାଦବଙ୍କୁ ପୋଲିସ ଅଟକ ରଖି ପଚାରା ଉଚରା କରିଥିଲା। କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୦/୨୨) ରୁଜୁ କରି ଟ୍ରକ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୋଙ୍କ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### ଛୁରାମାଡ଼ ଘଟଣାରେ ୨ କୋର୍ଟ ଚାଲାଣ

**ଖଡ଼ିଆଳ,୬।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଥାନା ପୁଟୁପଡା ଛୁରାମାଡ ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାହୁପଡା ନିବାସୀ ସାଗର ସାହୁ (୩୦) ଓ ନିରାକାର ସାହୁ (୨୫)। ସୂଚନା ଅନୁଯାୟୀ ଶୌଚକୁ ନେଇ ଛୁରା ମାଡ଼ ହୋଇଥିବା ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇ ରାୟପୁରଠାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଗୁରୁବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

### ବାବା ସାହେବ ବରିଷ୍ଠ ନାଗରିକ ମଞ୍ଚ ଗଠିତ

**ବୋଡେନ,୬।୧୦(ଡି.ଏନ.ଏ.):** ନୂଆପଡା ଜିଲା ବାବାସାହେବ ବରିଷ୍ଠ ନାଗରିକ ଅଧିକାର ମଞ୍ଚର ଆହ୍ୱାନକ୍ରମେ ବୋଡେନ ସାପ୍ତାହିକ ବଜାର ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେଦାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗ୍ରାମାଞ୍ଚଳରେ ବାର୍ଦ୍ଧକ୍ୟ ଭତ୍ତା, କୃଷକଙ୍କ ବିଭିନ୍ନ ସମସ୍ୟା, ନିଶାମୁକ୍ତ ଗ୍ରାମ ଗଠନ ଓ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯିବା ସହ ବୋଡେନ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ହିରା ସୁନାନୀ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ କେଦାର ନାଗ ଉପସଭାପତି, ବିଜୟ ଜଗତ ସମ୍ପାଦକ, ହରିଶଙ୍କର ତାଣ୍ଡି ଯୁଗ୍ମସମ୍ପାଦକ, ଧନୁର୍ଯ୍ୟ ନିଆଲ କୋଷାଧାକ୍ଷ, ଚରଣ ବାଗ ଓ ପିଲକନ ହଂସ ସଭ୍ୟ ମନୋନୀତ ହୋଇଥିଲେ।

### ଲଙ୍କେଶ୍ୱରୀଙ୍କ ବୁଏଲ ଯାତ୍ରା ସମ୍ପନ୍ନ

**ଖଡ଼ିଆଳ,୬।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କୁଲିଗାଁ ଗ୍ରାମରେ ମା' ଲଙ୍କେଶ୍ୱରୀଙ୍କ ବୁଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଏଲ ଯାତ୍ରାରେ ସହ ସହ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥାନ୍ତି। ଲଙ୍କେଶ୍ୱରୀଙ୍କ ସମେତ ମା' କାଳୀ ଇନ୍ଦ୍ରାଦି, ଛୋଟୀ ମା, ଦୁଲ୍ଲା, କାଲକାଙ୍କ ସମେତ ସମସ୍ତ ଗ୍ରାମଦେବୀ କାଳିସି ରୂପରେ ସବାର ହୋଇ ଗ୍ରାମ ପରିକ୍ରମା କରିଥିଲେ। ଲୋକେ ନିଜ ଘରେ ଝୋଟି କାଟି ଓ କଳସ ସ୍ଥାପନ କରି ଦେବୀମାନଙ୍କୁ ବନ୍ଦାପନା କରିଥିଲେ। ଗାଁର ଝାଙ୍କର ତ୍ରିଲୋଚନ ଶବର ପୂଜାର୍ଚ୍ଚନା କରି ଦେବୀମାନଙ୍କୁ ଆବାହନ କରିଥିଲେ। ପରେ ବାଟ ସାରା ନୁଆଁ ଧୋତି ପକାଇ ସେମାନଙ୍କୁ ପୂଜାସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ଖନ୍ଦା ଚଲା କାର୍ଯ୍ୟକ୍ରମ ମଧ ହୋଇଥିଲା। ଏହି ଖନ୍ଦା ଚଲା ପର୍ବ ୫୦ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ମାଟିରେ ଏକ ଲମ୍ବା ଗାତ (ଖନ୍ଦା) ଖୋଲି ସେଥିରେ ନିଆଁ ଜାଳି ଦିଆଯାଇଥିଲା। ଡହଡହ ନିଆଁରେ କାଳିଶିମାନେ ଚାଲିବା ସହିତ ଶ୍ରଦ୍ଧାଳୁମାନେ ମଧ ଚାଲିଥିଲେ। ଏଥିରେ ଆଖପାଖ ଗ୍ରାମ ସମେତ ଛତିଶଗଡ଼ର ଶତାଧିକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ବିଶ୍ୱାସ ଅନୁଯାୟୀ ମା' ଲଙ୍କେଶ୍ୱରୀଙ୍କ ଦର୍ଶନ କଲେ ସମସ୍ତ ପ୍ରକାର ଅଭିଷ୍ଟ ପୂରଣ ହୋଇଥାଏ।

# ଇନ୍ଦ୍ରାଣୀ ଦେବୀଙ୍କ ଖଣ୍ଡାଧୁଆ, ଛତର ଯାତ୍ରା

ନୂଆପଡ଼ା ଅଫିସ,୬।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦର୍ହା ଗାଁଠାରେ ମା' ଅଧିଷ୍ଠାତ୍ରୀ ଦେବୀ ଇନ୍ଦ୍ରାଣୀ ଦେବୀଙ୍କ ଖଣ୍ଡାଧୁଆ ଓ ଛତରଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପୀଠରେ ଯଥା ରୀତିନୀତି ଭାବେ ପୂଜା ଅର୍ଚ୍ଚନା ପରେ ଇନ୍ଦ୍ରାଣୀ ଦେବୀଙ୍କ ଛତର ଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ମା'ଙ୍କ ପାଖରେ ଅଧିଆ ପଡିଥିଲେ। ମା'ଙ୍କ ଛତର ଯାତ୍ରା ସମୟରେ ମୁଣ୍ଡିଆ ମାରିଲେ ସବୁ ମନସ୍କାମନା ପୂର୍ଣ୍ଣ କରିବା ସହ ଅପୁତ୍ରିକୁ ପୁତ୍ର, ନିଧନୀକୁ ଧନ ଦେବା ସହ ଦୁଃଖିଙ୍କ ଦୁଃଖ ହରଣ କରିଥାନ୍ତି ବୋଲି ଲୋକେ ବିଶ୍ୱାଶ କରି ମା' ଠାରେ ଅଧିଆ ପଡିଥାନ୍ତି। ଯାତ୍ରାରେ ଆଖପାଖ ୨୪ଟି ଗାଁରୁ ବୋଦା ଓ ଭୋଗ ଆସିଥାଏ। ଦେବୀ ନଗର ପରିକ୍ରମା ପରେ ଦେବୀଙ୍କ ପାଇଁ ଆସିଥିବା ବୋଦା ବଳି ଦିଆଯାଇଥାଏ। ଗତ ୨ ବର୍ଷ କରୋନା କଟକଣା ଯୋଗୁ ପୂଜା ଅର୍ଚ୍ଚନା ନିଷିଦ୍ଧ ଥିବାରୁ କେବଳ ଧୂପ ଆଳତି ଦେଇ ପୂଜା କରାଯାଉଥିଲା। ଚଳିତବର୍ଷ କରୋନା କଟକଣା ନ ବାରୁ ମହାସମାରୋହରେ ପାଳିତ ହୋଇ ଦେବୀ ପୀଠରକ୍ତ ରଞ୍ଜିତ ହୋଇଯାଇଛି। ଦେବୀଙ୍କଠାରେ ଶହ ଶହ ବୋଦା ବଳି ପଡିଛି। ମା'ଙ୍କ ଆଶିର୍ବାଦ ନେବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ସେଠାରେ ସମାଗମ ହୋଇଥାନ୍ତି। ଏଥିରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ସମାଜସେବୀ ଖେମାସିଁ ନିଆଲ, ମୁରଲୀଧର ଭୋଇ, ପୁଷ୍ପରଞ୍ଜନ ନିଆଲ, ଅବନୀ ରଞ୍ଜନ ଯୋଶୀ, କାଳିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ମା' ଇନ୍ଦ୍ରାଣୀ ଦେବୀ ମେନେଜିଂ ଟ୍ରଷ୍ଟ ଓ ଦେଓଦର୍ହାବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଥିବା ବେଳେ ଧବଳେଶ୍ୱର ପୂଝାରୀ ଓ ରାମେଶ୍ୱର ଛତ୍ରିଆ ପରି ଚାଳନା କରିଥିଲେ। ଜୟସୀ ମାଝି, ଭଜ ମାଝି, ବନମାଳି ବାଗ, ମହାଦେବ ଦୀପ, ମହେନ୍ଦ୍ର ଦୀପ, ସାନ ମହାନନ୍ଦ, ଜଳ ଚିନ୍ଧା, ଲାଲଧର ବାଗ ପ୍ରମୁଖ ଓ ଗ୍ରାମବାସୀ ଛତର ଯାତ୍ରାରେ ସହଯୋଗ କରିଥିଲେ।



ଇନ୍ଦାଣୀ ଦେବୀ ଛତର ଧରି ନଗର ପରିକ୍ରମା କରୁଛନ୍ତି।

# ବଡ଼ଭାଇଙ୍କୁ ହତ୍ୟା କରି ପୋତିଦେଲେ ମଝିଆ

ଭବାନୀପାଟଣା,୬।୧୦(ସ୍ୱ.ପ୍ର.)

**ସହଯୋଗ କରିଥିଲେ ସାନ, ୨ ଭାଇ କୋର୍ଟ ଚାଲାଣ**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ତିଲଯୋଡି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଥିଲା। ଚାଷ ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ବଡ଼ଭାଇଙ୍କୁ ମଝିଆ ଭାଇ ହତ୍ୟା କରିଛନ୍ତି। ଏପରିକି ଏହି ହତ୍ୟାକାଣ୍ଡରେ ସାନଭାଇ ସହଯୋଗ କରିଛନ୍ତି। ମୃତକ ହେଲେ ପୂର୍ଣ୍ଣ ମାଝି। ମଙ୍ଗଳବାର ସକାଳେ ଖବର ଜଣାପଡିବା ପରେ ଭବାନୀପାଟଣା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହକୁ ସ୍ଥାନୀୟ ବାମନୀ ଜଙ୍ଗଲର ଏକ ଗାତରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମଝିଆ ଭାଇ ବେଦପତି ମାଝି ଓ ସହଯୋଗ କରିଥିବା ସାନ ଭାଇ ହୃଦ ମାଝିଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖି ପଚାରାଉଚୁରା କରୁଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ଗୁରୁବାର ଏହି ଘଟଣାରେ ଉଭୟ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ତିଲଯୋଡି ଗାଁର ହୃଦ, ବେଦପତି ଓ ପୂର୍ଣ୍ଣ ୩ ଭାଇ। ଜମିରେ ପାଣି ମଡ଼ାଇବାକୁ ନେଇ ବିଭିନ୍ନ ସମୟରେ ମଝିଆ ଭାଇ ବେଦ ଓ ବଡ଼ଭାଇ ପୂର୍ଣ୍ଣଙ୍କ ମଧରେ ଝଗଡା ହେଉଥିଲା। ସୋମବାର ଭବାନୀପାଟଣାରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଥିବାବେଳେ ଗାଁ ଲୋକେ ଏହି ଯାତ୍ରା ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମର ଚାଷ ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ମଝିଆ ଭାଇ ବେଦ ଓ ବଡ଼ଭାଇ ପୂର୍ଣ୍ଣଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମଝିଆ ଭାଇ ବେଦ ଏକ ବାଡିରେ ପୂର୍ଣ୍ଣଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ପରେ ନିକଟସ୍ଥ ବାମନୀ ଜଙ୍ଗଲରେ ପୋତି ଦେଇଥିଲେ। ଏହି କାମରେ ତାଙ୍କୁ ସାନ ଭାଇ ହୃଦ ସହଯୋଗ କରିଥିବା ବେଦ ପ୍ରକାଶ କରିଥିଲେ।

# ମା' ସର୍ବମଙ୍ଗଳାଙ୍କ ଛତର ଯାତ୍ରା



ମା' ସର୍ବମଙ୍ଗଳାଙ୍କ ଛତର ଯାତ୍ରା।

କୋକସରା,୬।୧୦(ଡି.ଏନ.ଏ.)

**ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ମା'**

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସର୍ବମଙ୍ଗଳାଙ୍କ ଛତରଯାତ୍ରା ମଙ୍ଗଳବାର ପାଳିତ ହୋଇଯାଇଛି। ସୋମବାର ମଧରାତିରେ ଦେବୀଙ୍କ ଛତର ମନ୍ଦିରରୁ ବାହାରି ଗାଁ ଗୌନ୍ତିଆ ଘରକୁ ଆସିଥାନ୍ତି। ତାପରଦିନ ଦେବୀଙ୍କ ପ୍ରତିମା ଛତର ରୂପରେ ଚିଲିଗୁଡ଼ା ଗୌନ୍ତିଆ ବିନୋଦ ବିହାରୀ ସିଂଙ୍କ ଘରୁ ପୂଜାର୍ଚ୍ଚନା ପରେ ମନ୍ଦିର ଅଭିମୂଖେ ବାହାରିଥାନ୍ତି। ଦେବୀଙ୍କ ଛତର ବାହାରିବା ପରେ ହଜାର ହଜାର ଶ୍ରଦ୍ଧାଳୁ ରାସ୍ତା କଡରେ ଠିଆ ହୋଇ ଦର୍ଶନ କରିବା ସହ ମାନସିକ କରନ୍ତି। ସାଂସ୍କୃତିକ ବନାବାଡି, ବୀରବାଦ୍ୟ ଘୁମୁରା, ନିଶାନ ବାଦ୍ୟ, ଆଞ୍ଚଳିକ ଲୋକନୃତ୍ୟ ଓ ଘଣ୍ଟୁଆଦଳ, ଆଦିବାସୀ ନୃତ୍ୟ କଳାକାରମାନେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପରିବେଶରେ ମା'ଙ୍କୁ ପାଛୋଟି ନେଇ ମନ୍ଦିରରେ ପହଞ୍ଚାଇଥିଲେ। ମା'ଙ୍କ ବିଜୟ ଛତର ଉପରେ ପାରା ଆସି ବସିବା ସହିତ ମା'ଙ୍କ ସହ ମୁଖ୍ୟ ମନ୍ଦିର ପର୍ଯ୍ୟନ୍ତ ଯିବା ଦୃଶ୍ୟ ମା'ଙ୍କ ଅଲୌକିକ ମହିମା ବୋଲି ଗବେଷକମାନେ ମତ ରଖିଛନ୍ତି। ଛତର ପୀଠକୁ ପହଞ୍ଚିବା ପରେ ପୂଜାପାଠ ଆରମ୍ଭ ହୋଇଥିଲା। ଆୟୋଜିତ ଦେବୀ ସର୍ବମଙ୍ଗଳା ଦଶରା ପୂଜା ଓ ଛତର ଯାତ୍ରା କାର୍ଯ୍ୟକ୍ରମ ଗ୍ରାମ୍ୟ ପୂଜା କମିଟି ସଭାପତି ଧର୍ମୁ ନାଗ, ସମ୍ପାଦକ ସୁଧିର ନିଆଲ, ଉପସଭାପତି ଜୟଶଙ୍କର ବେମାଲ, ସହସମ୍ପାଦକ ନରେନ୍ଦ୍ର ସିଂ, କୋଷାଧ୍ୟକ୍ଷ ଯୀତେନ୍ଦ୍ର ନିଆଲ, ଗାଁ ଗଉଁନ୍ତିଆ ବିନୋଦ ବିହାରୀ ସିଂ, ଦେବୀଙ୍କ ପୂଝାରୀ ମନଧର ପୂଝାରୀ, ଶିରା କୈଳାଶ ଚନ୍ଦ୍ର ସିଂ, ନରିଆ ଲୋକନାଥ ଗୋପାଳଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। କୋକସରା ପୋଲିସ ପ୍ରଶାସନ, କୋକସରା ଡ୍ରାଇଭର ସଂଘ କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ସହଯୋଗ କରିଥିଲେ।

## ଖଡ଼ିଆଳରେ ରାବଣ ପୋଡ଼ି ଉତ୍ସବ

ଖଡ଼ିଆଳ,୬।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳଠାରେ ବୁଧବାର ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ବିଜୟା ଦଶମୀ ଉପଲକ୍ଷେ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏକ ବିଶାଳ ରାବଣ ମୂର୍ତ୍ତି ନିର୍ମାଣ ହୋଇଥିଲା। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ରାବଣ ଦହନ କମିଟି ସାଂସ୍କୃତିକ ସମାବେଶ ଆୟୋଜିତ ହୋଇଥିଲା। ଅଧର୍ମ ଉପରେ ଧର୍ମର ବିଜୟ ଓ ଅନ୍ୟାୟ ଉପରେ ନ୍ୟାୟ ପ୍ରତିଷ୍ଠା ଏହି ଦିବସ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏ ଅବସରରେ ବଲିଉଡ ଗାୟିକା ସରିକା ସିଂ ଓ ଓଲିଉଡ ଗାୟକ ବବିରାଜ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଧର୍ମେଶ ଏକାଡେମୀ ଖଡ଼ିଆଳ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟଗୀତ ପରିବେଷଣ କରିଥିଲେ। ସେହିପରି ଝୁଲନ୍ତା ହନୁମାନ ଲୋକଙ୍କୁ ଆକର୍ଷିତ କରିଥିଲା। ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ। ପରେ ମୁଖ୍ୟଅତିଥି ପାଣିଗ୍ରାହୀଙ୍କ ସମେତ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଓ ପୂଜା କମିଟି ସଦସ୍ୟମାନେ ରାବଣ ମୂର୍ତ୍ତିକୁ ନିଆଁ ଲଗାଇଥିଲେ ଓ ଆତସବାଜିରେ ପରିବେଶ ମୁଖରିତ ହୋଇପଡିଥିଲା।

# ରାବଣପୋଡ଼ି ସହ ସାର୍ବଜନୀନ ଦୁର୍ଗାପୂଜା ସମ୍ପନ୍ନ

ଲାଞ୍ଜିଗଡ,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ସାର୍ବଜନୀନ ଦୁର୍ଗାପୂଜା ୫୭ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ଆକର୍ଷଣୀୟ ଓ ଉତ୍ସବ ମୁଖର କରିବା ପାଇଁ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ଲାଞ୍ଜିଗଡରେ ଦେବି ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିବା ବେଳେ ଦଶହରା ଦିନ ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ରାବଣ ପୋଡି ସମ୍ପନ୍ନ ହୋଇଛି। ସହର କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି, ମେଢ଼ ଓ ମିନାବଜାର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହୁଥିଲା। ପୂଜକ ସୁବାଷ ଚନ୍ଦ୍ର ତ୍ରିପାଠୀ, ସରୋଜକାନ୍ତ ତ୍ରିପାଠୀ, ସଚିନ୍ଦ୍ର ତ୍ରିପାଠୀ ଏବଂ ସୁବ୍ରତ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳ କର୍ତ୍ତା ଭାବେ ରାମଚନ୍ଦ୍ର ସିଂ ଏବଂ ଜାନକୀ ସିଂ ଦାୟିତ୍ୱ ତୁଲାଇଥିଲେ। ରାବଣ ପୋଡି ଲାଞ୍ଜିଗଡ ଯୁବକ ସଂଘ ତତ୍ତ୍ୱାବଧାନରେ ହୋଇଥିବା ବେଳେ ରାମ, ଲକ୍ଷଣ ଓ ବାନରସେନା ସମସ୍ତେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବେଦାନ୍ତ ଡେପୁଟି ସିଓଓ ଗୋବିନ୍ଦ ଗୋପାଳ ପାଲ, ସୁରକ୍ଷା ବିଭାଗ ମୁଖ୍ୟ ହର୍ଷବର୍ଦ୍ଧନ ପାଣ୍ଡେ, ଅର୍ଥବିଭାଗ ମୁଖ୍ୟ ବିକାଶ ବିନାନି, ଡେପୁଟି ଅର୍ଥ ବିଭାଗ ମୁଖ୍ୟ ଶିବଶଙ୍କର ପ୍ରମୁଖ ରାବଣ ଦହନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ମା'ଙ୍କ ଘଟକୁ ଗାଁ ପୋଖରୀରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ସୁମନ୍ତ ଦଳବେହେରା, ସମ୍ପାଦକ ଜୟନ୍ତ ମହାଖୁଡ, କୋଷାଧ୍ୟକ୍ଷ କିଶୋର ପେସନିଆ, ଉପଦେଷ୍ଟା କମିଟି ଚନ୍ଦ୍ରଧ୍ୱଜ ପେସନିଆ, କାମରାଜ ଦଳବେହେରା, ଅଶୋକ ପଟ୍ଟନାୟକ, ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ ଓ ସମ୍ପାଦକ ଭୁପେନ୍ଦ୍ର ମହାରଥୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ରାମଚନ୍ଦ୍ରପୁରଠାରେ ମଧ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି।



ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ଆୟୋଜିତ ରାବଣ ପୋଡି।

## ବିଜୟା ଦଶମୀରେ ପୂଜିତ ହେଲେ ମା'ଭଣ୍ଡାର ଘରଣୀ

**କୋକସରା,୬।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନାରେ ବୁଧବାର ମା' ଭଣ୍ଡାର ଘରଣୀଙ୍କ ବାର୍ଷିକ ଦଶହରା ପର୍ବ ପାଳିତ ହୋଇଯାଇଛି। କୋକସରା ଥାନାରେ ମା' ଭଣ୍ଡାର ଘରଣିଙ୍କୁ ଆବାହନ କରିବା ପାଇଁ ପୂଜାର୍ଚ୍ଚନା କରାଯାଇଛି। ଥାନାଧିକାରୀ ପ୍ରସନ୍ନ ବେହେରା ପୂଜାକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଛନ୍ତି। ଥାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ଶୁକ୍ଳ ବସ୍ତ୍ର ପରିଧାନ କରି ଜଳ ଆଣି ମା'ଙ୍କ ନିକଟରେ ସ୍ଥାପନ କରି ପୂଜର୍ଚ୍ଚନା କରିଛନ୍ତି। ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଓ ସମସ୍ତଙ୍କୁ ମା'ଙ୍କ କରୁଣା ପ୍ରାପ୍ତି ନିମନ୍ତେ ଦେବୀଙ୍କୁ ପୂଜା କରିଛନ୍ତି। କାର୍ଯ୍ୟ ସମ୍ପାଦନରେ ପୋଲିସ କର୍ମଚାରୀ ହେମନ୍ତ କୁମାର ପାତ୍ର, ଗୋପବନ୍ଧୁ ନାଏକ, ଭରତ କୁମାର ଅହିର ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଳଗୁମା ଧାନ ମଣ୍ଡିରେ କଂଗ୍ରେସ କମିଟି ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଘନଶ୍ୟାମ ଜାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ପିସିସି ସଭ୍ୟ ରବୀନ୍ଦ୍ର କୁମାର ପାଟ୍ଟଯୋଷୀ, ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ପିସିସି ସଦସ୍ୟ ଦିଗାମ୍ବର ଦୁରିଆ, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ଧର୍ମଗଡ଼ ବ୍ଲକ ଯୁବ ସଭାପତି ଡାକେଶ୍ୱର ଲହଜଲ, ବରିଷ୍ଠ ନେତା ନିମାଇଁ ଚରଣ ଧଙ୍ଗଡ଼ାମାଝି, ମ. ରାମପୁର ବ୍ଲକ ସଭାପତି ବିଭୁତି ମହାକୁଡ, ଜିଲା ଆଦିବାସୀ ନେତା ପରମାନନ୍ଦ ମାଝି, ନାରିନେତ୍ରୀ ମହେନ୍ଦ୍ରୀ ସାହୁ, ତପସିନୀ ପ୍ରଧାନୀ, ମାଧୁରୀ ନିଆଲ, ଫୁଲତୋଳା ଖମାରିଙ୍କ ସମେତ ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ। ମଞ୍ଚ ଓବିସି ସେଲ ଜିଲା ସଭାପତି ଲିଙ୍ଗରାଜ ବେହେରା ପରିଚାଳନା କରିଥିଲେ। କଂଗ୍ରେସର ପୂର୍ବ ଗୌରବ ଫେରାଅ ଆଣିବାକୁ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳରୁ ସଂଗଠନକୁ ମଜଭୁତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମ ମହେନ୍ଦ୍ର ଧରୁଆ, ଅଭିମନ୍ୟୁ ପଟ୍ଟନାୟକ, ବେଣୁପାଣି ଦୁର୍ଗା, କମଳ ଲୋଚନ ତାଣ୍ଡି, ହରେକୃଷ୍ଣ ନାଏକ, ହରିଶ୍ଚନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ସରିଲା ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ

ଭବାନୀପାଟଣା,୬।୧୦(ସ୍ୱ.ପ୍ର.)

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ ବିଜୟା ଦଶମୀରେ ଶେଷ ହୋଇଯାଇଛି। ଏହି ପର୍ବର ଏକ ଭିନ୍ନ ସ୍ୱତନ୍ତ୍ରତା ରହିଛି। ଲାଖମରା ପର୍ବ ମାଧମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ବିଜୟ ଯାତ୍ରା ବା ରାଜ୍ୟଜୟର ପ୍ରତୀକ ଭାବେ ଏହି ପର୍ବ ପାଳିତ ହୁଏ । ବିଜୟା ଦଶମୀ ତିଥୀରେ ମାଣିକେଶ୍ୱରୀଙ୍କ ଲାଖବିନ୍ଧା ବା ଲାଖମରା ପର୍ବ ଅନୁଷ୍ଠିତ ହୋଇଥାଏ। ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତ୍ରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ଲାଖମରା ପଡିଆକୁ ଯାଇଥିଲେ। ଲାଖମରା ପଡିଆରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଓ ଛାଗଳ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତ୍ରକୁ ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ। ଏକ ସୁଉଚ୍ଚ ଖୁଣ୍ଟରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିବା ବେଳେ ଚଳିତବର୍ଷ କଳାହାଣ୍ଡି ରାଜ ପରିବାର ଯୁବରାଜ ଫତେ କେଶରୀ ଦେଓ ଲାଖ ଭେଦ କରିଥିଲେ। ପରେ ଛତ୍ର ଜେନା ବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ପରେ ମୂଳାଷ୍ଟମୀଠାରୁ ମାଣିକେଶ୍ୱରୀଙ୍କୁ ମୁଣ୍ଡବସା ପର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ ଦିଆଯାଇଥାଏ। ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ ଫିଟା ଅନୁଷ୍ଠିତ ହେବ। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧରେ ବେଶ ଆନନ୍ଦ ଓ ଉତ୍ସାହ ଦେଖାଦେଇଥିବା ବେଳେ ଗତ ଦୁଇ ବର୍ଷ କୋଭିଡ୍ କଟକଣା ଯୋଗୁ ଶ୍ରଦ୍ଧାଳୁ ସାମିଲ ହେବାରୁ ବଞ୍ଚିତ ହୋଇଥିଲେ। ଚଳିତବର୍ଷ କଟକଣା ମୁକ୍ତ ହେବାରୁ ସହ ସଭ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି।



ଯୁବରାଜ ଫତେ କେଶରୀ ଦେଓ ଲାଖ ଭେଦ କରୁଛନ୍ତି।

**■ମା' ମାଣିକେଶ୍ୱରୀ ମନ୍ଦିର ଦ୍ୱାରରେ ଲାଗିଲା କଣ୍ଟାବାଡ଼**

**■କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ଭକ୍ତଙ୍କୁ ମନ୍ଦିର ମନା**

## ନୂଆଁଖାଇ ଭେଟଘାଟ୍ ପ୍ରସ୍ତୁତି ବୈଠକ

ପାଇକମାଲ,(ଡି.ଏନ.ଏ.): ବରଗଡ ଜିଲା ପାଇକମାଲର ନୃସିଂହନାଥଠାରେ ଗୁରୁବାର ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ସୁବୋଧ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶନିବାର ବରଗଡ଼ର ଜନକଲ୍ୟାଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଓ ନୃସିଂହ ନାଥ କଳାପରିଷଦ ସହାୟତାରେ ହେବାକୁ ଥିବା ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପାଇକମାଲ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାମ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଡାକ୍ତର ଅଜିତ ବାରିକ ପ୍ରକାଶ କରିଥିଲେ। ଏଥିରେ ସାମାଜିକ କର୍ମୀ ବଡ ଶତପଥି, ଚିତ୍ତ ସରାଫ୍, ଡାକ୍ତର ମୋହନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଅମରପାଲି,୬।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଫୁଲଚରା ନୂଆଗଡ ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଇଶାନନ୍ଦ ଝାଙ୍କର (୪୫) । ପ୍ରକାଶ ଯେ, ଫୁଲଚରା ନୂଆଗଡ ଗାଁର ବଇଶାନନ୍ଦ ଗତ ୩ ତାରିଖ ରାତିରେ ଖାଇସାରି ଘରେ ଶୋଇଥିଲେ । ଶୋଇଥିବା ଅବସ୍ଥାରେ ତାଙ୍କ କାନକୁ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ଓ ପରେ ସୋନପୁର ଜିଲା ମୁଖ୍ୟଚିକିତ୍ସାଳୟ ନିଆଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବୁର୍ଲା ଡାକ୍ତରଖାନା ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

### ଭସାଣି ଯାତ୍ରା

ବିନିକା,୬।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରର ୧୧ଟି ସ୍ଥାନରେ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଗୁରୁବାର କେବଳ ବିନିକା ଦୈନନ୍ଦିନ ବଜାର କମିଟି ତରଫରୁ ମା' ଦୁର୍ଗାଙ୍କ ଭସାଣି ଯାତ୍ରା ହୋଇଥିଲା । ଏଥିରେ ମୁଖ୍ୟ ଆକର୍ଷଣ ଥିଲା ରାଏଗଡର ସଂପ୍ରଦା, ଆସାମର ବିହୁ ନାଚ, କୁମ୍ଭାରି ଗ୍ରାମ କଳାକାରମାନଙ୍କ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ଦାଣ୍ଡି ଯାତ୍ରା, ବରଗଡ଼ର ଦୁଲଦୁଲି ଓ ଭେଡନର ଡିଜେ ନୃତ୍ୟ । ପୂଜା କମିଟି ସଭାପତି ଅଜିତ ସାହୁ, ସମ୍ପାଦକ ବୃନ୍ଦାବନ ପାଣ୍ଡେ, ରାଘବ ଦାସ,ଉମାକାନ୍ତ ଦୀପ,ସୀତାରାମ ବେହେରାଙ୍କ ପରିଚାଳନାରେ ଭସାଣି ଯାତ୍ରା ହୋଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମହାନଦୀ ଡଙ୍ଗା ଘାଟଠାରେ ମା'ଙ୍କୁ ବିସର୍ଜନ କରାଯାଇଥିଲା ।

### ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ତାର: ଲୋକେ ଆତଙ୍କିତ

ବାଉଁଶୁଣୀ,୬।୧୦(ଡି.ଏନ.ଏ.): ବୌଦ୍ଧ ଜିଲାରେ ବିଦ୍ୟୁତ୍ ଆଘାତରେ ପୂର୍ବରୁ କେତେଜଣ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ କେତେଜଣଙ୍କ ଜୀବନ ଯାଇଛି। ବୁଧବାର ହରଭଙ୍ଗା ବ୍ଲକ ଜବଲପୁର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଗୋଟିଏ ପରିବାରର ୩ ଜଣଙ୍କ ଅକାଳ ମୃତ୍ୟୁ ଘଟିଛି । ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଶିବମନ୍ଦିର ପାଖ ରାସ୍ତାରେ ୧୧ କେଭି ବିଦ୍ୟୁତ୍ ତାର ଝୁଲୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୂର୍ବରୁ ଏହି ବିଦ୍ୟୁତ୍ ତାର ଗୋଟିଏ ଶୁଖିଲା ଗଛ ଡ଼ାଳରେ ଲାଗି ରହିଥିଲା । କୌଣସି କାରଣବଶତଃ ସେହି ଡାଳଟି ଭାଙ୍ଗିଯିବା ପରେ ଏବେ ୬ ଦିନ ହେବ ବିଦ୍ୟୁତ ତାର ଝୁଲୁଛି । ପ୍ରତ୍ୟେକ ଦିନ ଏହି ରାସ୍ତାରେ ବହୁ ଲୋକ ଯାତାୟାତ କରୁଛନ୍ତି । କିଛି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ବିଦ୍ୟୁତ୍ ବିଭାଗ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ସାପ୍ତାହିକ ହାଟ ଉଦ୍‌ଘାଟିତ

ବାଉଁଶୁଣୀ,୬।୧୦(ଡି.ଏନ.ଏ.): ବୌଦ୍ଧ ଜିଲା ଅଇଁଲାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଜରାଜପୁର ଗମ୍ଭାଟିକରା ପଡିଆରେ ଗ୍ରାମୀଣ ହାଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଅଜିତ କୁମାର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧକ୍ଷ ମହିଧର ରଣା ଯୋଗଦେଇ ଗ୍ରାମୀଣ ହାଟର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ ,ବରିଷ୍ଠ ନାଗରିକ ରାମକୃଷ୍ଣ ମେହେର, ସରୋଜ ତ୍ରିପାଠୀ,ସୁଧୀର ମହାକୁଡ, ଦେଶବନ୍ଧୁ ମହାକୁଳ, ବିଜୟ କୁମାର ବାରିକ ଯୋଗ ଦେଇଥିଲେ । ଏହାସହିତ କଣ୍ଟାମାଳ ମଣ୍ଡଳର ଯୁବ ବିଜେଡ଼ି ସମ୍ପାଦକ ପ୍ରଶାନ୍ତ ଚନ୍ଦ୍ର ପଣ୍ଡା ଓ ଅଇଁଲାପାଲିବାସୀ ଉପସ୍ଥିତ ଥିଲେ । ଏହି ସାପ୍ତାହିକ ହାଟ ପ୍ରତ୍ୟେକ ମଙ୍ଗଳବାର ଦିନ ବସିବା ପାଇଁ ସରପଞ୍ଚ ମେହେର କହିଥିଲେ । ଏହି ହାଟ ବସିବା ଦ୍ୱାରା ଅଇଁଲାପାଲି, ବହିରା ଏବଂ ଅନ୍ୟ ପଞ୍ଚାୟତର ଜନସାଧଶରଣ ଉପକୃତ ହେବେ ବୋଲି ଅତିଥିମାନେ କହିଥିଲେ । ଶେଷରେ ବହିରା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୪ବର୍ଷ ପରେ ଖୋଲିଲା ଜବତ ବାକ୍ସ

**ଯୋଗୀସର୍ଡା ସମବାୟ ସମିତିରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦସ୍ତାବିଜ୍ ବନ୍ଧକ ଘଟଣା**

- ସମବାୟ ବିଭାଗ ୩ଜଣିଆ ଟିମ୍‌ର ତନାଘନା
- ଅଧିକାଂଶ ଦସ୍ତାବିଜ୍ ଖାଇ ଯାଇଛି ଉଇ
- ଯାଞ୍ଚ ସମ୍ପର୍କରେ ଜିଲା ମୁଖ୍ୟ ନିବନ୍ଧକଙ୍କୁ ଜଣାଇବୁ: ତଦନ୍ତକାରୀ ଟିମ୍

**ଧରିତ୍ରୀ ପ୍ରଭାବ**

ଲୋଇସିଂହା, ୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଘରେ ବନ୍ଧା ପଡିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନତା ପରବର୍ତ୍ତୀ ପ୍ରି ଆସେମ୍ବ୍ଲି ବିଧାୟକ କପୁର୍ଛନ ନାଏକଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦୀର୍ଘ ୩୪ବର୍ଷ ପରେ ଗୁରୁବାର ଖୋଲାଯାଇଥିଲା। ଜିଲା ସମବାୟ ବିଭାଗର ଏକ ଟିମ୍ ଯୋଗୀସର୍ଡା ସମବାୟ ସମିତିରେ ଅପରାହ୍ନରେ ପହଞ୍ଚିଥିଲେ। ଅପରାହ୍ନ ୧ଟାରୁ ସନ୍ଧ୍ୟା ଯାଏ ଜବତ ୬ଟି ବାକ୍ସର ତାଲା କାଟି ତନ୍ନତନ୍ନ ଯାଞ୍ଚ କରିଥିଲେ ଅଧିକାରୀ। ଜରାଜୀର୍ଣ୍ଣ ବାକ୍ସରୁ ସଂଗ୍ରାମୀଙ୍କ ପରିବାରବର୍ଗ ବ୍ୟବହାର କରୁଥିବା ବାସନକୁସନ ନଷ୍ଟ ହୋଇଯାଇଥିବା ବେଳେ ପୂଜା ସାମଗ୍ରୀ, କପଡା ଉଇ ଖାଇ ଯାଇଥିବା ଦେଖିବାକୁ ମିଳିଥିଲା। ମାଗାଜିନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ସୁପୁତ୍ର ସ୍ୱର୍ଗତ ନୀଳମଣି ନାଏକଙ୍କ ହାତଲେଖା କେତେକ ଦସ୍ତାବିଜ ଏବଂ ପୁରୁଣା ମୁଦ୍ରା ବାକ୍ସରୁ ମିଳିଥିଲା।

ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଘରେ ବନ୍ଧା ପଡିଥିବା ସଂକ୍ରାନ୍ତରେ ଅକ୍ଟୋବର ୨ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ମୁଖ୍ୟ ସଚିବ ଓ ସମବାୟ ବିଭାଗ ସଚିବଙ୍କୁ ଚିଠି ଲେଖିଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀଙ୍କ ଜବତ ଦସ୍ତାବିଜ୍ ଉଦ୍ଧାର ଏବଂ ଉପଯୁକ୍ତ ସଂରକ୍ଷଣ ଦାବି କରିଥିଲେ ବିଧାୟକ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ପରେ ଜିଲା ସମବାୟ ବିଭାଗ ନିବନ୍ଧକଙ୍କ ନିର୍ଦ୍ଦେଶରେ ବିଭାଗୀୟ ସହନିବନ୍ଧକ ରବୀନ୍ଦ୍ର କୁମାର ପଣ୍ଡା, ନିରୀକ୍ଷକ ପ୍ରେମାନନ୍ଦ ଦୀପ ଓ ଲୋଇସିଂହା ସମବାୟ ବ୍ୟାଙ୍କ ପରିଚାଳକ ସ୍ୱାଗତିକା ଦାସ ଗୁରୁବାର ଅପରାହ୍ନରେ ଯୋଗୀସର୍ଡା ସମବାୟ ସମିତିରେ ପହଞ୍ଚିଥିଲେ। ବୋର୍ଡ ସଭାପତି ହୃଦୟାନନ୍ଦ ବେହେରା, ନିର୍ଦ୍ଦେଶକ ସୁବାଷିନୀ ଧରୁଆ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ଉତ୍ତରାଧିକାରୀଙ୍କ ପ୍ରତିନିଧିଭାବେ ବାହାଦୁର ନନ୍ଦଙ୍କ ଉପସ୍ଥିତିରେ ଜବତ ସମସ୍ତ ବାକ୍ସ ଯାଞ୍ଚ କରାଯାଇଥିଲା । ବାକ୍ସରୁ ଉଦ୍ଧାର ଦସ୍ତାବିଜ ଓ ସାମଗ୍ରୀଗୁଡିକର ଏକ ତାଲିକା କରାଯାଇଛି । ଅଧିକାଂଶ ଦସ୍ତାବିଜ ଉଇ ଖାଇ ଯାଇଛି। ଯାଞ୍ଚ ସମ୍ପର୍କରେ ଜିଲା ମୁଖ୍ୟ ନିବନ୍ଧକଙ୍କୁ ଜଣାଇବୁ। ସେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ତଦନ୍ତ ପାଇଁ ଆସିଥିବା ଟିମ୍ ସଦସ୍ୟମାନେ କହିଥିଲେ। ଏହି ଅବସରରେ ସହନିବନ୍ଧକ ପଣ୍ଡା ସ୍ଥାନୀୟ କର୍ମଚାରୀଙ୍କୁ କାହିଁକି ଏସବୁ ଜବତ କରୁଥିଲ ବୋଲି ପଚାରିଥିଲେ। ହେଲେ ସମ୍ପାଦକ ଘନଶ୍ୟାମ ପୁଟା ଏବଂ କର୍ମଚାରୀ ଏହା ପୂର୍ବ କର୍ମଚାରୀଙ୍କ ସମୟର ନିଷ୍ପତ୍ତି ଥିଲା ବୋଲି କହିଥିଲେ। ବରଂ ଏବେ ଏହି ବାକ୍ସଗୁଡିକ କିପରି ସୁରକ୍ଷିତ ରଖାଯିବ ତାହାର ବ୍ୟବସ୍ଥା କରିଥିଲୁ ବୋଲି କହିଥିଲେ। ଉତ୍ତରାଧିକାରୀଙ୍କ ପ୍ରତିନିଧିଭାବେ ଆଜି ଉପସ୍ଥିତ ଥିବା ନନ୍ଦ କହିଛନ୍ତି ଯେ, ବିଭାଗୀୟ ଅବହେଳାରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡିକ ନଷ୍ଟ ହୋଇଯାଇଛି। ଫଳରେ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ତଥ୍ୟ ଅନାଲୋଚିତ ହୋଇ ରହିଗଲା ବୋଲି ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ୧୯୫୯ରେ ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ନାଏକଙ୍କ ଦସ୍ତାବିଜ୍ ଓ ସାମଗ୍ରୀ ତାଙ୍କ ପୁଅ ନୀଳମଣି ନାଏକ କେଉଁଟିପାଲିସ୍ଥିତ ବାସଭବନରେ ରଖିଥିଲେ। ୧୯୮୪ରେ ନୀଳମଣି ସ୍ଥାନୀୟ କୃଷି ସମବାୟ ସମିତିରୁ କୃଷିଋଣ ନେଇଥିଲେ । ସେହିବର୍ଷ ମରୁଡି ହେବାରୁ ଋଣ ଛାଡ ଦାବି କରି ସେ ଅଞ୍ଚଳବାସୀଙ୍କୁ ଏକତ୍ର କରି ଆନ୍ଦୋଳନ କରିଥିଲେ। ଏହାକୁ କେନ୍ଦ୍ର କରି ତତ୍କାଳୀନ ସମବାୟ ବିଭାଗର ଜଣେ ଅଧିକାରୀ ୧୯୮୮ ମସିହାରେ ତାଙ୍କ କେଉଁଟିପାଲିସ୍ଥିତ ଘରେ ଚଢାଉ କରି କେତେକ ସାମଗ୍ରୀ ଜବତ କରି ନେଇଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ଅନେକ ଦସ୍ତାବିଜ ରହିଥିଲା। ସମବାୟ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ନୀଳମଣି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୨୦୦୪ରେ ଏହି ମାମଲାର ରାୟ ପ୍ରକାଶିତ ହୋଇଥିଲା ଯେଉଁଥିରେ ସେ ବିଜୟୀ ହୋଇଥିଲେ। ଅଦାଲତରେ ବିଜୟୀ ହେବା ପରେ ସାମଗ୍ରୀ ଫେରାଇ ଦେବାକୁ ନୀଳମଣି ସମବାୟ ବିଭାଗକୁ କହିଥିଲେ, ମାତ୍ର ବିଭାଗ ଅଫିସକୁ ଆସି ସମ୍ପତ୍ତି ନେଇଯିବାକୁ ତାଙ୍କୁ କହିଥିଲେ। ସ୍ୱାଭିମାନୀ ନୀଳମଣି ସମବାୟ କାର୍ଯ୍ୟାଳୟକୁ ଯାଇ ନ ଥିଲେ। ସେହିଦିନରୁ ଉକ୍ତ ଜବତ ବାକ୍ସଗୁଡିକ ସମବାୟ ଗୋଦାମ ଘରେ ପଡି ରହିଛି।



ଜରାଜୀର୍ଣ୍ଣ ବାକ୍ସରୁ ଉଦ୍ଧାର ନଷ୍ଟ ଦସ୍ତାବିଜକୁ ଦେଖାଉଛନ୍ତି ସହନିବନ୍ଧକ ରବୀନ୍ଦ୍ର କୁମାର ପଣ୍ଡା।

## ଭାଷା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖେ ଲୋକ ମହୋତ୍ସବ

ଅତାବିରା/ସରଣ୍ଡା, ୬।୧୦(ଡି.ଏନ.ଏ.)

ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଲୋକ ମହୋତ୍ସବ ଆୟୋଜନ ଏକ ଅନନ୍ୟ ଉଦ୍ୟମ ବୋଲି ବରଗଡ଼ ଜିଲା ଅତାବିରାଠାରେ ଅନୁଷ୍ଠିତ ୧୨ତମ ତିହାର ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲୋକ ମହୋତ୍ସବ ସମିତି ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଥିଲେ, ଲୋକ ମହୋତ୍ସବ ମାଧ୍ୟମରେ ଆମେ ଏହି ଅଞ୍ଚଳର ଜନସାଧାରଣଙ୍କୁ ଆମ ଅଞ୍ଚଳର ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ ମଧ୍ୟରେ ପରିଚିତ କରାଇପାରୁଛୁ। ଆମ ଭାଷା, ସଂସ୍କୃତି ସମ୍ପନ୍ନ ଧରୋହରକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା ଜାରି ରଖିଛୁ। ଭାଷା, ସଂସ୍କୃତି, ପରମ୍ପରା, ଲୋକ ନାଟକ, ଲୋକ ସଙ୍ଗୀତ, ସାହିତ୍ୟ, ସାମାଜିକ କାର୍ଯ୍ୟରେ ବ୍ରତୀ ଥିବା ବ୍ୟକ୍ତି ବିଶେଷଙ୍କୁ ଲୋକ ମହୋତ୍ସବରେ ସମ୍ବର୍ଦ୍ଧିତ କରି ସେମାନଙ୍କ କାର୍ଯ୍ୟ ଆଗକୁ ଜାରି ରଖିବାକୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରୁଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ଯୁବ ସାହିତ୍ୟିକ ଡ. ସୁଶିଲ ବାଗଙ୍କୁ ସ୍ୱର୍ଗତ ନାରାୟଣ ପୃଷେଠ ସ୍ମୃତି ସମ୍ମାନ, ଅଶୋକ ପ୍ରଧାନଙ୍କୁ ସ୍ୱର୍ଗତ ଶାନ୍ତନୁ ବିଶାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଲୋକ ମହୋତ୍ସବ ସମିତି ଉପ ସଭାପତି ଉନ୍ନିକ୍ରିଷ୍ଣନ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଡୁଡୁକିଝରିଆ କ୍ରିକେଟ: ସେମିରେ ଲଖନା




ଅତିଥିମାନେ ଫିତା କାଟି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

ପାଇକମାଲ,୬।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତର ଡୁଡୁକିଝରିଆ ଗ୍ରାମରେ ବୁଧବାର ଡୁଡୁକିଝରିଆ କ୍ରିକେଟ କପ୍ ଉଦଘାଟିତ ହୋଇଯାଇଛି। ଏଥିରେ ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ମୁଖ୍ୟ ଅତିଥି, ନେହୁରୁ ବରିହା ଓ ଶାନ୍ତ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଛିନ୍ଦେଇକେଲା ଓ କାଂସଡା ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଛିନ୍ଦେଇକେଲା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଲଖନା ଓ ଅଇଁଲାଯୁବା ମଧ୍ୟରେ ଅନୁଷ୍ଠିତ ହୋଇ ଲଖନା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଜାମସେଠ ଓ ଲଖନା ମଧ୍ୟରେ ହୋଇ ଲଖନା ବିଜୟୀ ହୋଇଥିଲା। ଲଖନା ଓ ଛିନ୍ଦେଇକେଲା ମଧ୍ୟରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଲଖନା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦେବେଶ କାଲୁ ଓ ଆଶୁତୋଷ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଶୁକଦେବ ବରିହା ସ୍କୋରର ଥିବା ବେଳେ ପ୍ରଦୀପ ଜେନା ଓ ଅମିତେଶ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଗଙ୍ଗାଧର ବଛା, ବିଶ୍ୱବ୍ରତ ଦାଶ, ଘନଶ୍ୟାମ ଭୋଇ, ପ୍ରକାଶ ମହାନନ୍ଦ, ପିପିଲ ନାଗ, ଅଶୋକ ସରାଫ, ତ୍ରିନାଥ ଭୋଇ, ଟିଟୁ ଷଡ଼ଙ୍ଗୀ, ଅପୁ ଦାଶ ପ୍ରମୁଖ ସହଯୋଗ କରିଥିଲେ। ୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଜୀବନ ରେଖା କାର୍ଯ୍ୟକ୍ରମ, ଆମ୍ବୁଲାନ୍ସ ଲୋକାର୍ପିତ

ବରଗଡ଼ ଅଫିସ,୬।୧୦

ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ଜୀବନ ରେଖା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଏହି କ୍ରମରେ ଗୁରୁବାର ଏକ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି। ଜିଲାପାଳଙ୍କ ଅଫିସ ପରିସରରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ। ଆଞ୍ଚଳିକ ଅସୁବିଧାକୁ ଦୃଷ୍ଟିରେ ରଖି ଦୀର୍ଘଦିନରୁ ନିଷ୍ଠା ପରିବାର ଏକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ବରଗଡ଼ ବିଧାୟକଙ୍କୁ ଦାବି ଜଣାଇ ଆସୁଥିଲା। ବିଧାୟକ ଆଚାର୍ଯ୍ୟ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନ ପାଣ୍ଠିରୁ ଉକ୍ତ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଲୋକାର୍ପଣ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁ ଚରଣ ଦାଶ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦୁର୍ବାଦଳ ଷଡ଼ଙ୍ଗୀ, ସଭାପତି ରକ୍ଷପାଲ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ବୌଦ୍ଧ,୬।୧୦(ସ୍ୱ.ପ୍ର.)

ଗୁରୁବାର ଦିନ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ସନତ କୁମାର ନାଏକଙ୍କ ଉପସ୍ଥିତିରେ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବରେ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥରେ ଯାନାବାହାନ ଯାଞ୍ଚ କରାଯାଇଥିଲା। ୨୬ ଗୋଟି ଯାନବାହାନର ହେଲମେଟ, ଅନୁମତି ଠାରୁ ଅଧିକ ମାଲ ପରିବହନ, ସିଟବେଲଟ, ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ପ୍ରମାଣପତ୍ର ଆଦି ଯାଞ୍ଚ କରାଯାଇ ଆଇନ ଉଲ୍ଲଂଘନକାରୀଙ୍କଠାରୁ ୧.୬୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜିଲାରେ ମୋଟରଯାନ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ଲଗାମ ଲଗାଇବାକୁ ପ୍ରତ୍ୟେକ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଯାନବାହାନ ଚେକିଂ ମଧ୍ୟ କରାଯାଉଛି । ଏହାସତ୍ତ୍ୱେ ଦୁର୍ଘଟଣା ଉପରେ ଲଗାମ ଲଗାଇବା ସମ୍ଭବ ହୋଇପାରୁନାହିଁ। ଜିଲାରେ ମନମୁଣ୍ଡାଠାରୁ ବଦଲା ପର୍ଯ୍ୟନ୍ତ ପ୍ରାୟ ୧୧୦ କିଲୋମିଟର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଲମ୍ବିଛି। ଏହାବ୍ୟତୀତ ରେଢାଖୋଲ ପଟରୁ କିଆକଟା ଦେଇ ଚାରିଛକ ପର୍ଯ୍ୟନ୍ତ ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ରହିଛି। ଫଳରେ ଏହି ରାସ୍ତାଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରୀ ଯାନ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ କରୁଛି। ତେଣୁ ଏହି ଜାତୀୟ ରାଜପଥରେ ସବୁବେଳେ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ଜାତୀୟ ରାଜପଥ ଉପରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନଗୁଡିକୁ ଚିହ୍ନଟ କରାଯାଇ ସେଠାରେ ଗାଡିଚାଳକମାନଙ୍କ ପାଇଁ ସତର୍କ ସୂଚନା ଦେବାକୁ ବାରମ୍ବାର ସଡକ ସୁରକ୍ଷା ବୈଠକରେ ଆଲୋଚନା ହୋଇ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଦୁର୍ଘଟଣା ରୋକିବା ପାଇଁ ଜରିମାନା ଆଦାୟ ସହ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ଘଟୁଥିବା ସ୍ଥାନ ଚିହ୍ନଟ କରାଯାଇ ତୁରନ୍ତ ସୂଚନା ଫଳକ ଲାଗାଇବାର ଆବଶ୍ୟକତା ରହିଛି।

## ସୁବର୍ଣ୍ଣପୁରରେ ରାବଣପୋଡ଼ି

ସୋନପୁର,୬।୧୦(ନି.ପ୍ର.)

ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ରାବଣ ପୋଡି ଉତ୍ସବ ସୋନପୁର ସହରର ରୟାଲ ପଡିଆଠାରେ ପାଳିତ ହୋଇଯାଇଛି । ବୁଧବାର ସନ୍ଧ୍ୟାରେ ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ୧୩ତମ ରାବଣ ପୋଡି ଉତ୍ସବ ଆୟୋଜିତ ହୋଇଥିଲା। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାବଣର ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ଓ ଅଭିନେତ୍ରୀ ଲାବନ୍ୟା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୂଜା କମିଟିର ସଭାପତି ଅରବିନ୍ଦ ବାରିକ, ଉପସଭାପତି ଦିଲିପ ପାତ୍ର, ସମ୍ପାଦକ ନିଶାନ୍ତ ମହାନ୍ତି ଓ ଉପଦେଷ୍ଟା ବଳଦେବ ବେଦବାକ୍ ପ୍ରମୁଖ କମିଟିର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ପରେ ର୍ୟାମ୍ପ ସୋ, ରାବଣ ଦରବାର, ଶଙ୍କର ବେହେରା ଓ ସାଥୀଙ୍କ ସମ୍ବଲପୁରୀ ନୃତ୍ୟ ଏବଂ ଆସାମର ବିହୁ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବଡବଜାରର ଗୁଣ୍ଡିଚା ମନ୍ଦିର ନିକଟରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।



ରୟାଲ ପଡିଆରେ ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ରାବଣ ପୋଡି।

## ନିଗମାନନ୍ଦ ବିହାରରେ ସାଂସ୍କୃତିକ ସନ୍ଧ୍ୟା 'ଅର୍ଘ୍ୟଥାଳି'



ଅର୍ଘ୍ୟଥାଳି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୬।୧୦

ବରଗ ପୌର ପରିଷଦ ଅଧୀନ ୱାର୍ଡ ନଂ- ୧ ନିଗମାନନ୍ଦ ବିହାରରେ ଶାରଦୀୟ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା ଅର୍ଘ୍ୟଥାଳି ଅନୁଷ୍ଠିତ ହୋଇଯାଇଛି । ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ବେଣୁଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ମହାସଚିବ ପ୍ରହଲ୍ଲାଦ ମହାପାତ୍ର, ବାଙ୍କ ବିହାରୀ ସାହୁ, ପ୍ରଦୀପ ସାହୁ, ତ୍ରିନାଥ ରଥ, ଟିକେଲାଲ ପ୍ରଧାନ, ଗୋବିନ୍ଦ ମିଶ୍ର, ଅର୍ଜ୍ଜୁନ ସେଟ ପ୍ରମୁଖ ବରିଷ୍ଠ ନାଗରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୁର୍ଗାପୂଜା କମିଟି ସମ୍ପାଦକ ନବୀନ ସାବତ ବିବରଣୀ ପଠନ, ସଭାପତି ସଦାଶିବ ସାହୁ ସ୍ୱାଗତ ଅଭିଭାଷଣ ଓ ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା 'ଅର୍ଘ୍ୟଥାଳି' କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ବୀଣାପାଣି ଆଚାର୍ଯ୍ୟ ଓ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ମାହେଶ୍ୱତା ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କୃତୀ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ତରଣୀସେନ ଦେବତ, ଚନ୍ଦ୍ରକାନ୍ତ ସାହୁ, ରବି ନାରାୟଣ ସାହୁ, ଡ଼ଃ ଡୋଳାମଣି ଶତପଥୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଦସ୍ୟ ଧର୍ମେନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ୩୪ବର୍ଷ ପରେ ଖୋଲିଲା ଜବତ ବାକ୍ସ

**ଯୋଗୀସର୍ଡା ସମବାୟ ସମିତିରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦସ୍ତାବିଜ୍ ବନ୍ଧକ ଘଟଣା**

- ସମବାୟ ବିଭାଗ ୩ଜଣିଆ ଟିମ୍‌ର ତନାଘନା
- ଅଧିକାଂଶ ଦସ୍ତାବିଜ୍ ଖାଇ ଯାଇଛି ଉଇ
- ଯାଞ୍ଚ ସମ୍ପର୍କରେ ଜିଲା ମୁଖ୍ୟ ନିବନ୍ଧକଙ୍କୁ ଜଣାଇବୁ: ତଦନ୍ତକାରୀ ଟିମ୍

**ଧରିତ୍ରୀ ପ୍ରଭାବ**

ଲୋଇସିଂହା, ୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଘରେ ବନ୍ଧା ପଡିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନତା ପରବର୍ତ୍ତୀ ପ୍ରି ଆସେମ୍ବ୍ଲି ବିଧାୟକ କପୁର୍ଚ୍ଚନ ନାଏକଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଦୀର୍ଘ ୩୪ବର୍ଷ ପରେ ଗୁରୁବାର ଖୋଲାଯାଇଥିଲା। ଜିଲା ସମବାୟ ବିଭାଗର ଏକ ଟିମ୍ ଯୋଗୀସର୍ଡା ସମବାୟ ସମିତିରେ ଅପରାହ୍ନରେ ପହଞ୍ଚିଥିଲେ। ଅପରାହ୍ନ ୧ଟାରୁ ସନ୍ଧ୍ୟା ଯାଏ ଜବତ ୬ଟି ବାକ୍ସର ତାଲା କାଟି ତନ୍ନତନ୍ନ ଯାଞ୍ଚ କରିଥିଲେ ଅଧିକାରୀ। ଜରାଜୀର୍ଣ୍ଣ ବାକ୍ସରୁ ସଂଗ୍ରାମୀଙ୍କ ପରିବାରବର୍ଗ ବ୍ୟବହାର କରୁଥିବା ବାସନକୁସନ ନଷ୍ଟ ହୋଇଯାଇଥିବା ବେଳେ ପୂଜା ସାମଗ୍ରୀ, କପଡା ଉଇ ଖାଇ ଯାଇଥିବା ଦେଖିବାକୁ ମିଳିଥିଲା। ମାଗାଜିନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ସୁପୁତ୍ର ସ୍ୱର୍ଗତ ନୀଳମଣି ନାଏକଙ୍କ ହାତଲେଖା କେତେକ ଦସ୍ତାବିଜ ଏବଂ ପୁରୁଣା ମୁଦ୍ରା ବାକ୍ସରୁ ମିଳିଥିଲା।

ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଘରେ ବନ୍ଧା ପଡିଥିବା ସଂକ୍ରାନ୍ତରେ ଅକ୍ଟୋବର ୨ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ମୁଖ୍ୟ ସଚିବ ଓ ସମବାୟ ବିଭାଗ ସଚିବଙ୍କୁ ଚିଠି ଲେଖିଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀଙ୍କ ଜବତ ଦସ୍ତାବିଜ୍ ଉଦ୍ଧାର ଏବଂ ଉପଯୁକ୍ତ ସଂରକ୍ଷଣ ଦାବି କରିଥିଲେ ବିଧାୟକ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ପରେ ଜିଲା ସମବାୟ ବିଭାଗ ନିବନ୍ଧକଙ୍କ ନିର୍ଦ୍ଦେଶରେ ବିଭାଗୀୟ ସହନିବନ୍ଧକ ରବୀନ୍ଦ୍ର କୁମାର ପଣ୍ଡା, ନିରୀକ୍ଷକ ପ୍ରେମାନନ୍ଦ ଦୀପ ଓ ଲୋଇସିଂହା ସମବାୟ ବ୍ୟାଙ୍କ ପରିଚାଳକ ସ୍ୱାଗତିକା ଦାସ ଗୁରୁବାର ଅପରାହ୍ନରେ ଯୋଗୀସର୍ଡା ସମବାୟ ସମିତିରେ ପହଞ୍ଚିଥିଲେ। ବୋର୍ଡ ସଭାପତି ହୃଦୟାନନ୍ଦ ବେହେରା, ନିର୍ଦ୍ଦେଶକ ସୁବାଷିନୀ ଧରୁଆ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ଉତ୍ତରାଧିକାରୀଙ୍କ ପ୍ରତିନିଧିଭାବେ ବାହାଦୁର ନନ୍ଦଙ୍କ ଉପସ୍ଥିତିରେ ଜବତ ସମସ୍ତ ବାକ୍ସ ଯାଞ୍ଚ କରାଯାଇଥିଲା। ବାକ୍ସରୁ ଉଦ୍ଧାର ଦସ୍ତାବିଜ ଓ ସାମଗ୍ରୀଗୁଡିକର ଏକ ତାଲିକା କରାଯାଇଛି। ଅଧିକାଂଶ ଦସ୍ତାବିଜ ଉଇ ଖାଇ ଯାଇଛି। ଯାଞ୍ଚ ସମ୍ପର୍କରେ ଜିଲା ମୁଖ୍ୟ ନିବନ୍ଧକଙ୍କୁ ଜଣାଇବୁ। ସେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ତଦନ୍ତ ପାଇଁ ଆସିଥିବା ଟିମ୍ ସଦସ୍ୟମାନେ କହିଥିଲେ। ଏହି ଅବସରରେ ସହନିବନ୍ଧକ ପଣ୍ଡା ସ୍ଥାନୀୟ କର୍ମଚାରୀଙ୍କୁ କାହିଁକି ଏସବୁ ଜବତ କରୁଥିଲ ବୋଲି ପଚାରିଥିଲେ। ହେଲେ ସମ୍ପାଦକ ଘନଶ୍ୟାମ ପୁଟା ଏବଂ କର୍ମଚାରୀ ଏହା ପୂର୍ବ କର୍ମଚାରୀଙ୍କ ସମୟର ନିଷ୍ପତ୍ତି ଥିଲା ବୋଲି କହିଥିଲେ। ବରଂ ଏବେ ଏହି ବାକ୍ସଗୁଡିକ କିପରି ସୁରକ୍ଷିତ ରଖାଯିବ ତାହାର ବ୍ୟବସ୍ଥା କରିଥିଲୁ ବୋଲି କହିଥିଲେ। ଉତ୍ତରାଧିକାରୀଙ୍କ ପ୍ରତିନିଧିଭାବେ ଆଜି ଉପସ୍ଥିତ ଥିବା ନନ୍ଦ କହିଛନ୍ତି ଯେ, ବିଭାଗୀୟ ଅବହେଳାରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡିକ ନଷ୍ଟ ହୋଇଯାଇଛି। ଫଳରେ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ତଥ୍ୟ ଅନାଲୋଚିତ ହୋଇ ରହିଗଲା ବୋଲି ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ୧୯୫୯ରେ ମୃତ୍ୟୁ ଘଟିଥିଲା । ସ୍ୱର୍ଗତ ନାଏକଙ୍କ ଦସ୍ତାବିଜ୍ ଓ ସାମଗ୍ରୀ ତାଙ୍କ ପୁଅ ନୀଳମଣି ନାଏକ କେଉଁଟପାଲିସ୍ଥିତ ବାସଭବନରେ ରଖିଥିଲେ। ୧୯୮୪ରେ ନୀଳମଣି ସ୍ଥାନୀୟ କୃଷି ସମବାୟ ସମିତିରୁ କୃଷିଋଣ ନେଇଥିଲେ । ସେହିବର୍ଷ ମରୁଡି ହେବାରୁ ଋଣ ଛାଡ ଦାବି କରି ସେ ଅଞ୍ଚଳବାସୀଙ୍କୁ ଏକତ୍ର କରି ଆନ୍ଦୋଳନ କରିଥିଲେ। ଏହାକୁ କେନ୍ଦ୍ର କରି ତତ୍କାଳୀନ ସମବାୟ ବିଭାଗର ଜଣେ ଅଧିକାରୀ ୧୯୮୮ ମସିହାରେ ତାଙ୍କ କେଉଁଟପାଲିସ୍ଥିତ ଘରେ ଚଢାଉ କରି କେତେକ ସାମଗ୍ରୀ ଜବତ କରି ନେଇଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀ ନାଏକଙ୍କ ଅନେକ ଦସ୍ତାବିଜ ରହିଥିଲା। ସମବାୟ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ନୀଳମଣି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ୨୦୦୪ରେ ଏହି ମାମଲାର ରାୟ ପ୍ରକାଶିତ ହୋଇଥିଲା ଯେଉଁଥିରେ ସେ ବିଜୟୀ ହୋଇଥିଲେ। ଅଦାଲତରେ ବିଜୟୀ ହେବା ପରେ ସାମଗ୍ରୀ ଫେରାଇ ଦେବାକୁ ନୀଳମଣି ସମବାୟ ବିଭାଗକୁ କହିଥିଲେ, ମାତ୍ର ବିଭାଗ ଅଫିସକୁ ଆସି ସମ୍ପତ୍ତି ନେଇଯିବାକୁ ତାଙ୍କୁ କହିଥିଲେ। ସ୍ୱାଭିମାନୀ ନୀଳମଣି ସମବାୟ କାର୍ଯ୍ୟାଳୟକୁ ଯାଇ ନ ଥିଲେ। ସେହିଦିନରୁ ଉକ୍ତ ଜବତ ବାକ୍ସଗୁଡିକ ସମବାୟ ଗୋଦାମ ଘରେ ପଡି ରହିଛି।


ଜରାଜୀର୍ଣ୍ଣ ବାକ୍ସରୁ ଉଦ୍ଧାର ନଷ୍ଟ ଦସ୍ତାବିଜକୁ ଦେଖାଉଛନ୍ତି ସହନିବନ୍ଧକ ରବୀନ୍ଦ୍ର କୁମାର ପଣ୍ଡା।

## ପୋଖରୀରେ ବୁଡ଼ି ବାଳକ ମୃତ

ଲାଠୋର,୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ମାଲପଡ଼ା ଗ୍ରାମର ଡୁମା ପୋଖରୀ(ଅମୃତ ସରୋବର)ରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଧରମ ସିଂ ଧରୁଆଙ୍କ ପୁଅ ଗୋଲକ(୭)। ଗୁରବାର ସକାଳେ ଗାଁରେ ଅନ୍ୟ ପିଲାଙ୍କ ସହ ଖେଳୁଥିଲେ ଗୋଲକ। ହେଲେ ପୂର୍ବାହ୍ନ ୧୦ଟା ଯାଏ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଡୁମା ପୋଖରୀ ହିଡରେ ଗୋଲକଙ୍କ ପୋଷାକ ଥିବା ଦେଖିବା ପରେ ପାଣିରେ ବୁଡି ଯାଇଥିବା ଆଶଙ୍କା କରାଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବହୁ ଖୋଜାଖୋଜି ପରେ ଗୋଲକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଥିଲା। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଏବଂ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଥାନା ଅଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି। ଏ ନେଇ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୨)ରୁଜୁ ହୋଇଛି। ଗୋଲକ ଲାଠୋର ଜୟ ହୀନ୍ଦ ପବ୍ଲିକ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଥିଲେ।

## ଟିଟିଲାଗଡ଼ରେ ରାବଣପୋଡ଼ି


ମନ୍ତ୍ରୀ ଟୁକୁନୀ ସାହୁ ରାବଣ ପୋଡି ପୂର୍ବ ସଭାରେ ମଞ୍ଚାସୀନ ଅତିଥି।

ଟିଟିଲାଗଡ଼,୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ବିଜୟା ଦଶମୀରେ ରାବଣ ପୋଡି କରାଯାଇଥିଲା। ଉଚ୍ଚ ବାଳକ ବିଦ୍ୟାଳୟ ଖେଳ ପଡିଆରେ ବୁଧବାର ରାତିରେ ରାବଣ ପୋଡି ପୂର୍ବରୁ ଏକ ସଭା ରଞ୍ଜିତ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ସଭା ସାଂସଦ ସୁଲତା ଦେଓ, ପୌର ପରିଷଦ ଉପାଧକ୍ଷା ପୁଷ୍ପମଞ୍ଜରୀ ଜାଲ, ଏସ୍‌ପି ନୀତିନ କୁଶଲକର, ଟିଟିଲାଗଡ଼ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁଖ୍ୟବକ୍ତା ଅରବିନ୍ଦ ଦାଶ, ଦୀପକ ସାହୁ, ରାଜେଶ ପ୍ରଧାନ, ଦିଲୀପ ବାଗ, ପ୍ରେମ ଜୈନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାହୁ ରାବଣ ପୋଡିର ଉଦ୍ଦେଶ୍ୟ ଅନ୍ୟାୟ ଉପରେ ନ୍ୟାୟର ପ୍ରତିଷ୍ଠା ବୋଲି କହିଥିଲେ। ମୁଖ୍ୟବକ୍ତା ଦାସ ଟିଟିଲାଗଡ଼ରେ ବିଭିନ୍ନ କ୍ଷେତ୍ରରେ ଏହି ମାଟି ପାଇଁ ସୁନାମ ଆଣିଥିବା ବ୍ୟକ୍ତିଙ୍କୁ ସ୍ମରଣ କରିଥିଲେ। ପରେ ଏସ୍‌ପି କୁଶଲକର ରାବଣର ପ୍ରତିମୂର୍ତ୍ତିରେ ଶର ବିନ୍ଧି ଥିଲେ।

ସେହିପରି ସହରର ଡିଏଭି ଖେଳ ପଡିଆରେ ମଧ୍ୟ ରାବଣ ପୋଡି ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଲିଙ୍ଗରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ସମ୍ମାନିତ ଅତିଥି ଦୀପକ ସମାଦାର, ପ୍ରକାଶ ଗୋଏଲ, ଅନ୍ୟତମ ଅତିଥି ତ୍ରିନାଥ ସରାଫ, ନୀଳ ମିଶ୍ର, ରବି ପଟ୍ଟନାୟକ, ସୁବୋଧ ଦାଶ, ପ୍ରକାଶ ସରାଫ ଯୋଗ ଦେଇଥିଲେ। ପରେ ମୁଖ୍ୟଅତିଥି ଦାଶ ରାବଣର ମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶ୍ରୀପତି ସାହୁ ଓ ସୁଧୀର ଘଡେଇ ସହଯୋଗ କରିଥିଲେ।

## କ୍ଷେତ୍ରୀୟ ପାଇକ ସମାଜ ପକ୍ଷରୁ ଖଣ୍ଡାପୂଜା

ନର୍ଲା,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାଠାରେ କ୍ଷେତ୍ରୀୟ ପାଇକ ସମାଜ ପକ୍ଷରୁ ବିଜୟା ଦଶମୀ ତିଥିରେ ଖଣ୍ଡାପୂଜା ଅନୁଷ୍ଠିତ ହୋଇଯାଇଛି। ପୌରାଣିକ ମତରେ ବିଜୟା ଦଶମୀ ତିଥିରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରିବା ପାଇଁ ମା’ ଦୁର୍ଗାଦେବୀଙ୍କୁ ଆରାଧନା କରି ଥିଲେ। ଦୁର୍ଗା ମାତାଙ୍କ ଆର୍ଶୀବାଦ ବଳରେ ଲଙ୍କେଶର ରାବଣଙ୍କୁ ରାମଚନ୍ଦ୍ର ବଧ କରିଥିଲେ। ଏହା ଦ୍ୱାରା ୧୬ ଗଣ୍ଡା ଯୁଗର ପତନ ଘଟିଥିଲା। ଏହି ବିଜୟ ଦିବସ ପାଳନ କରିବା ଉଦ୍ଦେଶ୍ୟରେ କ୍ଷେତ୍ରୀୟ ସମାଜ ପକ୍ଷରୁ ରାମଚନ୍ଦ୍ରଙ୍କ ଫୋଟୋ ଚିତ୍ରରେରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖଣ୍ଡାଙ୍କୁ ରଖି ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରୁଥିଲେ। ଯୁବକମାନେ ହାତରେ ଖଣ୍ଡା ଧରି ଘୁମୁରା ସହିତ ବୀର ବାଦ୍ୟ ବଜାଇ ଶହ ଶହ ପୁରୁଷ ମହିଳା ଯୁବକ ଯୁବତୀମାନେ ସାମିଲ ହୋଇ ମଶାଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ସମାଜ ସଭାପତି ଦଣ୍ଡସେନା ପୂଝାରୀ, ସମ୍ପାଦକ ଉଦିତ ପାତ୍ର, ରଜନୀ ସାହାଣୀ, ଗୌତମ ଚିନ୍ଦା, କୃତିବାସ ଦୁବେ, ଗୋକୁଳ ପୂଝାରୀ, ସୋମନାଥ ପୂଝାରୀ, ଭଗବାନ ପାତ୍ର, କୁର୍କୁଟା ପୂଝାରୀଙ୍କ ସହିତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୨ ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

ଭବାନୀପାଟଣା,୬।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଦେପୁର ଗ୍ରାମରେ ଗୁରୁବାର ଟ୍ରକ୍‌ରେ ପିଟିହୋଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଲଗାଁର ସୁନ୍ଦର କାଣ୍ଡ। ସେହିପରି ଏହି ଥାନା ଅଧୀନ ଡୁମେରବାହାଲ ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲାଞ୍ଜିଗଡ ବ୍ଲକ ମାଣିବନ୍ଧା ଗ୍ରାମର ଦେବ ଗୌଡ ବୋଲି ଜଣାପଡିଛି। ଶଶୁର ଘର ଡୁମେରବାହାଲକୁ ଆସୁଥିବାବେଳେ ଗ୍ରାମର ଏକ ଘାଇରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦିଲେଶ୍ୱର


@ ଚନ୍ଦ୍ରହାସ୍ୟ


@ ରାଜା


@ ତଥାଗତ


@ ସଞ୍ଜୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱାବସୁ ଶବର ସମାଜର ବୈଠକ

ଖଡ଼ିଆଳ,୬।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ପୁଟୁପଡ଼ାଠାରେ ବିଶ୍ୱାବସୁ ଶବର ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜ ସଭାପତି ବାଳକୃଷ୍ଣ ଶବରଙ୍କ ଅଧ୍ୟକ୍ଷତାରେ ପୁଟୁପଡ଼ାସ୍ଥିତ ମୃତକଙ୍କ ବାସ ଭବନଠାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ବିଦୁର ଶବର, ସମାଜର ଉପଦେଷ୍ଟା ଜୟରାମ ଶବର, ଜଗତ କଟାପଲିଆ, ନାରୀନେତ୍ରୀ ଗୀତାଞ୍ଜଳୀ ଶବର, ସୋମନାଥ ଶବର, କାର୍ତ୍ତିକେଶ୍ୱର ମଲ୍ଲିକ, ୱାର୍ଡ ସଭ୍ୟ ନରେନ୍ଦ୍ର ଶବର, ସନ୍ତୋଷ ଶବରଙ୍କ ସମେତ ଅନେକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ମୃତ ପ୍ରଭା ଶବରଙ୍କ ୨ଟି ଝିଅ ଓ ଗୋଟିଏ ପୁଅ ଛୋଟ ଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ ପାଇଁ ଦାବି ଉପସ୍ଥାପନ କରାଯାଇଛି।

## ଲାଖବିନ୍ଧା, ରାବଣପୋଡ଼ି ଉତ୍ସବ

ଖପ୍ରାଖୋଲ, ୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ୪୯ତମ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଅବସରରେ ବିଜୟା ଦଶମୀ ଦିନ ଲଖବିନ୍ଧା ଓ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ଗା ମଣ୍ଡପରୁ ବାଦ୍ୟ ନାଦ ସହ ଶୋଭାଯାତ୍ରା ଲଖାବିନ୍ଧା ପଡିଆକୁ ଯାଇଥିଲା। କଳାକାରଙ୍କ ଦାରା ରାମ ରାବଣ କଥୋପକଥନ ଓ ଯୁଦ୍ଧ ଅଭିନୟ ଦର୍ଶକ ମାନ ମୋହିଥିଲା । ପରେ ଲାଖ ବିନ୍ଧା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଥିଲା। ଚଳିତ ବର୍ଷ ଭେଲୁଆଖୋଲ ଗାଁର ଇନ୍ଦ୍ରମଣି ବରିହା ଲାଖ ବିନ୍ଧିବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ଭବ୍ୟ ସାଗତ ସହ ଗାଁ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ରାବଣ ପୋଡ଼ି ହୋଇଥିଲା। ରଙ୍ଗବେରଙ୍ଗ ବାଣ ଓ ଆତସବାଜ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ପୂଜାକର୍ତ୍ତା ଛାୟାକାନ୍ତ ବାରିକ, ପୂଜକ ରମେଶ ଦାଶ, ପୂଜା କମିଟି ସଭାପତି ପୁରନ୍ଦର ସାହୁ, ସମ୍ପାଦକ ଅଜିତ ହଂସ, ପିଙ୍କୁ ହଂସ, ମହନ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।


ଲାଖବିନ୍ଧା ପଡିଆରେ ଜମିଥିବା ଭିଡ଼।

## ରାବଣ ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ

ଲୋଇସିଂହା,୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ରୌପ୍ୟ ଜୟନ୍ତୀ ଶାରଦୀୟ ଦୁର୍ଗାପୂଜା ସମାରୋହରେ ସମ୍ପନ୍ନ ହୋଇଯାଇଛି। ବୁଧବାର ବିଜୟା ଦଶମୀ ତିଥିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୮୦ ଫୁଟ ଉଚ୍ଚ ରାବଣର ପ୍ରତିମୂର୍ତ୍ତି ଓ ଭଳିକି ଭଳି ଆତସବାଜି ଖେଳ ଏବଂ ରାବଣ ଦରବାରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ଯାଏ ଶ୍ରଦ୍ଧାଳୁଙ୍କ ବାନ୍ଧି ରଖିଥିଲା ।

ବିଜୟା ଦଶମୀ ସନ୍ଧ୍ୟାରେ ଅନୁଷ୍ଠିତ ରାବଣ ଦରବାରରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ । ସେହିପରି ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଏବଂ ମହିଳାଙ୍କୁ ସଶକ୍ତିକରଣ କରିବା ଉପରେ ଯୋର ଦେଉଥିବା କହିଥିଲେ ସମ୍ମାନୀତ ଅତିଥି ନିହାର ରଞ୍ଜନ ବେହେରା। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଅନୁଷ୍ଠିତ ରାବଣ ଦରବାରରେ କୁନିକୁନି ପିଲାଙ୍କ ନାଚଗୀତ ଏବଂ ରାଜ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାର ମନୋନୀତ ଢୋଲମହୁରୀ କଳା ପରିଷଦ ଓ ଢାପପଏଁରୀ କଳା ପରିଷଦର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ପୂଜା କମିଟି ତରଫରୁ କୃତୀ ପ୍ରତିଯୋଗୀ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲୋଇସିଂହା ସୁବର୍ଣ୍ଣ ଜୟନ୍ତୀ ପୂଜା ଉପଲକ୍ଷେ ରାବଣ ଦରବାର ଓ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ଯୋଗୀସର୍ଡା ଓ ବାଦିବାହାଲ ଗ୍ରାମରେ ଓ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।


ଲୋଇସିଂହା ବ୍ଲକ ବାଦିବାହାଲ ଗାଁରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ,୬ା୧୦:** ବରଗଡ଼ ଜିଲା ଭଟଲିର ବଂଶୀଧର ବଣିଆ ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଟଲି ଥାନା ଅନ୍ତର୍ଗତ ନୂଆଁଗଡ ପଞ୍ଚାୟତ ଅନ୍ତର୍ଗତ ବନଛୋରଡିହି ଗ୍ରାମର ଭକଲୋ ଓରଫ ଦୟାସାଗର ବନଛୋର। ତାଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୨୧୩/୨୨) ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଭଟଲି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡିପିଓ ଅମୃତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏସ୍‌ଡିପିଓ ପଣ୍ଡା କହିଥିଲେ, ଗତ ୩ ତାରିଖ ସୋମବାର ରାତିରେ ଭଟଲି -କୁଇଶିରା ରାସ୍ତାରେ ରହୁଥିବା ୭୬ ବର୍ଷୀୟ ବୃଦ୍ଧ ବଂଶୀଧରଙ୍କୁ କେହି ଦୁର୍ବୃତ୍ତ ଇଟାରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବଂଶୀଧରଙ୍କ ସାନପୁଅ ଗିରିଶ ତାଙ୍କ ପିତାଙ୍କ ପାଇଁ ଖାଦ୍ୟ ନେଇ ଯାଇଥିବା ବେଳେ ତାଙ୍କ ପିତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ବଡ଼ପୁଅ ରାମକୃଷ୍ଣଙ୍କ ଅଭିଯୋଗକ୍ରମେ ଭଟଲି ପୋଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଦୟସାଗରଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ସ୍କ୍ରୁ ଡ୍ରାଇଭର, ଭଙ୍ଗା ଇଟା, ନିକଟସ୍ଥ ବୁଦାରୁ ରକ୍ତଲଗା ଗାମୁଛା ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଭଟଲି ଥାନାଧିକାରୀ ରଞ୍ଜିତ ନାଏକ ଉପସ୍ଥିତ ଥିଲେ।

### ପଞ୍ଚଭୂତରେ ଲୀନହେଲା ବିଜୟଙ୍କ ପାର୍ଥିବ ଶରୀର

**ପଦ୍ମପୁର ୬ା୧୦(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଗତ ୨ତାରିଖ ରାତିରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଥିଲା। ୩ତାରିଖରେ ତାଙ୍କ ମରଶରୀର ନିଜ ଭିଟାମାଟି ପଦ୍ମପୁରସ୍ଥିତ ବାସଭବନରେ ପହଞ୍ଚିଲା। ୪ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ବରିହାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନେଇ ରାଜଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଭୋଜରାଜ ସିଂ ବରିହା ମୁଖାଗ୍ନି ଦେଇଥିଲେ। ବରିହାଙ୍କ ମରଶରୀରକୁ ଶେଷ ଦର୍ଶନ କରିବା ପାଇଁ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ମନ୍ତ୍ରୀ ରୀତା ସାହୁ, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ସୁଶାନ୍ତ ସିଂ, ଦେବେଶ ଆଚାର୍ଯ୍ୟ ଓ ମୁକେଶ ମହାଲିଙ୍ଗ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସତ୍ୟଭୂଷଣ ସାହୁ ଓ ଆୟୁବ ଖାଁ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ଭାଜପା ଜିଲା ସଭାପତି ଅଶିନୀ ଷଡ଼ଙ୍ଗୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ତଥା ବିଭିନ୍ନ ବର୍ଗର ପ୍ରତିନିଧି ଉପସ୍ଥିତ ଥିଲେ।

### ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର: ଚାକିରିରୁ ବିଦା ହେଲେ ପିଇଓ

**ବରଗଡ଼ ଅଫିସ,୬ା୧୦:** ବରଗଡ଼ ଜିଲା ବରପାଲି ବ୍ଲକରେ ଅବସ୍ଥାପିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାନନ୍ଦ ପଣ୍ଡାଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି। ସେ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ହାତେଇଥିବା ପ୍ରଶାସନିକ ତଦନ୍ତରୁ ଜଣାପଡିଛି। ଦେବାନନ୍ଦ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରୁ ସମୁଦାୟ ୯୦୦ ମାର୍କରୁ ୩୫୧ ମାର୍କ ପାଇ ତୃତୀୟ ଶ୍ରେଣୀ (ଥାର୍ଡ ଡିଭିଜନ)ରେ ପାସ୍ କରିଥିଲେ। କିନ୍ତୁ ଚାକିରି ପାଇଁ ଆବେଦନ କରିଥିବା ସମୟରେ ସେ ଦାଖଲ କରିଥିବା ଶିକ୍ଷାଗତ ପ୍ରମାଣପତ୍ରରେ ୭୮୯ ମାର୍କ ସହିତ ପ୍ରଥମ ଶ୍ରେଣୀ (ଫାଷ୍ଟ ଡିଭିଜନ)ରେ ଯୁକ୍ତ ୨ ବିଜ୍ଞାନ ପାସ୍ କରିଥିବା ଉଲ୍ଲେଖ ରହିଥିଲା। ଏହି ଜାଲିଆତି ଧରାପଡିବା ପରେ ତାଙ୍କୁ ପ୍ରଥମେ ନିଲମ୍ବିତ କରାଯାଇଥିଲା। ତଦନ୍ତ ପ୍ରକ୍ରିୟା ସରିବା ପରେ ଜିଲାପାଳ ମୋନିଷା ବାନାର୍ଜୀ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି।

# ସରିଲା ପୂଜା, ଆଜିଠୁ ବିସର୍ଜନ

**ସୋନପୁର,୬ା୧୦(ନି.ପ୍ର.)**

ଚଳିତବର୍ଷ ସୁବର୍ଣ୍ଣପୁର ଜିଲାରେ ଶାରଦୀୟ ଦୁର୍ଗାପୂଜା ଓ ବିଜୟା ଦଶମୀ ମହାସମାରୋହରେ ସମ୍ପନ୍ନ ହୋଇଛି। ପୂଜା ମଣ୍ଡପଗୁଡିକରେ ଚାକଚକ୍ୟ ତୋରଣ ସାଙ୍ଗକୁ ସୁନ୍ଦର ଆଲୋକ ସଜ୍ଜା ଦେଖିବାକୁ ମିଳିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କ ଭରପୁର ମନୋରଞ୍ଜନ କରିଥିଲା। ସୋନପୁର ସହରରେ ଅଷ୍ଟଚଣ୍ଡୀଙ୍କ ସମେତ ଆହୁରି ଅଧିକ ଶକ୍ତିପୀଠ ରହିଛି। ତେଣୁ ସୁରେଶ୍ୱରୀ, ଖମ୍ବେଶ୍ୱରୀ, ଭଗବତୀ, ସମଲେଶ୍ୱରୀ, ରାମଚଣ୍ଡୀ, ନାରାୟଣୀ, ଦଶମତୀ, ବିମଳାକ୍ଷୀ ଓ ଦୁର୍ଗା ମନ୍ଦିରରେ ଭିଡ ଜମିଥିଲା। ସେହିପରି ମାଣିକେଶ୍ୱରୀ, ଲଙ୍କେଶ୍ୱରୀ, ବୁଢୀ ସମଲେଇ, ବୁଢି ମା, ବୁଢାରାଜା, ଖଉଲେଶ୍ୱରୀ, ଶୀତଳେଇ, ଠାକୁରାଣୀ, ପଥେଇ, ମେଟାକାନୀ, ଚରଦେଇ, ମାହେଶ୍ୱରୀ, ଦେବୀ ଚାନ୍ଦିଲିପାଟଙ୍କ ପୀଠରେ ଦୁର୍ଗାପଜା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଜିଲାର ଇଷ୍ଟଦେବୀ ମା’ ସୁରେଶ୍ୱରୀଙ୍କ ପୀଠ ସମେତ ପ୍ରସିଦ୍ଧ ଦେବୀ ପୀଠ ଗୁଡିକରେ ରୀତିନୀତି ଅନୁଯାୟୀ ପୂଜା ହୋଇଥିଲା। ମା’ସୁରେଶ୍ୱରୀ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

ଚଳିତବର୍ଷ ଜିଲାର ୬୭ଟି ମଣ୍ଡପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ସୋନପୁର ଥାନା ଅଞ୍ଚଳରେ ୧୪ଟି, ଉଲୁଣ୍ଡା ଥାନା ଅଞ୍ଚଳରେ ୭, ତରଭା ଅଞ୍ଚଳରେ ୫, ବୀରମହାରାଜପୁରରେ ୧୧, ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ୧୦, ରାମପୁରରେ ୫, ବିନିକାରେ ୧୨ ଓ ସୁବଳୟା ଅଞ୍ଚଳରେ ୩ଟି ସ୍ଥାନରେ ମା’ଙ୍କୁ ପୂଜା କରାଯାଉଛି। ସେହିଭଳି ସୋନପୁର ସହରର ବ୍ଲକ ଛକ, ଗଡଭିତର, ଦୁର୍ଗାମଣ୍ଡପ ଛକ, ଅନନ୍ତରାମ ମଣ୍ଡପ, ଘୋଡାଘାଟପଡା, ଗୁଣ୍ଡିଚାମନ୍ଦିର, କୁମ୍ଭାରପଡା, ଟିକିରିପଡା, ଥନାପତିପଡା ଓ ପଟାଭାଡି ଆଦି ୧୦ଟି ସ୍ଥାନରେ ଦୁର୍ଗାପୂଜା ହୋଇଥିଲା। ଥନାପତିପଡାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଧାର୍ମିକ ପରିବେଶରେ ନବରାତ୍ର ପୂଜା ହୋଇଥିଲା। ଶୁକ୍ରବାର ଠାରୁ ପୂଜାମଣ୍ଡପର ମୂର୍ତ୍ତିଗୁଡିକୁ ଶୋଭାଯାତ୍ରାରେ ଆଡମ୍ବର ସହକାରେ ନିଆଯାଇ ଜଳାଶୟରେ ବିସର୍ଜନ କରାଯିବ।

## ବୀରମହାରାଜପୁରରେ ଭସାଣି ଉତ୍ସବ

**ଅମରପାଲି,୬ା୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଦୁର୍ଗାପୂଜା ଭସାଣି ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଭସାଣି ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଦୁଲଦୁଲି, ଡିଜେ, ବାଡିଖେଳ ଆଦି ପାରମ୍ପାରିକ ବାଦ୍ୟ ସାମିଲ ହୋଇଥିଲା। ଚଳିତବର୍ଷ ବୀରମହାରାଜପୁର ଉପକଣ୍ଠର ତ୍ରିବେଣୀ ଛକ ଦୁର୍ଗା ମନ୍ଦିର, ବସଷ୍ଟାଣ୍ଡ,ଉଫୁଲା ଓ ରଥପୁରଠାରେ ଦୁର୍ଗାପୂଜା ହୋଇଥିଲା। ଏଥିସହିତ ବୀରମହାରାଜପୁରର ଅମରପାଲି ଓ ପିତାମହୁଲଠାରେ ଥିବା ଦୁର୍ଗାମନ୍ଦିରରେ ନବରାତ୍ର ପୂଜା ସହିତ ଦଶହରା ପାଳନ ହୋଇଥିଲା। ସେହିପରି ଲୁତୁରପଙ୍କ,ସୁବଳୟା,ଘଣ୍ଟପାଲି ଆଦି ସ୍ଥାନରେ ଦୁର୍ଗାପୂଜା ହୋଇଯାଇଛି। ଗୁରୁବାର ଦୁର୍ଗାମେଢଗୁଡିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି। ଶୁକ୍ରବାର କେବଳ ରଥପୁର ଦୁର୍ଗାମେଢ ଭସାଣି ହେବ । ଦୁର୍ଗାପୂଜା ପାଇଁ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗାମନ୍ଦିର ତରଫରୁ ମହିଷାସୁର ଦରବାର, ଚଣ୍ଡିପୁରାଣ ପାଠ, ରାମାୟଣ ପରାୟଣ କରାଯାଇଥିଲା। ରଥପୁରରେ ରାବଣ ଦରବାର ସହିତ ସମ୍ବଲପୁରୀ ମେଲୋଡି, କୃଷ୍ଣଗୁରୁ, ସୁନ୍ଦରାକାଣ୍ଡ ପାରାୟଣ, ଭଜନ ସମାରୋହ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପରେ ଲୁମୁରଜେନା ନାଟ୍ୟ ସଂସଦ ତରଫରୁ ସୀତାଚୋରି ଓ ଚମ୍ପାମାଳ ଶ୍ରୀରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ରାବଣବଧ ପରିବେଷଣ କରାଯାଇଥିଲା।


ବୀରମହାରାଜପୁରରେ ଭସାଣି ଶୋଭାଯାତ୍ରା।

## ମା’ ଅପରାଜିତାଙ୍କ ଦଶହରା ଖଣ୍ଡା ପୂଜା

**ଡୁଙ୍ଗୁରିପାଲି,୬ା୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ବିଜୟା ଦଶମୀ ଦିନ ମା’ ଅପରାଜିତାଙ୍କ ଦଶହରା ଖଣ୍ଡା ପୂଜା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଗଡତିଆପଡ଼ା ଦୁର୍ଗାମନ୍ଦିରଠାରୁ ଗଡତିଆ ଲିଙ୍ଗରାଜ ନାଏକଙ୍କ ସହ ଗ୍ରାମର ଶତାଧିକ ଯୁବକ ଦୁର୍ଗାଙ୍କ ଖଣ୍ଡା ଧରି ନଗର ପରିକ୍ରମା କରି ଉପରଗଣ୍ଡା ପଡ଼ା ନିକଟରେ ଥିବା ଅପରାଜିତା ମନ୍ଦିରରେ ଥିବା ଖଳାରେ ପହଞ୍ଚି ଥିଲେ। ଘଣ୍ଟ, ଶଙ୍ଖ, ହୁଳହୁଳିରେ ଦଶହରା ଖଳା ପୂଜାମଣ୍ଡପ ମୁଖରିତ ହୋଇ ଉଠିଥିଲା। ସେଠାରେ ପାରମ୍ପରିକ ନୀତି ଅନୁସାରେ ଦେବୀ ମା’ଙ୍କ ଖଣ୍ଡା ସବୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜା ଅର୍ଚ୍ଚନା ସରିଲା ପରେ ପ୍ରତ୍ୟାବର୍ତ୍ତନ ବେଳେ ଗ୍ରାମର ପ୍ରତି ଗଳି ରାସ୍ତାରେ ଦଶହରା ଖଣ୍ଡାକୁ ପୂଜା କରି ମା’ମାନେ ମାନସିକ ପୂରଣ ପାଇଁ ଗୁହାରି ଜଣାଇଥିଲେ। ଗ୍ରାମର ପ୍ରତ୍ୟେକ ଛକ ରେ ବୀର ବାଦ୍ୟ ସହ ଖଣ୍ଡା ଖେଳ ଅନୁଷ୍ଠିତ ହୋଇଥିଲା। ଦଶହରା ଖଣ୍ଡା ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ସହଯୋଗରେ ଖଣ୍ଡା ପୂଜା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

## ଦୁର୍ଗାପୂଜାରେ ମିନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ



ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

**ବାଉଁଶୁଣୀ,୬ା୧୦(ଡି.ଏନ.ଏ.)**

### ଡିମିରିପାଲି ଦୁର୍ଗାପୂଜା କମିଟି

ବୌଦ୍ଧ ବ୍ଲକ ଡିମିରିପାଲି ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ୫୫ତମ ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ଜାକଜମକରେ ପାଳିତ ହୋଇଯାଇଛି । ଶେଷ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଧାରାବାହିକ ନିର୍ଦ୍ଦେଶକ ବନମାଳୀ ରଣା, ବୌଦ୍ଧ ବ୍ଲକ ଉପାଧକ୍ଷା ପାନେଶ୍ୱରୀ ଦେହୁରୀ, ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ଭାରତୀ ମଲ୍ଲିକ, ରକ୍ସା ସେବା ସମବାୟ ସମିତିର ସଭାପତି ଶିବ ଶଙ୍କର କର୍ଣ୍ଣ, ଡିମିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ମେହେର ଯୋଗ ଦେଇଥିଲେ। ଗତ ଦୁଇ ବର୍ଷ ଧରି କରୋନା କଟକଣା ଯୋଗୁ ପୂଜା ଫିକା ପଡିଥିବା ବେଳେ ଚଳିତବର୍ଷ ଆକର୍ଷଣୀୟ ତୋରଣ, ସାଜସଜ୍ଜା, ମୀନାବଜାର ସାଙ୍ଗକୁ ପ୍ରତ୍ୟହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଅବସରରେ ବାଉଁଶୁଣୀ ଅଞ୍ଚଳର ସାମ୍ବାଦିକମାନଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ବର୍ଷା ଧୋଇନେଲା ଦଶହରା ଖୁସି

**ବୌଦ୍ଧ,୬ା୧୦(ସ୍ୱ.ପ୍ର.)**

କରୋନା କଟକଣା ହଟିବା ପରେ ଚଳିତବର୍ଷ ଦୁର୍ଗାପୂଜା ଜିଲାରେ ଧୂମଧାମରେ ପାଳିତ ହେଉଥିବା ବେଳେ ଝିପି ଝିପି ବର୍ଷା ଦଶହରା ଉତ୍ସବର ମାହୋଲକୁ ଫିକା କରି ଦେଇଥିଲା। ଏଥର ପୂଜା କମିଟିଗୁଡିକ ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଖି ଝଲସିଲା ଭଳି ଆଲୋକମାଳାରେ ପୂଜା ମଣ୍ଡପଗୁଡିକୁ ସଜ୍ଜିତ କରାଯାଇଥିଲା। ତେବେ ଲଘୁଚାପ ବର୍ଷା ଲାଗି ରହିଥିବାରୁ ଦୂର ଦୂରାନ୍ତ ଗ୍ରାମରୁ ଦଶହରା ଦେଖିବାକୁ ଅଧିକାଂଶ ଲୋକ ଆସି ପାରି ନ ଥିଲେ । ଫଳରେ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ କମ ପରିଲକ୍ଷିତ ହୋଇଥିଲା। ଏହାଛଡା କେତେକ ପୂଜାମଣ୍ଡପ ନିକଟରେ ଲଗାଯାଇଥିବା ଆଲୋକମାଳାକୁ ଠିକ ଭାବେ ଲୋକେ ଉପଭୋଗ କରି ପାରି ନ ଥିଲେ। ବେଶି କ୍ଷତିଗ୍ରସ୍ତ ହୋଇଥିଲେ ଉଠାଦୋକନୀମାନେ। ପୂଜା ଭିଡକୁ ଦୃଷ୍ଟିରେ ରଖି ସେମାନେ ପୂର୍ବରୁ ପ୍ରସ୍ତୁତ କରିଥିବା ଖାଦ୍ୟର ବିକ୍ରି ବଟା ହୋଇପାରି ନ ଥିଲା। ଦଶମୀ ଦିନ ବର୍ଷା ଛାଡିବା ପରେ ପୁରୁଣାକଟକରେ ହୋଇଥିବା ପୂଜା ମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ତେବେ ଝିପି ଝିପି ବର୍ଷା ଲୋକଙ୍କ ଦଶହରା ଖୁସିକୁ ଏକ ପ୍ରକାର ଛଡାଇ ନେଇଥିଲା।

## ଫରେଷ୍ଟରଙ୍କୁ ଆକ୍ରମଣ ଘଟଣା:୨ ଅଭିଯୁକ୍ତ ଗିରଫ

**ବିନିକା,୬ା୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ କୌଡିଆମୁଣ୍ଡା ଫରେଷ୍ଟର ମିତ୍ରଭାନୁ ସିଂ ଦଳପତିଙ୍କୁ ଆକ୍ରମଣ କରାଯିବା ଘଟଣାରେ ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଦୁଇ ଅଭିଯୁକ୍ତ ହେଲେ ସାହାଜବାହାଲ ଖାଟିପଡାର ଟିକେଲାଲ ଗଡତିଆ ଓ ମିଥୁନ ପଧାନ। ପ୍ରକାଶ ଯେ, ବିନିକା ବ୍ଲକ ଅନ୍ତର୍ଗତ ମେଘେଲା ସାହାଜବାହାଲ କେନାଲ ଭିତରେ ଗତ ୩ ତାରିଖ ଦିନ ଶାଗୁଆନ ଗଛ କଟାଯାଇ ପଡିଥିବା ଖବର ପାଇ କୌଡିଆମୁଣ୍ଡା ଫରେଷ୍ଟର ଦଳପତିଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଅଚାନକ ଚଢ଼ାଉ କରି ଗଛ ଜବତ କରିଥିଲେ। ପରେ ସାହାଜବାହାଲ ଗ୍ରାମର ଖାଟିପଡ଼ାକୁ ଯାଇ ତଦନ୍ତ କରୁଥିବା ବେଳେ ଏହି ସମୟରେ କେତେଜଣ ଦୁର୍ବୃତ୍ତ ଆସି ବନ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଫଳରେ ଫରେଷ୍ଟର ଦଳପତି ଗୁରୁତର ଆହତ ହୋଇଥିଲେ। ଅନ୍ୟ କର୍ମଚାରୀମାନେ ମଧ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ଫରେଷ୍ଟର ଦଳପତି ବିନିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ବୁଧବାର ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଥିବା ଥାନା ଏସଆଇ ରବୀନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦିଲ୍ଲେଶ୍ୱର


@ ଚନ୍ଦ୍ରହାସ୍ୟ


@ ରାଜା


@ ତଥାଗତ


@ ସଞ୍ଜୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଘଟଣା ନେଲା ବାପଝିଅଙ୍କ ଜୀବନ

**ସୋହେଲା,୬ା୧୦(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ କନାପାଲି ଛକ ନିକଟରେ ବୁଧବାର ଏକ କାର୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକ ହେଲେ ବିଜେପୁର ଥାନା ମନୋହରପାଲି ଗ୍ରାମର ପ୍ରଦୀପ ସାହୁ (୩୫) ଏବଂ ତାଙ୍କ ଶିଶୁକନ୍ୟା ରୂପା(୩)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରକାଶ ଯେ, ବୁଧବାର ପ୍ରଦୀପ ଶିଶୁକନ୍ୟା ରୂପାଙ୍କୁ ଧରି ବାଇକ୍ ଯୋଗେ ଥପାପାଲି ଗ୍ରାମ ଶାଶୁଘରୁ ମନୋହରପାଲିସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତବେଗରେ ଆସୁଥିବା ଏକ କାର୍ (ନଂ.ଓଡି୧୭ୱାଇ/୪୦୭୮) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପଝିଅଙ୍କ ଜୀବନ ଚାଲିଯାଇଥିଲା।

## ଫାଇନାଲରେ ଆଇଆର୍‌ବି ଓ ଗେହ୍ଲାମା କ୍ଲବ

### ଗେହ୍ଲାମା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବୌଦ୍ଧ,୬ା୧୦(ସ୍ୱ.ପ୍ର.)**

ବୌଦ୍ଧ ଗେହ୍ଲାମା କ୍ଲବ ପକ୍ଷରୁ କଚେରି ପଡିଆଠାରେ ଚାଲି ଥିବା ଗେହ୍ଲାମା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଦିନ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ୫ ଆଇଆରବି ବାଟାଲିୟନ ଓ ବଲାସିଙ୍ଗା ମଧ୍ୟରେ ହୋଇଥିଲା। ଏଥିରେ ଆଇଆରବି ବାଟାଲିୟନ ଟାଇବ୍ରେକରରେ ୪-୧ ଗୋଲରେ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗେହ୍ଲାମା କ୍ଲବ ସହିତ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ଗେହ୍ଲାମା କ୍ଲବ ୩-୦ ଗୋଲରେ ବିଜୟ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ମ୍ୟାଚରେ ଅତିଥି ଭାବରେ ପୂର୍ବତନ ଫୁଟବଲ ଖେଳାଳି ବଦ୍ରିନାରାୟଣ ମିଶ୍ର ଯୋଗ ଦେଇଥିଲେ। ମ୍ୟାଚକୁ ରେଫରି ଗରିବ ବେହେରା, ଚନ୍ଦନ ମହାରଣା, ସୂର୍ଯ୍ୟକାନ୍ତ ବେହେରା, ବଳରାମ ନାୟକ, ପ୍ରବିଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ବିଭୂତି ବେହେରା,ଗରିବ ବେହେରା, ଚନ୍ଦନ ମହାରଣା, ଭରତ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଖେଳାଳି ଓ ଅତିଥି।

**ଖଣ୍ଡାୟତ ସମାଜର କର୍ମକର୍ତ୍ତା ଚୟନ**

ସଇଁତଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ପେଣ୍ଡରାମାଲଠାରେ ଖଣ୍ଡାୟତ ସମାଜର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସମାଜ ସଭାପତି ଜୀବର୍ଦ୍ଧନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମାଜର ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ପରେ ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନେବା ଉପରେ ଆଲୋଚନା ହୋଇଥିଲା। ସଭାରେ ସମ୍ପାଦକ ଭାବେ ବିଦେଶୀ ପ୍ରଧାନ, ସଭ୍ୟ ଭାବେ ବିପିନ ସ୍ୱାଇଁ, ଭ୍ରମର ସାହୁ, ମହେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ସା, କୃଷ୍ଣଚନ୍ଦ୍ର ନାୟକ, ଗଙ୍ଗା ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

# ଦୁର୍ଗାପୂଜା ଉପଲକ୍ଷେ କବାଡ଼ି ପ୍ରତିଯୋଗିତା

**ନୂଆପଡ଼ା ଅଫିସ,୬।୧୦**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ ୪୯ତମ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାରୁ ୨୪ଟି ଦଳ ଭାଗ ନେଇଥିଲେ। ଉତ୍ସବରେ ଫାଣ୍ଡି ଅଧିକାରୀ ରାମଲାଲ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ଯାଗଦେଇ କ୍ରୀଡା ପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। କବାଡି ଟୁର୍ଣ୍ଣାମେଣ୍ଟରେ ରାଉରକେଲା ଦଳ ପ୍ରଥମ ହୋଇଥିବା ବେଳେ କରଙ୍ଗାଭଟା ଦ୍ୱିତୀୟ, ବୋଡେନ ଓ ତରବୋଡ ଦଳ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ମୁଖ୍ୟଅତିଥି ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଅନୀଲ ରାଉତ, ରାଜୁ ହେର୍ଣ୍ଣା, ଚବନ ରାଉତ ଖେଳ ପରିଚାଳନା କରିଥିବା ବେଳେ ଦୀପକ ଦଣ୍ଡସେନା, ଗୋପି ଅହିର ଓ ଅନନ୍ତ ବେମାଲ ସ୍କୋର ଦାୟିତ୍ୱରେ ଥିଲେ। କବାଡି ପରିଚାଳନା କମିଟି ସଭାପତି ମାଧୋ ପ୍ରସାଦ ସାହୁ, ଦୁର୍ଗା ପୂଜା କମିଟି ସଭାପତି ଦୁଃଖ ଭଞ୍ଜନ ନାୟକ, କାର୍ଯ୍ୟକାରୀ କମିଟି ସଭାପତି ଯୋଗେନ୍ଦ୍ର ନାୟକ, ଉପସଭାପତି ପରଶ ଅହିର, ସମ୍ପାଦକ ପୁରନମଲ ସାହୁ, ସହ ସମ୍ପାଦକ ଅର୍ଜୁନ ଜଗତ, କୋଷାଧ୍ୟକ୍ଷ ସୁମିତ ଭାଷାଣୀ, ପ୍ରଫୁଲ ପ୍ରଧାନ, ପରଦେଶୀ ମେହେର, ରବୀନ୍ଦ୍ର ଦୁରିଆ, ରୁପଧର ତାଣ୍ଡି, ସଞ୍ଜୀବ ପାଣିଗ୍ରାହୀ, ପବନ ଅହିର, ଜଗଦୀଶ ହାତି, କୁମୁଦ ବନଛୋର ପ୍ରମୁଖ ପରିଚାଳନା କରିଥିଲେ।


ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ନାବାଳିକା ଅପହରଣ, ଅଭିଯୁକ୍ତ ଗିରଫ

**ଲାଠୋର, ୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ପଣ୍ଡ୍ରେନ ଗ୍ରାମର ଜଣେ ନାବାଳିକା(୧୬)ଙ୍କୁ ଗତ ୩ତାରିଖରେ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାଙ୍କ ଭାଇ ତୁରେକେଲା ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୋଲିସ ଦଫା ୩୬୩, ୩୪ ଆଇପିସିରେ ଏକ ମାମଲା (୧୮୦/୨୨) ରୁଜୁ କରି ସାନବାଙ୍କି ଗ୍ରାମର ଜଗମୋହନ କାଣ୍ଡଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଶାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ ସଂଶ୍ଲିଷ୍ଟ ଜଗମୋହନଙ୍କ ଅନ୍ୟ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ ସମ୍ପୃକ୍ତ ନାବାଳିକାଙ୍କୁ ଅକ୍ଟୋବର ୪ତାରିଖରେ ନୂଆପଡ଼ା ଜିଲାରୁ ଉଦ୍ଧାର କରିବା ପରେ ଡାକ୍ତରୀ ମାଇନା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ଜଗମୋହନଙ୍କୁ ଗିରଫ କରାଯାଇଥିଲା।

# ବଲାଙ୍ଗୀରରେ ବରିଷ୍ଠ ନାଗରିକ ଦିବସ

**ବଲାଙ୍ଗୀର ଅଫିସ,୬।୧୦**

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସେଣ୍ଟିନାରି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି, ଗଣମାଧ୍ୟମ ପ୍ରତିନିଧି ମନରଞ୍ଜନ ଯୋଷୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ମଞ୍ଚ ସଭାପତି ପ୍ରଭାକର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ ଓ ସମ୍ପାଦକ ମନୋରଞ୍ଜନ ମିଶ୍ର ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ମଞ୍ଚ ସଦସ୍ୟ ମଧୁସୂଦନ ନାୟକ ସଭା ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ଡଃ ଗୋପବନ୍ଧୁ ରଥ ଓ ରତ୍ନମାଳା ବହିଦାରଙ୍କୁ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ମାନପତ୍ର ପଦ୍ମଚରଣ ଆଚାର୍ଯ୍ୟ, ଡଃ ଗୋପବନ୍ଧୁ ରଥଙ୍କ ମାନପତ୍ର ଧନଞ୍ଜୟ ମିଶ୍ର ଓ ରତ୍ନମାଳ ବହିଦାରଙ୍କ ମାନପତ୍ର କପିଳେଶ୍ୱର ଖମାରୀ ପଠନ କରିଥିଲେ। ମୁଖ୍ୟବକ୍ତା ଯୋଷୀ ବରିଷ୍ଠ ନାଗରିକମାନେ ଦେଶର ସମ୍ପଦ ଭାବେ ସରକାର ଘୋଷଣା କରିବାକୁ କହିଥିଲେ। ବିଧାୟକ ମିଶ୍ର ପ୍ରଥମେ ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟତା ଗ୍ରହଣ କରିବାକୁ ଘୋଷଣା କରିଥିଲେ। ଏଥିସହିତ ବରିଷ୍ଠ ନାଗରିକମାନଙ୍କ ମାସିକ ଭତ୍ତା ୫୦୦ରୁ ୨୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନ ଜାରି ରଖିଛନ୍ତି ବୋଲି କହିଥିଲେ। ପୁନଶ୍ଚ ତାଙ୍କ ଏମଏଲଏ ଲାଡରୁ ଏକ ଅଫିସ ଗୃହ ତିଆରି ନିମନ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଓ ତାଙ୍କ ପୁଅ ଶିବାନନ୍ଦ ତ୍ରିପାଠୀ, ବାସୁଦେବ ମେହେର ଓ କପିଳେଶ୍ୱର ଖମାରି ଜଗନ୍ନାଥ ଜଣାଣ ଗାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ସମୟରେ କସ୍ତୁରୀ ରଥ ଦେବୀ ଶ୍ଳୋକ ଗାନ କରିଥିଲେ। ପ୍ରଭାକର ମିଶ୍ରଙ୍କ ସଭାପତୀୟ ଅଭିଭାଷଣ ପରେ ସୁନୀଲ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବଲାଙ୍ଗୀର ନାଗରିକ କମିଟି, ବାର ଆସୋସିଏଶନ, ରେଳ ଉପଭୋକ୍ତା ସଂଘ, ସୈନିକ ସଂଘ, ବ୍ରାହ୍ମଣ ମହାସଭା ସଦସ୍ୟ ଯୋଗ ଦେଇଥିଲେ।

# ପ୍ରଫେସର ରବିଶଙ୍କର ପାଣ୍ଡିଆଙ୍କ ବିୟୋଗରେ ଶୋକ

**ବଲାଙ୍ଗୀର ଅଫିସ, ୬।୧୦**

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ରବିଶଙ୍କର ପାଣ୍ଡିଆ (୬୨)ଙ୍କ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ପରଲୋକରେ ଖାଲି ବଲାଙ୍ଗୀର ନୁହେଁ, ପଶ୍ଚିମ ଓଡିଶା ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ନରସିଂହ ଗୁରୁ, ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ମ୍ୟୁନିସିପାଲଟି ଅଧ୍ୟକ୍ଷା ଲିକା ସାହୁ, ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, କୋଶଳବାଦୀ ନେତା ପ୍ରମୋଦ ମିଶ୍ର, ରାଜେନ୍ଦ୍ର କଲେଜ ପୂର୍ବତନ ଅଧ୍ୟକ୍ଷ ବିକ୍ରମାନନ୍ଦ ବହିଦାର, ସୁବାସ ଚନ୍ଦ୍ର ପଣ୍ଡା, ସୁଧୀର ପଣ୍ଡା, ଚେତନାନନ୍ଦ ପଣ୍ଡା, ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନର ପ୍ରଭାସ ପାଣିଗ୍ରାହୀ, ଭବାନୀ ଶଙ୍କର ଶତପଥୀ, ଅରବିନ୍ଦ ଦାସ, ଡ ଶ୍ରୀକର ମିଶ୍ର, ରତନ ମହାରଣା, ସତ୍ୟସୁନ୍ଦର ଭଞ୍ଜ, ମନରଞ୍ଜନ ଯୋଷୀ, ଗୋପବନ୍ଧୁ ଶତପଥୀ, ନାଗରିକ କମିଟି ସଭାପତି ବେଲାର ସିଂ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଟ୍ରକ ଅପରେଟର୍ସ ଆସୋସିଏଶନ ସଭାପତି ବୀରେନ ମିଶ୍ର, ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଭାକର ମିଶ୍ର, ପ୍ରଫେସର ମହେଶ ପଟ୍ଟନାୟକ, ପ୍ରହଲ୍ଲାଦ ଶତପଥୀ, ଦେବେନ୍ଦ୍ର କୁମାର ମିଶ୍ର, ପ୍ରାଧ୍ୟାପକ ଆଶିଷ ମିତ୍ର, ଡ ସୁଜିତ କୁମାର ପୃଷ୍ଟେଠ, କିଶୋର ମେହେର, ସର୍ବେଶର ପ୍ରଧାନ, ବନମାଳୀ ପୋଦ୍ଦ, ରାଜେଶ ଝାଙ୍କର, କୁନୁ ପଣ୍ଡା, ଚାଇନା ମହାନ୍ତି, ମଦନ ମୋହନ ରଥ, ପବିତ୍ର ପାଣ୍ଡିଆ, ଅଶୋକ ନନ୍ଦ ଅଶୋକ ଚାନ୍ଦ, ଡ଼ା ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳମଣି ମିଶ୍ର, ଜୟରାମ ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜରାସିଂହା ପାଟଖଣ୍ଡା ଯାତ୍ରା ଆରମ୍ଭ

**ଦେଓଗାଁ ,୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲଶ ଦେଓଗାଁ ବ୍ଲକ ଜରାସିଂହାଠାରେ ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଆରମ୍ଭ ହୋଇଛି। ଚଳିତ ବର୍ଷ ଆଶ୍ୱିନ ମାସ ଶୁକ୍ଳ ନବମୀ ଦିନ ପାଟଣାଗଡରୁ ସାତ ଅଙ୍ଗୁଳି ପାଟ ବସ୍ତ୍ର ଓ ସିନ୍ଦୂର ଆସିବା ପରେ ଯାତ୍ରା ଆରମ୍ଭ ହୋଇଛି । ଦଶମୀ ଦିନ ସୋନଗଡ ନଦୀର ଅପର ପାର୍ଶ୍ୱରେ ଥିବା 'ଦେଝାର' ଜଙ୍ଗଲରୁ ପାଟଖଣ୍ଡା ଦେବତାଙ୍କୁ ନୂତନ ବସ୍ତ୍ର ଓ ଦହନା ପତ୍ରରେ ସଜ୍ଜିତ କରି ବରୁଆମାନେ ଶୋଭାଯାତ୍ରାରେ ଆଣିବା ସମୟରେ ମୁଖ୍ୟ ସେବାୟତ ସନ୍ତୋଷ କୁମାର ଥନାପତି ଓ ବରୁଆଁମାନଙ୍କ ଶରୀରରେ ଦେବତା ପ୍ରବେଶ କରିଥିଲେ। ମା' ପାଟଖଣ୍ଡାଙ୍କୁ ଦର୍ଶନ କରି ଆଶୀର୍ବାଦ ନେଲେ ସନ୍ତାନହୀନ ଦମ୍ପତିଙ୍କୁ ସନ୍ତାନ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି। ଶୁକ୍ରବାର ସକାଳୁ ବଉରାପିଟା କାର୍ଯ୍ୟକ୍ରମ, ଶନିବାର ଦେବୀଙ୍କ ପ୍ରସ୍ଥାନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଗ୍ରାମସାଥୀ ଚୟନରେ ଅନିୟମିତତା, ବିଡିଓଙ୍କୁ ଫେରାଦ

**ସଇଁତଲା, ୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଢୁକେରଚରଚରା ଗ୍ରାମରେ ବିନା ପଲ୍ଲୀସଭାରେ ଗ୍ରାମ ସାଥୀ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଗୁରୁବାର ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କିଛିଦିନ ତଳେ ଢୁକେରଚରଚରା ଗ୍ରାମ ଆମ୍ବ ତୋଟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିନା ପଲ୍ଲୀସଭାରେ ଗ୍ରାମସାଥୀ ଚୟନ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ବିନା ପଲ୍ଲୀସଭା କିମ୍ବା ଗ୍ରାମସଭା ନ କରି କିଭଳି ଗ୍ରାମସାଥୀ ଭାବରେ ଅର୍ଜୁନ ବାରିକଙ୍କୁ ନିଯୁକ୍ତି ପ୍ରଦାନ କଲେ ତାର ତଦନ୍ତ କରାଯିବାକୁ ଏକ ଦାବିପତ୍ର ବିଡିଓଙ୍କୁ ଦେବାକୁ ଗ୍ରାମବାସୀ ସଭାରେ ସ୍ଥିର କରିଥିଲେ। ଚୟନ ନେଇ ସରପଞ୍ଚଙ୍କୁ ଗ୍ରାମବାସୀ ପଚାରିବାରୁ ବିଡିଓ ଏହି ଚୟନ କରିଥିବା କହିଥିଲେ। ଏହାକୁ ନେଇ ଗ୍ରାମର ରୁଦ୍ରଧର ରାଜପାଲିଆ, ଭଳଭଦ୍ର ତାଣ୍ଡି, କୌତୁକ ହିଆଲ, ଛୁନୁ ତାଣ୍ଡି, ଶରଦାର ବାଗ, ଚକ୍ର ପୋଢ଼, ରାଇଚନ ବାଗ, ଭାଗବତ ବାଗ, କିଶୋର ସୁନା, ପବିତ୍ର ନାଗଙ୍କ ସମେତ ଶତାଧିକ ଗ୍ରାମବାସୀ ବିଡିଓଙ୍କୁ ଭେଟିଥିଲେ।

# ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ସଇଁତଲା, ୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବନାଞ୍ଚଳ ତରଫରୁ ୬୮ତମ ବନ୍ୟପ୍ରାଣୀ ସପ୍ତାହ ସ୍ଥାନୀୟ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ସଇଁତଲା ବନାଞ୍ଚଳ ଅଧିକାରୀ ସଂଘମିତ୍ରା ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀମାନଙ୍କୁ କିଭଳି ସଂରକ୍ଷଣ କରାଯାଇପାରିବ ସେ ନେଇ ଭୋଇ ମତବ୍ୟକ୍ତ କରିଥିଲେ। ବନପାଳ ଆଶୁତୋଷ ମହାକୁର, ଶୁଶୀଲ ପୁଟା, ବନରକ୍ଷୀ ସତ୍ୟାନନ୍ଦ ପଧାନ, ରମେଶ ଧରୁଆ, ମଧୁସ୍ମିତା ବେହେରା, ପ୍ରଜ୍ଞାପ୍ରିୟଦର୍ଶିନୀ ମହାରଣା, ଛନ୍ଦା ଚରଣ ଜାନୀ, ସାମାଜିକ କର୍ମୀ ଚରଣପାଣୀ ବେଜ ଓ ଶ୍ରୀନିବାସ କ୍ଷେତୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡ଼ିଇଓ ମିଳନ ଗହୀର ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୂର୍ବ ଭାରତରେ ଦ୍ରୁତ ସଫେଇ ସହରରେ ଜୁନାଗଡ ଏନ୍‌ଏସି ପୁରସ୍କୃତ


ଶୋଭାଯାତ୍ରାରେ ସାମିଲ ବିଧାୟକ, ନଗରପାଳ ଏବଂ ଅନ୍ୟମାନେ।

**ଜୁନାଗଡ,୬।୧୦(ଡି.ଏନ.ଏ.)**

ଆଜାଦି କା ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦିଲ୍ଲୀର ତାଲକଟୋରା ଷ୍ଟାଡିୟମରେ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ୨୦୨୨ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବଭାରତର ୧୫ରୁ ୨୫ ହଜାର ଜନସଂଖ୍ୟା ବିଶିଷ୍ଟ ଦ୍ରୁତ ସଫେଇ ସହରରେ ଜୁନାଗଡ ଏନ୍‌ଏସକୁ ପୁରସ୍କୃତ କରାଯାଇଥିଲା। ଏହାକୁ ନେଇ ଜୁନାଗଡବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଜୁନାଗଡ ଏନ୍‌ଏସି ପକ୍ଷରୁ ବୁଧବାର ସ୍ଥାନୀୟ ସଂସ୍କୃତି ଭବନଠାରୁ ଏନ୍‌ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଭବ୍ୟ ଶୋଭାଯାତ୍ର କରାଯାଇଥିଲା। ଏଥିରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର,ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରାଙ୍କ ସମେତ ଏନ୍‌ଏସି ସମସ୍ତ କାଉନସିଲର, କର୍ମଚାରୀ, ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଏହି ସଫଳତା ପାଇଁ ଜୁନାଗଡ ନଗରବାସୀ ସ୍ୱଚ୍ଛ ସାଥୀ, ସଫେଇ କର୍ମଚାରୀ ଓ ଏନ୍‌ଏସି କର୍ମଚାରୀଙ୍କୁ ଜୁନାଗଡ ବିଧାୟକ ମିଶ୍ର ଓ ନଗରପାଳ ଅଗ୍ରୱାଲ ଶ୍ରେୟ ଦେଇଛନ୍ତି। ସେହିପରି ଆଗାମୀ ଦିନରେ ଜାତୀୟସ୍ତରରେ ଜୁନାଗଡକୁ ୧ ନମ୍ବର କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ନଗରପାଳ ଅଗ୍ରୱାଲ ପ୍ରକାଶ କରିଛନ୍ତି।

**ସହରରେ ଭବ୍ୟ ଶୋଭାଯାତ୍ରା**


ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ବଣାଇ ବନଖଣ୍ଡ ।

**OFFICE OF THE DIVISIONAL FOREST OFFICER, BONAI DIVISION**

**TENDER NOTICE**

Phone/Fax-06626-244434, E-mail:dfobonai.od@gov.in
No.311/1F-(Acct.) Dt.2.10.22

**INVITATION FOR BIDS**

No.MM-204: **Bid Identification No.5 Online**

| | | | |
|---|---|---|---|
| | The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE | | |
| 1 | Nature of Works | : | Building works (Civil+El+PH) |
| 2 | No. of Works | : | 2 (Two) Nos. |
| 3 | Bid Cost | : | 6,000/- |
| 4 | Class of Contractor | : | "D" Class, "C" Class |
| 5 | Date & Time of availability of the Tender documents | : | 4th October-2022 to 13th October 2022 upto 5.30 P.M. |
| 6 | Last date & time of receipt of bids in portal | : | 14th October 2022 upto 5.30 P.M. |
| 7 | Date of opening of Bid | : | 14th October 2022 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only | | |

Sd./- Divisional Forest Officer
Bonai Division
OIPR-08040/11/0009/2223

**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

Advt. No. 2782 DMO(MS) /CDM & PHO, Keonjhar Date: 06.10.2022

**TENDER CALL NOTICE**

No. E-521: Sealed tenders are hereby invited from the intending manufacturers or their authorized stockiest/ distributors for supply of Drugs & Medical Consumables (Including Anti-Cancer Drug), Laboratory Chemicals & Reagents, Items related to BCL (Bedding & Clothing), Waste Management, Chemicals & Reagents for Auto-Analyzer & Urine Analyzer to Keonjhar District & Govt. Medical College & Hospital, Keonjhar.
The eligible bidders may submit their tender papers on or before 03.11.2022 by 5.00 P.M. through Registered Post/ Speed Post/Courier only to be undersigned. The Technical Bid documents will be opened on 05.11.2022 at 11.30 A.M. Those who will qualify in the Technical Bid, the date of opening Financial Bids will be intimated letter on. A pre-bid meeting with the bidders, who desire to participate in the bidding process, will be held in the meeting hall of the undersigned at 11.30 A.M. on Dt.11.10.2022. The details in this connection are available in the district website: **www.kendujhar.nic.in**.
The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0023/2223

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ବୌଦ୍ଧବନଖଣ୍ଡ, ବୌଦ୍ଧ

**OFFICE OF THE DIVISIONAL FOREST OFFICER -CUM-WILDLIFE WARDEN, BOUDH FOREST DIVISION**

Telephone No. 06861- 222073, e-mail- dfo.boudh@odisha.gov.in
Notice No. 4024 /2022, Dt. 01/10/2022

**SHORT TENDER NOTICE**

**FOR CONSTRUCTION OF CIVIL WORKS IN BOUDH FOREST DIVISION DURING THE YEAR 2022-23 UNDER CAMPA APO- 2022-23**

**No.MM-202:** The Divisional Forest Officer, Boudh Forest Division on behalf of Governor of Odisha invites percentage rate bids in double cover system in Offline mode for construction of works as detailed below:

| Name of the Work | Area of the Work | Approximate value of the work (in Rs.) | Cost of Bid papers (in Rs.) | Class of Bidder | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Construction of Range Officer's Residence at Bagichhasahi in Boudh Range during 2022-23 | Plinth Area= 1075 Sqft | Rs.24,52,100/- | Rs.6,000/- | C & D | 28.02.2023 |
| Construction of Forester Quarter-I at Bagichhasahi in Boudh Range during 2022-23 | Plinth Area= 839 Sqft | Rs.20,38,900/- | Rs.6,000/- | C & D | 28.02.2023 |
| Construction of Forester Quarter-II at Bagichhasahi in Boudh Range during 2022-23 | Plinth Area- 839 Sqft. | Rs.20,38,900/- | Rs.6,000/- | C & D | 28.02.2023 |
| Construction of Forest Guard Quarter at Kantamal in Kantamal Range during 2022-23 | Plinth Area= 626 Sqft | Rs.16,29,000/- | Rs.6,000/- | C & D | 28.02.2023 |

The Tender Document Form can be downloaded from the websites www.boudh.nic.in/www.odishaforest.in by the intending tenderer. The tender inviting authority reserves the right to accept or reject any or all bids without assigning any reason thereof.
Mode of Submission of Tender : Tender Should be submitted through Regd. Post/ Speed Post/ Courier Service only. Date of closing of issue of Tender Paper : 27.10.2022 by 04:30 P.M. Date of closing of receipt of Tender Paper (through Regd. Post/ Speed Post/ Courier Service/by Person) :27.10.2022 by 04:30 P.M.
Date of Opening of Tender : 28.10.2022 at 11:00 A.M.

OIPR-08090/11/0005/2223 Sd./-Divisional Forest Officer, Boudh Forest Division

**NOTICE INVITING TENDER**

**GOVERNMENT OF ODISHA**

Notice No. 3327 Dt.01.10.2022

No. i-100: The Block Development Officer on behalf of Governor of Odisha invites sealed tender in Two bid System (Technical & Financial Bid in two separate envelopes) from eligible and qualified Original Equipment Manufacturers/Authorized Distributors of OEM/Authorized Dealers for the Supply & Installation at site for the Desk Top Computer.
The details are summarized below:

| | | |
|---|---|---|
| a) | Tender Number | Reference number for inviting bids through this tender is PS BEL/ HST/2022-23/01 |
| b) | Purchaser | The Block Development Officer, Belpada which is a Government of Odisha under PR & DW Deptt. |
| c) | Usage of Computers | The purchaser would place the computers in their educational Schools and shall be utilized for imparting teaching and E-Library |
| d) | Scope of Tender | Supply & Installation of Desk Top Computer |
| e) | Specification/Details of Desk Top Computer | The detailed specifications of Desk Top Computer are specified in tender and placed at **Annexure - A** |
| f) | Web page for details of tender | Webpage: **http://www.balangir.nic.in**. The prospective bidders are advised to remain in touch with the website for any update in respect of this tender. |
| g) | Locations of supplies | The Desktop Computer(s) is/are proposed to be supplied at educational schools at Belpada Block. It may be noted that the Block Development Officer have full rights to cancel supplies while placing the supply order to selected bidder. The reason for cancellation of supply to any of the locations or all locations would not be disclosed. |
| h) | Earnest Money Deposit (EMD) along with Tender | Bid Security Declaration to be placed in the Technical Bid envelopes while submitting the tender |
| i) | Exemption from the payment of EMD and Tender fee | The exemption for the payment of EMD as well as tender fee will be applicable to the Udyog Aadhaar/NSIC/District Industry Centre registered units for the goods for which the said tender floated. |
| j) | Cost of Tender Documents | The tender document can be collected from the Office of the Block Development Officer, Belpada in between the period between **6th October 2022 to 3rd November 2022** (except Saturday & Sunday) between 10.30 hours to 17.30 hours against payment of Rs.6000/- (Rupees six thousand only) (Non-refundable) by way of Demand Draft, in favour of **Block Development Officer A/c** payable at Belpada. Alternatively tender form can be downloaded from our website **www.balangir.nic.in** from **6th October 2022 to 3rd November 2022**. In case the tender downloaded for submission of offer, the tender fee of Rs.6000/- in form of Demand Draft in favour of **Block Development Officer A/c** payable at Belpada shall be enclosed with Technical Bid of the tender while submitting the tender. |
| k) | Last date of submission of Tender | Tender must be delivered to the address below on or before 4th November 2022 upto 11.30 hours. Late bids will be rejected. The Block Development Officer, Belpada & Zilla Parishad Office, Balangir |
| l) | Date of opening of Technical Bid (Envelope - 1) | The Technical Bid for the tender shall be opened on 4th November at 14.45 hours at the address as under: The Panchayat Samiti Office, Belpada Block |
| m) | Date of Opening of Financial Bid (Envelope - 2) | The date for opening second envelope containing Financial Bid will be intimated to the qualified bidders separately. |

**Note:** In Case of any further details required, the same can be collected from the office of the Block Development Officer, Belpada from **6th October 2022 to 3rd November 2022** (except 2nd/4th Saturday & Sunday, Holiday) between 10.30 hours to 17.30 hours.
2. Bid documents consisting of specifications, the schedule of quantities and the set of terms & conditions of contract and other necessary documents can be seen in the website.
3. The Bid documents will be available in the **www.balangir.nic.in** from 11.00 hours of 06.10.2022 to 03.11.2022 by 17.30 hours.
4. The Cover-I (Technical Bid) of Double Cover and Single Cover shall be opened at 14.45 hours on 04.11.2022 in the Office of the Block Development Officer, Belpada in the presence of bidders who wish to attend. Bidders who participated in the bid can witness the opening of Bids. If it happens to be a holiday the same will be opened in the next working days at the same time and venue. The Financial Bid (Cover-II) of those bidders will be opened who will be qualified in the Technical Bid.
5. As per the Office Memorandum No. 8943 Dtd.18.03.2021 of Finance Department, Govt. of Odisha, the bidders are not required to deposit the Bid Security/EMD amount during participation but Bid Security Declaration is to be submitted by the Bidders along with the Technical Bid. The successful bidder submit the Bid Security/EMD at the time of agreement.
6. Other details can be seen in the bidding document.
7. The successful bidder will have to deposit a performance security deposit of 3% of the contract price (agreement price) in the form of Bank Guarantee from any Nationalized Bank drawn in favour of Block Development, Belpada covering a period of three (03) years from the date of intimation to the bidder with award of supply.
8. The intending bidders are requied to furnish their e-mail address and Cell Phone No. so as to inform them any things relating to the tender.
9. If any intending bidders wish to withdraw from participation in the bid, he/she can freely withdraw from the participation before scheduled date and time of closer.
10. The authority will not be held responsible for any postal delay.
11. Any Corrigendum/Addendum will be displayed in the website **www.balangir.nic.in** only.
12. The authority reserves right to cancel any or all bids without assigning any reason thereof.
13. Those bidder who will qualify in the Technical Bid (Cover-I), the Price Bid (Cover - II) of only those qualified bidder will be opened.
14. The 1st lowest bidder must produce the original documents within the stipulated time period failing which action shall be taken to blacklisting agency.
15. If the bidder fails to supply, the amount so furnished as EMD will be forfeited in addition to the other penal clauses, if any, to be imposed.

OIPR-19110/11/0001/2223 Sd./- Block Development Officer, Belpada Block